## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

### 2.1 ରାଜ୍ୟରେ ସହରାଞ୍ଚଳର ଜଳ ଗୁଣବତ୍ତା ପରିଚାଳନା

ସାର୍ବଜନିକ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ଏବଂ ଜଳବାହିତ ରୋଗଗୁଡ଼ିକର ନିବାରଣ ଓ ନିୟନ୍ତ୍ରଣ ନିମନ୍ତେ ନିରାପଦ ପାନୀୟ ଜଳର ବ୍ୟବସ୍ଥା ଅତ୍ୟାବଶ୍ୟକ ଅଟେ । ନିରାପଦ ପାନୀୟ ଜଳ ଯୋଗାଇବା ଏବଂ ଜଳର ଗୁଣବତ୍ତାର ଉନ୍ନତି ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଅନ୍ତର୍ଗତ (ଏସ୍‌ଡିଜି) ଏସ୍‌ଡିଜି 6 ଅଟେ । ପାଇପ୍ ଦ୍ୱାରା ପାନୀୟ ଜଳର ସମୁଚିତ ମୂଲ୍ୟରେ ବ୍ୟାପକ ପହଞ୍ଚ ଏବଂ ସମାନତା ଓ ଅବିରତ ଭାବରେ ଉପଲବ୍ଧ କରାଇବାର ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ (ଏଚ୍‌ଏଣ୍ଡୟୁଡି), ଓଡ଼ିଶା ସରକାର (ଜିଓଓ), 'ଓଡ଼ିଶା ରାଜ୍ୟ ସହରାଞ୍ଚଳ ଜଳଯୋଗାଣ ନୀତି 2013' (ଓଏସ୍‌ୟୁଡବ୍ଲୁଏସ୍‌ପି) ପ୍ରଣୟନ କରିଥିଲେ । ଜଳର ଗୁଣବତ୍ତା ସୁନିଶ୍ଚିତ କରିବା ଯାହାକି କାର୍ଯ୍ୟକୁଶଳ ଓ ପ୍ରଭାବୀ ସଂନିରୀକ୍ଷଣ ବ୍ୟବସ୍ଥା ଦ୍ୱାରା ସମର୍ଥିତ ସେହି ନୀତିର ଏକ ପ୍ରମୁଖ ଉଦ୍ଦେଶ୍ୟ ଥିଲା । ଏହି ନୀତିରେ, ଅନ୍ୟାନ୍ୟ ବିଷୟ ମଧ୍ୟରେ, 2016-17 ଶେଷ ସୁଦ୍ଧା ବିଶୋଧନାଗାର, ବିତରଣ ସ୍ଥଳ ଓ ଗ୍ରାହକ ପାର୍ଶ୍ୱ ଜଳର ଭୌତିକ, ରାସାୟନିକ ଓ ଜୀବାଣୁତତ୍ତ୍ୱୀୟ ପରୀକ୍ଷା ଶତ ପ୍ରତିଶତ ସୁନିଶ୍ଚିତ କରିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ଏଚ୍‌ଆଣ୍ଡୟୁଡି ବିଭାଗ ଜଳର ଦୈନନ୍ଦିନ ଗୁଣବତ୍ତା ପର୍ଯ୍ୟାଲୋଚନା ନିମନ୍ତେ ଏକ ବିଶଦ୍ ଢାଞ୍ଚାର ବ୍ୟବସ୍ଥା ଓଡ଼ିଶା ସହରାଞ୍ଚଳ ଜଳ ଗୁଣବତ୍ତା ପର୍ଯ୍ୟାଲୋଚନା ମାନ୍ୟକ୍ରମ (ଓୟୁଡବ୍ଲୁକ୍ୟୁଏମ୍‌ପି) ସେପ୍ଟେମ୍ବର 2015 ରେ ଜାରି କରିଥିଲେ ।

ରାଜ୍ୟର ସହରାଞ୍ଚଳରେ ବିଶୋଧିତ ଜଳ ଯୋଗାଣର ଦାୟିତ୍ୱ ଏଚ୍‌ଆଣ୍ଡୟୁଡି ବିଭାଗ ଅଧିନ ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ଙ୍କ ନେତୃତ୍ୱରେ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ସଂଗଠନ (ପିଏଚ୍‌ଇଓ)ର ଥିଲା । ସେପ୍ଟେମ୍ବର 2019 ସୁଦ୍ଧା ରାଜ୍ୟରେ 22ଟି ଜଳ ପରୀକ୍ଷା ଲାବୋରେଟୋରୀ (ଡବ୍ଲୁଟିଏଲ୍) ଥିଲା । ଏହାର ଅନ୍ତର୍ଭୁକ୍ତ ଥିଲେ ନଅଟି ଲାବୋରେଟୋରୀ ଯାହାକି ସରକାରୀ ଘରୋଇ ଭାଗିଦାରୀ (ପିପିପି)ରେ ପ୍ରତିଷ୍ଠିତ ଓ ପରିଚାଳିତ ହେଉଥିଲେ । ଏଚ୍‌ଆଣ୍ଡୟୁଡି ବିଭାଗ 2016-17 ରୁ 2018-19 ମଧ୍ୟରେ 13 ଟି ଲାବୋରେଟୋରୀର (ପିପିପି ଢାଞ୍ଚାରେ ନଅଟି ଲାବୋରେଟୋରୀ ସମେତ) ପ୍ରତଷ୍ଠା କରିବା, ସାଜସରଞ୍ଜାମ/ ଯନ୍ତ୍ର ଏବଂ ରାସାୟନିକ ପଦାର୍ଥ, ଯାହାକି ସମସ୍ତ ଜନସ୍ୱାସ୍ଥ୍ୟ (ପିଏଚ୍) ବିଭାଜନ ଗୁଡ଼ିକରେ ପରୀକ୍ଷା ଏବଂ ବିଶୋଧନ ନିମନ୍ତେ ବ୍ୟବହୃତ ହୁଏ, ଯୋଗାଡ଼ ନିମନ୍ତେ 40.14 କୋଟି ଟଙ୍କା ବ୍ୟୟ କରିଥିଲେ ।

ଓଏସ୍‌ୟୁଡବ୍ଲୁଏସ୍‌ପିର ଉଦ୍ଦେଶ୍ୟ ଗୁଡ଼ିକର ହାସଲ ପାଇଁ ଜଳ ନମୁନା ପରୀକ୍ଷାର ପର୍ଯ୍ୟାପ୍ତତା ଏବଂ ସୁବିଧା ଗୁଡ଼ିକର ଉପଲବ୍ଧତାର ଆକଳନ ନିମନ୍ତେ 2016-17 ରୁ 2018-19 ଅବଧି ପାଇଁ ଅକ୍ଟୋବର 2019 ରୁ ଫେବୃଆରୀ 2020 ପର୍ଯ୍ୟନ୍ତ ସମୀକ୍ଷା ସମ୍ପାଦିତ ହୋଇଥିଲା ଯେଉଁଥିରେ ରାଜ୍ୟର 19 ଟି ପିଏଚ୍ ଡିଭିଜନ ମଧ୍ୟରୁ ଛଅଟିର[1] ନଥିପତ୍ର ଯାଞ୍ଚ କରାଯାଇଥିଲା । ଏତଦ୍ ଭିନ୍ନ ଇଆଇସି ପିଏଚ୍ ଏକମାତ୍ର ରାଜ୍ୟସ୍ତରୀୟ ଜଳ ପରୀକ୍ଷା ଲାବୋରେଟୋରୀ ଏବଂ ପିପିପି ଢାଞ୍ଚାରେ ପ୍ରତିଷ୍ଠିତ ନଅ[2] ଗୋଟି ଜଳ ପରୀକ୍ଷା ଲାବୋରେଟୋରୀ ମଧ୍ୟରୁ ଛଅଟିର ନଥିପତ୍ରର ସମୀକ୍ଷାରେ ଯାଞ୍ଚ କରାଯାଇଥିଲା । ନଥିପତ୍ରର ଯାଞ୍ଚ ବ୍ୟତୀତ ଭିତ୍ତିଭୂମି ସୁବିଧା ଗୁଡ଼ିକର ପିଏଚ୍‌ଇଓ ଅଧିକାରୀ ଏବଂ ଲାବୋରେଟୋରୀର ବେସରକାରୀ ଭାଗିଦାର ମାନଙ୍କ ସହିତ ମିଳିତ ଭାବରେ ବସ୍ତୁଗତ ନିରୀକ୍ଷଣ କରାଯାଇଥିଲା । ମିଳିତ ଭାବରେ ଜଳ ନମୁନା ମଧ୍ୟ ସଂଗ୍ରହ କରାଯାଇଥିଲା ଏବଂ ରାଜ୍ୟ ସ୍ତରୀୟ ଜଳ ପରୀକ୍ଷା ଲାବୋରେଟୋରୀରେ ଏହାର ପରୀକ୍ଷା କରାଯାଇଥିଲା ।

ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚନା କରାଗଲା ।

[1] କଟକ II, ବାଲେଶ୍ୱର, ରାୟଗଡ଼ା, କୋରାପୁଟ, ପୁରୀ ଏବଂ ବଲାଙ୍ଗୀର, ଯାହାକି ସ୍ତରିତ ରାଣ୍ଡମ ନମୁନା ଦ୍ୱାରା ଚୟନ କରାଯାଇଥିଲା ।

[2] ପିପିପି ଅଧିନ: 3 (ରାଜ୍ୟସ୍ତରୀୟ, ପୁରୀ ଓ ବାଲେଶ୍ୱର ଡିଭିଜନ ସ୍ତରୀୟ), ପିଏଚ୍‌ଇଓ ଦ୍ୱାରା ପରିଚାଳିତ-3 (କୋରାପୁଟ, ଜୟପୁର ଓ ସୁନାବେଡ଼ା-ସମସ୍ତ ମୌଳିକ ସ୍ତରୀୟ)

### 2.1.1 ଜଳ ପରୀକ୍ଷା ଢାଞ୍ଚା

ଓୟୁଡବ୍ଲୁକ୍ୟୁଏମ୍ପି, 2015, ତ୍ରିସ୍ତରୀୟ ଲାବୋରେଟୋରୀ ଢାଞ୍ଚା ମନନ କରିଛି ଯଥା-ରାଜ୍ୟସ୍ତରୀୟ, ଡିଭିଜନ ସ୍ତରୀୟ ଏବଂ ଜଳ ବିଶୋଧନାଗାର (ଡବ୍ଲୁଟିପି) କିମ୍ବା ବର୍ଜ୍ୟ ଜଳ ବିଶୋଧନାଗାର ସ୍ତରୀୟ (ମୌଳିକ ଲାବୋରେଟୋରୀ) । ବିଭିନ୍ନ ସ୍ତରରେ ଥିବା ଲାବୋରେଟୋରୀ ଗୁଡ଼ିକରେ ସମ୍ପାଦିତ ହେବାକୁ ଥିବା ପରୀକ୍ଷାରେ ପ୍ରକାର ଓ ମାତ୍ରା ଅନୁସାରେ ପ୍ରଦତ୍ତ କରାଗଲା :

***ସାରଣୀ 2.1.1: ବିଭିନ୍ନ ଡବ୍ଲୁଟିଏଲ୍‌ରେ ସମ୍ପାଦିତ ହେବାକୁ ଥିବା ପରୀକ୍ଷାର ପ୍ରକାର ଗୁଡ଼ିକର ସଂଖ୍ୟା***

| କ୍ର.ସଂ. | ସ୍ତର | କାର୍ଯ୍ୟ | ପରୀକ୍ଷଣ ପାରାମିଟରର ସଂଖ୍ୟା | ସମ୍ପାଦିତ ହେବାକୁ ଥିବା ପରୀକ୍ଷାର ପ୍ରକାର |
|---|---|---|---|---|
| 1. | ରାଜ୍ୟ | ଖନନ କୂପ / ଉତ୍ସର ବିଶ୍ଳେଷଣ, ଅନୁସନ୍ଧାନ ଓ ବିକାଶ, ତାଲିମ ଓ ଗୁଣବତ୍ତା ନିୟନ୍ତ୍ରଣ | 97 | ଭୌତିକ: 8, ରାସାୟନିକ: 22, ଧାତବ: 14, ଜୀବାଣୁ ତତ୍ତ୍ୱୀୟ: 3, ଜୀବାଣୁ ତତ୍ତ୍ୱୀୟ: 9, କୀଟନାଶକ: 18, ବିଷାକ୍ତତା: 4, ବିକିରଣଜନିତ: 2, ବର୍ଜ୍ୟ ଜଳ: 9, ଉପଚାର ସାହାଯ୍ୟ: 6 ଏବଂ ପ୍ରକ୍ରିୟା ନିୟନ୍ତ୍ରଣ: 2 |
| 2. | ଡିଭିଜନ | ବିତରଣ ବ୍ୟବସ୍ଥାର ତଦାରଖ, ଖନନ କୂପ / ଉତ୍ସର ବିଶ୍ଳେଷଣ | 34 | ଭୌତିକ: 8, ରାସାୟନିକ: 13, ଜୀବାଣୁ ତତ୍ତ୍ୱୀୟ: 3, ବର୍ଜ୍ୟଜଳ: 5, ଉପଚାର ସାହାଯ୍ୟ: 3 ଏବଂ ପ୍ରକ୍ରିୟା ନିୟନ୍ତ୍ରଣ: 2 |
| 3. | ମୌଳିକ/ ଡବ୍ଲୁଟିପି | ପ୍ରକ୍ରିୟା ନିୟନ୍ତ୍ରଣ ଏବଂ ଅପ୍ଟିମାଇଜେସନ୍ | 12 | ଭୌତିକ: 6, ରାସାୟନିକ: 4, ଜୀବାଣୁ ତତ୍ତ୍ୱୀୟ: 1 ଏବଂ ପ୍ରକ୍ରିୟା ନିୟନ୍ତ୍ରଣ: 1 |
| | ମୋଟ | | **97** | |

***(ଉତ୍ସ: ପିଏଚ୍‌ଇଓ ଙ୍କ ନଥିପତ୍ର)***

ଓୟୁଡବ୍ଲୁକ୍ୟୁଏମ୍ପିର ଅନୁଚ୍ଛେଦ 6.1 ଏବଂ ଇଆଇସି ପିଏଚ୍‌ଙ୍କ ଆଦେଶ (2 ନଭେମ୍ବର 2015) ଅନୁସାରେ ଉତ୍ସ ଠାରୁ ଉପଭୋକ୍ତା ପର୍ଯ୍ୟନ୍ତ ବିଭିନ୍ନ ପୌନଃପୁନିକତାରେ ଭିନ୍ନ ଭିନ୍ନ ପାରାମିଟର ଆଧାରରେ ଜଳ ପରୀକ୍ଷିତ ହେବା ଆବଶ୍ୟକ ଯାହା ନିମ୍ନରେ ବିଶଦ୍ ବିବୃତି ଏବଂ 2016-17 ସୁଦ୍ଧା 100 ପ୍ରତିଶତ ଜଳ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଏହା କଡ଼ାକଡ଼ି ଭାବରେ ଅନୁସୃତ ହେବା ଆବଶ୍ୟକ ଥିଲା ।

- ଭୂପୃଷ୍ଠ ଜଳ, ସଫା ଜଳଭଣ୍ଡାର ଓ ବଣ୍ଟନ ବ୍ୟବସ୍ଥା ବାବଦରେ ରେସିଡୁଆଲ୍ କ୍ଲୋରିନ୍ ପ୍ରତିଦିନ ପରୀକ୍ଷିତ ହେବା ଆବଶ୍ୟକ ।
- ସଫା ଜଳଭଣ୍ଡାର ପାଇଁ ପ୍ରତିଦିନ, ହ୍ୟାଣ୍ଡ୍ ପମ୍ପ୍ ଟ୍ୟୁବ୍‌ୱେଲ୍ (ଏଚ୍‌ପିଟିଡବ୍ଲୁ) ପାଇଁ ଭୌତିକ, ରାସାୟନିକ ଏବଂ ଜୀବାଣୁତତ୍ତ୍ୱୀୟ ପାରାମିଟର ବର୍ଷକୁ ଦୁଇ ଥର ଗ୍ରୀଷ୍ମ ଓ ବର୍ଷା ଋତୁରେ ଏବଂ ପ୍ରଡକ୍ସନ୍ ୱେଲ୍ (ପିଡବ୍ଲୁ) ପାଇଁ ତ୍ରୈମାସିକ ପରୀକ୍ଷିତ ହେବା ଆବଶ୍ୟକ ।
- ପିଡବ୍ଲୁ ଓ ଅଶୋଧିତ ଜଳ ଗ୍ରହଣ ସ୍ଥଳ ପାଇଁ ଧାତବ, କୀଟନାଶକ ଓ ବିଷାକ୍ତତା ପାରାମିଟର ବାର୍ଷିକ ପରୀକ୍ଷିତ ହେବା ଆବଶ୍ୟକ ।
- ଅଶୋଧିତ ଜଳଗ୍ରହଣ ସ୍ଥଳ ପାଇଁ ଜୈବିକ ପାରାମିଟର ବାର୍ଷିକ ପରୀକ୍ଷିତ ହେବା ଆବଶ୍ୟକ ଥିଲା ।

ଯେହେତୁ ଜଳ ନମୁନାର ଭିନ୍ନ ଭିନ୍ନ ପାରାମିଟର ଗୁଡ଼ିକର ପରୀକ୍ଷା ବିଭାଜନ ସ୍ତରରେ ଥିବା ବିଦ୍ୟମାନ ଲାବୋରେଟୋରୀ ଗୁଡ଼ିକର ପରିସର ବାହାରେ ଥିଲା, ଇଆଇସି, ପିଏଚ୍ (ସହରାଞ୍ଚଳ) ସମସ୍ତ ଡିଭିଜନ ଗୁଡ଼ିକୁ ଓୟୁଡବ୍ଲୁକ୍ୟୁଏମ୍ପିରେ ମନନ କରାଯାଇଥିବା ମାନାଦର୍ଶ ଅନୁସାରେ ରାଜ୍ୟ ଲାବୋରେଟୋରୀ/ ପ୍ରଧାନ ଅନୁଷ୍ଠାନମାନଙ୍କର ସାହାଯ୍ୟରେ ପରୀକ୍ଷଣ କରିବା ପାଇଁ ଆଦେଶ ଦେଲେ (ନଭେମ୍ବର 2015) । ଭୁବନେଶ୍ୱରରେ ଏକ ରାଜ୍ୟ ଲାବୋରେଟୋରୀ ଏବଂ ପିଏଚ୍ ଡିଭିଜନଗୁଡ଼ିକରେ ଆଠ ଗୋଟି ପିପିପି ଢାଞ୍ଚାରେ ଲାବୋରେଟୋରୀ ପ୍ରତିଷ୍ଠା ହେବା ଯୋଗୁଁ ପରିଣାମ ସ୍ୱରୂପ, ଇଆସିସି ପିଏଚ୍, ଯେତେବେଳେ ଆବଶ୍ୟକ

ସେତେବେଳେ ପରୀକ୍ଷଣ ଓ ଜଳଗୁଣବତ୍ତା ପର୍ଯ୍ୟାଲୋଚନା ପାଇଁ ରାଜ୍ୟ ଲାବୋରେଟୋରୀ ଏବଂ ନିକଟବର୍ତ୍ତୀ ଡିଭିଜନ ଲାବୋରେଟୋରୀ ଗୁଡ଼ିକୁ ଉତ୍ସ ଓ ବଣ୍ଟନ ନେଟ୍ ୱାର୍କ ଗୁଡ଼ିକରୁ ଜଳ ନମୁନା ପ୍ରେରଣ କରିବାକୁ ଅବଶିଷ୍ଟ ନଅଗୋଟି ପିଏଚ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ (ଇଇ) ମାନଙ୍କୁ ଆଦେଶ ଦେଲେ (ମାର୍ଚ୍ଚ 2018 ଓ ଫେବୃଆରୀ 2019) ।

ଆହୁରି ମଧ୍ୟ, ଇଆଇସି ପିଏଚ୍, ପିଏଚ୍ ଡିଭିଜନ ଅଧିନ ପିଏଚ୍ ଉପବିଭାଗର ପ୍ରତ୍ୟେକ ଉପବିଭାଗ ଅଧିକାରୀଙ୍କୁ ପରୀକ୍ଷଣ କୀଟ୍ ଦ୍ୱାରା ଉପଭୋକ୍ତା ସ୍ଥଳରୁ ରାଣ୍ଡମ୍ ଭାବରେ ଚୟନ କରାଯାଇଥିବା ଦଶ ଗୋଟି ନମୁନାର ଜଳ ପରୀକ୍ଷଣ ସଞ୍ଚାଳନ କରିବାକୁ ଆଦେଶ ଦେଲେ (ଜାନୁଆରୀ 2015) । ଏହିପରି, ଜଳ ନମୁନା ଗୁଡ଼ିକର ପରୀକ୍ଷଣ ଉଭୟ ଡବ୍ଲୁଟିଏଲ୍ ଏବଂ କ୍ଷେତ୍ର କୀଟ୍ ମାଧ୍ୟମରେ ପରୀକ୍ଷା କରିବାର ଥିଲା ।

ଡବ୍ଲୁଟିଏଲ୍ ଏବଂ କ୍ଷେତ୍ର କୀଟ୍ ଗୁଡ଼ିକର ଉପଲବ୍ଧତା ଏବଂ ପରୀକ୍ଷଣ ମାନାଦର୍ଶମାନଙ୍କର ସଂଲଗ୍ନତା ସମୀକ୍ଷା କରାଗଲା ଯାହା ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚିତ ହୋଇଅଛି ।

### 2.1.2 ଜଳ ପରୀକ୍ଷଣ ଲାବୋରେଟୋରୀ ଗୁଡ଼ିକର ପ୍ରତିଷ୍ଠା

#### *2.1.2.1 ଅପ୍ରଚୁର ଜଳ ପରୀକ୍ଷଣ ଲାବୋରେଟୋରୀ*

ଓୟୁଡବ୍ଲ୍ୟୁକ୍ୟୁଏମ୍ପି, 2015 ଦ୍ୱାରା ରାଜ୍ୟ, ଡିଭିଜନ ଓ ମୌଳିକ/ ଡବ୍ଲୁଟିପି ସ୍ତରୀୟ ତ୍ରିସ୍ତରୀୟ ଲାବୋରେଟୋରୀ ଗଠନ ଅନୁସାରେ 115 ଟି ଡବ୍ଲୁଟିଏଲ୍ ବିଭିନ୍ନ ସ୍ତରରେ ପ୍ରତିଷ୍ଠା କରିବାର ଆବଶ୍ୟକ ଥିଲା । ପ୍ରତି ସ୍ତରରେ ପ୍ରତିଷ୍ଠିତ ହେବାକୁ ଥିବା ଆବଶ୍ୟକ ସଂଖ୍ୟକ ଡବ୍ଲୁଟିଏଲ୍ ଏବଂ ମାର୍ଚ୍ଚ 2019 ସୁଦ୍ଧା ପ୍ରକୃତରେ ପ୍ରତିଷ୍ଠିତ ଡବ୍ଲୁଟିଏଲ୍ ଗୁଡ଼ିକର ସଂଖ୍ୟା ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 2.1.2: ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ ଡବ୍ଲୁଟିଏଲ୍ ଗୁଡ଼ିକର ସଂଖ୍ୟା***

| କ୍ରମିକ ସଂଖ୍ୟା | ସ୍ତର | ମାନାଦର୍ଶ ଅନୁସାରେ ଡବ୍ଲୁଟିଏଲ୍ ଗୁଡ଼ିକର ସଂଖ୍ୟା | ଡବ୍ଲୁଟିଏଲ୍ ଗୁଡ଼ିକରେ ପ୍ରକୃତ ସଂଖ୍ୟା | ଅଭାବ | |
|---|---|---|---|---|---|
| | | | | ସଂଖ୍ୟା | ପ୍ରତିଶତ |
| 1. | ରାଜ୍ୟ | 1 | 1 | 0 | 0 |
| 2. | ଡିଭିଜନ | 19 | 8 | 11 | 58 |
| 3. | ମୌଳିକ/ ଡବ୍ଲୁଟିପି | 95 | 13 | 82 | 86 |
| | **ମୋଟ** | **115** | **22** | **93** | **81** |

***(ଉତ୍ସ: ପିଏଚ୍ଇଓଙ୍କ ନଥିପତ୍ର)***

ସମୀକ୍ଷାରେ ଦେଖାଗଲା ଯେ ରାଜ୍ୟରେ 114 ୟୁଏଲ୍ବି ମଧ୍ୟରୁ 62 ଟି ୟୁଏଲ୍ବି ଉତ୍ସରୁ (ନଦୀ, ହ୍ରଦ, ଇତ୍ୟାଦି) ଜଳ ଉଦ୍‌ଗମ କରୁଥିଲେ ଯେଉଁଥିପାଇଁ ଜଳ ଶୁଦ୍ଧକରଣର ଆବଶ୍ୟକତା ରହିଥିଲା । ଏହି 62 ୟୁଏଲ୍ବିରେ 93 ଟି ଡବ୍ଲୁଟିପି ଥିଲା । ଯଦିଓ ପ୍ରତି ଡବ୍ଲୁଟିପିରେ ଏକ ଡବ୍ଲୁଟିଏଲ୍ ପ୍ରତିଷ୍ଠା କରିବା ଆବଶ୍ୟକ, 93 ଟି ଡବ୍ଲୁଟିପିରେ କେବଳ 12 ଟି ଡବ୍ଲୁଟିପିଏଲ୍[3] ଥିଲା । ଏହିପରି ପାନୀୟ ଜଳ ଯୋଗାଣର ଗୁଣବତ୍ତା ଯାଞ୍ଚ ସୁନିଶ୍ଚିତ କରିବାକୁ 81 ଟି ଡବ୍ଲୁଟିପିରେ ଡବ୍ଲୁଟିଏଲ୍ ନଥିଲା ।

ଏହା ସମୀକ୍ଷାରେ ଦର୍ଶାଯିବାରେ, ଇଆଇସି ପିଏଚ୍ ଏହାକୁ ସ୍ୱୀକାର କରିଥିଲେ ଏବଂ ବ୍ୟକ୍ତ କରିଥିଲେ ଯେ ଅତିରିକ୍ତ ଡବ୍ଲୁଟିଏଲ୍‌ର ପ୍ରତିଷ୍ଠା ସରକାରଙ୍କ ସକ୍ରିୟ ବିଚାର ଅନ୍ତର୍ଗତ ଅଛି ଏବଂ ଏହା ସରକାରଙ୍କ ବଜେଟ୍ ବ୍ୟବସ୍ଥା ଅନୁସାରେ ଆରମ୍ଭ କରାହେବ । ସତ୍ୟତା, ଯାହାହେଉ, ଏହା ଯେ 2016-17 ସୁଦ୍ଧା 100 ପ୍ରତିଶତ ନିରାପଦ ପାନୀୟ ଜଳ ଉପଲବ୍ଧତାର ଉଦ୍ଦେଶ୍ୟ 2019-20 ସୁଦ୍ଧା ହାସଲ ହୋଇପାରି ନଥିଲା, ଯେହେତୁ ଆବଶ୍ୟକ ଲାବୋରେଟୋରୀରେ କେବଳ 19 ପ୍ରତିଶତ ପ୍ରତିଷ୍ଠା କରାଯାଇ ପାରିଥିଲା ଏବଂ କୌଣସି ଯୋଜନା ଏହି ଅଭାବକୁ ସମୟ ସୀମା ମଧ୍ୟରେ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇ ନଥିଲା ।

[3] ନିମାପଡ଼ା ୟୁଏଲ୍ବିର ଏକ ଡବ୍ଲୁଟିପିର ଡବ୍ଲୁଟିଏଲ୍ ନଥିଲା

#### *2.1.2.2 ଜଳ ଗୁଣବତ୍ତା ପରୀକ୍ଷଣ ସୁବିଧା ବିପର୍ଯ୍ୟୟ ସ୍ଥିତିସ୍ଥାପକ ନଥିଲା*

ଓୟୁଡବ୍ଲୁକ୍ୟୁଏମ୍‌ପିର ଅନୁଚ୍ଛେଦ 5.1 ଓ 7.1 ବିପର୍ଯ୍ୟୟ ପରିଚାଳନା ଏବଂ ବିଶେଷ ନ୍ୟସ୍ତ କାର୍ଯ୍ୟ ପାଇଁ ଭ୍ରାମ୍ୟମାଣ ଜଳ ପରୀକ୍ଷଣ ଲାବୋରେଟୋରୀ ଆବଶ୍ୟକତା ବିଷୟ ବ୍ୟବସ୍ଥିତ କରିଥିଲା । ଏହି ଭ୍ରାମ୍ୟମାଣ ଲାବୋରେଟୋରୀ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳକୁ ଯାଇ କାର୍ଯ୍ୟ କରିବା ସହିତ ପ୍ରତ୍ୟେକ୍ଷ ଭାବରେ ବିଶ୍ଳେଷଣ ସମ୍ପାଦନ କରିବାକୁ ରେଫରେନ୍‌ସ୍ ଷ୍ଟେସନକୁ ନିୟମିତ ବ୍ୟବଧାନରେ ପରିଦର୍ଶନ କରିବା କଥା ।

ସମୀକ୍ଷାରେ ଲକ୍ଷ୍ୟକରାଗଲା ଯେ ପିଏଚ୍‌ଇଓ କୌଣସି ଭ୍ରାମ୍ୟମାଣ ଜଳ ପରୀକ୍ଷୀ ଲାବୋରେଟୋରୀ ପ୍ରତିଷ୍ଠା କରିନଥିଲେ କିମ୍ବା ବିପର୍ଯ୍ୟୟରୁ ସୃଷ୍ଟ ଜରୁରୀ ଅବସ୍ଥାର ନିରାକରଣ ଏବଂ ନ୍ୟସ୍ତ ବିଶେଷ କାର୍ଯ୍ୟ ସମ୍ପାଦନା ପାଇଁ କୌଣସି ଯୋଜନା ପ୍ରସ୍ତୁତ କରିଥିଲେ । 2018-19 ଓ 2019-20 ରେ ଓଡ଼ିଶା ଦୁଇଟି ପ୍ରମୁଖ ବାତ୍ୟାର[4] ସାମ୍ନା କରିଥିଲା, ଯାହା ଜଳ ଯୋଗାଣରେ ବ୍ୟାଘାତ ଓ ପାନୀୟ ଜଳକୁ ଦୂଷିତ କରିଥିଲା । ଯଦି ଭ୍ରାମ୍ୟମାଣ ଜଳ ପରୀକ୍ଷା ଲାବୋରେଟୋରୀ ସୁବିଧା ଉପଲବ୍ଧ ଥାଆନ୍ତା ତେବେ ଓୟୁଡବ୍ଲୁକ୍ୟୁଏମ୍‌ପି 2015 ବ୍ୟବସ୍ଥା ଅନୁସାରେ ବାତ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଜଳ ବିଶ୍ଳେଷଣ ସମ୍ପାଦନ କରାଯାଇପାରିଥାନ୍ତା ।

ଅକ୍ଟୋବର 2019 ରେ ସମୀକ୍ଷା ଦ୍ୱାରା ଏହା ଦର୍ଶାଯିବାରେ ଇଆଇସି ପିଏଚ୍ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2020) ଯେ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଅଞ୍ଚଳକୁ ଯାଇ କାର୍ଯ୍ୟ କରିବା ପାଇଁ ଜୁଲାଇ 2020 ରେ ଏକ ଭ୍ରାମ୍ୟମାଣ ଜଳ ପରୀକ୍ଷା ଲାବୋରେଟୋରୀ କ୍ରୟ କରାଯାଇଅଛି । ଯାହାହେଉ, ବର୍ତ୍ତମାନ ସୁଦ୍ଧା ଏହା ଜଳ ବିଶ୍ଳେଷଣ ଉଦ୍ଦେଶ୍ୟରେ ପ୍ରାଧିକୃତ ହୋଇନାହିଁ ।

### 2.1.3 ଜଳ ନମୁନା ପରୀକ୍ଷଣ

#### *2.1.3.1 ଡବ୍ଲୁଟିପିରେ ଜଳ ପରୀକ୍ଷଣ*

ଓୟୁଡବ୍ଲୁକ୍ୟୁଏମ୍‌ପି 2015ର ଅନୁଚ୍ଛେଦ 6.1 ଓ 6.2 ଏବଂ ଇଆଇସି ପିଏଚ୍‌ଙ୍କ ଆଦେଶ (2 ନଭେମ୍ବର 2015) ଅନୁଯାୟୀ ଡବ୍ଲୁଟିପି ସହିତ ସଂଲଗ୍ନ ପ୍ରତିଟି ଡବ୍ଲୁଟିଏଲ୍‌ର 12 ଟି ଭୌତିକ ଏବଂ ରାସାୟନିକ ପରୀକ୍ଷଣ ପାଇଁ ସୁବିଧା ଥିବା ଆବଶ୍ୟକ ।

14 ଟି ଡବ୍ଲୁଟିପିର[5] ଜଳ ପରୀକ୍ଷଣ ନଥିପତ୍ର ସମୀକ୍ଷାରେ ପରୀକ୍ଷା ଯାଞ୍ଚ କରାଯାଇଥିଲା । ଏହା ମଧ୍ୟରୁ କେବଳ ତିନୋଟି ଡବ୍ଲୁଟିପିର ଡବ୍ଲୁଟିଏଲ୍ (ସୁନାବେଡ଼ା, ଜୟପୁର ଓ କୋରାପୁଟ ବିଭାଜନ) ଥିଲା ଏବଂ 11 ଡବ୍ଲୁଟିପିର ଡବ୍ଲୁଟିଏଲ୍ ନଥିଲା ।

ସମୀକ୍ଷାରେ ଦେଖାଗଲା ଯେ:

- 2016-19 ମଧ୍ୟରେ କେବଳ ସୁନାବେଡ଼ାରେ ଥିବା ଏକ ନମୁନା ଡବ୍ଲୁଟିଏଲ୍ 12 ଆବଶ୍ୟକ ପାରାମିଟରର ସମସ୍ତ ଧାର୍ଯ୍ୟ ପରୀକ୍ଷା ସଞ୍ଚାଳନ କରିଥିଲା ଯେତେବେଳେ କି କୋରାପୁଟରେ ଥିବା ଡବ୍ଲୁଟିଏଲ୍ କେବଳ ଚାରିଟି[6] ପାରାମିଟର ଉପରେ ପରୀକ୍ଷା ସଞ୍ଚାଳନ କରିଥିଲା । 2016-18 ମଧ୍ୟରେ ଜୟପୁରରେ ଥିବା ଡବ୍ଲୁଟିଏଲ୍ କେବଳ ତିନୋଟି[7] ପାରାମିଟର ଉପରେ ପରୀକ୍ଷା ସଞ୍ଚାଳନ କରିଥିଲା କିନ୍ତୁ ଲାବୋରେଟୋରୀ କର୍ମଚାରୀଙ୍କ ଅନୁପଲବ୍ଧତା ଯୋଗୁଁ 2018-19 ରେ ଏହା କୌଣସି ପରୀକ୍ଷା ସଞ୍ଚାଳନ କରିନଥିଲା ।
- ଡବ୍ଲୁଟିଏଲ୍ ନଥିବା 11 ଟି ଡବ୍ଲୁଟିପି ମଧ୍ୟରୁ 5 ଟି ଡବ୍ଲୁଟିପି ନିକଟବର୍ତ୍ତୀ ଡବ୍ଲୁଟିଏଲ୍ ମାଧ୍ୟମରେ କୌଣସି ପରୀକ୍ଷା ସଞ୍ଚାଳନ କରାଇ ନଥିଲେ ଏବଂ ଲାବୋରେଟୋରୀ ସୁବିଧା ଓ ପ୍ରଶିକ୍ଷିତ

[4] 2018 ରେ ତିତ୍‌ଲି ଓ 2019 ରେ ଫନି

[5] ପୁରୀ, କୋରାପୁଟ, ରାୟଗଡ଼ା ଓ ବଲାଙ୍ଗୀରରେ ଥିବା ପିଏଚ୍ ଡିଭିଜନ

[6] ଟର୍ବିଡିଟି, ପିଏଚ୍, ରେସିଡୁଆଲ୍ କ୍ଲୋରିନ୍ ଓ ଜାର ଟେଷ୍ଟ

[7] ଟର୍ବିଡିଟି, ପିଏଚ୍ ଏବଂ ରେସିଡୁଆଲ୍ କ୍ଲୋରିନ୍

କର୍ମଚାରୀଙ୍କ ଅନୁପଲବ୍ଧତା ଯୋଗୁଁ ଅନ୍ୟ ଛଅଟି ଡବ୍ଲୁଟିଏଲ୍ କେବଳ 1 ରୁ 4 ଟି ପାରାମିଟର ଉପରେ ପରୀକ୍ଷା ସଞ୍ଚାଳନ କରିଥିଲେ ।

ତିନୋଟି ଡବ୍ଲୁଟିପିର (ରାୟଗଡ଼ା, ବଲାଙ୍ଗୀର ଓ ପୁରୀ) ମିଳିତ ବସ୍ତୁଗତ ନିରୀକ୍ଷଣ (ଜେପିଆଇ) (ଡିସେମ୍ବର 2019 ରୁ ଫେବୃଆରୀ 2020) ସମୟରେ ଦୁଇଟି ପାରାମିଟର (ରେସିଡୁଆଲ କ୍ଲୋରିନ୍ ଓ ଟର୍ବିଡିଟି) ପିଏଚ୍ଇଓ ଅଧିକାରୀଙ୍କ ମାଧ୍ୟମରେ ଉପଲବ୍ଧ ଯନ୍ତ୍ରପାତି ସହିତ ପରୀକ୍ଷା କରାଯାଇଥିଲା ଏବଂ ଏହା ଦେଖାଗଲା ଯେ ତିନୋଟି ପିଏଚ୍ ଡିଭିଜନରେ[8] ଜଳର ଟର୍ବିଡିଟି 2.73 ନେଫେଲୋମେଟ୍ରିକ୍ ଟର୍ବିଡିଟି ୟୁନିଟ୍ (ଏନ୍‌ଟିୟୁ) ଠାରୁ ଆରମ୍ଭ କରି 8.87 ଏନ୍‌ଟିୟୁ ମଧ୍ୟରେ ରହିଥିଲା ଯାହାର ଗ୍ରହଣୀୟ ସୀମା ବିଆଇଏସ୍ ଅନୁଯାୟୀ 1.00 ଏନ୍‌ଟିୟୁ ଥିଲା । ରେସିଡୁଆଲ୍ କ୍ଲୋରିନ୍‌ର ବିଆଇଏସ୍ ଅନୁଯାୟୀ ଗ୍ରହଣୀୟ ସୀମା 0.2 ମିଲିଗ୍ରାମ ବିପକ୍ଷରେ ଡବ୍ଲୁଟିପି ମଙ୍ଗଳାଘାଟ, ପୁରୀର ପରିଷ୍କାର ଜଳରେ ରେସିଡୁଆଲ୍ କ୍ଲୋରିନ୍ 6.00 ମିଲିଗ୍ରାମ ରିପୋର୍ଟ କରାଯାଇଥିଲା ଯାହାକି ***ପରିଶିଷ୍ଟ 2.1.1*** ରେ ଦର୍ଶାଯାଇଅଛି । ଏସ୍‌ଓପି ଅନୁଯାୟୀ, ବିଆଇଏସ୍ ସୀମା ବହିର୍ଭୁତ ଏନ୍‌ଟିୟୁ ସ୍ୱାସ୍ଥ୍ୟ ପ୍ରତି ବିପଦର କାରଣ ହୋଇଥାଏ ଯେହେତୁ ଭାସମାନ କଣିକା ଗୁଡ଼ିକ ଜୀବାଣୁ ମାନଙ୍କୁ ଆଶ୍ରିତ କରିଥାନ୍ତି ଏବଂ କ୍ଲୋରିନର ଅତିଗାଢ଼ତା ମନୁଷ୍ୟ ଶରୀରରେ ବିଷାକ୍ତ ପ୍ରଭାବର କାରଣ ହୁଏ ।

ଏହିପରି, 14 ଟି ପରୀକ୍ଷା ଯାଞ୍ଚ ଡବ୍ଲୁଟିପି ମଧ୍ୟରୁ କେବଳ ଗୋଟଏ ଡବ୍ଲୁଟିପି ବିହିତ ଗୁଣବତ୍ତା ପରୀକ୍ଷା ସଂଚାଳନ କରିଥିଲା । ଆବଶ୍ୟକ ପରୀକ୍ଷା ବିନା ପାନୀୟ ଜଳଯୋଗାଣ ଜନ ସାଧାରଣଙ୍କୁ ସୁରକ୍ଷିତ ପାନୀୟ ଜଳ ସୁନିଶ୍ଚିତ କରିନଥିଲା ଯାହା ***ଅନୁଚ୍ଛେଦ 2.1.5*** ରେ ଆଲୋଚନା କରାଯାଇଛି ।

ଉତ୍ତରରେ ସଂପୃକ୍ତ ପିଏଚ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ (ଇଇ) ବ୍ୟକ୍ତ କରିଥିଲେ (ନଭେମ୍ବର 2019 ଫେବୃଆରୀ 2020) ଯେ ଲାବୋରେଟୋରୀ ସୁବିଧା ଓ ପ୍ରଶିକ୍ଷିତ କର୍ମଚାରୀଙ୍କ ଅଭାବ ଯୋଗୁଁ ବିହିତ ପରୀକ୍ଷା ସଂଚାଳନ କରାଯାଇପାରି ନଥିଲା । ଏହି ଉତ୍ତର ରେଖାଙ୍କିତ କରୁଛି ଯେ ପିଏଚ୍ଇଓ 2016-17 ସୁଦ୍ଧା ନିରାପଦ ପାନୀୟ ଜଳ ଉପଲବ୍ଧ କରାଇବା ଲକ୍ଷ୍ୟର ଦୁଇ ବର୍ଷ ପରେ ମଧ୍ୟ ପର୍ଯ୍ୟାପ୍ତ ଲାବୋରେଟୋରୀ ଓ ପ୍ରଶିକ୍ଷିତ କର୍ମଚାରୀଙ୍କ ଦ୍ୱାରା ସଜ୍ଜିତ ନାହାନ୍ତି ଯାହାକି ***ଅନୁଚ୍ଛେଦ 2.1.6*** ରେ ଆଲୋଚିତ ହୋଇଛି ।

### 2.1.3.2 *ଡିଭିଜନ ସ୍ତରୀୟ ଡବ୍ଲୁଟିଏଲ୍ ଗୁଡ଼ିକର କାର୍ଯ୍ୟକାରିତା*

ପିଏଚ୍ଇଓ ଭୁବନେଶ୍ୱରରେ ଏକ ରାଜ୍ୟ ସ୍ତରୀୟ ଲାବୋରେଟୋରୀ ଏବଂ ପିଏଚ୍ ଡିଭିଜନଗୁଡ଼ିକରେ ଆଠଟି ଲାବୋରେଟୋରୀ ର ପ୍ରତିଷ୍ଠା ଏବଂ ପରିଚାଳନା ପାଇଁ 47.33 କୋଟି ଟଙ୍କା (ଟିକସ ବାଦ୍) ବ୍ୟୟରେ ପିପିପି ଢାଞ୍ଚାରେ 10 ବର୍ଷର ଅବଧି ପାଇଁ ମେସର୍ସ ସ୍ପେକ୍ଟ୍ରୋ ଆନାଲିଟିକାଲ୍ ଲାବ୍ ଲିମିଟେଡ (ଏସ୍‌ଏଏଲ୍) କୁ ନିୟୋଜିତ କରିଥିଲେ (ଡିସେମ୍ବର 2016) । ଏସ୍‌ଏଏଲ୍ ସହିତ ସ୍ୱାକ୍ଷରିତ (ଡିସେମ୍ବର 2016) ରାଜିନାମା ଅନୁସାରେ ପିଏଚ୍ଇଓ ଡବ୍ଲୁଟିଏଲ୍‌ର ପ୍ରତିଷ୍ଠା ପାଇଁ ପୁଞ୍ଜି ନିବେଶର ଖର୍ଚ୍ଚ ବହନ କରିବେ ଏବଂ ଏସ୍‌ଏଏଲ୍ ଜଳ ନମୁନାର ପରୀକ୍ଷଣ ସଂଚାଳିତ କରିବ । ଏହାପାଇଁ ଏସ୍‌ଏଏଲ୍ ମାନବ ଶକ୍ତି ନିଯୁକ୍ତ କରିବ ଏବଂ ଉପଯୋଗୀ ସାମଗ୍ରୀ କ୍ରୟ କରିବ । ଏସ୍‌ଏଏଲ୍ ନଅଟି ଡବ୍ଲୁଟିଏଲ୍ (ଗୋଟିଏ ରାଜ୍ୟ ସ୍ତରୀୟ ଓ ଆଠଟି ଡିଭିଜନ ସ୍ତରୀୟ) ପ୍ରତିଷ୍ଠା କଲା ଏବଂ 2017-19 ଅବଧି ମଧ୍ୟରେ ନିବେଶ ବାବଦରେ 14.23 କୋଟି ଟଙ୍କା ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ବାବଦରେ 3.52 କୋଟି ଟଙ୍କା ଗ୍ରହଣ କରିଥିଲା । ଆଠଟି ଡିଭିଜନ ଡବ୍ଲୁଟିଏଲ୍ ମଧ୍ୟରୁ ଦୁଇଟି ଡବ୍ଲୁଟିଏଲ୍‌ର (ବାଲେଶ୍ୱର ଓ ପୁରୀ) ପରୀକ୍ଷା ଯାଞ୍ଚ ସମୀକ୍ଷା କରାଯାଇଥିଲା ଏବଂ ଲକ୍ଷ୍ୟ କରାଯାଇଥିଲା ଯେ ରାଜାନାମା ଅନ୍ତର୍ଭୁକ୍ତ 33 ପାରାମିଟରର ପରୀକ୍ଷା ବିପକ୍ଷରେ ଏହି ଲାବୋରେଟୋରୀ ଗୁଡ଼ିକ କେବଳ 29 ପାରାମିଟରର ପରୀକ୍ଷା ସମ୍ପାଦନ କରିଥିଲେ । ଯେଉଁ ଚାରିଟି ପାରାମିଟରର ପରୀକ୍ଷା କରାଯାଇନଥିଲା ସେଗୁଡ଼ିକ ହେଲା ଡିସ୍‌ଇନ୍‌ଫେକ୍ସନ ବାଇ ପ୍ରଡକ୍ଟ (ଡିବିପି) ଆନିଅନିକ୍ ଡିଟର୍ଜେଣ୍ଟ, କ୍ଲୋରାମାଇନ୍ ଓ ମିନେରାଲ୍ ଅୟଲ୍ । ଏସ୍‌ଏଏଲ୍ ଏହି ପରୀକ୍ଷଣ ଗୁଡ଼ିକର ସଂଚାଳନ ନ ହେବାକୁ ଆବଶ୍ୟକ

[8] ମଙ୍ଗଳାଘାଟ, ପୁରୀ ଡବ୍ଲୁଟିପିର ସଫା ଜଳ:2.73 ଏନ୍‌ଟିୟୁ; ରାୟଗଡ଼ା ଡବ୍ଲୁଟିପିର ସଫାଜଳ:8.87 ଏନ୍‌ଟିୟୁ; ଶିବତାଲା ଡବ୍ଲୁଟିପିର ସଫା ଜଳ:4.65 ଏନ୍‌ଟିୟୁ

ଉପକରଣ ଅନୁପଲବ୍ଧତା ଦର୍ଶାଇଥିଲା । ରାଜିନାମା ଅନୁସାରେ ପିପିପି ଢାଞ୍ଚାରେ ପ୍ରତିଷ୍ଠିତ ଡବ୍ଲୁଟିଏଲ୍ ପାଇଁ ଆବଶ୍ୟକ ଉପକରଣ ପ୍ରଦାନର ଦାୟିତ୍ୱ ପିଏଚ୍ଇଓଙ୍କ ଉପରେ ନ୍ୟସ୍ତ ଥିଲା । ଏହିପରି ଉପକରଣର ଉପଲବ୍ଧ ନଥିବା ଦର୍ଶାଉଥିଲା ଯେ ଓ୍ୟୁଡବ୍ଲୁକ୍ୟୁଏମ୍‌ପି ଦ୍ୱାରା ଧାର୍ଯ୍ୟ ପରୀକ୍ଷଣ ଗୁଡ଼ିକର ସମ୍ପାଦନ ପାଇଁ ପିପିପି ଢାଞ୍ଚାରେ ପ୍ରତିଷ୍ଠିତ ଡବ୍ଲୁଟିଏଲ୍ ଗୁଡ଼ିକ ଉପକରଣ ଦ୍ୱାରା ପୂର୍ଣ୍ଣ ରୂପରେ ସଜ୍ଜିତ ନଥିଲେ । ଏହିପରି ଭାବରେ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରାଯାଇ ପାରିନଥିଲା ।

ପିଏଚ୍ଇଓଙ୍କ ଦ୍ୱାରା ଡିସେମ୍ବର 2018 ରେ ଜାରି କରାଯାଇଥିବା କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟା (ଏସ୍ଓପି) ଅନୁସାରେ, 0.06 ମିଲିଗ୍ରାମରୁ ଊର୍ଦ୍ଧ୍ୱ ଡିବିପିର ଉପସ୍ଥିତି କର୍କଟ ରୋଗର ଶଙ୍କାକୁ ବର୍ଦ୍ଧିତ କରେ, 0.2 ମିଲିଗ୍ରାମରୁ ଊର୍ଦ୍ଧ୍ୱ ଏନିୟନିକ୍ ଡିଟର୍ଜେଣ୍ଟର ଉପସ୍ଥିତି ଜଳରେ ଫେଣର କାରଣ ହୋଇଥାଏ ଏବଂ ସ୍ୱାଦ ଏବଂ ଗନ୍ଧ ଉପରେ ପ୍ରଭାବ ପକାଇଥାଏ ଏବଂ କ୍ଲୋରାମାଇନର ଉପସ୍ଥିତି 4.0 ମିଲିଗ୍ରାମରୁ ଊର୍ଦ୍ଧ୍ୱ ହେଲେ ଏହା ଚକ୍ଷୁ/ ନାସାର ପ୍ରଦାହ, ପାକସ୍ଥଳୀରେ ଅସୁବିଧା ଏବଂ ରକ୍ତ ହୀନତା କରାଇଥାଏ ।

### 2.1.3.3 ରାଜ୍ୟ ସ୍ତରୀୟ ଲାବୋରେଟୋରୀର କାର୍ଯ୍ୟକାରିତା

ରାଜ୍ୟ ସ୍ତରୀୟ ଲାବୋରେଟୋରୀ ପିପିପି ଢାଞ୍ଚାରେ ମାର୍ଚ୍ଚ 2018 ଠାରୁ କାର୍ଯ୍ୟ କରିବା ଆରମ୍ଭ କରିଥିଲା । ଏସ୍ଏଏଲ୍ ସହିତ ରାଜିନାମା ଅନୁସାରେ ବୋରୱେଲ୍ ଓ ଅନ୍ୟ ଉତ୍ସଗୁଡ଼ିକର ନିୟମିତ ବ୍ୟବଧାନରେ ଜଳ ଗୁଣବତ୍ତା ପରୀକ୍ଷଣ ପାଇଁ ଜଳ ଓ ବର୍ଜ୍ୟ ଜଳ ନମୁନା ସଂଗ୍ରହର ଦାୟିତ୍ୱ ବେସରକାରୀ ସଂସ୍ଥା ଓ ରାଜ୍ୟ ଲାବୋରେଟୋରୀ ଉପରେ ନ୍ୟସ୍ତ ଥିଲା । ପୁନଶ୍ଚ, ସମସ୍ତ 19 ଡିଭିଜନରେ ବିଛେଇ ହୋଇ ରହିଥିବା 1,782 ପ୍ରଡକ୍ସନ୍ ୱେଲ୍ (ପିଡବ୍ଲୁ), 80 ଭୂପୃଷ୍ଠ ଜଳ (ଏସ୍ଡବ୍ଲୁ) ଓ 10,130 ହ୍ୟାଣ୍ଡ ପମ୍ପ ଟ୍ୟୁବ୍ ୱେଲ୍[9] (ଏଚ୍‌ପିଟିଡବ୍ଲୁ) ରାଜ୍ୟ ଲାବୋରେଟୋରୀ ଦ୍ୱାରା ବାର୍ଷିକ ପର୍ଯ୍ୟାଲୋଚିତ ହେବାର ଥିଲା । ରାଜିନାମା ମାନାଦର୍ଶ ଅନୁସାରେ ଜଳ ନମୁନା ସଂଗ୍ରହ ଓ ପରୀକ୍ଷଣର ବିବରଣୀ ନିମ୍ନୋକ୍ତ ସାରଣୀରେ ଦର୍ଶାଯାଇଅଛି :

**ସାରଣୀ 2.1.3: 2018-19 ଅବଧିରେ ରାଜ୍ୟ ଲାବୋରେଟୋରୀର ପରୀକ୍ଷିତ ଉତ୍ସଗୁଡ଼ିକର ସଂଖ୍ୟାର ବିଶଦ ବିବରଣୀ**

| ଉତ୍ସର ପ୍ରକୃତି | ରାଜିନାମା ଅନୁଯାୟୀ ହେବାକୁ ଥିବା ପରୀକ୍ଷଣ | | ପ୍ରକୃତ ପରୀକ୍ଷଣ | | ଅଭାବ/( ଆଧିକ୍ୟ) | |
|---|---|---|---|---|---|---|
| | ଡିଭିଜନ ସଂଖ୍ୟା | ଉତ୍ସର ସଂଖ୍ୟା | ଡିଭିଜନ ସଂଖ୍ୟା | ଉତ୍ସର ସଂଖ୍ୟା | ଡିଭିଜନ ସଂଖ୍ୟା | ଉତ୍ସର ସଂଖ୍ୟା |
| ପିଡବ୍ଲୁ | 19 | 1,782 | 10 | 1,750 | 9 | 32 |
| ଏଚ୍‌ପିଟିଡବ୍ଲୁ | 19 | 10,130 | 10 | 9,913 | 9 | 217 |
| ଏସ୍ଡବ୍ଲୁ | 19 | 80 | 10 | 100 | 9 | (20) |
| **ମୋଟ** | **19** | **11,992** | **10** | **11,763** | **9** | **249** |

*(ଉତ୍ସ: ଇଆଇସି, ପିଏଚ୍(ୟୁ), ଓଡ଼ିଶା ଏବଂ ରାଜ୍ୟ ଲାବୋରେଟୋରୀ, ଭୁବନେଶ୍ୱର)*

ଉପରୋକ୍ତ ସାରଣୀରୁ ଏହା ଲକ୍ଷ୍ୟ କରାଗଲା ଯେ ରାଜ୍ୟ ଲାବୋରେଟୋରୀ ଦ୍ୱାରା ଉଲ୍ଲେଖନୀୟ ସଂଖ୍ୟାର ଏଚ୍‌ପିଟିଡବ୍ଲୁର ପରୀକ୍ଷଣ କରାଯାଇନଥିଲା ଏବଂ 19 ଡିଭିଜନ ମଧ୍ୟରୁ କେବଳ 10 ଗୋଟି ପରୀକ୍ଷଣ ପରିସରଭୁକ୍ତ ଥିଲା । ସମୀକ୍ଷାରେ ଦେଖାଗଲା ଯେ ଯେଉଁଠାରେ ଏହାର ଡିଭିଜନ ଲାବୋରେଟୋରୀ ପରିଚାଳିତ ହେଉଥିଲା । ଏସ୍ଏଏଲ୍ କେବଳ ସେହି 10 ଗୋଟି ଡିଭିଜନର ଉତ୍ସରୁ (ପିଡବ୍ଲୁ, ଏଚ୍‌ପିଟିଡବ୍ଲୁ ଓ ଏସ୍ଡବ୍ଲୁ) ଜଳ ନମୁନା ସଂଗ୍ରହ କରିଥିଲା ଏବଂ ରାଜ୍ୟର ଅନ୍ୟ ନଅଟି ଡିଭିଜନର ଉତ୍ସରୁ କୌଣସି ଜଳ ନମୁନା ସଂଗ୍ରହ କରିନଥିଲା ।

ଏହିପରି, ଏସ୍ଏଏଲ୍ ରାଜିନାମାର ସର୍ତ୍ତ ଅନୁସାରେ ରାଜ୍ୟ ଲାବୋରେଟୋରୀ ରେ ଜଳ ପରକ୍ଷଣ ସଞ୍ଚାଳନରେ ବିଫଳ ହୋଇଥିଲା । ଇଆଇସି ପିଏଚ୍, ଏସ୍ଏଏଲ୍ ଦ୍ୱାରା ଅବଶିଷ୍ଟ ନଅଗୋଟି ଡିଭିଜନରୁ ଜଳ ନମୁନା ସଂଗୃହୀତ ହେବାର ଚୁକ୍ତିଭିତ୍ତିକ ବାଧତାକୁ ସୁନିଶ୍ଚିତ କରିବା ପରିବର୍ତ୍ତେ ଉକ୍ତ ନଅ ଡିଭିଜନକୁ ପରୀକ୍ଷଣ ନିମନ୍ତେ ରାଜ୍ୟ ଲାବୋରେଟୋରୀ କୁ ଜଳ ନମୁନା ପ୍ରେରଣ ପାଇଁ ଆଦେଶ ଦେଲେ (ମାର୍ଚ୍ଚ 2018 ଓ

[9] ସମସ୍ତ 30,389 ହ୍ୟାଣ୍ଡ ପମ୍ପ ଟ୍ୟୁବ୍ ୱେଲ୍ ତିନି ବର୍ଷ ଅବଧି ମଧ୍ୟରେ ତଦାରଖ ହେବ

ଫେବୃଆରୀ 2019) । ଏହି ନଅଟି ଡିଭିଜନରୁ ଚାରୋଟିରେ ଅଡ଼ିଟ୍ ଦ୍ୱାରା ପରୀକ୍ଷା ଯାଞ୍ଚ କରାଯାଇଥିଲା । ଏହା ଦେଖାଗଲା ଯେ କେବଳ ଦୁଇଟି ପରୀକ୍ଷା ଯାଞ୍ଚ ଡିଭିଜନ (କୋରାପୁଟ ଓ ବଲାଙ୍ଗୀର) ନଅଟି ଜଳ ନମୁନା ପ୍ରେରଣ କରିଥିଲେ ଏବଂ ଅବଶିଷ୍ଟ ଦୁଇ ଡିଭିଜନ (କଟକ-II ଓ ରାୟଗଡ଼ା) ଜଳ ନମୁନାର ସଂଗ୍ରହ ପାଇଁ ପ୍ରଶିକ୍ଷିତ କର୍ମଚାରୀଙ୍କ ଅଭାବ ଦର୍ଶାଇଥିଲେ ।

ପୁନଶ୍ଚ, ଇଆଇସି ଏସ୍ଏଏଲ୍ ଦ୍ୱାରା ଆୟୋଜିତ ହେବାକୁ ଥିବା କର୍ମଶାଳାରେ ଜଳ ନମୁନା ସଂଗ୍ରହ ପାଇଁ ପିଏଚ୍ଇଓ କର୍ମଚାରୀମାନଙ୍କୁ ଔପଚାରିକ ପ୍ରଶିକ୍ଷଣ ଦେବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ (ମାର୍ଚ୍ଚ 2018) । ଜଡ଼ିତ ନଅଟି ଡିଭିଜନକୁ ଉପରୋକ୍ତ ପ୍ରଶିକ୍ଷଣ ନିମିତ୍ତ କର୍ମଚାରୀମାନଙ୍କ ନାମ, ଯେଉଁମାନଙ୍କୁ ନମୁନା ସଂଗ୍ରହର ଦାୟିତ୍ୱ ଦିଆଯିବ, ପ୍ରେରଣ କରିବାକୁ ଅନୁରୋଧ କରାଯାଇଥିଲା । ସମୀକ୍ଷାରେ ଦେଖାଯାଇଥିଲା ଯେ ରାଜ୍ୟ ଡବ୍ଲୁଟିଏଲ୍, ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପ୍ରସ୍ତାବିତ କର୍ମଶାଳାରେ ପ୍ରଶିକ୍ଷଣ ପାଇଁ କୌଣସି ପିଏଚ୍ଇଓ କର୍ମଚାରୀଙ୍କ ନାମ କୌଣସି ଇଇ ପ୍ରାୟୋଜନ କରିନଥିଲେ । ସେହିପରି ଭାବରେ ରାଜ୍ୟ ଲାବୋରେଟୋରୀରେ ପିଏଚ୍ଇଓ କର୍ମଚାରୀଙ୍କ ଦ୍ୱାରା ଜଳ ନମୁନା ସଂଗ୍ରହ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରି ନଥିଲା ।

ଆହୁରି ମଧ୍ୟ ସମୀକ୍ଷାରେ ଦେଖାଯାଇଥିଲା ଯେ ବିଭିନ୍ନ ସଜ୍ଞାକୃତ ପାରାମିଟର କ୍ରିପ୍ଟୋସ୍ପୋରିଡିଅମ୍, ଜିଆର୍ଡିଆ, ଟ୍ରାଇହେଲୋମିଥେନ ଓ ମିନେରାଲ ଅଏଲର ପରୀକ୍ଷା ରାଜ୍ୟ ଲାବୋରେଟୋରୀରେ ଉପକରଣ/ ଯନ୍ତ୍ର ଗୁଡ଼ିକର ଅନୁପଲବ୍ଧତା ଯୋଗୁଁ କରାଯାଇପାରି ନଥିଲା । କ୍ରିପ୍ଟୋସ୍ପୋରିଡିଅମ୍ ଓ ଜିଆର୍ଡିଆର (ଜୈବିକ ପାରାମିଟର) ସୀମା ଉର୍ଦ୍ଧ୍ୱ ଉପସ୍ଥିତି ଅତିସାର ଓ ପେଟଫୁଲାର କାରଣ ହୋଇଥିବା ବେଳେ ଟ୍ରାଇହେଲୋମିଥେନ୍ (ବିଷାକ୍ତତା ପାରାମିଟର) ଜଳକୁ ବିଷାକ୍ତ କରେ ଏବଂ ମିନେରାଲ ଅଏଲ୍ (ରାସାୟନିକ ପାରାମିଟର) ଗନ୍ଧ ଓ ସ୍ୱାଦ ଉପରେ ପ୍ରଭାବ ପକାଏ ।

ସେହିପରି, ଦୁଇଟି ପାରାମିଟର (ଆଲ୍ଫା ଏମିଟର ଓ ବିଟା ଏମିଟର) ର ପରୀକ୍ଷା ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର (ବିଏଆର୍ସି) ଦ୍ୱାରା ଅନୁମୋଦିତ ଆବଶ୍ୟକ ମାନକ ଉପକରଣର ସମ୍ପୂର୍ଣ୍ଣ ସାଜର ଅନୁପସ୍ଥିତି ଯୋଗୁଁ କରାଯାଇପାରି ନଥିଲା । ଉପରୋକ୍ତ ପାରାମିଟରମାନଙ୍କ ପରୀକ୍ଷଣ ନିମିତ୍ତ ଏସ୍ଏଏଲ୍ ଅତିରିକ୍ତ ଉପକରଣ ଆବଶ୍ୟକ କରୁଥିଲା, ତଥାପି ସେହି ଉପକରଣ ଗୁଡ଼ିକର ଆବଶ୍ୟକତାର ସଠିକ୍ ଆକଳନ ପିଏଚ୍ଇଓ କିମ୍ବା ଏସ୍ଏଏଲ୍ ଦ୍ୱାରା କରାଯାଇ ନଥିଲା । ତେଣୁ ସେହି ଉପକରଣଗୁଡ଼ିକ ରାଜିନାମାରେ ହିଁ ଅନ୍ତର୍ଭୁକ୍ତ ହୋଇ ନଥିଲା । ଉପକରଣର ଅନୁପଲବ୍ଧତା ସୂଚାଉଥିଲା ଯେ ରାଜ୍ୟ ଡବ୍ଲୁଟିଏଲ୍ ସମସ୍ତ ବାଧ୍ୟତାମୂଳକ ପରୀକ୍ଷଣର ସମ୍ପାଦନ ପାଇଁ ସଜ୍ଜିତ ନଥିଲା ।

ଏହା ସମୀକ୍ଷାରେ ଦର୍ଶାଯିବାରୁ ଇଆଇସି ପିଏଚ୍ ବ୍ୟକ୍ତ କଲେ (ସେପ୍ଟେମ୍ବର 2020) ଯେ ରାଜିନାମା ଅନୁସାରେ ଏସ୍ଏଏଲ୍‌କୁ ସମସ୍ତ ଡିଭିଜନଗୁଡ଼ିକର ଉତ୍ସରୁ ଆବଶ୍ୟକ ସଂଖ୍ୟକ ନମୁନା ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯିବ । ଉପକରଣ ଓ ସାମଗ୍ରୀ ସମ୍ବନ୍ଧରେ ପରିଚାଳକ (ଡବ୍ଲୁଏଟିସିଓ) ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2020) ଯେ ବିନିର୍ଦ୍ଦିଷ୍ଟ ପରୀକ୍ଷଣ ଗୁଡ଼ିକର ସମ୍ପାଦନା ପାଇଁ ଆବଶ୍ୟକ ଉପକରଣ ଓ ସାମଗ୍ରୀ ଯୋଗାଡ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

### 2.1.3.4 ଉତ୍ସ ଏବଂ ବଣ୍ଟନ ପ୍ରଣାଳୀର ଜଳ ନମୁନାର ବାରମ୍ବାର ପରୀକ୍ଷଣ

ଓୟୁଡବ୍ଲୁକ୍ୟୁଏମ୍ପି ର ବ୍ୟବସ୍ଥା ଅନୁଯାୟୀ, ଭୌତିକ, ରାସାୟନିକ ଏବଂ ଜୀବାଣୁ ପରୀକ୍ଷା ପ୍ରତିଦିନ ସ୍ୱଚ୍ଛ ଜଳ ଭଣ୍ଡାରରୁ, ବର୍ଷକୁ ଦୁଇଥର (ଗ୍ରୀଷ୍ମ ଏବଂ ବର୍ଷା ଋତୁ) ଏଚ୍ପିଟିଡବ୍ଲୁରୁ ଏବଂ ତ୍ରୈମାସିକରେ ପିଡବ୍ଲୁରୁ କରାଯାଏ । ଧାତୁ, କୀଟନାଶକ ଏବଂ ବିଷାକ୍ତ ପାରାମିଟରଗୁଡ଼ିକ ସମ୍ବନ୍ଧରେ ପ୍ରତିବର୍ଷ ଉତ୍ପାଦନ କୂଅ ଏବଂ ସାଧାରଣ ଜଳର ପରୀକ୍ଷା କରାଯାଏ । ଓୟୁଡବ୍ଲୁକ୍ୟୁଏମ୍ପିର ବ୍ୟବସ୍ଥା ଆଧାରରେ ପରୀକ୍ଷଣରେ ସ୍ୱଳ୍ପତା ଥିବା ଅଡିଟ୍ ଦୃଷ୍ଟିକୁ ଆସିଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି:

- ***ପିଡବ୍ଲୁ ଏବଂ ଏଚ୍ପିଟିଡବ୍ଲୁର ବାରମ୍ବାର ପରୀକ୍ଷଣର ଅଭାବ :*** ଛଅଟି ନମୁନା ପିଏଚ୍ ଡିଭିଜନରେ, ପିଡବ୍ଲୁ ଏବଂ ଏଚ୍ପିଟିଡବ୍ଲୁ ସମ୍ବନ୍ଧରେ ନର୍ମ ବିପକ୍ଷରେ ପରୀକ୍ଷିତ ଜଳ ନମୁନା ସଂଖ୍ୟା

***ପରିଶିଷ୍ଟ 2.1.2*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏକ ସଂକ୍ଷିପ୍ତ ତୁଳନାତ୍ମକ ବିବୃତ୍ତି ନିମ୍ନରେ ଦର୍ଶାଯାଇଛି :

***ସାରଣୀ 2.1.4: ଛଅଟି ନମୁନା ପିଏଚ୍ ଡିଭିଜନରେ ମାନଦଣ୍ଡ ବିପକ୍ଷରେ ନମୁନା ପରୀକ୍ଷଣର ବାରମ୍ବାରତା***

| ବିଶେଷ | 2016-17 | | 2017-18 | | 2018-19 | | ମୋଟ | |
|---|---|---|---|---|---|---|---|---|
| | ପିଡବ୍ଲୁ | ଏଚ୍‌ପିଟିଡବ୍ଲୁ | ପିଡବ୍ଲୁ | ଏଚ୍‌ପିଟିଡବ୍ଲୁ | ପିଡବ୍ଲୁ | ଏଚ୍‌ପିଟିଡବ୍ଲୁ | ପିଡବ୍ଲୁ | ଏଚ୍‌ପିଟିଡବ୍ଲୁ |
| ଉତ୍ସଗୁଡ଼ିକର ସଂଖ୍ୟା | 578 | 11,195 | 621 | 11,318 | 603 | 11,212 | -- | -- |
| ପରୀକ୍ଷା କରିବାକୁ ଆବଶ୍ୟକ ନମୁନା ଗୁଡ଼ିକର ସଂଖ୍ୟା | 2,312 | 22,390 | 2,484 | 22,636 | 2,412 | 22,424 | **7,208** | **67,450** |
| କରାଯାଇଥିବା ନମୁନା ପରୀକ୍ଷା ସଂଖ୍ୟା | 181 | 199 | 45 | 517 | 708 | 3,777 | **934** | **4,493** |
| ସ୍ୱଳ୍ପତା | 2,131 | 22,191 | 2,439 | 22,119 | 1,704 | 18,647 | **6,274** | **62,957** |
| ସ୍ୱଳ୍ପତାର ପ୍ରତିଶତ | 92 | 99 | 98 | 98 | 71 | 83 | **87** | **93** |

***(ଉତ୍ସ: ନମୁନା ପିଏଚ୍ ଡିଭିଜନ ଗୁଡ଼ିକ ଦ୍ୱାରା ଦେଇଥିବା ସୂଚନା ଏବଂ ରେକର୍ଡଗୁଡ଼ିକ)***

ଏହିପରି, ନିର୍ଦ୍ଦିଷ୍ଟ ପାରାମିଟରଗୁଡ଼ିକର ଜଳ ନମୁନା ଉପରେ ପରୀକ୍ଷା କରିବାର ଲକ୍ଷ୍ୟ 2018-19 ଶେଷ ସୁଦ୍ଧା ହାସଲ ହୋଇପାରି ନଥିଲା ଏବଂ ଏହା ଅତ୍ୟନ୍ତ ନିମ୍ନରେ ରହିଥିଲା । ଗତ ତିନି ବର୍ଷ ମଧ୍ୟରେ (2016-19) ପିଡବ୍ଲୁ ଏବଂ ଏଚ୍‌ପିଟିଡବ୍ଲୁଗୁଡ଼ିକରେ ନିୟମାବଳୀ ଆଧାରରେ ପରୀକ୍ଷଣରେ ହାରାହାରି ସ୍ୱଳ୍ପତାର ହାର ଯଥାକ୍ରମେ 87 ଏବଂ 93 ଥିଲା । ଦୁଇଟି ନମୁନା ଡିଭିଜନ (ବଲାଙ୍ଗୀର ଏବଂ କୋରାପୁଟ) କ୍ଷେତ୍ରରେ, ଗୋଟିଏ ବି ନମୁନା ପରୀକ୍ଷା କରାଯାଇ ନଥିଲା (***ପରିଶିଷ୍ଟ 2.1.2***) ।

- ***ଉତ୍ସଗୁଡ଼ିକର ନମୁନା ପରୀକ୍ଷଣରେ ଅଭାବ (ଭୂପୃଷ୍ଠ ଜଳ ଏବଂ ଡବ୍ଲୁଟିପିରେ ବିଶୋଧିତ ଜଳ):*** ଛଅଟି ନମୁନା ଡିଭିଜନ ମଧ୍ୟରୁ ପାଞ୍ଚଟି ଡିଭିଜନରେ ମାର୍ଚ୍ଚ 2019 ସୁଦ୍ଧା ଭୂପୃଷ୍ଠ ଜଳ ଉତ୍ସ ଥିଲା । 2016-19 ମଧ୍ୟରେ ଏହି ଜଳ ଉତ୍ସଗୁଡ଼ିକର ଜଳ ନମୁନା ପରୀକ୍ଷା 1 ରୁ 3,175 ଥିଲା, ଯାହା ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି :

***ସାରଣୀ 2.1.5: ଭୂପୃଷ୍ଠ ଜଳ ଉତ୍ସ ଏବଂ ଡବ୍ଲୁଟିପି ସଂଖ୍ୟା ତୁଳନାରେ ନମୁନା ପିଏଚ୍ ଡିଭିଜନ ଦ୍ୱାରା 2016-19 ମଧ୍ୟରେ ପରୀକ୍ଷିତ ଉତ୍ସ ସଂଖ୍ୟା***

| ପିଏଚ୍ ଡିଭିଜନର ନାମ | ଉତ୍ସ ସଂଖ୍ୟା | | | ମାନାଦର୍ଶ ଅନୁଯାୟୀ କରାଯିବାକୁ ଥିବା ପରୀକ୍ଷଣ ସଂଖ୍ୟା | 2016-19 ମଧ୍ୟରେ ପରୀକ୍ଷିତ ଉତ୍ସଗୁଡ଼ିକର ସଂଖ୍ୟା |
|---|---|---|---|---|---|
| | 2016-17 | 2017-18 | 2018-19 | | |
| କଟକ-II | 3 | 3 | 5 | 4,015 | 1 |
| ରାୟଗଡ଼ା | 2 | 2 | 2 | 2,190 | 8 |
| ବାଲେଶ୍ୱର | 0 | 0 | 0 | 0 | 0 |
| କୋରାପୁଟ | 6 | 6 | 6 | 6,570 | 3,175 |
| ପୁରୀ | 3 | 4 | 4 | 6,205 | 89 |
| ବଲାଙ୍ଗୀର | 8 | 8 | 8 | 8,760 | 10 |

***(ଉତ୍ସ: ନମୁନା ପିଏଚ୍ ଡିଭିଜନ ଦ୍ୱାରା ଦିଆଯାଇଥିବା ସୂଚନା ଏବଂ ରେକର୍ଡଗୁଡ଼ିକ)***

କୋରାପୁଟ ଏବଂ ପୁରୀ ଡିଭିଜନ ବ୍ୟତୀତ, ଅନ୍ୟ ଡିଭିଜନରେ ଭୌତିକ, ରାସାୟନିକ ଏବଂ ଜୀବାଣୁ ପରୀକ୍ଷଣର ଦୈନିକ ସଂଖ୍ୟା, ନର୍ମ ତୁଳନାରେ ଭୂପୃଷ୍ଠ ଉତ୍ସର ବାରମ୍ବାର ପରୀକ୍ଷଣ ଅତ୍ୟନ୍ତ ଅବହେଳିତ ଥିଲା ।

- ***ବଣ୍ଟନ ପ୍ରଣାଳୀରେ ନମୁନା ପରୀକ୍ଷଣରେ ସ୍ୱଳ୍ପତା:*** 2016-19 ମଧ୍ୟରେ ଛଅ ନମୁନା ପିଏଚ୍ ଡିଭିଜନରେ[10] ବଣ୍ଟନ ପ୍ରଣାଳୀର ଉପଲବ୍ଧତା 1.10 ଲକ୍ଷରୁ 1.42 ଲକ୍ଷ ମଧ୍ୟରେ ଥିବାବେଳେ, 2016-19 ମଧ୍ୟରେ ବଣ୍ଟନ ପ୍ରଣାଳୀର ମୋଟ ପରୀକ୍ଷଣ ସଂଖ୍ୟା 5 ରୁ 13,183 ମଧ୍ୟରେ ରହିଥିଲା ଯାହା ନିମ୍ନରେ ବିସ୍ତୃତ ଭାବରେ ଦର୍ଶାଯାଇଛି:

***ସାରଣୀ 2.1.6: 2016-19 ମଧ୍ୟରେ ବଣ୍ଟନ ପ୍ରଣାଳୀର ସଂଖ୍ୟା ସହିତ ନମୁନା ପିଏଚ୍ ଡିଭିଜନ ଦ୍ୱାରା ପରୀକ୍ଷିତ ହୋଇଥିବା ବଣ୍ଟନ ପ୍ରଣାଳୀ ସଂଖ୍ୟା***

| ପିଏଚ୍ ଡିଭିଜନର ନାମ | ବଣ୍ଟନ ପ୍ରଣାଳୀର ସଂଖ୍ୟା | | | 2016-19 ମଧ୍ୟରେ ପରୀକ୍ଷିତ ବଣ୍ଟନ ପ୍ରଣାଳୀଗୁଡ଼ିକର ସଂଖ୍ୟା |
|---|---|---|---|---|
| | 2016-17 | 2017-18 | 2018-19 | |
| କଟକ-II | 20,024 | 21,351 | 29,988 | 5 |
| ରାୟଗଡ଼ା | 9,743 | 10,015 | 12,643 | 18 |
| ବାଲେଶ୍ୱର | 21,197 | 22,170 | 24,543 | 6,178 |
| କୋରାପୁଟ | 20,867 | 22,494 | 25,314 | 4,300 |
| ପୁରୀ | 20,746 | 22,460 | 27,727 | 13,183 |
| ବଲାଙ୍ଗୀର | 17,351 | 17,361 | 21,426 | 17 |
| **ମୋଟ** | **1,09,928** | **1,15,851** | **1,41,641** | **23,701** |

***(ଉତ୍ସ: ନମୁନା ପିଏଚ୍ ଡିଭିଜନ ଦ୍ୱାରା ଦିଆଯାଇଥିବା ସୂଚନା ଏବଂ ରେକର୍ଡଗୁଡ଼ିକ)***

କୋରାପୁଟ, ପୁରୀ ଏବଂ ବାଲେଶ୍ୱର ଡିଭିଜନ ବ୍ୟତୀତ, ଅନ୍ୟ ଡିଭିଜନରେ ଯେଉଁଠାରେ ଲାବୋରେଟୋରୀ ସୁବିଧା ଉପଲବ୍ଧ ଥିଲା, ଅବଶିଷ୍ଟ ତିନୋଟି ବିଭାଗରେ ବଣ୍ଟନ ପ୍ରଣାଳୀର ନମୁନା ପରୀକ୍ଷଣର ବାରମ୍ବାରତା ସ୍ୱଳ୍ପ ଥିଲା ।

- ***ଧାତବ ପାରାମିଟରଗୁଡ଼ିକର ପରୀକ୍ଷା*** : ଓୟୁଡବ୍ଲୁକ୍ୟୁଏମ୍‌ପି 2015 ଅନୁଯାୟୀ, ଧାତବ ପାରାମିଟର ବିପକ୍ଷରେ ଜଳ ଗୁଣବତ୍ତା ପର୍ଯ୍ୟବେକ୍ଷଣ ପ୍ରତ୍ୟେକ ଉତ୍ପାଦନ କୂଅ ଏବଂ ଭୂପୃଷ୍ଠ ଜଳ (ଅଶୋଧିତ ଜଳ ଏବଂ ଗ୍ରହଣ ପଏଣ୍ଟ) ପାଇଁ ସର୍ବନିମ୍ନ ନମୁନା ସଂଗ୍ରହ ବାର୍ଷିକ ଥରେ । ଅଡିଟ୍ ଲକ୍ଷ୍ୟ କଲେ ଯେ ଛଅଟି ପରୀକ୍ଷା ଯାଞ୍ଚ ହୋଇଥିବା ପିଏଚ୍ ଡିଭିଜନ୍ ମଧ୍ୟରୁ ଦୁଇଟି ଡିଭିଜନ (କୋରାପୁଟ, ରାୟଗଡ଼ା) 2016-17 ମଧ୍ୟରେ ପରୀକ୍ଷା ପାଇଁ 30 ଟି ନମୁନା ପଠାଇଛି ଏବଂ ଦୁଇଟି ଡିଭିଜନ (କୋରାପୁଟ ଏବଂ ବଲାଙ୍ଗୀର) 2018-19 ମଧ୍ୟରେ ପରୀକ୍ଷା ପାଇଁ ନଅଟି ନମୁନା ପଠାଇଛି । ସେମାନେ 2017-18 ମଧ୍ୟରେ ପରୀକ୍ଷା ପାଇଁ କୌଣସି ନମୁନା ପଠାଇ ନାହାଁନ୍ତି । ଗୋଟିଏ ଡିଭିଜନ୍ (କଟକ-II) 2016-19 ମଧ୍ୟରେ କୌଣସି ନମୁନା ପଠାଇ ନଥିବା ବେଳେ ଅବଶିଷ୍ଟ ଦୁଇଟି ନମୁନା ଡିଭିଜନ (ପୁରୀ ଏବଂ ବାଲେଶ୍ୱର), 2016-18 ମଧ୍ୟରେ ଧାତୁ ପାରାମିଟର ପରୀକ୍ଷା ପାଇଁ ନମୁନା ପଠାଇ ନଥିଲା । 2018-19 ଅବଧିରେ, ଏସ୍ଏଏଲ୍ ଏହି ଦୁଇଟି ଡିଭିଜନରେ[11] ନମୁନା ସଂଗ୍ରହ ପାଇଁ ନିୟୋଜିତ ହୋଇଥିଲା । ଏହିପରି, 2016-19 ମଧ୍ୟରେ ଉତ୍ପାଦନ କୂଅ ଏବଂ ଭୂପୃଷ୍ଠ ଜଳର ଧାତବ ପାରାମିଟରର ନଗଣ୍ୟ ପରୀକ୍ଷା କରାଯାଇଥିଲା ।

ତେଣୁ, ଭୌତିକ, ରାସାୟନିକ ଏବଂ ଜୀବାଣୁ, ଧାତୁ ଏବଂ କୀଟନାଶକ ପାରାମିଟରଗୁଡ଼ିକର ନିୟମିତ ଜଳ ଗୁଣବତ୍ତା ପରୀକ୍ଷଣର ଅଭାବରୁ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହୋଇପାରି ନଥିଲା ।

ନମୁନା ପରୀକ୍ଷଣରେ ଅଭାବର ସତ୍ୟତାକୁ ନିଶ୍ଚିତ କରି, ନମୁନା ଡିଭିଜନ ଗୁଡ଼ିକରେ ନିର୍ବାହୀ ଯନ୍ତ୍ରୀମାନେ (ଇଇ) ବ୍ୟକ୍ତ କରିଥିଲେ ଯେ ନମୁନା ସଂଗ୍ରହ ତଥା ସଂରକ୍ଷଣ ପାଇଁ ଯୋଗ୍ୟ କର୍ମଚାରୀଙ୍କ ଅଭାବ ହେତୁ ଆବଶ୍ୟକ ସଂଖ୍ୟକ ନମୁନା ପରୀକ୍ଷା ପାଇଁ ପଠାଯାଇପାରି ନଥିଲା ଏବଂ ପ୍ରୋଟୋକଲରେ ଧାର୍ଯ୍ୟ କରାଯାଇଥିବା ନିୟମ ଅନୁଯାୟୀ ଜଳ ନମୁନାକୁ ବାରମ୍ବାର ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ ।

---

[10] ଭୂତଳ ଜଳଭଣ୍ଡାର, ଭୂମି ଉପର ଜଳଭଣ୍ଡାର, ଉଚ୍ଚତର ଷ୍ଟୋରେଜ୍ ଜଳଭଣ୍ଡାର, ଷ୍ଟାଣ୍ଡ ପୋଷ୍ଟ ଏବଂ ଘର ସଂଯୋଗ

[11] ପୁରୀ ଏବଂ ବାଲେଶ୍ୱର

### 2.1.4 ଫିଲ୍ଡ କିଟ୍ ମାଧ୍ୟମରେ ବ୍ୟବହାରକାରୀଙ୍କ ନିକଟରେ ଜଳ ନମୁନା ପରୀକ୍ଷା

ଜାନୁଆରୀ 2015 ରେ ପିଏଚ୍ଇଓ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀରେ ଅଶୋଧିତ ଜଳ ଗ୍ରହଣ ପଏଣ୍ଟ ଠାରୁ ଆରମ୍ଭ କରି ବ୍ୟବହାରକାରୀଙ୍କ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଜଳର ଗୁଣବତ୍ତା ପରୀକ୍ଷା ଏବଂ କ୍ଲୋରିନ୍ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥର ସଠିକ୍ ମିଶ୍ରଣ ଉପରେ ବୈଜ୍ଞାନିକ ପ୍ରଣାଳୀରେ ପର୍ଯ୍ୟବେକ୍ଷଣ କରିବାକୁ ଗୁରୁତ୍ୱାରୋପ କରିଥିଲେ । ପିଏଚ୍ଇଓର ପ୍ରତ୍ୟେକ ବିଭାଗ ଅଧିକାରୀ ପ୍ରତିଦିନ ରାଣ୍ଡମ ପଦ୍ଧତିରେ ଚୟନ କରାଯାଇଥିବା 10 ଟି ଜଳ ନମୁନାର ପରୀକ୍ଷା ବ୍ୟବହାରକାରୀଙ୍କ ନିକଟରେ କରିବାର ଆବଶ୍ୟକ ଥିଲା । ଅଡିଟ୍‌କୁ ପ୍ରଦାନ କରାଯାଇଥିବା ସୂଚନାରୁ, ଏହା ଲକ୍ଷ୍ୟ କରାଯାଇଥିଲା ଯେ ଛଅଟି ନମୁନା ବିଭାଗ ଅଧୀନରେ ଥିବା 60 ଟି ବିଭାଗ/ ୟୁଏଲ୍‌ବି ପରୀକ୍ଷା କୀଟ୍ ମାଧ୍ୟମରେ 2 ରୁ 4 ପାରାମିଟର (ପିଏଚ୍, ବ୍ୟାକ୍ଟେରିଓଲୋଜିକାଲ-$H_2S$[12] ଏବଂ ରେସିଡୁଆଲ କ୍ଲୋରିନ୍ ଏବଂ ଟର୍ବିଡିଟି) ଉପରେ ଜଳ ନମୁନା ପରୀକ୍ଷା କରିଥିଲେ । ଏହି ବିଭାଗଗୁଡ଼ିକର ଜଳ ପରୀକ୍ଷଣ ରେଜିଷ୍ଟର ଏବଂ ଉପଲବ୍ଧ କରାଯାଇଥିବା ସୂଚନାର ଯାଞ୍ଚ କରି, ଅଡିଟ୍ ନିମ୍ନ ବିଷୟ ଗୁଡ଼ିକୁ ଲକ୍ଷ୍ୟ କଲା :

#### *2.1.4.1 ଫିଲ୍ଡ କିଟ୍ ମାଧ୍ୟମରେ ଅବଶିଷ୍ଟ କ୍ଲୋରିନ୍ ପରୀକ୍ଷଣରେ ସ୍ୱଳ୍ପତା*

ଉପରୋକ୍ତ ମାନାଦର୍ଶ ଅନୁଯାୟୀ, ପ୍ରତ୍ୟେକ ବିଭାଗ ପ୍ରତିବର୍ଷ 3,650 ନମୁନା (ଅର୍ଥାତ୍ ପ୍ରତିଦିନ 10 ଟି ନମୁନା) ପରୀକ୍ଷା କରିବାର ଥିଲା । 2016-19 ଅବଧିରେ ଡିଭିଜନ ୱାରୀ ବିଭାଗ ସଂଖ୍ୟା ଏବଂ ପରୀକ୍ଷା ଆବଶ୍ୟକ ଥିବା ଜଳ ନମୁନା ସଂଖ୍ୟା ତଥା ପ୍ରକୃତ ନମୁନା ପରୀକ୍ଷଣ ସଂଖ୍ୟା ସାରଣୀରେ ଦର୍ଶାଯାଇଛି:

*ସାରଣୀ 2.1.7: ପରୀକ୍ଷା ଏବଂ ପ୍ରକୃତରେ ପରୀକ୍ଷଣ ପାଇଁ ଆବଶ୍ୟକ ବିଭାଗର ସଂଖ୍ୟା ଏବଂ ଜଳ ନମୁନା ସଂଖ୍ୟା*

| ପିଏଚ୍ ଡିଭିଜନର ନାମ | ବିଭାଗଗୁଡ଼ିକର ସଂଖ୍ୟା | ପରୀକ୍ଷା କରିବାକୁ ଆବଶ୍ୟକ ନମୁନାଗୁଡ଼ିକର ସଂଖ୍ୟା[13] | ସମୁଦାୟ ରେସିଡୁଆଲ କ୍ଲୋରିନ୍ ପରୀକ୍ଷା କରାଯାଇଥିଲା | ପରୀକ୍ଷଣରେ ଅଭାବ | ଅଭାବର ପ୍ରତିଶତ |
|---|---|---|---|---|---|
| କଟକ II | 8[14] | 87,600 | 27,793 | 59,807 | 68.27 |
| ରାୟଗଡ଼ା | 4 | 43,800 | 4,015 | 39,785 | 90.83 |
| ବାଲେଶ୍ୱର | 13 | 1,42,350 | 6,339 | 1,36,011 | 95.55 |
| କୋରାପୁଟ | 8 | 87,600 | 31,223 | 56,377 | 64.36 |
| ପୁରୀ | 13 | 1,42,350 | 14,006 | 1,28,344 | 90.16 |
| ବଲାଙ୍ଗୀର | 14 | 1,53,300 | 20,590 | 1,32,710 | 86.57 |
| **ମୋଟ** | **60** | **6,57,000** | **1,03,966** | **5,53,034** | **84.18** |

*(ଉତ୍ସ: ନମୁନା ପିଏଚ୍ ଡିଭିଜନ ଗୁଡ଼ିକ ଦ୍ୱାରା ଦିଆଯାଇଥିବା ସୂଚନା ଏବଂ ରେକର୍ଡଗୁଡ଼ିକ)*

ଉପରୋକ୍ତ ସାରଣୀରୁ ଦେଖାଯିବ ଯେ 6.57 ଲକ୍ଷ ନମୁନା ପରୀକ୍ଷାରେ ଆବଶ୍ୟକତା ସ୍ଥଳେ, ରେସିଡୁଆଲ କ୍ଲୋରିନ୍‌ର ମାତ୍ର 1.04 ଲକ୍ଷ (16 ପ୍ରତିଶତ) ନମୁନା ପରୀକ୍ଷା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କରାଯାଇଥିଲା, ଯାହାଫଳରେ 5,53,034 (84 ପ୍ରତିଶତ) ନମୁନା ପରୀକ୍ଷଣର ସ୍ୱଳ୍ପତା ଦେଖାଯାଇଥିଲା । ପରୀକ୍ଷା ପରିଚାଳନାରେ ମାତ୍ରାଧିକ ସ୍ୱଳ୍ପତାର କାରଣ ଥିଲା ସଂପୃକ୍ତ ଅଧିକାରୀଙ୍କ ଅବହେଳା ଏବଂ ପରୀକ୍ଷା ପାଇଁ ଆବଶ୍ୟକ କର୍ମଚାରୀ/ ଉପଯୋଗୀ ସାମଗ୍ରୀର ଅନୁପଲବ୍ଧତା ।

[12] $H_2S$ ଭାଏଲ୍ ହେଉଛି ଏକ ଜୀବାଣୁ କ୍ଷେତ୍ର ପରୀକ୍ଷା କୀଟ୍ ଯାହା ପାନୀୟ ଜଳର ଫେକାଲ୍ ପ୍ରଦୂଷଣ ଚିହ୍ନଟ ପାଇଁ ବ୍ୟବହୃତ ହୁଏ

[13] ବିଭାଗ ସଂଖ୍ୟା * 3,650 * 3 (ବର୍ଷ)

[14] କଟକ ପିଏଚ୍ ଡିଭିଜନ୍ ଅନ୍ତର୍ଗତ ନଅଟି ସେକ୍ସନ୍ ମଧ୍ୟରୁ ଗୋଟିଏ ସେକ୍ସନ୍ (ପାରାଦୀପ ପିଏଚ୍ ସେକ୍ସନ୍) ତଥ୍ୟ ପ୍ରଦାନ କରିନଥିଲେ

କିଛି ଦୃଷ୍ଟାନ୍ତ ନିମ୍ନ ସାରଣୀରେ ଦର୍ଶାଯାଇଛି :

***ସାରଣୀ 2.1.8: ପରୀକ୍ଷା ପରିଚାଳନାରେ ସ୍ୱଳ୍ପତାର କାରଣଗୁଡ଼ିକର ଦୃଷ୍ଟାନ୍ତ***

| ଡିଭିଜନର ନାମ | ଲକ୍ଷ୍ୟ କରାଯାଇଥିବା ଅଭାବ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ |
|---|---|
| ବଲାଙ୍ଗୀର | ମାର୍ଚ୍ଚ 2015 ମସିହାରେ 6.35 ଲକ୍ଷ ଟଙ୍କା ମୂଲ୍ୟରେ କିଣାଯାଇଥିବା ଯନ୍ତ୍ରପାତି ଏବଂ ରାସାୟନିକ ରିଏଜେଣ୍ଟ ଗୁଡ଼ିକର ଉପଲବ୍ଧତା ସତ୍ତ୍ୱେ ସୁବର୍ଣ୍ଣପୁର ଏବଂ ବିନିକା ବିଭାଗ 2016-19 ମଧ୍ୟରେ କୌଣସି କ୍ଲୋରିନ୍ ପରୀକ୍ଷା କରିନଥିଲେ । |
| ରାୟଗଡ଼ା | ରାୟଗଡ଼ା ସେକ୍ସନ-II ରେ ମିଳିତ ବସ୍ତୁଗତ ଯାଞ୍ଚ ସମୟରେ144 ପାଉଚ୍ କ୍ଲୋରିନ୍ ରିଏଜେଣ୍ଟ ଜୁଲାଇ 2017 ଏବଂ ମାର୍ଚ୍ଚ 2018 ରେ ସମାପ୍ତି ତାରିଖ ଅତିକ୍ରମ କରିଥିବା ବିଷୟ ଲକ୍ଷ୍ୟ କରିଥିଲେ (21 ଡିସେମ୍ବର 2019) । ରାସାୟମିକ ରିଏଜେଣ୍ଟ ଉପଲବ୍ଧତା ସତ୍ତ୍ୱେ, ସେକ୍ସନ 2016-17 ରୁ 2017-18 ମଧ୍ୟରେ 7,300 ପରୀକ୍ଷା କରିବାର ଲକ୍ଷ୍ୟ ବିପକ୍ଷରେ କେବଳ 220 ପରୀକ୍ଷା କରିଥିଲା । ଏହା ପରେ ମଧ ସେକ୍ସନକୁ ତାଜା ରାସାୟନିକ ରିଏଜେଣ୍ଟ ଯୋଗାଇ ଦିଆଗଲା ନାହିଁ । |
| କଟକ-II | ଅଡିଟରେ ନଅଟି ସେକ୍ସନ ମଧ୍ୟରୁ ଆଠଟିର ତଥ୍ୟ ଯାଞ୍ଚ ସମୟରେ ଜଣାପଡ଼ିଥିଲା ଯେ 2016-19 ମଧ୍ୟରେ ସାତଟି ସେକ୍ସନ (କେନ୍ଦ୍ରାପଡ଼ା ବ୍ୟତୀତ) କୁ ରାସାୟନିକ ପଦାର୍ଥ, ରିଏଜେଣ୍ଟ ଏବଂ କୀଟ୍ ଯୋଗାଇ ଦିଆଯାଇ ନଥିଲା । ଏହି ସାତଟି ସେକ୍ସନ, ଅଡିଟ୍‌କୁ ସୂଚନା ଦେଲା ଯେ 76,650 ପରୀକ୍ଷଣ ମାନଦଣ୍ଡ ବିପକ୍ଷରେ, ସେମାନେ 25,003 ପରୀକ୍ଷା ନିଜ ଦ୍ୱାରା ରାସାୟନିକ ପଦାର୍ଥ ଏବଂ ରିଏଜେଣ୍ଟ କ୍ରୟ କରି କରିଥିଲେ । ଅଡିଟ୍, ତଥାପି ଦସ୍ତାବିଜ୍ ଯୁକ୍ତ ପ୍ରମାଣ ଅଭାବରୁ ଏହିପରି ଦାବିର ସତ୍ୟତା ଯାଞ୍ଚ କରିପାରି ନଥିଲେ । |

***(ଉତ୍ସ: ରେକର୍ଡରେ ଉପଲବ୍ଧ ତଥ୍ୟ ଏବଂ ନମୁନା ଡିଭିଜନଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଏହାର ଉତ୍ତରରେ, ପାଞ୍ଚ ଜଣ ନିର୍ବାହୀ ଯନ୍ତ୍ରୀ (ପିଏଚ୍ ଡିଭିଜନ୍, ପୁରୀ ବ୍ୟତୀତ), କର୍ମଚାରୀ, ରାସାୟନିକ ପଦାର୍ଥ ଏବଂ ରିଏଜେଣ୍ଟର ଅଭାବ ହେତୁ ପରୀକ୍ଷଣରେ ସ୍ୱଳ୍ପତା ହୋଇଥିବା ନିଶ୍ଚିତ କରିଥିଲେ (ନଭେମ୍ବର 2019 ଫେବୃଆରୀ 2020) ।

### *2.1.4.2 ଫିଲ୍ଡ କୀଟ୍ ମାଧ୍ୟମରେ ପରୀକ୍ଷିତ ଜଳ ନମୁନାଗୁଡ଼ିକର ଅତ୍ୟଧିକ ଉପସ୍ଥାପନ*

2016-19 ମଧ୍ୟରେ ଦୁଇଟି ନମୁନା ପିଏଚ୍ ଡିଭିଜନ[15]ର ନଅଟି ସେକ୍ସନ ଦ୍ୱାରା ପରିଚାଳିତ ରେସିଡୁଆଲ କ୍ଲୋରିନ୍ ପରୀକ୍ଷଣ ଏବଂ ଏଚ୍$_2$ଏସ୍ ପରୀକ୍ଷା ସଂଖ୍ୟାର ଯାଞ୍ଚରୁ ଅଡିଟ୍ ନିମ୍ନ ବିଷୟ ଜାଣିବାକୁ ପାଇଥିଲେ ।

***ସାରଣୀ 2.1.9: ଦୁଇଟି ନମୂନା ପିଏଚ୍ ଡିଭିଜନରେ ରେସିଡୁଆଲ କ୍ଲୋରିନ୍ ଏବଂ ଏଚ୍$_2$ ଏସ୍ ପରୀକ୍ଷଣର ଅତ୍ୟଧିକ ଉପସ୍ଥାପନ***

| ପିଏଚ୍ ଡିଭିଜନର ନାମ | ସେକ୍ସନ ଗୁଡ଼ିକର ସଂଖ୍ୟା | ଅବଶିଷ୍ଟ କ୍ଲୋରିନ୍ ପରୀକ୍ଷା ସଂଖ୍ୟା | $H_2S$ ପରୀକ୍ଷା ସଂଖ୍ୟା | ମୋଟ |
|---|---|---|---|---|
| କୋରାପୁଟ | 2 | 10,523 | 0 | 10,523 |
| କଟକ II | 7 | 25,003 | 26,178 | 51,181 |

***(ଉତ୍ସ: ରେକର୍ଡରେ ଉପଲବ୍ଧ ତଥ୍ୟ ଏବଂ ନମୁନା ଡିଭିଜନଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

2016-19 ଅବଧି ପାଇଁ ଏହି ନଅଟି ସେକ୍ସନର ଷ୍ଟକ୍ ଯାଞ୍ଚରୁ, ଅଡିଟ୍ ଜାଣିବାକୁ ପାଇଲେ ଯେ ଷ୍ଟକରେ କୌଣସି ରାସାୟନିକ ପଦାର୍ଥ ଏବଂ ରିଏଜେଣ୍ଟ ଉପଲବ୍ଧ ନଥିବା ସତ୍ତ୍ୱେ ଏହି ବିଭାଗଗୁଡ଼ିକ କ୍ଲୋରିନ୍ ଏବଂ ଏଚ୍$_2$ଏସ୍ ପରୀକ୍ଷା କରିଥିବା ଦାବି କରିଥିଲେ । ଅଡିଟ୍‌ରେ ସୂଚିତ କରାଯିବା ପରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ କହିଥିଲେ ଯେ ସେମାନେ ନିଜେ ରାସାୟନିକ ପଦାର୍ଥ ଏବଂ ରେଜେଣ୍ଟ କ୍ରୟ କରିଥିଲେ ଯାହା ଷ୍ଟକ୍ ରେଜିଷ୍ଟରରେ ଅନ୍ତର୍ଭୁକ୍ତ କରାଯାଇ ନଥିଲେ । ତଥାପି, ଦସ୍ତାବିଜ୍ ସମର୍ଥିତ ପ୍ରମାଣର ଅନୁପସ୍ଥିତିରେ,

[15] କଟକ ପିଏଚ୍ ଡିଭିଜନ II: 9 ସେକ୍ସନ ଏବଂ କୋରାପିଟ ପିଏଚ୍ ଡିଭିଜନ: 2 ସେକ୍ସନ

ଏବଂ ଏହିପରି ସାମଗ୍ରୀ କ୍ରୟ ପାଇଁ ନିର୍ଦ୍ଦେଶ ଅଭାବରେ, ଦର୍ଶାଯାଇଥିବା ପରୀକ୍ଷଣ ସଂଖ୍ୟାଗୁଡ଼ିକର ସତ୍ୟତା ସନ୍ଦେହଜନକ ଅଟେ।

ସଂପୃକ୍ତ ଇଇ ମାନେ (ନଭେମ୍ବର 2019 ରୁ ଫେବୃଆରୀ 2020) କହିଥିଲେ ଯେ ଷ୍ଟକ୍ ଅନୁଯାୟୀ ପ୍ରକୃତ ପରୀକ୍ଷଣ ସହିତ ଜଳ ପରୀକ୍ଷଣ ରେଜଷ୍ଟରକୁ ସଠିକ୍ ଭାବରେ ପରିଚାଳନା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯିବ। ତଥାପି, ପରୀକ୍ଷଣର ମିଥ୍ୟା ରିପୋର୍ଟ ପ୍ରଦାନର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ।

### 2.1.5 ପରୀକ୍ଷା ରିପୋର୍ଟ ଉପରେ ନିଆଯାଇଥିବା ପ୍ରତିକାର ପଦକ୍ଷେପ

ଓୟୁଡବ୍ଲୁକ୍ୟୁଏମ୍‌ପିର ଅନୁଚ୍ଛେଦ 5.1 ଅନୁଯାୟୀ, ପରୀକ୍ଷା ରିପୋର୍ଟର ଫଳାଫଳଗୁଡ଼ିକ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସଂପୃକ୍ତ ଅଧିକାରୀଙ୍କୁ ଜଣାଇବା କଥା। ଇଆଇସି, ପିଏଚ୍ ନିର୍ଦ୍ଦେଶ ଦେଇଥିଲେ (ନଭେମ୍ବର 2015) ଯେ ପରୀକ୍ଷା ରିପୋର୍ଟଗୁଡ଼ିକର ରେକର୍ଡଗୁଡ଼ିକ ରକ୍ଷଣାବେକ୍ଷଣ, ବିଶ୍ଳେଷଣ ଏବଂ ସୁରକ୍ଷିତ ପାନୀୟ ଜଳ ଯୋଗାଣକୁ ନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଆଇଏସ୍ 10500: 2012 ର ଉଦ୍ଦେଶ୍ୟ ଥିଲା ଜଳ ଉତ୍ସର ଗୁଣବତ୍ତା ଆକଳନ ଏବଂ ଜଳ ବିଶୋଧନ ଏବଂ ଯୋଗାଣର ସଫଳତା ଯାଞ୍ଚ କରିବା। ଗ୍ରହଣୀୟ ଅଧୀନରେ ଉଲ୍ଲେଖ କରାଯାଇଥିବା ମାତ୍ରା ଠାରୁ ଅଧିକ ମାତ୍ରା ଥିବା ଜଳ ଉପଯୁକ୍ତ ନୁହେଁ। ଏକ ବିକଳ୍ପ ଉତ୍ସର ଅନୁପସ୍ଥିତିରେ, ଏପରି ମାତ୍ରାକୁ ସହ୍ୟ କରାଯାଇପାରେ। ତେବେ ବିକଳ୍ପ ଉତ୍ସର ଅନୁପସ୍ଥିତିରେ, ଯଦି ମାତ୍ରା ଅନୁମତି ପ୍ରାପ୍ତ ଅନୁଯାୟୀ ସୂଚିତ ସୀମା ଅତିକ୍ରମ କରେ, ତେବେ ଉତ୍ସଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ। ଏହି ମାନକ, ପାନୀୟ ଜଳ ପାଇଁ ନମୁନା ସଂଗ୍ରହ ଏବଂ ପରୀକ୍ଷଣର ଆବଶ୍ୟକତା ଏବଂ ପଦ୍ଧତିକୁ ବର୍ଣ୍ଣନା କରେ।

2016-19 ମଧ୍ୟରେ ପରୀକ୍ଷିତ ଜଳ ନମୁନା ସଂଖ୍ୟା ଏବଂ ଏହାର ଫଳାଫଳ ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 2.1.10: ନମୁନା ଡିଭିଜନରେ ପରୀକ୍ଷିତ ନମୁନା ସଂଖ୍ୟା ଏବଂ ଏହାର ଫଳାଫଳ***

| ଡିଭିଜନର ନାମ | ନମୁନା ପରୀକ୍ଷା ସଂଖ୍ୟା | ବିଆଇଏସ୍ ସୀମା ବାହାରେ ମିଳିଥିବା ନମୁନା ଗୁଡ଼ିକର ସଂଖ୍ୟା | ବିଆଇଏସ୍ ସୀମା ବାହାରେ ମିଳିଥିବା ନମୁନାଗୁଡ଼ିକର ପ୍ରତିଶତ |
|---|---|---|---|
| ବାଲେଶ୍ୱର | 8,375 | 7,094 | 84.70 |
| କଟକ -II | 69 | 50 | 72.46 |
| ବଲାଙ୍ଗୀର | 38 | 14 | 36.84 |
| ପୁରୀ | 16,200 | 5,166 | 31.89 |
| ରାୟଗଡ଼ା | 228 | 39 | 17.10 |
| କୋରାପୁଟ | 7,481 | 22 | 0.29 |
| **ମୋଟ** | **32,391** | **12,385** | **38.24** |

***(ଉତ୍ସ: ରେକର୍ଡରେ ଉପଲବ୍ଧ ତଥ୍ୟ ଏବଂ ନମୁନା ଡିଭିଜନଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଉପରୋକ୍ତ ସାରଣୀରୁ ଏହା ଜଣାଯାଏ ଯେ ଦୁଇଟି ନମୁନା ଡିଭିଜନର (ବାଲେଶ୍ୱର ଏବଂ କଟକ-II) ଜଳ ନମୁନାଗୁଡ଼ିକର ପରୀକ୍ଷା ଫଳରେ ଜଳର ଗୁଣବତ୍ତା ଯଥାକ୍ରମେ 84.70 ପ୍ରତିଶତ ଏବଂ 72.46 ପ୍ରତିଶତ ଥିବା ସୂଚୀତ କରୁଥିଲା ଏବଂ କୋରାପୁଟ ଡିଭିଜନ କ୍ଷେତ୍ରରେ ତାହା ମାତ୍ର 0.29 ପ୍ରତିଶତ ଥିଲା।

ଉପରୋକ୍ତ ପ୍ରସଙ୍ଗରେ, ଅଡିଟ୍ ନିମ୍ନଲିଖିତ ବିଷୟ ଗୁଡ଼ିକ ଲକ୍ଷ୍ୟ କରିଥିଲେ :

- ଛଅଟି ନମୁନା ଡିଭିଜନର ଲାବୋରେଟରୀ ପରୀକ୍ଷା ରିପୋର୍ଟରେ ଜଳ ନମୁନାରେ ଉଚ୍ଚ ଫେନୋଲ୍ ଯୌଗିକ, ରଙ୍ଗ, ସମୁଦାୟ କ୍ଷାରୀୟତା, ଟର୍ବିଡିଟି, କୋଲିଫର୍ମ, ଏଫ୍ ଷ୍ଟ୍ରେପ୍ଟୋକୋକି ଇତ୍ୟାଦିର ଉପସ୍ଥିତି ବିଷୟ ଜଣା ପଡ଼ିଥିଲା। ବଲାଙ୍ଗୀର, କଟକ II ଏବଂ କୋରାପୁଟ ପିଏଚ୍ ଡିଭିଜନର[16] ଅଳ୍ପ କିଛି ମାମଲା ବ୍ୟତୀତ ଡିଭିଜନ ଗୁଡ଼ିକ ତାହାର ସଂଶୋଧନ ପାଇଁ କୌଣସି ପ୍ରତିକାର ବ୍ୟବସ୍ଥା

[16] ବଲାଙ୍ଗୀର: 4, କଟକ: 1 ଏବଂ କୋରାପୁଟ: 7

ଗ୍ରହଣ କରିନଥିଲେ । କଟକ II ଡିଭିଜନର ସାହାଡ଼ାପଡ଼ା ଠାରେ ଥିବା ଏକ ପିଏଚ୍ ଜଳ ଯୋଗାଣ କ୍ଷେତ୍ରରେ ପାଣିରୁ ଲୌହ କଣିକା ଫିଲ୍ଟର କରିବା ପାଇଁ ଆଇରନ୍ ରିମୁଭାଲ୍ ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା ।

- କୋରାପୁଟ ପିଏଚ୍ ଡିଭିଜନରେ ପରୀକ୍ଷା ଏବଂ କାଲିବ୍ରେସନ୍ ଲାବୋରେଟୋରୀ ପାଇଁ ଜାତୀୟ ସ୍ୱୀକୃତି ବୋର୍ଡ (ଏନ୍ଏବିଏଲ୍) ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଲାବୋରେଟୋରୀ (ଆଇଏମ୍ଏମ୍ଟି, ଭୁବନେଶ୍ୱର) ଦ୍ୱାରା ପାନୀୟ ଜଳରେ ଉଚ୍ଚ ଧାତବ ପଦାର୍ଥର ଉପସ୍ଥିତି ରିପୋର୍ଟ ସତ୍ତ୍ୱେ ଇଇ ଅବଶିଷ୍ଟ 10 ଟି ନମୁନାକୁ ପୁନର୍ବାର ନମୁନିତ କରିନଥିଲେ କିମ୍ବା କୌଣସି ପ୍ରତିକାର ମଧ କରିନଥିଲେ । ଏହା ପରିବର୍ତ୍ତେ 5 ନଭେମ୍ବର 2016 ରେ ଆଇଏମ୍ଏମ୍ଟି ଲାବୋରେଟୋରୀର ରିପୋର୍ଟ ଇଆଇସି ପିଏଚ୍, ଓଡ଼ିଶାକୁ ପଠାଇବା ସମୟରେ, ଇଇ ତଥ୍ୟକୁ ଭୁଲଭାବରେ ଉପସ୍ଥାପନ କରିଥିଲେ ଯେ ଲାବୋରେଟୋରୀକୁ ଆସିଥିବା ଜଳ ପାନୀୟ ଉପଯୋଗୀ ଥିଲା ।
- ଆହୁରି ମଧ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍ପିସିବି) ର କେନ୍ଦ୍ରୀୟ ଲାବୋରେଟୋରୀର ନମୁନା ପରୀକ୍ଷା ରିପୋର୍ଟ (19 ନଭେମ୍ବର 2019) ଅନୁଯାୟୀ କୋରାପୁଟର ପାଞ୍ଚୋଟି ଜଳ ଉତ୍ସରେ ଉଚ୍ଚ ବିଓଡି (4.9), ଉଚ୍ଚ କାଡମିଅମ୍ ଏବଂ ଲୌହ ରହିଥିଲା । ଆଇଏସ୍ 10500:1500 ନିର୍ଦ୍ଧାରିତ ମାନକ ଆଧାରରେ ପାନୀୟ ଜଳର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଏସ୍ପିସିବି ପିଏଚ୍ଇଓକୁ ଏହାର ଜଳ ବିଶୋଧନ ପ୍ଲାଣ୍ଟ (ଡବ୍ଲୁଟିପି)ରେ କୋଲାବ ଜଳ ଭଣ୍ଡାର ଉତ୍ସରୁ ଅଶୋଧିତ ଜଳର ପର୍ଯ୍ୟାପ୍ତ ବିଶୋଧନକୁ ନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲା (ନଭେମ୍ବର 2019)। ତେବେ, ଆଇଏମ୍ଏମ୍ଟି ଲାବୋରେଟୋରୀ, ଭୁବନେଶ୍ୱରର ଜଳ ପରୀକ୍ଷଣ ରିପୋର୍ଟରେ କିମ୍ବା ଏସ୍ପିସିବିର ନମୁନା ପରୀକ୍ଷା ରିପୋର୍ଟରେ ଦର୍ଶାଯାଇଥିବା ତ୍ରୁଟି ଗୁଡ଼ିକର ସମାଧାନ ପାଇଁ ଇଇ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିନଥିଲେ ।

ଜଳକୁ ବ୍ୟବହାର ଯୋଗ୍ୟ କରିବାକୁ ପ୍ରତିକାରାତ୍ମକ ପଦକ୍ଷେପର ଅଭାବରେ, ରାଜ୍ୟର ସହରାଞ୍ଚଳରେ ମାନବ ବ୍ୟବହାର ପାଇଁ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ନିରାପତ୍ତାକୁ ସୁନିଶ୍ଚିତ କରାଯାଇ ପାରୁନଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ ଛଅଟି ନମୁନା ଡିଭିଜନ ମଧ୍ୟରୁ ଚାରୋଟିର ସ୍ଥାନୀୟ ଅଞ୍ଚଳରେ 2016-19 ମଧ୍ୟରେ 53,873 ଜଣ ଜଳବାହିତ ରୋଗରେ ସଂକ୍ରମିତ ହୋଇଥିଲେ ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି :

***ସାରଣୀ 2.1.11: ଚାରୋଟି ନମୁନା ପିଏଚ୍ ଡିଭିଜନ ଅଧିନସ୍ଥ ସ୍ଥାନୀୟ ଅଞ୍ଚଳରେ ଜଳବାହୀ ରୋଗର ବିସ୍ତାର***

| ସିଡିଏମ୍ ଓ ପିଏଚ୍ଓଙ୍କ ନାମ | ଭୀଷଣ ଅମାଶୟ ରୋଗ | ଆନ୍ତ୍ରିକ ଜ୍ୱର (ଟାଇଫଏଡ୍) | ମୋଟ ଭାଇରାଲ୍ ହେପାଟାଇଟ୍ସ | ମୋଟ |
|---|---|---|---|---|
| ବାଲେଶ୍ୱର | 25 | 0 | 30 | 55 |
| ରାୟଗଡ଼ା | 5,277 | 1,165 | 0 | 6,442 |
| କୋରାପୁଟ | 12,666 | 19 | 0 | 12,685 |
| ପୁରୀ | 33,571 | 1,107 | 13 | 34,691 |
| ମୋଟ | **51,539** | **2,291** | **43** | **53,873**[17] |

***(ଉତ୍ସ: ସିଡିଏମ୍ ଏବଂ ପିଏଚ୍ଇଓ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

### 2.1.5.1 ପ୍ରତିକାର ପାଇଁ ରାଜ୍ୟ ଡବ୍ଲୁଟିଏଲ୍‌ର ପରୀକ୍ଷା ରିପୋର୍ଟ କ୍ଷେତ୍ର କାର୍ଯ୍ୟାଳୟ ଗୁଡ଼ିକୁ ପ୍ରେରଣ ନକରିବା

ଓୟୁଡବ୍ଲୁକ୍ୟୁଏମ୍ପି, 2015 ର ପାରା 5.1 ବ୍ୟବସ୍ଥିତ କରେ ଯେ ରାଜ୍ୟ ଡବ୍ଲୁଟିଏଲ୍‌ର ମୁଖ୍ୟ କାର୍ଯ୍ୟ ହେଉଛି ବୋରୱେଲ୍ ଏବଂ ଭୂପୃଷ୍ଠ ଜଳ ଉତ୍ସର ଜଳର ଗୁଣବତ୍ତା ବିଶ୍ଲେଷଣ କରିବା ।

ଏସ୍ଏଲ୍ ସହିତ ହୋଇଥିବା ଚୁକ୍ତିନାମା ଅନୁଯାୟୀ, ରାଜ୍ୟ ଡବ୍ଲୁଟିଏଲ୍ ସମସ୍ତ 19 ଟି ଡିଭିଜନରେ ଥିବା

[17] 2016-17 : 21,511, 2017-18 : 17,036, 2018-19 : 15,326

ସମସ୍ତ ପିଡବ୍ଲୁ, ଭୂପୃଷ୍ଠ ଉତ୍ସରୁ ବର୍ଷରେ ଥରେ ଏବଂ ହ୍ୟାଣ୍ଡପମ୍ପ୍ ଟ୍ୟୁବ୍ ୱେଲ୍ (ଏଚ୍‌ପିଟିଡବ୍ଲୁ) ରୁ ତିନି ବର୍ଷରେ ଥରେ ଜଳ ନମୁନା ସଂଗ୍ରହ ଦାୟିତ୍ୱରେ ଥିଲା । ଅଧିକନ୍ତୁ, ଏହିପରି ସଂଗ୍ରହ କରାଯାଇଥିବା ନମୁନା ଗୁଡ଼ିକ ପରୀକ୍ଷା କରାଯିବ ଏବଂ ପରୀକ୍ଷା ରିପୋର୍ଟ ଗୁଡ଼ିକ ପିଏଚ୍‌ଇଓ କର୍ତ୍ତୃପକ୍ଷଙ୍କୁ ଠିକ୍ ସମୟରେ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ପାଇଁ ପଠାଯିବ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ଏସ୍‌ଏଏଲ୍ ମାର୍ଚ୍ଚ 2018-ମାର୍ଚ୍ଚ 2019 ଅବଧିରେ 10 ଟି ପିଏଚ୍ ଡିଭିଜନ 11,763 ଜଳ ନମୁନା[18] ପରୀକ୍ଷା କରିଥିଲେ । ଅଡିଟ୍ ମାର୍ଚ୍ଚ 2019 ର ପରୀକ୍ଷା ରିପୋର୍ଟ ଯାଞ୍ଚ କରି ଜାଣିବାକୁ ପାଇଲା ଯେ ଫେନୋଲ୍, ଟର୍ବିଡିଟି, କଠିନତା, କ୍ଷାରୀୟତା, କ୍ୟାଲସିଅମ୍, ମ୍ୟାଗ୍ନେସିଅମ୍, ଲୁହା, ଆଲୁମିନିୟମ, କୋଲିଫର୍ମ, ଇ-କୋଲି, ଏଫ୍. ଷ୍ଟ୍ରେପ୍ଟୋକୋକି ଇତ୍ୟାଦିର ଉପସ୍ଥିତି ଯୋଗୁଁ ମାର୍ଚ୍ଚ 2019 ରେ ରାଜ୍ୟ ଡବ୍ଲୁଟିଏଲ୍‌ରେ ପରୀକ୍ଷିତ 762 ନମୁନା[19] (6.48 ପ୍ରତିଶତ)ରେ ଏକ କିମ୍ବା ଅଧିକ ପାରାମିଟରର ବିଆଇଏସ୍ ଗ୍ରହଣୀୟ ସୀମା / ଅନୁମତି ପ୍ରାପ୍ତ ସୀମା ବାହାରେ ରହିଥିଲା । ଅଡିଟ୍ ମାର୍ଚ୍ଚ 2018 ରୁ ଫେବୃଆରୀ 2019 ପର୍ଯ୍ୟନ୍ତ 6.021 ପରୀକ୍ଷା ନମୁନାର ଜଳ ନମୁନା ପରୀକ୍ଷଣ ରିପୋର୍ଟ ପରୀକ୍ଷା ଯାଞ୍ଚ କରିଥିଲେ ଏବଂ ଜାଣିବାକୁ ପାଇଥିଲେ ଯେ ଅଧିକ ରାସାୟନିକ ପଦାର୍ଥର ଉପସ୍ଥିତି ହେତୁ ସମସ୍ତ ନମୁନା ଗୁଡ଼ିକର ପରୀକ୍ଷା ଫଳାଫଳ ଏକ କିମ୍ବା ଅଧିକ ପାରାମିଟରର ବିଆଇଏସ୍ ଗ୍ରହଣୀୟ ସୀମା/ ଅନୁମତି ପ୍ରାପ୍ତ ସୀମା ଅତିକ୍ରମ କରିଥିଲା ।

ଅଡିଟ୍ ଜାଣିବାକୁ ପାଇଲା ଯେ ଏସ୍‌ଏଏଲ୍ ସହିତ ହୋଇଥିବା ଚୁକ୍ତିରେ ସ୍ପଷ୍ଟ କରାଯାଇ ନଥିଲା ଯେ ଏସ୍‌ଏଏଲ୍ ପରୀକ୍ଷା ରିପୋର୍ଟ କେଉଁ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କୁ ଦାଖଲ କରିବ । ଏସ୍‌ଏଏଲ୍ ପରୀକ୍ଷା ରିପୋର୍ଟକୁ ପିଏଚ୍ ଡିଭିଜନ୍, ଭୁବନେଶ୍ୱର ଅନ୍ତର୍ଗତ ପଳାଶୁଣୀ ସବ୍-ଡିଭିଜନରେ କେବଳ ମାସିକ ଓଆଣ୍ଡଏମ୍ ଚାର୍ଜ ପାଇଁ ଦାଖଲ କରିଥିଲା । ପିଏଚ୍ ସବ୍ ଡିଭିଜନ, ପଳାଶୁଣୀ ଏହି ପରୀକ୍ଷା ରିପୋର୍ଟଗୁଡ଼ିକ ଏସ୍‌ଏଏଲ୍‌କୁ ପ୍ରଦାନ କରିବାକୁ ଥିବା ଓଆଣ୍ଡଏମ୍ ଖର୍ଚ୍ଚ ହିସାବ ପାଇଁ ବ୍ୟବହାର କରିଥିଲେ କିନ୍ତୁ ପ୍ରତିକାରାତ୍ମକ ପଦକ୍ଷେପ ପାଇଁ କୌଣସି ପିଏଚ୍ ଡିଭିଜନକୁ ପରୀକ୍ଷା ରିପୋର୍ଟ ଦେଇନଥିଲେ । ଯଦିଓ 2018-19 ମଧ୍ୟରେ 11,763 ଜଳ ନମୁନା ପରୀକ୍ଷା ପାଇଁ ଏସ୍‌ଏଏଲ୍‌କୁ 97.62 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା, ପ୍ରତିକାର ପଦକ୍ଷେପ ପାଇଁ ସଂପୃକ୍ତ ପିଏଚ୍ ଡିଭିଜନଗୁଡ଼ିକ ମଧ୍ୟରେ ପରୀକ୍ଷା ରିପୋର୍ଟ ବଣ୍ଟନ କରିବାର ବ୍ୟବସ୍ଥା ଅଭାବରୁ ଏହି ପରୀକ୍ଷା ରିପୋର୍ଟରୁ କୌଣସି ଲାଭ ମିଳିପାରି ନଥିଲା । ଏହିପରି ରାଜ୍ୟ ଲାବୋରେଟୋରୀ ପରିଚାଳନା ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ ନିଷ୍ଫଳ ହେଲା ।

ଯଦିଓ ଏକ ଗୁଣାତ୍ମକ ପାରାମିଟରକୁ ପାଳନ ନ କରିବା ସ୍ଥଳେ ଅନୁସରଣ କରାଯିବାକୁ ଥିବା ବିସ୍ତୃତ ପଦ୍ଧତି ସମ୍ବଳିତ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଡିସେମ୍ବର 2018 ରେ ସରକାର ଅନୁମୋଦନ କରିଥିଲେ । ନଭେମ୍ବର 2019 ସୁଦ୍ଧା ଏସ୍‌ଓପି ଅନୁସାରେ ପାଳନ କରିବାକୁ ଥିବା ଭୂମିକାକୁ ସ୍ପଷ୍ଟ ଭାବରେ ଦର୍ଶାଇବାକୁ ପିଏଚ୍‌ଇଓ କର୍ତ୍ତୃପକ୍ଷ ଏସ୍‌ଏଏଲ୍ ସହିତ କୌଣସି ଚୁକ୍ତି କରିନଥିଲେ ।

ଏହାର ଉତ୍ତରରେ ଜେନେରାଲ ମ୍ୟାନେଜର ୱାଟ୍‌କୋ ଡିଭିଜନ ସଂଖ୍ୟା 1 କହିଥିଲେ (ସେପ୍ଟେମ୍ବର 2020) ଯେ, ଜୁଲାଇ 2020 ଠାରୁ ପରୀକ୍ଷା ରିପୋର୍ଟ ଗୁଡ଼ିକ ସଂପୃକ୍ତ କ୍ଷେତ୍ର କାର୍ଯ୍ୟାଳୟକୁ ନିୟମିତ ଭାବରେ ସେମାନଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଉଛି ।

### 2.1.5.2 ରାଣ୍ଡମ୍ ପଦ୍ଧତିରେ ମିଳିତ ନମୁନା ସଂଗ୍ରହର ଜଳ ପରୀକ୍ଷଣ ରିପୋର୍ଟର ଫଳାଫଳ: ଅସୁରକ୍ଷିତ ପାନୀୟ ଜଳ ଯୋଗାଣ

ପରୀକ୍ଷା ଯାଞ୍ଚ ହୋଇଥିବା ପିଏଚ୍ ଡିଭିଜନରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ଗୁଣବତ୍ତା ଜାଣିବା ପାଇଁ ଅଡିଟ୍‌ର ଅନୁରୋଧ କ୍ରମେ ସାତଟି ପିଏଚ୍ ଡିଭିଜନ ଅଧୀନରେ ଥିବା ଆଠଟି[20] ସହରାଞ୍ଚଳର 32 ଉତ୍ସ/

18 ଭୂପୃଷ୍ଠ ଉତ୍ସ:100; ହ୍ୟାଣ୍ଡ ପମ୍ପ ଟ୍ୟୁବ୍ ୱେଲ୍: 9,913; ଉତ୍ପାଦନ କୂପ:1,750

19 ଭୂପୃଷ୍ଠ ଉତ୍ସ:4, ଉତ୍ପାଦନ କୂପ:11 ଏବଂ ହ୍ୟାଣ୍ଡ ପମ୍ପ ଟ୍ୟୁବ୍ ୱେଲ୍:747

20 ଭୁବନେଶ୍ୱର (6), ଚୌଦ୍ୱାର (4), ରାୟଗଡ଼ା (4), ସୁନାବେଡ଼ା(3), କୋରାପୁଟ (3), ବାଲେଶ୍ୱର (4), ପୁରୀ (4), ବଲାଙ୍ଗୀର (4)

ସ୍ଥାନରୁ ମିଳିତ ଜଳ ନମୁନା ନିଆଯାଇଥିଲା ଏବଂ ତାହା ରାଜ୍ୟ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ (ଆର୍‌ଡବ୍ଲୁଏସ୍ ଆଣ୍ଡ ଏସ୍) ଜଳ ପରୀକ୍ଷଣ ଲାବୋରେଟୋରୀ ଖଣ୍ଡଗିରି (ଏନ୍‌ଏବିଏଲ୍ ସ୍ୱୀକୃତ) ଭୁବନେଶ୍ୱରରେ 16 ରୁ 71 ପାରାମିଟର (ଭୌତିକ, ରାସାୟନିକ, ଜୀବାଣୁ, କୀଟନାଶକ ଏବଂ ଧାତୁ) ଆଧାରରେ ପରୀକ୍ଷା କରାଯାଇଥିଲା (ନଭେମ୍ବର 2019-ମାର୍ଚ୍ଚ 2020)।

ପରୀକ୍ଷା ଫଳାଫଳର ବିଶ୍ଳେଷଣ ଆଧାରରେ ଅଡିଟ୍ ନିମ୍ନଲିଖିତ ବିଷୟ ଗୁଡ଼ିକ ଲକ୍ଷ୍ୟ କରିଥିଲା:

- ପ୍ରାପ୍ତ 32 ଟି ପରୀକ୍ଷା ରିପୋର୍ଟ ମଧ୍ୟରୁ, ଆଠଟି ସହରାଞ୍ଚଳର 31 ଉତ୍ସ/ ସ୍ଥାନଗୁଡ଼ିକର ଜଳ ନମୁନା ଗୁଡ଼ିକ ଏକରୁ ସାତ ପାରାମିଟର ଗୁଡ଼ିକ ଉପରେ ବିଆଇଏସ୍ ଗ୍ରହଣୀୟ / ଅନୁମତି ପ୍ରାପ୍ତ ସୀମା ବାହାରେ ଥିବା କାରଣରୁ ଅସୁରକ୍ଷିତ ବୋଲି ଜଣାପଡ଼ିଥିଲା।
- ଉଚ୍ଚ ଟର୍ବିଡିଟି (22 ନମୁନା), ଉଚ୍ଚ ଲୌହ ପଦାର୍ଥ (5 ନମୁନା), ମୋଟ କୋଲିଫର୍ମ (17 ନମୁନା), ଫେକାଲ କୋଲିଫର୍ମ (10 ନମୁନା), ଇ-କୋଲି(8 ନମୁନା), ମାଙ୍ଗାନିଜ୍ (8 ନମୁନା), ଆଲୁମିନିୟମ (10 ନମୁନା), ନାଇଟ୍ରେଟ୍ (3 ନମୁନା), କ୍ୟାଲସିଅମ୍ (3 ନମୁନା), ମୋଟ କଠିନତା (7 ନମୁନା) ଏବଂ ପିଏଚ୍ (7 ନମୁନା) ସମୁଦାୟ କ୍ଷାରିୟତା (6 ନମୁନା), ମ୍ୟାଗ୍ନେସିଅମ୍ (4 ନମୁନା) ଏବଂ କ୍ଲୋରାଇଡ୍ (3 ନମୁନା) ର ଉପସ୍ଥିତି ଯୋଗୁଁ ଏହି ଉତ୍ସ ଗୁଡ଼ିକ ପିଇବା ପାଇଁ ଅସୁରକ୍ଷିତ ବୋଲି ଜଣାପଡ଼ିଲା।
- ପରୀକ୍ଷିତ ନମୁନା ଗୁଡ଼ିକ 41 ପାରାମିଟର କ୍ଷେତ୍ରରେ ଗ୍ରହଣୀୟ ସୀମା ବାହାରେ ଏବଂ ଉଚ୍ଚ ଟର୍ବିଡିଟି, ମୋଟ କୋଲିଫର୍ମ, ଫେକାଲ କୋଲିଫର୍ମ, ଲୁହା, ମ୍ୟାଗ୍ନିସିଅମ୍ ଇତ୍ୟାଦି ଉପସ୍ଥିତି ହେତୁ 72 ପାରାମିଟର କ୍ଷେତ୍ରରେ ଅନୁମତି ପ୍ରାପ୍ତ ବିଆଇଏସ୍ ସୀମା ବାହାରେ ବୋଲି ଜଣାପଡ଼ିଥିଲା ଯାହା ପାନୀୟ ଜଳର ଅନୁପଯୁକ୍ତତାକୁ ସୂଚାଇଥାଏ।

ରାଣ୍ଡମ୍ ନମୁନା ପରୀକ୍ଷଣ ପାନୀୟ ଜଳରେ ଅସୁରକ୍ଷିତ ରାସାୟନିକ ପଦାର୍ଥ, ଜୀବାଣୁ ଏବଂ ଧାତୁର ଉପସ୍ଥିତି ସୂଚାଉ ଥିଲା ଯେ ସହରାଞ୍ଚଳର ଲୋକଙ୍କୁ ସୁରକ୍ଷିତ ପାନୀୟ ଜଳ ନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇନଥିଲା। ଅଧିକନ୍ତୁ ଜଳ ନମୁନା ଗୁଡ଼ିକର ପରୀକ୍ଷା ରିପୋର୍ଟ ଗୁଡ଼ିକ ଉପରେ ପିଏଚ୍ ଇଓ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିକାର ପଦକ୍ଷେପର ଅଭାବ ଥିଲା।

ଏହାର ଉତ୍ତରରେ, ଇଆଇସି, ପିଏଚ୍ କହିଲେ (ସେପ୍ଟେମ୍ବର 2020) ଯେ ଜଳ ନମୁନା ସଂଗ୍ରହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଜଳ ନମୁନା ସଂଗ୍ରହ ସମୟରେ କୌଣସି ଅସାବଧାନତା ମନୋଭାବ ତ୍ରୁଟିପୂର୍ଣ୍ଣ ଫଳାଫଳ ପ୍ରଦାନ କରିବ ଏବଂ ମିଳିତ ନମୁନା ସଂଗ୍ରହକୁ ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ। ଆଇଏମ୍‌ଏମ୍‌ଟି କିମ୍ବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଲାବୋରେଟୋରୀ ସହିତ ଉପଯୁକ୍ତ ପ୍ରକ୍ରିୟା ମାଧ୍ୟମରେ ମିଳିତ ପରୀକ୍ଷା କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଇଆଇସି, ପିଏଚ୍‌ର ଜବାବ ଏହି ବିଷୟକୁ ସ୍ପଷ୍ଟ କରିଥିଲା ଯେ ଜଳ ପରୀକ୍ଷା ଦେୟ ଏବଂ ନମୁନା ସଂଗ୍ରହ ଦିଗରେ ପ୍ରତି ବର୍ଷ ଉଲ୍ଲେଖନୀୟ ଖର୍ଚ୍ଚ ସତ୍ତ୍ୱେ ପିଏଚ୍‌ଇଓର ନିଜସ୍ୱ କର୍ମଚାରୀ ଏବଂ ଏସ୍‌ଏଏଲ୍ କର୍ମଚାରୀଙ୍କ ଉପରେ ଯଥେଷ୍ଟ ଆତ୍ମ ବିଶ୍ୱାସ ନାହିଁ।

### 2.1.6 ଭିତ୍ତିଭୂମି ଏବଂ ମାନବ ଶକ୍ତିର ଉପଲବ୍ଧତା

ଜଳର ନିର୍ଦ୍ଦିଷ୍ଟ ନମୁନା ପରୀକ୍ଷଣ ପରିଚାଳନାରେ ବୃହତ୍ ସ୍ୱଳ୍ପତା ଯାହା ***ଅନୁଚ୍ଛେଦ 2.1.3*** ଏବଂ ***2.1.4*** ରେ ଆଲୋଚନା ହୋଇଥିଲା। ଏହାର ପୃଷ୍ଠ ଭୂମିରେ ଅଡିଟ୍ ଓ୍ୱାଟ୍‌ସନ୍‌ଡବ୍ଲୁକ୍ୟୁଏମ୍‌ପି ଅନୁଯାୟୀ ଜଳର ନମୁନା ପରୀକ୍ଷା କରିବା ପାଇଁ ଆବଶ୍ୟକ ଯନ୍ତ୍ରପାତି / ଯନ୍ତ୍ରର ଉପଲବ୍ଧତାକୁ ବିଶ୍ଳେଷଣ କରିଥିଲେ। ଉପକରଣ / ଯନ୍ତ୍ରର ଅନୁପଲବ୍ଧତା ଏବଂ ତାଲିମପ୍ରାପ୍ତ ମାନବ ସମ୍ବଳ ତଥା ଉପଲବ୍ଧ ଉପକରଣ / ଯନ୍ତ୍ରର ଉପଯୋଗ ନକରିବାର ଦୃଷ୍ଟାନ୍ତ ଅଡିଟ୍ ଲକ୍ଷ୍ୟ କରିଥିଲେ ଯାହାକି ନିମ୍ନରେ ଆଲୋଚନା କରାଯାଇଛି।

### 2.1.6.1 ଡବ୍ଲୁଟିଏଲ୍ ଗୁଡ଼ିକରେ ପର୍ଯ୍ୟାପ୍ତ ଉପକରଣ/ ଯନ୍ତ୍ରର ଅଭାବ

ଓ୍ୱାଟକୋ ପ୍ରାଥମିକ ଡବ୍ଲୁଟିଏଲ୍‌ଗୁଡ଼ିକ ପାଇଁ 15 ଟି ଉପକରଣ/ ଯନ୍ତ୍ର ନିର୍ଦ୍ଧାରଣ କରିଛି । ଅଡିଟ୍ ତିନୋଟି ଡବ୍ଲୁଟିଏଲ୍ (ସୁନାବେଡ଼ା, କୋରାପୁଟ ଏବଂ ଜୟପୁର) ରେ ଯନ୍ତ୍ରପାତି / ଯନ୍ତ୍ରର ଉପଲବ୍ଧତାକୁ ସମୀକ୍ଷା କରି ଜାଣିବାକୁ ପାଇଲା ଯେ ଓ୍ୱାଟକୋରେ ଧାର୍ଯ୍ୟ ସମସ୍ତ ମାନଦଣ୍ଡ ଉପରେ ପରୀକ୍ଷା କରିବା ପାଇଁ କୌଣସି ନମୁନା ଡବ୍ଲୁଟିଏଲ୍ ସମ୍ପୂର୍ଣ୍ଣ ସଜିତ ନୁହେଁ ।

- କୋରାପୁଟସ୍ଥିତ ଡବ୍ଲୁଟିଏଲ୍‌ରେ ଜଳ ପରୀକ୍ଷା ଏବଂ ସୁରକ୍ଷା ଉପକରଣ ପାଇଁ 12 ଟି ନିର୍ଦ୍ଧାରିତ ଉପକରଣ / ଯନ୍ତ୍ରର ଅଭାବ ଥିଲା । ଆବଶ୍ୟକ ଉପକରଣର ଅନୁପସ୍ଥିତିରେ ଜଳରେ କ୍ଲୋରିନର ଉପସ୍ଥିତି, ଜୀବାଣୁ ଇତ୍ୟାଦିର ଯାଞ୍ଚ ସମ୍ଭବ ନଥିଲା ।
- ଜୟପୁରସ୍ଥିତ ଡବ୍ଲୁଟିଏଲ୍‌ରେ ନଅଟି ନିର୍ଦ୍ଧାରିତ ଉପକରଣ/ ଯନ୍ତ୍ର ଉପଲବ୍ଧ ନଥିଲା । ସେଥିମଧ୍ୟରୁ ଚାରୋଟି ଯନ୍ତ୍ରପାତି/ ଯନ୍ତ୍ର ଜଳ ପରୀକ୍ଷା ପାଇଁ ଜୀବାଣୁ ଗଣନା, ଡିଷ୍ଟିଲେସନ୍, କୁଲିଙ୍ଗ୍ ଇତ୍ୟାଦି ପାଇଁ ଉଦ୍ଦିଷ୍ଟ ଏବଂ ଅବଶିଷ୍ଟ ଗୁଡ଼ିକ ହେଉଛି ସୁରକ୍ଷା ଉପକରଣ । ଜାର ଟେଷ୍ଟ ଉପକରଣ[21] ଯଦିଓ ଉପଲବ୍ଧ ତାହା ତାଲିମପ୍ରାପ୍ତ କର୍ମଚାରୀଙ୍କ ଅଭାବ ହେତୁ ବ୍ୟବହାର ହୋଇପାରି ନଥିଲା ।
- ସୁନାବେଡ଼ାସ୍ଥିତ ଡବ୍ଲୁଟିଏଲ୍‌ରେ ମଧ ଛଅଟି ନିର୍ଦ୍ଧାରିତ ଉପକରଣ/ ଯନ୍ତ୍ର ଉପଲବ୍ଧ ନଥିଲା । ଉପଲବ୍ଧ ଯନ୍ତ୍ରପାତି ମଧ୍ୟରୁ ଫେବୃଆରୀ 2016 ଠାରୁ ତିନୋଟି ଯନ୍ତ୍ର[22] କାର୍ଯ୍ୟକ୍ଷମ ନଥିଲା । ତଥାପି ଉପକରଣର ମରାମତି କିମ୍ବା ପରିବର୍ତ୍ତନ ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା ।

ଏହିପରି, ଅଭାବି ଭିତ୍ତିଭୂମି ସୂଚାଉଥିଲା ଯେ ଡବ୍ଲୁଟିଏଲ୍ ଗୁଡ଼ିକ ଯନ୍ତ୍ରପାତି / ଯନ୍ତ୍ର ସହିତ ପର୍ଯ୍ୟାପ୍ତ ପରିମାଣରେ ସଜିତ ନଥିଲା ଏବଂ ଗୁଣାତ୍ମକ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବାକୁ ବିହିତ ଗୁଣାତ୍ମକ ପରୀକ୍ଷା କରିବା ପାଇଁ ତାଲିମପ୍ରାପ୍ତ ମାନବ ସମ୍ବଳର ଅଭାବ ରହିଥିଲା ।

ଏହାର ଉତ୍ତରରେ ଇଇ ମାନେ ତଥ୍ୟ ଗୁଡ଼ିକ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ ଯୋଗ୍ୟ କର୍ମଚାରୀଙ୍କ ଅନୁପସ୍ଥିତି ହେତୁ ଓ୍ୱାଟକୋ ଅନୁଯାୟୀ ଶତ ପ୍ରତିଶତ ଗୁଣାତ୍ମକ ଯାଞ୍ଚ କରାଯାଇପାରି ନାହିଁ ।

ଏହାର ଉତ୍ତରରେ, ଇଇ ମାନେ ତଥ୍ୟ ଗୁଡ଼ିକୁ ନିଶ୍ଚିତ କରିଥିଲେ ଏବଂ କହିଥିଲେ ଯେ ଯୋଗ୍ୟ କର୍ମଚାରୀଙ୍କ ଅଭାବରୁ ଓ୍ୱାଟକୋ ବ୍ୟବସ୍ଥିତ ଶତ ପ୍ରତିଶତ ଗୁଣାତ୍ମକ ଯାଞ୍ଚ କରାଯାଇପାରି ନଥିଲା ।

### 2.1.6.2 ଅବ୍ୟବହୃତ ଉପଲବ୍ଧ ଉପକରଣ/ ଯନ୍ତ୍ର ଏବଂ ରାସାୟନିକ ପଦାର୍ଥ

ଅଡିଟ୍ ଛଅଟି ନମୁନା ପିଏଚ୍ ଡିଭିଜନ ମଧ୍ୟରୁ ପାଞ୍ଚଟିରେ 68.07 ଲକ୍ଷ ଟଙ୍କାର ମୂଲ୍ୟର ଉପଲବ୍ଧ ଉପକରଣ/ ଯନ୍ତ୍ର ଏବଂ ରାସାୟମିକ ପଦାର୍ଥର ଅନୁପଯୋଗ ଦୃଷ୍ଟାନ୍ତ ପାଇଥିଲେ । ଏଥିରେ ପୁରୀ ଏବଂ ବାଲେଶ୍ୱରରେ ଡିଭିଜନ ଡବ୍ଲୁଟିଏଲ୍ ପାଇଁ କିଣା ଯାଇଥିବା 19.13 ଲକ୍ଷ ଟଙ୍କାର ସାମଗ୍ରୀ ଅନ୍ତର୍ଭୁକ୍ତ କରାଯାଇଥିଲା ଯାହା ପିପିପି ଢାଞ୍ଚାରେ ଚାଲିଥିଲା । ନମୁନା ଡିଭିଜନରେ ଅବ୍ୟବହୃତ ଉପକରଣର ବିବରଣୀ ଏବଂ ଏହାର ମୂଲ୍ୟର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 2.1.12: ପିଏଚ୍ ଡିଭିଜନ ଦ୍ୱାରା ଅବ୍ୟବହୃତ ଉପକରଣ/ ଯନ୍ତ୍ର ଦର୍ଶାଉଥିବା ବିବରଣୀ***

| କ୍ର. ସଂ. | ପିଏଚ୍ ଡିଭିଜନର ନାମ | ଡବ୍ଲୁଟିଏଲ୍/ସେକ୍ସନର ନାମ | ଅବ୍ୟବହୃତ ଯନ୍ତ୍ରପାତି/ ଯନ୍ତ୍ର/ ରାସାୟନିକ ସଂଖ୍ୟା | କ୍ରୟ ସମୟ | ଉପକରଣର ମୂଲ୍ୟ (ଟଙ୍କା ଲକ୍ଷରେ) |
|---|---|---|---|---|---|
| 1. | ବାଲେଶ୍ୱର | ନୀଳଗିରି ଏବଂ ଭଦ୍ରକ ସେକ୍ସନ I ଏବଂ II | 779 | ମାର୍ଚ୍ଚ 2016 | 4.69 |
| | | ଡିଭିଜନ ସ୍ତରୀୟ ଡବ୍ଲୁଟିଏଲ୍, ବାଲେଶ୍ୱର | 5 | 2017-18 | 7.47 |

[21] ଅଶୋଧିତ ଜଳରେ ରାସାୟନିକ (ଆଲମ୍) ର ମାତ୍ରା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ହୁଏ

[22] କଣ୍ଡକ୍ଟିଭିଟି ମିଟର, କଲର କମ୍ପାରେଟର ଏବଂ କଲୋନି କାଉଣ୍ଟର

| କ୍ର. ସଂ. | ପିଏଚ୍ ଡିଭିଜନର ନାମ | ଡବ୍ଲୁଟିଏଲ୍/ସେକ୍ସନର ନାମ | ଅବ୍ୟବହୃତ ଯନ୍ତ୍ରପାତି/ ଯନ୍ତ୍ର/ ରାସାୟନିକ ସଂଖ୍ୟା | କ୍ରୟ ସମୟ | ଉପକରଣର ମୂଲ୍ୟ (ଟଙ୍କା ଲକ୍ଷରେ) |
|---|---|---|---|---|---|
| 2. | ପୁରୀ | ଡିଭିଜନ ସ୍ତରୀୟ ଡବ୍ଲୁଟିଏଲ୍, ପୁରୀ | 10 | 2017-18 | 11.66 |
| | | ନିମାପଡ଼ା ସେକ୍ସନ | 103 | ମାର୍ଚ୍ଚ 2014 | 4.78 |
| 3. | ରାୟଗଡ଼ା | ଡବ୍ଲୁଟିପି, ରାୟଗଡ଼ା | 9 | 2016-18 | 3.77 |
| 4. | କୋରାପୁଟ | ସୁନାବେଡ଼ା, ଜୟପୁର ଏବଂ କୋରାପୁଟରେ ଥିବା ଡବ୍ଲୁଟିଏଲ୍ | 43 | 2013-18 | 13.43 |
| 5. | ବଲାଙ୍ଗୀର | ବଲାଙ୍ଗୀର କଲେଜ ଛକ, ସୁବର୍ଣ୍ଣପୁର, ବିନିକା, ଶିବତାଲା ଏବଂ ବୌଦ୍ଧ ସେକ୍ସନ | 64 | ମାର୍ଚ୍ଚ 2015- ଅପ୍ରେଲ 2016 | 22.27 |
| | | ମୋଟ | **1,013** | | **68.07** |

***(ଉତ୍ସ: ଡିଭିଜନ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଏବଂ ରେକର୍ଡ ଗୁଡ଼ିକ)***

ଉପଲବ୍ଧ ଉପକରଣର ବ୍ୟବହାର ନକରିବାର କିଛି ଦୃଷ୍ଟାନ୍ତ ନିମ୍ନରେ ଆଲୋଚନା କରାଯାଇଛି:

- ***ବାଲେଶ୍ୱର ଡିଭିଜନ ଡବ୍ଲୁଟିଏଲ୍‌ରେ ଅବ୍ୟବହୃତ ଉପକରଣ/ ଯନ୍ତ୍ରପାତି :*** ପିପିପି ଢାଞ୍ଚାରେ ଚଳିତ ବାଲେଶ୍ୱରରେ ଥିବା ଡିଭିଜନ ଡବ୍ଲୁଟିଏଲ୍ ମାର୍ଚ୍ଚ 2018 ରେ କାର୍ଯ୍ୟକ୍ଷମ ହୋଇଥିଲା । ଚୁକ୍ତିନାମା ଅନୁଯାୟୀ, ଏଚ୍‌ଆଣ୍ଡୟୁଡି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ଆର୍ଥିକ ଅନୁଦାନରେ 1.14 କୋଟି ଟଙ୍କା ମୂଲ୍ୟର ଯନ୍ତ୍ରପାତି ଘରୋଇ ଭାଗିଦାର ଦ୍ୱାରା କ୍ରୟ କରାଯାଇଥିଲା । ଏଥିମଧ୍ୟରୁ 7.47 ଲକ୍ଷ ଟଙ୍କାର ଉପକରଣ କ୍ରୟ ପରଠାରୁ (ମାର୍ଚ୍ଚ 2018) ନିଷ୍କ୍ରିୟ ରହିଥିବା ଅଡିଟ୍ ଜାଣିବାକୁ ପାଇଲା । ନିଷ୍କ୍ରିୟ ଉପକରଣ ମଧ୍ୟରେ ବର୍ଜ୍ୟ ଜଳ ବିଶୋଧନ ପାଇଁ ଆବଶ୍ୟକ 3.57 ଲକ୍ଷ ଟଙ୍କା ମୂଲ୍ୟର ବାୟୋକେମିକାଲ୍ ଅମ୍ଳଜାନ ଡିମାଣ୍ଡ ଏବଂ ରାସାୟନିକ ଅମ୍ଳଜାନ ଡିମାଣ୍ଡ ଇନକ୍ୟୁବେଟର ଅନ୍ତର୍ଭୁକ୍ତ ।
- ***ପୁରୀ ଡିଭିଜନ୍ ଡବ୍ଲୁଟିଏଲ୍‌ରେ ଅବ୍ୟବହୃତ ଉପକରଣ/ ଯନ୍ତ୍ରପାତି:*** ଅଡିଟ୍ ଜାଣିବାକୁ ପାଇଲେ ଯେ ପିପିପି ଢାଞ୍ଚା ଅନ୍ତର୍ଗତ ଡବ୍ଲୁଟିଏଲ୍‌ରେ କାର୍ଯ୍ୟ ଆରମ୍ଭ (ମାର୍ଚ୍ଚ 2018) ହେବା ଦିନ ଠାରୁ 11.66 ଲକ୍ଷ ଟଙ୍କାର ଦଶଟି ଉପକରଣ/ ଯନ୍ତ୍ରପାତି ନିଷ୍କ୍ରିୟ/ ଅବ୍ୟବହୃତ ହୋଇରହିଥିଲା । କ୍ଲୋରିନ୍ ପରୀକ୍ଷା, ବର୍ଜ୍ୟ ଜଳରେ ଅମ୍ଳଜାନର ଘନତା, ଆଲମ୍ ଡୋଜିଂ ଇତ୍ୟାଦି ପାଇଁ ଏହି ଉପକରଣ କ୍ରୟ କରାଯାଇଥିଲା । ଏହା ଇଇ, ପିଏଚ୍ ଡିଭିଜନ୍, ପୁରୀ ଦ୍ୱାରା ଦୁର୍ବଳ ପର୍ଯ୍ୟାଲୋଚନାକୁ ସୂଚିତ କରୁଥିଲା ।
- ***ରାଜ୍ୟସ୍ତରୀୟ ପିଏଚ୍ ଲାବୋରେଟୋରୀ (ବିଭାଗୀୟ):*** ରାଜ୍ୟ ଡବ୍ଲୁଟିଏଲ୍ (ବିଭାଗୀୟ) ଫେବୃଆରୀ 2018 ପର୍ଯ୍ୟନ୍ତ ପିଏଚ୍‌ଇଓର ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିଲା । ମାର୍ଚ୍ଚ 2018 ଠାରୁ ଏକ ନୂତନ ରାଜ୍ୟସ୍ତରୀୟ ଡବ୍ଲୁଟିଏଲ୍ ପିପିପି ଢାଞ୍ଚାରେ ସ୍ଥାପିତ ହୋଇଥିଲା । ଏହା ଦେଖାଗଲା ଯେ ଡବ୍ଲୁଟିଏଲ୍ ପାଇଁ 74.70 ଲକ୍ଷ ଟଙ୍କା ମୂଲ୍ୟର ଚାରୋଟି ଉପକରଣ/ ଯନ୍ତ୍ରପାତି କ୍ରୟ କରାଯାଇଥିଲା (2015-17), କିନ୍ତୁ ପରୀକ୍ଷା ପାଇଁ ଜଳ ନମୂନା ନ ମିଳିବା କାରଣରୁ ଅବ୍ୟବହୃତ ରହିଥିଲା । ଏହି ଉପକରଣଗୁଡ଼ିକର ଉପଲବ୍ଧତା ସତ୍ତ୍ୱେ, ପିପିପି ଅଧିନରେ ସ୍ଥାପିତ



*ପିପିପି ମୋଡ଼ରେ ନୂତନ ଲ୍ୟାବ୍ ପ୍ରତିଷ୍ଠା ପରେ, କୌଣସି କାର୍ଯ୍ୟ ଅଭାବରୁ, ପୁରୁଣା ରାଜ୍ୟ ପିଏଚ୍ ଲ୍ୟାବ୍, ଭୁବନେଶ୍ୱରରେ ଟୋଟାଲ ଅର୍ଗାନିକ୍ କାର୍ବନ ଆନାଲାଇଜର ନିଷ୍କ୍ରିୟ ହୋଇପଡ଼ିଛି*

ଡବ୍ଲୁଟିଏଲ୍ ପାଇଁ ବିଭାଗର ଆର୍ଥିକ ସହାୟତାରେ ପୁନର୍ବାର 99.50 ଲକ୍ଷ ଟଙ୍କା ମୂଲ୍ୟରେ ସେଗୁଡ଼ିକୁ କ୍ରୟ କରାଯାଇଥିଲା । ଏହିପରି, ଘରୋଇ ସଂସ୍ଥାକୁ ଜଳ ପରୀକ୍ଷଣ ପାଇଁ ଆଉଟସୋର୍ସିଂ କରିବା ସମୟରେ ଉପଲବ୍ଧ ଯନ୍ତ୍ରପାତିର ବ୍ୟବହାର ପାଇଁ ପିଏଚ୍ଇଓ କୌଣସି ପ୍ରଭାବ ପକାଇ ନଥିଲା, ଫଳସ୍ୱରୂପ 99.50 ଲକ୍ଷ ଟଙ୍କା ବ୍ୟୟକୁ ଏଡ଼ାଇ ଦିଆଯାଇପାରି ନଥିଲା ।

ଏହାର ଉତ୍ତରରେ, ଇଇ ମାନେ କହିଥିଲେ ଯେ ବୈଷୟିକ ଜ୍ଞାନଯୁକ୍ତ ମାନବ ଶକ୍ତି ଏବଂ ରାସାୟନିକ ରି-ଏଜେଣ୍ଟ ଅଭାବ ହେତୁ ଉପକରଣ/ ଯନ୍ତ୍ରପାତି ବ୍ୟବହାର କରାଯାଇପାରି ନଥିଲା ଏବଂ ଶୀଘ୍ର ଉପକରଣ/ ଯନ୍ତ୍ରର ବ୍ୟବହାର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟସ୍ତରୀୟ ପିଏଚ୍ ଲ୍ୟାବ୍ (ବିଭାଗୀୟ) ବିଷୟରେ, ଜେନେରାଲ ମ୍ୟାନେଜର ଓ୍ୱାଟକୋ, ଡିଭିଜନ୍ ସଂଖ୍ୟା I କହିଥିଲେ (ସେପ୍ଟେମ୍ବର 2020) ଯେ ଲାବୋରେଟୋରୀ ବନ୍ଦ ହୋଇଯାଇଥିଲା ଏବଂ ବର୍ତ୍ତମାନ ସମସ୍ତ ସାମଗ୍ରୀ ବ୍ୟବହାର ପାଇଁ ବିଦ୍ୟମାନ ଲାବୋରେଟୋରୀ (ପିପିପି ଢାଞ୍ଚା) କୁ ହସ୍ତାନ୍ତର କରାଯିବ । ଏହି ଉତ୍ତର ଗ୍ରହଣୀୟ ନଥିଲା, କାରଣ, ପୂର୍ବରୁ ରାଜ୍ୟସ୍ତରୀୟ ଡବ୍ଲୁଟିଏଲ୍ (ପିପିପି ଢାଞ୍ଚା) ରେ ଏହି ସବୁ ଉପକରଣ / ଯନ୍ତ୍ର ମହଜୁଦ ଥିଲେ ମଧ୍ୟ ସେଗୁଡ଼ିକ ବ୍ୟବହାର କରାଯାଇ ନଥିଲା ।

### 2.1.6.3 *ପୁରୀରେ ଲୌହ ଅପସାରଣ କାରଖାନାର ବ୍ୟବହାର ନହେବା*

ଅଡିଟ୍ ନିରୀକ୍ଷଣ ରିପୋର୍ଟ ସଂଖ୍ୟା 627/2016-17, ପାରା ସଂଖ୍ୟା 2 ରେ (1) ଆର୍ଆଣ୍ଡବି କ୍ୱାଟର୍ସ କମ୍ପ୍ଲେକ୍ସ, ଇଏସ୍ଆର୍ ପରିସର, ପୁରୀ (13.57 ଲକ୍ଷ ଟଙ୍କା) ଏବଂ (2) କୁଷ୍ଠାଶ୍ରମ, ଇଏସ୍ଆର୍ ପରିସର, ପୁରୀ (10.80 ଲକ୍ଷ ଟଙ୍କା) ଠାରେ ଅପ୍ରେଲ-ଜୁଲାଇ 2015 ମଧ୍ୟରେ ଦୁଇଟି ଲୌହ ଅପସାରଣ କାରଖାନା (ଆଇଆରପି) ସ୍ଥାପନ ଏବଂ କାର୍ଯ୍ୟକ୍ଷମ ବାବଦରେ 24.37 ଲକ୍ଷ ଟଙ୍କା ଅପବ୍ୟୟ ଦର୍ଶାଇଥିଲେ । ଅଧିକ ପ୍ରତିଶତ ଲୁହା ବସ୍ତୁ ହ୍ରାସ କରିବା ଏବଂ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ଭୂତଳ ଜଳର ଗୁଣବତ୍ତା ଉନ୍ନତି ପାଇଁ ଏହି ଆଇଆରପି ଗୁଡ଼ିକ ଉତ୍ପାଦନ କୂଅ ସହିତ ସଂଯୋଗ କରାଯାଇଥିଲା । ଅପ୍ରେଲ-ଜୁଲାଇ 2015 ମଧ୍ୟରେ କାର୍ଯ୍ୟଗୁଡ଼ିକ 25.57 ଲକ୍ଷ ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିଲା ।

22 ଜାନୁଆରୀ 2020 ରେ କୁଷ୍ଠାଶ୍ରମ ଠାରେ ଆଇଆରପିର ମିଳିତ ବସ୍ତୁଗତ ନିରୀକ୍ଷଣ ସମୟରେ, ଅଡିଟ୍ ଦେଖିଲା ଯେ, ଅକ୍ଟୋବର 2017 ଠାରୁ କୁଷ୍ଠାଶ୍ରମ (12 ଲକ୍ଷ ଟଙ୍କା) ର ଆଇଆରପି ଅବ୍ୟବହୃତ ହୋଇ ପଡ଼ିଥିଲା । ଯେହେତୁ ଜେଏନ୍ଏନ୍ୟୁଆରଏମ୍ ଯୋଜନା ଅଧିନରେ ନିର୍ମିତ ଡବ୍ଲୁଟିପି ମଙ୍ଗଳାଘାଟରୁ ସେହି ଅଞ୍ଚଳକୁ ଜଳ ଯୋଗାଣ ହେଉଥିଲା, କୁଷ୍ଠାଶ୍ରମ ପରିସରରେ ଉତ୍ପାଦନ କୂଅ ସହିତ ସଂଲଗ୍ନ ଆଇଆରପିର କୌଣସି ବ୍ୟବହାର ହେଉନଥିଲା । ଅଡିଟ୍କୁ ଦିଆଯାଇଥିବା ରେକର୍ଡ/ ସୂଚନାରୁ ଏହା ମଧ୍ୟ ଜଣାପଡ଼ିଥିଲା ଯେ ଆର୍ଆଣ୍ଡ ବି କ୍ୱାଟର୍ସ ସ୍ଥିତ ଅନ୍ୟ ଆଇଆରପି (13.57 ଲକ୍ଷ ଟଙ୍କା) ଅବ୍ୟବହୃତ ହୋଇରହିଥିଲା ଏବଂ ବ୍ୟବହାର ପାଇଁ 10 ଫେବୃଆରୀ 2019 ରେ କୋଣାର୍କ ପିଏଚ୍ ସେକ୍ସନକୁ ସ୍ଥାନାନ୍ତରିତ ହୋଇଥିଲା । ଯାହାହେଉ, ତାହା ଏପର୍ଯ୍ୟନ୍ତ ବ୍ୟବହୃତ ହୋଇନଥିଲା ଏବଂ ବଡେଇବାଣ୍ଟ ପମ୍ପ ହାଉସ ଠାରେ ଅବ୍ୟବହୃତ ହୋଇ ପଡ଼ିଥିଲା (ଜାନୁଆରୀ 2020) ।

ଏହିପରି, ଡିସେମ୍ବର 2016 ରେ ଅଡିଟ୍ର ଟିପ୍ପଣୀ ଏବଂ ଆଇଆରପି ଗୁଡ଼ିକୁ ଶୀଘ୍ର ବ୍ୟବହାର କରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଜାନୁଆରୀ 2020 ସୁଦ୍ଧା 25.57 ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଦୁଇଟି ଆଇଆରପି ବ୍ୟବହାର କରାଗଲା ନାହିଁ ଯାହାଦ୍ୱାରା ଏହି ଅର୍ଥର ଅପବ୍ୟୟ ହେବା ସଙ୍ଗେ ସଙ୍ଗେ ଲୋକମାନେ ମଧ୍ୟ ଗୁଣାତ୍ମକ ଲୌହ ମୁକ୍ତ ଜଳ ପାଇବାରୁ ବଞ୍ଚିତ ହେଲେ ।

ଏହାର ଉତ୍ତରରେ, ନିର୍ବାହୀ ଯନ୍ତ୍ରୀ ଦର୍ଶାଇଥିଲେ ଯେ କୃଷ୍ଠାଶ୍ରମରେ ଆଇଅରପି କାର୍ଯ୍ୟକ୍ଷମ ଥିଲା ଏବଂ ଆର୍ଆଣ୍ଡ୍ବି କ୍ୱାଟର୍ସ କମ୍ପ୍ଲେକ୍ସର ଆଇଆର୍ପି ବଡେଇବାଣ୍ଟ, କୌଣାର୍କକୁ ସ୍ଥାନାନ୍ତରିତ ହୋଇଛି ଏବଂ ଫେବୃଆରୀ 2020 ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ । ନିର୍ବାହୀ ଯନ୍ତ୍ରୀଙ୍କ ଉତ୍ତର ଜେପିଆଇ ଦ୍ୱାରା ସମର୍ଥିତ ନଥିଲା, ଯେଉଁଥିରେ, କୃଷ୍ଠାଶ୍ରମ ଠାରେ ଥିବା ଆଇଆର୍ପି କାର୍ଯ୍ୟକ୍ଷମ ହୋଇନଥିବା ଏବଂ ସେହି ଅଞ୍ଚଳକୁ ଜେଏନ୍ଏନ୍ୟୁଆରଏମ୍ ଅଧିନରେ ନିର୍ମିତ ଡବ୍ଲୁଟିପି ମଙ୍ଗଳାଘାଟରୁ ଜଳ ଯୋଗାଣ ହେଉଥିବା କଥା

ଜାନୁଆରୀ 2020 ରେ ଉଲ୍ଲେଖ କରାଯାଇଥିଲା । ବଡେଇବାଣ୍ଟ, କୋଣାର୍କରେ ଦ୍ୱିତୀୟ ଆଇଆର୍‌ପି ଜାନୁଆରୀ 2020 ସୁଦ୍ଧା ସ୍ଥାପିତ ହୋଇ ନଥିଲା ।

### *2.1.6.4 ବକେୟା ପଞ୍ଚ ତାଲିକା ଆଇଟମ୍ ସମାପ୍ତ ନ କରି ଏସ୍‌ଏଏଲ୍ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ଜାରି ହେତୁ ଅନିୟମିତ ବ୍ୟୟ*

ଏସ୍‌ଏଏଲ୍ ସହିତ ସ୍ୱାକ୍ଷରିତ (ଡିସେମ୍ବର 2016) ଚୁକ୍ତିର ଧାରା 14.3 ଅନୁଯାୟୀ, ଏକ ସ୍ୱାଧୀନ ଇଂଜିନିୟର (ଆଇଇ), କନ୍‌ସେସନୟାରଙ୍କ ଅନୁରୋଧରେ, ଯଦି ପ୍ରକଳ୍ପଟି ପରୀକ୍ଷା ସଫଳ ହୁଏ ଏବଂ ବ୍ୟବସାୟିକ କାରବାର ପାଇଁ ସୁରକ୍ଷିତ ଏବଂ ଭରସାଯୋଗ୍ୟ ହୁଏ, ତେବେ ସମାପ୍ତିର ଏକ ଅସ୍ଥାୟୀ ପ୍ରମାଣପତ୍ର ଦେଇପାରନ୍ତି । ନିର୍ଦ୍ଦିଷ୍ଟ କେତେକ କାର୍ଯ୍ୟ କିମ୍ବା ଏହାର ଅଂଶ ବାକି ଥାଇ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଲେ ମଧ୍ୟ, ଉଭୟ ପକ୍ଷର ମିଳିତ ସ୍ୱାକ୍ଷରରେ ପ୍ରସ୍ତୁତ ବାକି କାର୍ଯ୍ୟର ଏକ ତାଲିକା ଆଧାରରେ ପ୍ରମାଣପତ୍ର ପ୍ରଦାନ କରାଯାଇପାରେ । ଏପରି ଘଟଣା ସ୍ଥଳେ, ଅସ୍ଥାୟୀ ପ୍ରମାଣପତ୍ର ସହିତ ଆଇଇ ଏବଂ କନ୍‌ସେସନୟାରଙ୍କ ମିଳିତ ଭାବରେ ଦସ୍ତଖତ ଥିବା ବକେୟା କାର୍ଯ୍ୟ (ପଞ୍ଚ ତାଲିକା)ର ଏକ ତାଲିକା ରହିବ ।

ଧାରା 14.4.1 ଅନୁଯାୟୀ, ପଞ୍ଚ ତାଲିକାରେ ଥିବା ସମସ୍ତ ଆଇଟମଗୁଡ଼ିକ ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ପ୍ରଦାନ ହେବାର 90 ଦିନ ମଧ୍ୟରେ କନ୍‌ସେସ୍‌ନୟାର ଦ୍ୱାରା ସମ୍ପୂର୍ଣ୍ଣ ହେବ । ବିଫଳତା କ୍ଷେତ୍ରରେ କର୍ତ୍ତୃପକ୍ଷ ନିଜ ମୂଲ୍ୟରେ ପଞ୍ଚ ତାଲିକା ଆଇଟମଗୁଡ଼ିକ ସଂପୂର୍ଣ୍ଣ କରିବାକୁ ଏବଂ କନ୍‌ସେସ୍‌ନୟାର ଠାରୁ ତାହା ଅସୂଲ କରିବା ସହ ପର୍‌ଫର୍ମାନ୍ସ ଗ୍ୟାରେଣ୍ଟି ବାଜ୍ୟାପ୍ତି କିମ୍ବା ଚୁକ୍ତିନାମାକୁ ରଦ୍ଦ କରିବେ (ଧାରା 14.4 .2) ।

ପିଏଚ୍ ଡିଭିଜନର ରେକର୍ଡଗୁଡ଼ିକର ଯାଞ୍ଚ ଏବଂ ରାଜ୍ୟ ଡବ୍ଲୁଟିଏଲ୍ ଏବଂ ଦୁଇଟି ନମୁନା ଡବ୍ଲୁଟିଏଲ୍ (ବାଲେଶ୍ୱର ଏବଂ ପୁରୀ) ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନାରୁ ଜଣାପଡ଼ିଥିଲା ଯେ ଆଇଇ ଗୁଡିକ ବାଲେଶ୍ୱର ଏବଂ ପୁରୀରେ କାର୍ଯ୍ୟର ସାମୟିକ ସମାପ୍ତିକୁ ଅନୁମୋଦନ କରିବା ବେଳେ ପଞ୍ଚ ତାଲିକାର ଏକ ଚିଠା (ବକେୟା ଆଇଟମ୍) ଯୋଡ଼ିଥିଲେ ଯାହାକି ଅନୁପାଳନ ରିପୋର୍ଟ ଦାଖଲ ପାଇଁ ଆବଶ୍ୟକ ଥିଲା । ସାମୟିକ ସମାପ୍ତି ପ୍ରମାଣପତ୍ର (ଡିସେମ୍ବର 2017 ଏବଂ ଫେବୃଆରୀ 2018) ଆଧାରରେ ଲାବୋରେଟୋରୀ ଗୁଡ଼ିକର ବ୍ୟବସାୟୀକ କାର୍ଯ୍ୟକୁ ଅନୁମତି ଦିଆଯାଇଥିଲା (ମାର୍ଚ୍ଚ 2018) । ତଦନୁଯାୟୀ, ବକେୟା ପଞ୍ଚ ତାଲିକା ଆଇଟମ୍ ଗୁଡ଼ିକ (ମାର୍ଚ୍ଚ-ମଇ 2018) ଅର୍ଥାତ୍ ଅସ୍ଥାୟୀ ସମାପ୍ତି ପ୍ରମାଣପତ୍ର ପ୍ରଦାନ ତାରିଖ ଠାରୁ 90 ଦିନ ମଧ୍ୟରେ ସମାପ୍ତ ହେବାର ଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ କନ୍‌ସେସ୍‌ନୟାର ଜାନୁଆରୀ 2020 ସୁଦ୍ଧା ବକେୟା ପଞ୍ଚ ତାଲିକା ଆଇଟମ୍ ଗୁଡ଼ିକ ଅନୁପାଳନ କରିନଥିଲେ, ଯାହାକି ***ପରିଶିଷ୍ଟ 2.1.3*** ରେ ବିସ୍ତୃତ ଭାବରେ ବର୍ଣ୍ଣିତ ।

ଯଦିଓ ଅଧିକ୍ଷଣ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ସର୍କଲ, ଭୁବନେଶ୍ୱର ଏସ୍‌ଏଏଲ୍‌କୁ ସଂପୃକ୍ତ ବିଭାଗ ମାଧ୍ୟମରେ ପଞ୍ଚ ତାଲିକାର ଅନୁପାଳନ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ (04 ଜୁନ୍ 2018), ଜାନୁଆରୀ 2020 ପର୍ଯ୍ୟନ୍ତ କନ୍‌ସେସ୍‌ନୟାର ଦ୍ୱାରା ତାହା ପ୍ରଦାନ କରାଯାଇନଥିଲା । ଅଧିକନ୍ତୁ, ପିଏଚ୍‌ଇଓ ମଧ୍ୟ ଚୁକ୍ତିନାମା ଅନୁଯାୟୀ ନିଜ ଖର୍ଚ୍ଚରେ ଆଇଟମ୍ ଗୁଡ଼ିକ ସମ୍ପୂର୍ଣ୍ଣ କରିନଥିଲା ଏବଂ ପରଫର୍ମାନ୍ସ ସିକ୍ୟୁରିଟିକୁ ବାଜ୍ୟାପ୍ତ କରି କନସେସ୍‌ନୟାର ଠାରୁ ତାହା ଅସୁଲ କରିନଥିଲା । ଏହି ଚୁକ୍ତିଭିତ୍ତିକ ପ୍ରତିବଦ୍ଧତା ପାଳନ ନ ହେବା ସତ୍ତ୍ୱେ, ପିଏଚ୍‌ଇଓ ଓଆଣ୍ଡଏମ୍ ବାବଦରେ 1.85 କୋଟି ଟଙ୍କା ପ୍ରଦାନ କରିଥିଲେ (ଅପ୍ରେଲ 2018 ରୁ ନଭେମ୍ବର 2019) ଯାହା ଅନିୟମିତ ଥିଲା ।

ବାଧ୍ୟତାମୂଳକ କାର୍ଯ୍ୟଗୁଡ଼ିକ ସମାପ୍ତ ନ ହେବା ହେତୁ, ଜଳ ଗୁଣବତ୍ତାର ନିରାପଦ ଏବଂ ନିର୍ଭରଯୋଗ୍ୟ ବିଶ୍ଳେଷଣ ଏବଂ ଜଳ ନମୁନା ପରୀକ୍ଷା ପାଇଁ ଡବ୍ଲୁଟିଏଲ୍‌ର ବ୍ୟବସାୟିକ କାର୍ଯ୍ୟ ସୁନିଶ୍ଚିତ ହୋଇପାରି ନଥିଲା । ଆହୁରି ମଧ୍ୟ, ଆବଶ୍ୟକ ପଞ୍ଚ ତାଲିକା ସଂପୂର୍ଣ୍ଣ ନକରି ଦୀର୍ଘ ସମୟ ଧରି ବାଣିଜ୍ୟିକ କାର୍ଯ୍ୟର ଅବ୍ୟାହତ ରଖିବା ଏବଂ ପର୍‌ଫର୍ମାନ୍ସ ସିକ୍ୟୁରିଟିର ବାଜ୍ୟାପ୍ତି ସହିତ ଚୁକ୍ତିନାମାକୁ ରଦ୍ଦ ନ କରିବା ଦ୍ୱାରା ଜଳ ପରୀକ୍ଷଣର ଗୁଣବତ୍ତାକୁ ସଙ୍କୋଚନ କରି କନ୍‌ସେସ୍‌ନୟାରକୁ ଅଯଥା ଅନୁଗ୍ରହ ପ୍ରଦର୍ଶନ କରାଯାଇଥିଲା ।

ଏହାର ଉତ୍ତରରେ, ନିର୍ବାହି ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ଡିଭିଜନ, ବାଲେଶ୍ୱର କହିଥିଲେ (ଡିସେମ୍ବର 2019) ଯେ ଏସ୍ଏଏଲ୍ କୁ ଖୁବ୍ ଶୀଘ୍ର କାର୍ଯ୍ୟର ପଞ୍ଚ ତାଲିକା ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯିବ । ଜେନେରାଲ ମ୍ୟାନେଜର, ଓ୍ୱାଟକୋ (ସେପ୍ଟେମ୍ବର 2020) କହିଥିଲେ ଯେ ପଞ୍ଚ ତାଲିକା ପୂରଣ ନ ହେବା କାରଣରୁ ଲାବୋରେଟୋରୀକୁ ଅସ୍ଥାୟୀ ସମାପ୍ତି ପ୍ରମାଣପତ୍ର ଦିଆଯାଇଥିଲା । ସେ ଆହୁରି ମଧ୍ୟ କହିଥିଲେ ଯେ ଶତ ପ୍ରତିଶତ ପଞ୍ଚ ତାଲିକା ସମାପ୍ତ ହେବା ପରେ କନସେସ୍‌ନୟାରଙ୍କୁ ଚୂଡ଼ାନ୍ତ ସମାପ୍ତି ପ୍ରମାଣପତ୍ର ପ୍ରଦାନ କରାଯିବ । ଉତ୍ତର ଗ୍ରହଣୀୟ ନଥିଲା, ଯେହେତୁ ଅପ୍ରେଲ 2018 ସୁଦ୍ଧା ଅର୍ଥାତ୍ ଅସ୍ଥାୟୀ ପ୍ରମାଣପତ୍ର ପ୍ରଦାନର 90 ଦିନ ମଧ୍ୟରେ ସମାପ୍ତ ହେବାକୁ ଥିବା ବକେୟା ପଞ୍ଚ ତାଲିକା ସେପ୍ଟେମ୍ବର 2020 ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିବା ନିଶ୍ଚିତ କରାଯାଇପାରିନଥିଲା ।

### *2.1.6.5 ଯଥେଷ୍ଟ ଲାବୋରେଟୋରୀ କର୍ମଚାରୀ ଅଭାବ*

ଓ୍ୱାଇଡବ୍ଲୁକ୍ୟୁଏମ୍‌ପି, 2015 ରେ ଜଳ ପରୀକ୍ଷଣ ଲାବୋରେଟୋରୀଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ଏବଂ ରାଜ୍ୟରେ ଜଳର ଗୁଣବତ୍ତା ଉପରେ ନଜର ରଖିବା ପାଇଁ ଲାବୋରେଟୋରୀ କର୍ମଚାରୀଙ୍କ ଆବଶ୍ୟକତା (ଉଭୟ ବୈଷୟିକ ଏବଂ ଅଣ-ବୈଷୟିକ) ବିଷୟରେ ଉଲ୍ଲେଖ କରାଯାଇଛି । ପ୍ରୋଟୋକଲ୍ ଅନୁଯାୟୀ, ସହରାଞ୍ଚଳରେ 115 ଟି ଲାବୋଲେଟୋରୀ ପରିଚାଳନା ପାଇଁ ବିଭିନ୍ନ ବର୍ଗର 388 କର୍ମଚାରୀ (ଉଭୟ ବୈଷୟିକ ଏବଂ ଅଣ-ବୈଷୟିକ) ଆବଶ୍ୟକ ଥିଲେ ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ ଇଆଇସି ପିଏଚ୍ଓ ଲାବୋରେଟୋରୀଗୁଡ଼ିକର କ୍ୟାଡର ପୁନର୍ଗଠନ ଏବଂ ଓ୍ୱାଇଡବ୍ଲୁକ୍ୟୁଏମ୍‌ପି କାର୍ଯ୍ୟାନ୍ୱୟନ ପାଇଁ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ବର୍ଗର 168 ଟି ପଦବୀ ସୃଷ୍ଟି ପାଇଁ ଏଚଆଣ୍ଡୟୁଡି ବିଭାଗକୁ ପ୍ରସ୍ତାବ ଦେଇଥିଲେ (17 ମଇ 2016) । ରାଜ୍ୟରେ ଲାବୋରେଟୋରୀଗୁଡ଼ିକର ପରିଚାଳନା ପାଇଁ ଲାବୋରେଟୋରୀ କର୍ମଚାରୀଙ୍କ ପଦବୀ ସୃଷ୍ଟି ପୂର୍ବରୁ ଲାବୋରେଟୋରୀ କର୍ମଚାରୀଙ୍କ ପଦବୀ ମଞ୍ଜୁର ପାଇଁ ଏକ ପ୍ରାକ୍ ବଜେଟ୍ ବୈଠକ ନିମନ୍ତେ ଇଆଇସି ଅଗଷ୍ଟ 2016 ରେ ଏଚ୍ଏଣ୍ଡୟୁଡି ବିଭାଗକୁ ଅନୁରୋଧ କରିଥିଲା ।

ଅଡିଟ୍ ଲକ୍ଷ୍ୟକଲେ ଯେ ଲାବୋରେଟୋରୀ କର୍ମଚାରୀଙ୍କ ଆବଶ୍ୟକ ପଦବୀ ଏପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ (ଅକ୍ଟୋବର 2019) । 22 ଟି ଡବ୍ଲୁଟିଏଲ୍ ମଧ୍ୟରୁ 13 ଟି ଡବ୍ଲୁଟିଏଲ୍ ବିଭାଗୀୟ ଏବଂ ଅବଶିଷ୍ଟ ନଅଟି ପିପିପି ଢାଞ୍ଚାରେ ଚଳାଯାଇଥିଲା । ବିଭାଗ ଦ୍ୱାରା ଚାଲୁ କରାଯାଇଥିବା 13 ଟି ଡବ୍ଲୁଟିଏଲ୍‌ରେ କୌଣସି ନିୟମିତ ଲାବୋରେଟୋରୀ କର୍ମଚାରୀ ନିଯୁକ୍ତି କରାଯାଇ ନଥିଲା । ଏହି ଲାବୋରୋଟୋରୀଗୁଡ଼ିକ ଜନସ୍ୱାସ୍ଥ୍ୟ ବିଭାଗର ନିୟନ୍ତ୍ରଣରେ କନିଷ୍ଠ ଯନ୍ତ୍ରୀ/ ସହକାରୀ ଯନ୍ତ୍ରୀଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଅବଶ୍ୟ, ପିଏଚ୍ଇଓରେ କେବଳ ଚାରିଜଣ କର୍ମଚାରୀ (ଆନାଲିଷ୍ଟ) ଥିଲେ, ଯେଉଁମାନେ ପିପିପି ଢାଞ୍ଚାରେ ଚାଲୁଥିବା ନଅଟି ଲାବୋରେଟୋରୀର ତଦାରଖ ପାଇଁ ଗୁଣବତ୍ତା ପରିଚାଳକ ପଦବୀରେ କାର୍ଯ୍ୟ କରୁଥିଲେ ।

ଅଡିଟ୍ ତିନୋଟି ଡବ୍ଲୁଟିପି ସ୍ତରୀୟ ଲାବୋରେଟୋରୀ (କୋରାପୁଟ, ସୁନାବେଡ଼ା ଏବଂ ଜୟପୁର)ର ପରୀକ୍ଷା ଯାଞ୍ଚ କରି ଲକ୍ଷ୍ୟକଲେ ଯେ ପ୍ରୋଟୋକଲ ଅନୁଯାୟୀ ସମୁଦାୟ 12 ଜଣ କର୍ମଚାରୀଙ୍କ ଆବଶ୍ୟକତା ବିପକ୍ଷରେ କେବଳ ଜଣେ ଲାବୋରେଟୋରୀ କର୍ମଚାରୀ (ସହକାରୀ ବିଶ୍ଳେଷକ) ଗୋଟିଏ ଲାବୋରେଟୋରୀ (ସୁନାବେଡ଼ା) ରେ ଆଉଟସୋର୍ସିଂ ମାଧ୍ୟମରେ ନିୟୋଜିତ ହୋଇଥିଲେ ଏବଂ ଜୟପୁର ଏବଂ କୋରାପୁଟରେ କୌଣସି କର୍ମଚାରୀ ନିଯୁକ୍ତ ହୋଇନଥିଲେ ଯାହାଫଳରେ 11 ଟି ଲାବୋରେଟୋରୀ କର୍ମଚାରୀ ପଦବୀ ଖାଲି ପଡ଼ିଥିଲା ।

ଯଦିଓ ପିଏଚ୍ଇଓ ବିଭାଗ ଜଳ ପରୀକ୍ଷା ପାଇଁ ଫ୍ରିକ୍ୱେନ୍ସି ପାରାମିଟର ଧାର୍ଯ୍ୟ କରିଥିଲେ (ସେପ୍ଟେମ୍ବର 2015) ଏବଂ ଇଆଇସି ପିଏଚ୍ଓ ସମସ୍ତ ୟୁଏଲ୍‌ବିରେ ପରୀକ୍ଷା ଓ ଜଳ ଗୁଣବତ୍ତା ନିଶ୍ଚିତ କରିବାକୁ ସମସ୍ତ ସର୍କଲକୁ ନିର୍ଦ୍ଦେଶ ଦେଇଥିଲେ (2 ନଭେମ୍ବର 2015, 30 ଅକ୍ଟୋବର 2017), ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ ଏବଂ ଏହି ଲାବୋରେଟୋରୀଗୁଡ଼ିକର ସଠିକ୍ ପରିଚାଳନା ପାଇଁ ଆବଶ୍ୟକ ଲାବୋରେଟୋରୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ନଥିଲା । ଏହିପରି ଭାବରେ, ଆବଶ୍ୟକ ଲାବୋରେଟୋରୀ କର୍ମଚାରୀଙ୍କ ଅଭାବ

ଉପଯୁକ୍ତ ଯୋଜନାର ଅଭାବକୁ ସୂଚାଉଥିବା ବେଳେ, ଫଳପ୍ରଦ ଜଳ ଗୁଣବତ୍ତା ପରିଚାଳନା ଓ ତଦାରଖ ତଥା ସହରାଞ୍ଚଳରେ ଗୁଣାତ୍ମକ ପାନୀୟ ଜଳ ଯୋଗାଣ ଉପରେ ମଧ ପ୍ରଭାବ ପକାଇଥିଲା ।

ଏହାର ଉତ୍ତରରେ, ଇଆଇସି ପିଏଚ୍ କହିଥିଲେ (ସେପ୍ଟେମ୍ବର 2020) ଯେ, ଯେହେତୁ ଅନ୍ୟାନ୍ୟ ଅଞ୍ଚଳରେ ପିପିପି ଲାବୋରେଟୋରୀ ପ୍ରତିଷ୍ଠା ପ୍ରସ୍ତାବ ସରକାରଙ୍କ ସକ୍ରିୟ ବିଚାର ଅଧିନରେ ଥିଲା, ତେଣୁ ଅଧିକ ମାନବ ସମ୍ବଳ ନିୟୋଜନ କରିବାର କୌଣସି ଆବଶ୍ୟକତା ନଥିଲା । ତଥାପି, ପ୍ରକୃତ ସତ୍ୟ ଏହା ଯେ ଲାବୋରେଟୋରୀ କର୍ମଚାରୀ/ ତାଲିମପ୍ରାପ୍ତ କର୍ମଚାରୀଙ୍କ ଅଭାବ ଯୋଗୁଁ ନିରାପଦ ପାନୀୟ ଜଳ ଯୋଗାଣକୁ ନିଶ୍ଚିତ କରିବା ପାଇଁ ଆବଶ୍ୟକ ଜଳ ଗୁଣବତ୍ତା ପରୀକ୍ଷା କରାଯାଇପାରି ନଥିଲା ।

### 2.1.7 ପର୍ଯ୍ୟାଲୋଚନା

#### *2.1.7.1 ମାନକ ଲାବୋରେଟୋରୀରେ ସମାନ୍ତରାଳ ନମୁନାର କ୍ରସ୍ ଯାଞ୍ଚ କରା ନଯିବା*

ରିହାତି ଚୁକ୍ତିର ଧାରା 6.12.11(ii) ଅନୁଯାୟୀ, ପିପିପି ମୋଡ଼ରେ ଏସ୍ଏଲ୍ ଦ୍ୱାରା ପରିଚାଳିତ ଲାବୋରେଟୋରୀ ଗୁଡ଼ିକର କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ପାଇଁ ଯେକୌଣସି ସମୟରେ ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ ଆଣ୍ଡ ମ୍ୟାଟେରିଆଲ୍ ଟେକ୍ନୋଲୋଜି(ଆଇଏମ୍ଏମ୍ଟି), ଭୁବନେଶ୍ୱର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର ଜାତୀୟ ପରିବେଶ ଇଞ୍ଜିନିୟରିଂ ଗବେଷଣା ପ୍ରତିଷ୍ଠାନ (ଏନ୍ଇଇଆର୍ଆଇ), ନାଗପୁର ପରି ମାନକ ଲାବୋରେଟୋରୀ ସହିତ ସମାନ୍ତରାଳ ନମୁନା ଯାଞ୍ଚ କରିବାର କ୍ଷମତା କର୍ତ୍ତୃପକ୍ଷ / ରକ୍ଷଣାବେକ୍ଷଣ ବୋର୍ଡର ରହିବ । ଏହି କ୍ରସ୍ ଯାଞ୍ଚରେ ନମୁନା ଆଧାରିତ (1 ପ୍ରତିଶତ ନମୁନା) ସାମୟିକ (ତ୍ରୈମାସିକ) ବିଶ୍ଳେଷଣ ସ୍ଥାନ ପାଇବ ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଯଦିଓ 3 ନମୁନା ଡବ୍ଲୁଟିଏଲ୍ (ରାଜ୍ୟ ଡବ୍ଲୁଟିଏଲ୍ ଏବଂ ପୁରୀ ଏବଂ ବାଲେଶ୍ୱର ସ୍ଥିତ 2 ଟି ବିଭାଗୀୟ ଡବ୍ଲୁଟିଏଲ୍) ମାର୍ଚ୍ଚ 2018 ଠାରୁ ମାର୍ଚ୍ଚ 2019 ମଧ୍ୟରେ 27,745 ନମୁନା ପରୀକ୍ଷା କରିଥିଲେ, ଉପରୋକ୍ତ କୌଣସି ପ୍ରତିଷ୍ଠିତ ଲାବୋରେଟୋରୀ ସହିତ କୌଣସି ନମୁନା କ୍ରସ୍ ଯାଞ୍ଚ କରାଯାଇ ନଥିଲା (ଜାନୁଆରୀ 2020 ସୁଦ୍ଧା) । ଜଳ ନମୁନା ଗୁଡ଼ିକର କ୍ରସ୍ ଯାଞ୍ଚ ଆଧାରରେ ସାମୟିକ ବିଶ୍ଳେଷଣର ଅଭାବ ହେତୁ ଲାବୋରେଟୋରୀ ଗୁଡ଼ିକର କାର୍ଯ୍ୟଦକ୍ଷତା ନିଶ୍ଚିତ ହୋଇ ପାରି ନଥିଲା ।

***ଜଳ ନମୁନା ଗୁଡ଼ିକର ମିଳିତ ସମାନ୍ତରାଳ ପରୀକ୍ଷଣର ଫଳାଫଳ:*** ଏସ୍ଏଲ୍ ଦ୍ୱାରା ପରିଚାଳିତ ଡବ୍ଲୁଟିଏଲ୍ ଗୁଡ଼ିକର କାର୍ଯ୍ୟଦକ୍ଷତା ଜାଣିବା ପାଇଁ ଅଡିଟ୍ ଅନୁରୋଧରେ, ସମାନ୍ତରାଳ ପରୀକ୍ଷଣ ପାଇଁ ପିଏଚ୍ ଡିଭିଜନ ଅଧିନରେ ଥିବା 3ଟି ସହରାଞ୍ଚଳରେ 14 ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇଥିଲା ଏବଂ ରାଜ୍ୟ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍ଡବ୍ଲୁଏସ୍ଆଣ୍ଡଏସ୍) ଜଳ ପରୀକ୍ଷା ଲାବୋରେଟୋରୀ, ଭୁବନେଶ୍ୱରରେ ଏବଂ ଏସ୍ଏଲ୍ ଦ୍ୱାରା ପରିଚାଳିତ ଡିଭିଜନ ସ୍ତରୀୟ/ ରାଜ୍ୟ ଲାବୋରେଟୋରୀରେ ସମାନ୍ତରାଳ ଭାବରେ ପରୀକ୍ଷା କରାଯାଇଥିଲା (ନଭେମ୍ବର 2019-ଫେବୃଆରୀ 2020) । ଅଡିଟ୍ ଉପସ୍ଥିତିରେ ଏସ୍ଏଲ୍ କର୍ମଚାରୀଙ୍କ ଦ୍ୱାରା ନମୁନା ସଂଗ୍ରହ କରାଯାଇଥିଲା ଏବଂ ସମାନ୍ତରାଳ ପରୀକ୍ଷଣ ପାଇଁ ଉଭୟ ଲାବୋରେଟୋରୀକୁ ପଠାଯାଇଥିଲା ।

ଏହି ଦୁଇଟି ଲାବୋରେଟୋରୀରୁ ପ୍ରାପ୍ତ ଫଳାଫଳର ବିଶ୍ଳେଷଣରୁ ଅଡିଟ ଦେଖିଲେ ଯେ ଏସ୍ଏଲ୍ର ଫଳାଫଳ ଠାରୁ ଆର୍ଡବ୍ଲୁଏସ୍ଆଣ୍ଡଏସ୍ର ଫଳାଫଳ 3 ରୁ 15 ପାରାମିଟର କ୍ଷେତ୍ରରେ ସମସ୍ତ 14 ନମୁନା ଉପରେ ଭିନ୍ନ ଥିଲା ।

ପରୀକ୍ଷା ଫଳାଫଳର ମୂଲ୍ୟରେ ବୃହତ ଅସାମଞ୍ଜସ୍ୟତା ହେତୁ, ଜଳ ଗୁଣବତ୍ତା ବଶ୍ଳେଷଣ ପାଇଁ ଏସ୍ଏଲ୍ ଦ୍ୱାରା ପରିଚାଳିତ ପିଏଚ୍ ଲାବୋରେଟୋରୀର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା । ଏହି ବିଶ୍ଳେଷଣ ପ୍ରକ୍ରିୟାର ସଠିକ୍ ମୂଲ୍ୟାଙ୍କନ ଏବଂ ପରୀକ୍ଷା ଫଳାଫଳର ଫଳପ୍ରଦତା ପାଇଁ, ଆଇଏମ୍ଏମ୍ଟି ଏବଂ ଏନ୍ଇଇଆର୍ଆଇ ଇତ୍ୟାଦି ସହିତ ସମାନ୍ତରାଳ ପରୀକ୍ଷଣ, ଅତ୍ୟନ୍ତ ଆବଶ୍ୟକ । ଏହା ବ୍ୟତୀତ, ଲାବୋରେଟୋରୀ ଗୁଡ଼ିକର କାର୍ଯ୍ୟଦକ୍ଷତା ଜାଣିବା ପାଇଁ ଜଳ ନମୁନା ଗୁଡ଼ିକର ସମାନ୍ତରାଳ ପରୀକ୍ଷଣ ନକରିବା ପିଏଚ୍ଇଓର ପର୍ଯ୍ୟାଲୋଚନାଗତ ତ୍ରୁଟିକୁ ସୂଚାଉଥିଲା ।

ଏହାର ଉତ୍ତରରେ, ନିର୍ବାହୀ ଯନ୍ତ୍ରୀମାନେ ସମାନ୍ତରାଳ ପରୀକ୍ଷଣ ହୋଇନଥିବା ବିଷୟକୁ ନିଶ୍ଚିତ କରିଥିଲେ । ଇଆଇସି ପିଏଚ୍ ଏହା ମଧ୍ୟ କହିଥିଲେ ଯେ ସମାନ ଉତ୍ସର ସମାନ ପାରାମିଟର ପାଇଁ ଦୁଇଟି ଭିନ୍ନ ଲାବୋରେଟୋରୀରେ ପରୀକ୍ଷା ଫଳାଫଳର ଭିନ୍ନ ମୂଲ୍ୟ ପ୍ରମାଣ କରିଥିଲା ଯେ ନମୁନା ସଂଗ୍ରହ ପ୍ରକ୍ରିୟା ସଠିକ୍ ଭାବରେ କରାଯାଇନାହିଁ ଏବଂ ଚୁକ୍ତିନାମା ଅନୁଯାୟୀ ଉପଯୁକ୍ତ ପଦ୍ଧତି ସହିତ ସମାନ୍ତରାଳ ନମୁନା ଗୁଡ଼ିକର କ୍ରସ୍ ଯାଞ୍ଚ କରିବା ପାଇଁ ନିଶ୍ଚିତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ (ସେପ୍ଟେମ୍ବର 2020) । ଇଆଇସି ପିଏଚ୍ର ଉତ୍ତର ଗ୍ରହଣୀୟ ନଥିଲା କାରଣ ସମାନ୍ତରାଳ ପରୀକ୍ଷଣ ପାଇଁ ନମୁନା ସଂଗ୍ରହ ଏସ୍ଏଲ୍ର କର୍ମଚାରୀଙ୍କ ଦ୍ୱାରା ଅଡିଟ୍, ଗୁଣବତ୍ତା ପରିଚାଳକ ଏବଂ ସଂପୃକ୍ତ ଡବ୍ଲୁଟିଏଲ୍ର ପିଏଚ୍ଇଓଙ୍କ ଉପସ୍ଥିତିରେ କରାଯାଇଥିଲା । ଏସ୍ଏଲ୍ ସମାନ ନମୁନା ଗ୍ରହଣ ପ୍ରଣାଳୀ ଅନୁସରଣ କରିଥିଲେ ଯାହାକି ସେମାନଙ୍କ ରାଜ୍ୟ ତଥା ଡିଭିଜନ ସ୍ତରୀୟ ଲାବୋରେଟୋରୀରେ ବିଭିନ୍ନ ପାରାମିଟରର ଦୈନିକ ପରୀକ୍ଷା କରିବା ପାଇଁ ନମୁନା ସଂଗ୍ରହ ପାଇଁ ଅନୁସରଣ କରାଯାଇଥିଲା ।

### 2.1.7.2 ଜଳ ଗୁଣବତ୍ତା ପରୀକ୍ଷା ଲାବୋରେଟୋରୀ ଗୁଡ଼ିକ ମାନ୍ୟତା ଲାଭ ନ କରିବା

ଓୟୁଡବ୍ଲ୍ୟୁଏମ୍ପି, 2015 ଅନୁଯାୟୀ ସମସ୍ତ ସ୍ତରରେ ଜଳ ଗୁଣବତ୍ତା ପରୀକ୍ଷା ଲାବୋରେଟୋରୀ ଗୁଡ଼ିକ ମାନ୍ୟତା ଲାଭ ପାଇଁ ପର୍ଯ୍ୟାୟ କ୍ରମେ ଚେଷ୍ଟା କରିବେ । ନ୍ୟାସନାଲ୍ ଆକ୍ରେଡିଟେସନ୍ ବୋର୍ଡ ଏବଂ ଅନ୍ତର୍ଜାତୀୟ ମାନକ ସଂଗଠନ (ଆଇଏସ୍ଓ)-9001 ଦ୍ୱାରା ଶୀଘ୍ର ସ୍ୱୀକୃତି ପାଇବା ପାଇଁ ରାଜ୍ୟ ସ୍ତରୀୟ ଲାବୋରେଟୋରୀ ଗୁଡ଼ିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ । ପାନୀୟ ଜଳର ଗୁଣାତ୍ମକମାନ ବଜାୟ ରଖିବା ପାଇଁ ବିଆଇଏସ୍ ଦ୍ୱାରା ଚିହ୍ନିତ ପାରାମିଟର ଗୁଡ଼ିକ ଉପରେ ପରୀକ୍ଷା କରିବା ପାଇଁ ଲାବୋରେଟୋରୀ ଗୁଡ଼ିକ ଭଲ ଭାବରେ ଯନ୍ତ୍ରପାତି ଦ୍ୱାରା ସଜ୍ଜିତ ହେବା ଉଚିତ୍ । ଲାବୋରେଟୋରୀ ଗୁଡ଼ିକ ନିକଟରେ ଆବଶ୍ୟକ ପରିଚାଳକ ଏବଂ ବୈଷୟିକ କର୍ମଚାରୀଙ୍କ ସହିତ ସେମାନଙ୍କ କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିବା ନିମନ୍ତେ ଆବଶ୍ୟକ ସମ୍ବଳ ରହିବ ।

ଅଡିଟ୍ ଲକ୍ଷ୍ୟ କଲେ ଯେ ପିଏଚ୍ଇଓ ଅଧିନରେ ଥିବା 22 ଟି ଲାବୋରେଟୋରୀ (ରାଜ୍ୟ ସ୍ତରୀୟ:1, ଡିଭିଜନ ସ୍ତରୀୟ: 8, ବେସିକ୍/ଡବ୍ଲୁଟିପି ସ୍ତରୀୟ:13) ମଧ୍ୟରୁ କୌଣସିଟି ଏନ୍ଏବିଏଲ୍ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ନୁହଁନ୍ତି । ଏସ୍ଏଲ୍ ଦ୍ୱାରା ପିପିପି ମୋଡ଼ରେ ଚାଲୁଥିବା ନଅଟି ଲାବୋରେଟୋରୀ (ରାଜ୍ୟ ସ୍ତରୀୟ: 1 ଏବଂ ଡିଭିଜନ ସ୍ତରୀୟ: 8) ମଧ୍ୟ ମାର୍ଚ୍ଚ 2020 ସୁଦ୍ଧା ଏନ୍ଏବିଏଲ୍ ମାନ୍ୟତା ପାଇନଥିଲେ, ଯଦିଓ ସେହି ମାନ୍ୟତା 18 ମାସ ମଧ୍ୟରେ ଅର୍ଥାତ୍ ସେପ୍ଟେମ୍ବର 2019 ମଧ୍ୟରେ ପ୍ରାପ୍ତ କରିବାର ପ୍ରାବଧାନ କନ୍ସେସନ୍ ରାଜିନାମାରେ ଥିଲା । ପିଏଚ୍ଇଓ ନିଜର ନିୟନ୍ତ୍ରଣରେ ଥିବା ଲାବୋରେଟୋରୀ ଗୁଡ଼ିକ ପାଇଁ ଏନ୍ଏବିଏଲ୍ ମାନ୍ୟତା ପାଇଁ କୌଣସି ପ୍ରୟାସ କରିନଥିଲା । ରାଜ୍ୟର 22 ଟି ଡବ୍ଲୁଟିଏଲ୍ ମଧ୍ୟରୁ ଅଡିଟ୍ 6 ଟି ଲାବୋରେଟୋରୀର ପରୀକ୍ଷା ଯାଞ୍ଚ କରିଥିଲେ ଏବଂ ବୈଷୟିକ କର୍ମଚାରୀଙ୍କର ଅନୁପସ୍ଥିତି, ଉପକରଣ/ ଯନ୍ତ୍ରପାତିର ଅଭାବ ଇତ୍ୟାଦି ଦେଖିବାକୁ ପାଇଥିଲେ, ଯାହା ଏନ୍ଏବିଏଲ୍ ମାନ୍ୟତା ପାଇଁ ଜରୁରୀ ଥିଲା ।

ଏହିପରି, କୌଣସି ଜଳ ପରୀକ୍ଷଣ ଲାବୋରେଟୋରୀ ସ୍ୱୀକୃତି ପ୍ରାପ୍ତ ନହେବା ଦ୍ୱାରା ବିଆଇଏସ୍ ଦ୍ୱାରା ନିର୍ଦ୍ଧାରିତ ପାନୀୟ ଜଳର ଗୁଣବତ୍ତା ଉପରେ ନଜର ରଖିବା ପାଇଁ ଲାବୋରେଟୋରୀ ଗୁଡ଼ିକର ପ୍ରସ୍ତୁତି ବିଷୟରେ ଯନ୍ତ୍ରପାତିର ଅଭାବକୁ ସୂଚାଉଥିଲା ।

ଉତ୍ତରରେ, ଇଆଇସି ପିଏଚ୍ କହିଥିଲେ (ସେପ୍ଟେମ୍ବର 2020) ଯେ ପର୍ଯ୍ୟାୟକ୍ରମେ ରାଜ୍ୟ ତଥା ବିଭାଗୀୟ ଲାବୋରେଟୋରୀ ଗୁଡ଼ିକର ମାନ୍ୟତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ପିପିପି ମୋଡରେ ଚାଲୁଥିବା ଡବ୍ଲୁଟିଏଲ୍ ଆଜି ପର୍ଯ୍ୟନ୍ତ (ସେପ୍ଟେମ୍ବର 2020) ଏନ୍ଏବିଏଲ୍ ମାନ୍ୟତା ପାଇବାରେ ବିଫଳ ହୋଇଥିଲେ, ଯଦିଓ ଏସ୍ଏଲ୍ ସହିତ ଚୁକ୍ତି ରାଜିନାମାନୁସାରେ ସେପ୍ଟେମ୍ବର 2019 ସୁଦ୍ଧା ସ୍ୱୀକୃତି ପାଇବାର ଥିଲା ।

### 2.1.7.3 ଗୁଣବତ୍ତା ପରିଚାଳନା ପରିଦର୍ଶନରେ ସ୍ୱଳ୍ପତା

କନ୍‌ସେସନ ରାଜିନାମାର ଧାରା 6.12.II ଅନୁଯାୟୀ ଏକ ରକ୍ଷଣାବେକ୍ଷଣା ବୋର୍ଡ କାର୍ଯ୍ୟ କରିବ ଏବଂ ଗୁଣବତ୍ତା ପରିଚାଳକ (କ୍ୟୁଏମ୍) ପିଏଚ୍‌ଇଓ ଦ୍ୱାରା ନିଯୁକ୍ତ ହେବେ । ସେହି ଅନୁଯାୟୀ, ସଂପୃକ୍ତ ଜନସ୍ୱାସ୍ଥ୍ୟ ବିଭାଗର ଇଇ, ଏସ୍‌ଏଏଲ୍‌ର ପ୍ରତିନିଧି ଏବଂ ପିଏଚ୍‌ଇଓ ଦ୍ୱାରା ନିଯୁକ୍ତ କ୍ୟୁଏମ୍‌ଙ୍କୁ ନେଇ ଗଠିତ ରକ୍ଷଣାବେକ୍ଷଣା ବୋର୍ଡ ପ୍ରକଳ୍ପର ସଠିକ୍ କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରିବ ।

ଇଆଇସି, ପିଏଚ୍ ଓଡ଼ିଶା ନଅ ଗୋଟି ବିଭାଗୀୟ ଲାବୋରେଟୋରୀ ପାଇଁ ଚାରି ଜଣ କ୍ୟୁଏମ୍‌ଙ୍କ ସହିତ ବାଲେଶ୍ୱର ଓ ପୁରୀ ଠାରେ ଥିବା ପ୍ରତ୍ୟେକ ନମୁନା ବିଭାଗୀୟ ଲାବୋରେଟୋରୀ ପାଇଁ ଜଣେ କ୍ୟୁଏମ୍ ନିଯୁକ୍ତି କରିଥିଲେ ( 2 ଅପ୍ରେଲ 2018) । ଗୁଣବତ୍ତା ପରିଚାଳକ ଅତି କମ୍‌ରେ ପ୍ରତ୍ୟେକ 15 ଦିନରେ ଥରେ ସଂପୃକ୍ତ ଲାବୋରେଟୋରୀ ଗୁଡ଼ିକର ପରିଦର୍ଶନ କରିବେ ଏବଂ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ଲାବୋରେଟୋରୀର କାର୍ଯ୍ୟକାରିତା ବିଷୟରେ ରିପୋର୍ଟ ଦେବେ ।

ପିଏଚ୍ ଡିଭିଜନ (ବାଲେଶ୍ୱର ଏବଂ ପୁରୀ) ଏବଂ ଦୁଇଟି ବିଭାଗୀୟ ଡବ୍ଲୁଟିଏଲ୍‌ର ରେକର୍ଡର ଯାଞ୍ଚରୁ ଜଣାପଡ଼ିଥିଲା ଯେ 2018-19 ଅବଧିରେ ଗୁଣବତ୍ତା ପରିଚାଳକମାନେ ବର୍ଷକୁ 24 ଥର ପରିଦର୍ଶନ ବିପକ୍ଷରେ ବାଲେଶ୍ୱର ଡବ୍ଲୁଟିଏଲ୍‌କୁ ନଅ ଥର ଏବଂ ପୁରୀ ଡବ୍ଲୁଏଲ୍‌ଟିକୁ 15 ଥର ପରିଦର୍ଶନ କରିଥିଲେ । । ଏହାଦ୍ୱାରା ବାଲେଶ୍ୱର ଡବ୍ଲୁଟିଏଲ୍ ପାଇଁ 15 ପରିଦର୍ଶନ(62 ପ୍ରତିଶତ) ଏବଂ ପୁରୀ ଡବ୍ଲୁଟିଏଲ୍ ପାଇଁ ନଅ ପରିଦର୍ଶନ(37 ପ୍ରତିଶତ) ର ସ୍ୱଳ୍ପତା ଦେଖାଦେଇଥିଲା । ପରିଦର୍ଶନ ଏବଂ ରିପୋର୍ଟ ଦାଖଲର ସବିଶେଷ ବିବରଣୀ ନିମ୍ନରେ ଦର୍ଶାଯାଇଛି:

**ସାରଣୀ 2.1.13: ଗୁଣାତ୍ମକ ପରିଚାଳକ (କ୍ୟୁଏମ୍)ଙ୍କ ଅଭାବି ପରିଦର୍ଶନର ବିବରଣୀ**

| ଡବ୍ଲୁଟିଏଲ୍ ର ନାମ | 2018-19 ରେ ଆବଶ୍ୟକ ପରିଦର୍ଶନର ସଂଖ୍ୟା | କ୍ୟୁଏମ୍‌ଙ୍କ ଦ୍ୱାରା କରାଯାଇଥିବା ପରିଦର୍ଶନର ସଂଖ୍ୟା | ଅଭାବି ପରିଦର୍ଶନର ସଂଖ୍ୟା | କ୍ୟୁଏମ୍ ପର୍ଯ୍ୟବେକ୍ଷଣର ଏସ୍‌ଏଏଲ୍ ଦ୍ୱାରା ସଂପୂର୍ଣ୍ଣ ଭାବରେ ଦିଆଯାଇଥିବାର ଜବାବର ସଂଖ୍ୟା | କ୍ୟୁଏମ୍ ପର୍ଯ୍ୟବେକ୍ଷଣର ଏସ୍‌ଏଏଲ୍ ଦ୍ୱାରା ସଂପୂର୍ଣ୍ଣ ଦିଆଯାଇ ନଥିବା ଜବାବର ସଂଖ୍ୟା |
|---|---|---|---|---|---|
| ଡିଭିଜନାଲ ଡବ୍ଲୁଟିଏଲ୍, ବାଲେଶ୍ୱର | 24 | 9 | 15 | 4 | 5 |
| ଡିଭିଜନାଲ ଡବ୍ଲୁଟିଏଲ୍, ପୁରୀ | 24 | 15 | 9 | 0 | 15 |
| **ମୋଟ** | **48** | **24** | **24** | **4** | **20** |

*(ଉତ୍ସ: ନମୁନା ବିଭାଗୀୟ ପିଏଚ୍ ଦ୍ୱାରା ଦିଆଯାଇଥିବା ସୂଚନା ଏବଂ ରେକର୍ଡ)*

ଯଦିଓ ଗୁଣବତ୍ତା ପରିଚାଳକମାନେ ସଂପୃକ୍ତ ଇଇ/ ଡବ୍ଲୁଟିଏଲ୍‌କୁ ପରିଦର୍ଶନ ରିପୋର୍ଟ ଦାଖଲ କରିଥିଲେ, ଏସ୍‌ଏଏଲ୍ କେବଳ ଚାରୋଟି କ୍ଷେତ୍ରରେ ପର୍ଯ୍ୟବେକ୍ଷଣ ରିପୋର୍ଟର ଜବାବ ରଖିଥିଲା ଏବଂ ଅବଶିଷ୍ଟ 20 ଟି ମାମଲାରେ ସଂପୂର୍ଣ୍ଣ ରୂପେ ଜବାବ ଦାଖଲ କରିନଥିଲା ।

ସେହିପରି 2018-19 ମସିହାରେ ରାଜ୍ୟ ଡବ୍ଲୁଟିଏଲ୍, ଭୁବନେଶ୍ୱର ପରିଦର୍ଶନ ସମୟରେ ଗୁଣାତ୍ମକ ପରିଚାଳକମାନଙ୍କ ଦ୍ୱାରା ବାରମ୍ବାର ପର୍ଯ୍ୟବେକ୍ଷଣ ସତ୍ତ୍ୱେ ଡାଟାବେସ୍ ପରିଚାଳନାର ବିକାଶ, ନମୁନା ସଂଗ୍ରହ ଯୋଜନା ପ୍ରସ୍ତୁତି, ଚେନ୍ ଅଫ୍ କଷ୍ଟୋଡିର ରକ୍ଷଣାବେକ୍ଷଣ ଆନାଲିଟିକାଲ ତଥ୍ୟ ସଂରକ୍ଷଣ ନହେବା ଇତ୍ୟାଦି ବିଷୟରେ ରାଜ୍ୟ ଡବ୍ଲୁଟିଏଲ୍ ନଭେମ୍ବର 2019 ସୁଦ୍ଧା ଜବାବ ଦାଖଲ କରି ନଥିଲା । ତଥାପି, ଜବାବ ଦାଖଲ ନକରିବା ନିମନ୍ତେ ପିଏଚ୍ ଇଓ, ଏସ୍‌ଏଏଲ୍ ବିରୁଦ୍ଧରେ କୌଣସି ଫଳପ୍ରଦ ପଦକ୍ଷେପ ନେଇ ନଥିଲେ ।

ଏହିପରି, ଗୁଣାତ୍ମକ ପରିଚାଳକଙ୍କ ଅଭାବି ପରିଦର୍ଶନ ଏବଂ ଏସ୍‌ଏଏଲ୍ ଦ୍ୱାରା ଅନୁପାଳନ ନ ହେବା ବିଭାଗୀୟ ଡବ୍ଲୁଟିଏଲ୍ ଦ୍ୱାରା ପ୍ରଭାବୀ ପର୍ଯ୍ୟବେକ୍ଷଣର ଅଭାବକୁ ସୂଚାଉଥିଲା ।

ଇଇ, ପିଏଚ୍ ବାଲେଶ୍ୱର ସମୀକ୍ଷା ମନ୍ତବ୍ୟକୁ ଅନୁପାଳନ ପାଇଁ କ୍ୱାଲିଟୀ ମ୍ୟାନେଜରଙ୍କୁ ଦିଆଯିବା ବିଷୟ କହିଥିବା ବେଳେ ଇଇ, ପିଏଚ୍ ପୁରୀ ତାଙ୍କର ମନ୍ତବ୍ୟ ପ୍ରଦାନ କରି ନଥିଲେ ।

### *2.1.7.4 ଜଳ ଗୁଣବତ୍ତା ପର୍ଯ୍ୟାଲୋଚନା ଏବଂ ତଦାରଖ ପାଇଁ ଏଜେନ୍ସୀ ଗଠନ ନକରିବା*

ଜଳର ଗୁଣବତ୍ତା ନିରୀକ୍ଷଣ ଏବଂ ତଦାରଖ ହେଉଛି ଏକ ନିରନ୍ତର ପ୍ରକ୍ରିୟା । ସଚେତନତା ମୂଲ୍ୟାଙ୍କନ ଏବଂ ନିରାପଦ ପାନୀୟ ଜଳର ନିୟନ୍ତ୍ରଣ ୟୁଏଲ୍‌ବି ଦ୍ୱାରା କରାଯିବ । ପାନୀୟ ଜଳ ଯୋଗାଣ ସମ୍ପର୍କିତ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ଉପାଦାନଗୁଡ଼ିକୁ ଚିହ୍ନିବା ଏବଂ ମୂଲ୍ୟାଙ୍କନ କରିବା ପାଇଁ ରାଜ୍ୟ ପିଏଚ୍‌ଇ ବିଭାଗର ସଦସ୍ୟ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଯଥା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ନେଇ ଗଠିତ ଏକ ଏଜେନ୍ସୀ ଦ୍ୱାରା ଏକ ଅନୁସନ୍ଧାନ କାର୍ଯ୍ୟକଳାପ ଭାବରେ ତଦାରଖ କରାଯିବାର ଥିଲା । ନିରୀକ୍ଷଣ ଏଜେନ୍ସୀ ବିପଦ କ୍ଷେତ୍ରଗୁଡ଼ିକୁ ସୂଚିତ କରିବ ଏବଂ ଜଳଯୋଗାଣର ଉନ୍ନତି ପାଇଁ ପ୍ରତିକାର ପାଇଁ ପରାମର୍ଶ ଦେବେ । ଏହିପରି ପରାମର୍ଶ ଦେବା ଏବଂ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ୟୁଏଲ୍‌ବିରେ ଏକ ଏଜେନ୍ସୀ ଗଠନ କରାଯିବା ଉଚିତ୍ ।

ଅଡିଟ୍ ଦେଖିଲା ଯେ କୌଣସି ୟୁଏଲ୍‌ବିରେ ଏଭଳି ତଦାରଖ ଏଜେନ୍ସୀ ଗଠନ କରାଯାଇ ନଥିଲା । ତଦାରଖ ଏଜେନ୍ସୀ ଗଠନ ନ ହେବା ହେତୁ, ପିଏଚ୍ ଇଓ ବିପଦ କ୍ଷେତ୍ର ଏବଂ ଜଳଯୋଗାଣର ଉନ୍ନତି ପାଇଁ ପ୍ରତିକାର ଉପରେ ନିୟମିତ ଇନ୍‌ପୁଟ୍ / ପରାମର୍ଶ ପାଇପାରି ନଥିଲା ।

ତଥ୍ୟର ନିଶ୍ଚିତତାକୁ ସ୍ୱୀକାର କରି ଇଇ କହିଲେ ଯେ ଗୁଣାତ୍ମକ ପର୍ଯ୍ୟାଲୋଚନା ଉନ୍ନତ ଉପାୟରେ କରାଯାଇପାରିବ, ଯଦି ତଦାରଖ ଏଜେନ୍ସୀ ଗଠନ କରାଯାଏ ।

### *2.1.7.5 ସଂପ୍ରଦାୟ ଭିତ୍ତିକ ପର୍ଯ୍ୟାଲୋଚନା ଏବଂ ତଦାରଖ ବ୍ୟବସ୍ଥା ନକରିବା*

ଓ୍ୟୁଡବ୍ଲୁକ୍ୟୁଏମ୍‌ପି ଅନୁଯାୟୀ ସାମ୍ପ୍ରଦାୟିକ ଅଂଶ ଗ୍ରହଣ ପର୍ଯ୍ୟାଲୋଚନା ଏବଂ ତଦାରଖ ଢାଞ୍ଚାର ଏକ ଜରୁରୀ ଉପାଦାନ ଅଟେ । ସେମାନେ ହେଉଛନ୍ତି ସେହି ବ୍ୟକ୍ତି ଯେଉଁମାନେ ସର୍ବ ପ୍ରଥମେ ଜଳଯୋଗାଣରେ ଥିବା ସମସ୍ୟାକୁ ଲକ୍ଷ୍ୟ କରନ୍ତି ଏବଂ ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ସଂପୃକ୍ତ ଏଜେନ୍ସୀ ଗୁଡ଼ିକୁ ରିପୋର୍ଟ କରନ୍ତି । ସଂପ୍ରଦାୟ ଭିତ୍ତିକ ପର୍ଯ୍ୟାଲୋଚନା ଏବଂ ନିରୀକ୍ଷଣ ଦୁଇଟି ଉପାୟରେ କରାଯାଇପାରେ (କ) ନିରୀକ୍ଷଣ କାର୍ଯ୍ୟ କରିବା ପାଇଁ ମହିଳା ସମେତ ସ୍ୱେଚ୍ଛାସେବୀଙ୍କ ଚୟନ ଏବଂ ପ୍ରଶିକ୍ଷଣ (ଖ) ସ୍ଥାନୀୟ ଶ୍ରମିକମାନଙ୍କୁ ନିରୀକ୍ଷଣ ସମ୍ବନ୍ଧୀୟ କିଛି କାର୍ଯ୍ୟ କରିବାକୁ ଉତ୍ସାହିତ କରିବା।

ନମୁନା ପିଏଚ୍ ଡିଭିଜନଗୁଡ଼ିକର ଇଇଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରେକର୍ଡ ଏବଂ ସୂଚନାର ଯାଞ୍ଚରୁ 2016-19 ମଧ୍ୟରେ ସଂପ୍ରଦାୟ ଭିତ୍ତିକ ପର୍ଯ୍ୟାଲୋଚନା ଏବଂ ନିରୀକ୍ଷଣ ବ୍ୟବସ୍ଥା କରାଯାଇ ନଥିବା ଏବଂ ଏ ବାବଦ କୌଣସି ପଦକ୍ଷେପ ନିଆଯାଇନଥିବା ଜଣା ପଡ଼ିଥିଲା । ଫଳସ୍ୱରୂପ, ପ୍ରାଥମିକ ହିତାଧିକାରୀ ସଂପ୍ରଦାୟ, ଯେଉଁମାନେ କି ପ୍ରଥମେ ଜଳଯୋଗାଣରେ ସମସ୍ୟା ଲକ୍ଷ୍ୟ କରି ଥାଆନ୍ତେ, ନିରୀକ୍ଷଣ କାର୍ଯ୍ୟରେ କୌଣସି ଭୂମିକା ଗ୍ରହଣ କରିପାରି ନଥିଲେ ।

ଏହାର ଉତ୍ତରରେ, କୁହାଯାଇଥିଲା ଯେ ସାଧାରଣ ଅଭିଯୋଗ ଶୁଣିବା, ଜଳ କର ଆଦାୟ ଏବଂ ଗୁରୁତ୍ୱପୂର୍ଣ୍ଣ ଜଳ ପାରାମିଟରର ନମୁନା ପରୀକ୍ଷା ପାଇଁ ପୁରୀ ଏବଂ ଭୁବନେଶ୍ୱରରେ 'ଜଳସାଥୀ' ନିୟୋଜିତ କରି ସହରାଞ୍ଚଳ ଜଳଯୋଗାଣ ପାଇଁ ସରକାର ସଂପ୍ରଦାୟ ଭିତ୍ତିକ ଅଂଶ ଗ୍ରହଣକୁ କାର୍ଯ୍ୟକାରୀ କରିଥିଲେ (ଡିସେମ୍ବର 2019) । ଜଳର ଗୁଣବତ୍ତାର ପର୍ଯ୍ୟାଲୋଚନା ପାଇଁ ସମସ୍ତ ୟୁଏଲ୍‌ବିରେ ସଂପ୍ରଦାୟ ଭିତ୍ତିକ ନିରୀକ୍ଷଣ ଦଳ ଗଠନ ହୋଇନଥିବାରୁ ଏହାର ଉତ୍ତର ଗ୍ରହଣୀୟ ନୁହେଁ ।

### *2.1.7.6 ଡାଟାବେସ ବିକାଶ ନକରିବା*

ଓ୍ୟୁଡବ୍ଲୁକ୍ୟୁଏମ୍‌ପି 2015 ର ଅନୁଚ୍ଛେଦ 6.9 ଅନୁଯାୟୀ ସମଗ୍ର ରାଜ୍ୟ ପାଇଁ ବିଭିନ୍ନ ଡବ୍ଲୁଟିଏଲ୍ ଦ୍ୱାରା ପ୍ରସ୍ତୁତ ଏବଂ ଉପସ୍ଥାପିତ ରିପୋର୍ଟର ଡିଜିଟାଲ୍ ତଥ୍ୟ ପାଞ୍ଚଟି ସାଧାରଣ ଡାଟାବେସରେ ସଂରକ୍ଷିତ ହେବ । ଏସ୍ଏଏଲ୍ ସହିତ ହୋଇଥିବା ଚୁକ୍ତିନାମା ଅନୁଯାୟୀ ପ୍ରତ୍ୟେକ ଲାବୋରେଟୋରୀ ଡାଟାବେସରେ ତଥ୍ୟର

ବିକାଶ ଏବଂ ଡାଟାବେସ୍‌କୁ ତଥ୍ୟ ଯୋଗାଣ ପାଇଁ ଦାୟୀ ରହିବେ ଯାହା ସର୍ବସାଧାରଣ ପାଇଁ ମଧ୍ୟ ଉପଲବ୍ଧ ହେବ । ଅଧିକନ୍ତୁ, ଚୂଡ଼ାନ୍ତ ଫଳାଫଳ ପ୍ରଦାନ କରୁଥିବା ପ୍ରକ୍ରିୟାର ସମସ୍ତ ପଦକ୍ଷେପର ପୁନଃ ବିନ୍ୟାସ କରିବା ଏବଂ ବୁଝିପାରିବା ପାଇଁ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଅନୁମତି ଦେବା ପାଇଁ ଏସ୍ଏଏଲ୍ ଭୌତିକ କିମ୍ବା ଇଲେକ୍ଟ୍ରୋନିକ୍ସ ପ୍ରମାଣର ହେପାଜତ୍, ନିୟନ୍ତ୍ରଣ, ସ୍ଥାନାନ୍ତର ବିଶ୍ଳେଷଣ ଓ ସ୍ୱଭାବର ରକ୍ଷଣାବେକ୍ଷଣ କରିବା ଉଚିତ୍ ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଗୁଣବତ୍ତା ପରିଚାଳକ ବାରମ୍ବାର ମନ୍ତବ୍ୟ ସତ୍ତ୍ୱେ ନଭେମ୍ବର 2019 ପର୍ଯ୍ୟନ୍ତ ରାଜ୍ୟ ଲାବୋରେଟୋରୀ ପାଇଁ ଏସ୍ଏଏଲ୍ ଦ୍ୱାରା ଡାଟାବେସ୍ ପରିଚାଳିତ ହେଉଥିଲା । ଗୁଣବତ୍ତା ମ୍ୟାନେଜରଙ୍କର ବାରମ୍ବାର ମନ୍ତବ୍ୟ ସତ୍ତ୍ୱେ ମାର୍ଚ୍ଚ 2018 ଠାରୁ ଏସ୍ଏଏଲ୍ ରେକର୍ଡ ଗୁଡ଼ିକର ସଂରକ୍ଷଣ ଶୃଙ୍ଖଳା ବଜାୟ ରଖି ନଥିଲା । ଏକ ଡାଟାବେସ୍‌ର ଅଭାବରୁ ଲାବୋରେଟୋରୀ ଏବଂ ସଂରକ୍ଷଣ ଶୃଙ୍ଖଳାଗୁଡ଼ିକରେ ନମୁନା ସଂଗ୍ରହ ରସିଦ୍ ଟ୍ରାକ୍ କରାଯାଇପାରିବ ନାହିଁ, ଯାହାଦ୍ୱାରା ଗୁଣାତ୍ମକ ତଥ୍ୟ ଏବଂ ବିଶ୍ଳେଷଣରେ କମ୍ପ୍ରୋମାଇଜ୍ କରିବାକୁ ପଡ଼ିବ । ତଥାପି ଚୁକ୍ତିଭିତ୍ତିକ ଦାୟିତ୍ୱ ଗୁଡ଼ିକ ପାଳନ ନକରିବା ପାଇଁ ଏସ୍ଏଏଲ୍ ବିରୁଦ୍ଧରେ ପିଏଚ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

ଏହାର ଉତ୍ତରରେ ପିପିପି ଡବ୍ଲୁଟିଏଲ୍‌ର ନୋଡାଲ୍ ଅଧିକାରୀ ଏହି ସତ୍ୟତାକୁ ଗ୍ରହଣ କରିଥିଲେ ଏବଂ କହିଥିଲେ (ସେପ୍ଟେମ୍ବର 2020) ଯେ ପୁରୀ ଏବଂ ଭୁବନେଶ୍ୱର ଠାରେ ବିଭାଗୀୟ ଲାବୋରେଟୋରୀରେ ସଂରକ୍ଷଣ ଶୃଙ୍ଖଳ ଏବଂ ଡାଟା ବୈଧତା ସୁବିଧା ଥିବା ଏନ୍ଆଇସି ସଫ୍ଟୱେୟାର କାର୍ଯ୍ୟକାରୀ କରାଯାଇଥିଲା ଏବଂ ଅବଶିଷ୍ଟ ସ୍ଥାନରେ ସେଗୁଡ଼ିକର ପରୀକ୍ଷଣ ଜାରି ରହିଛି । ପ୍ରକୃତ ସତ୍ୟ ଏହା ଯେ ମାର୍ଚ୍ଚ 2018 ଠାରୁ ଡବ୍ଲୁଟିଏଲ୍ କାର୍ଯ୍ୟ କରିଥିବା ସତ୍ତ୍ୱେ ଏହି ଚୁକ୍ତିଭିତ୍ତିକ ବାଧ୍ୟତା ଗୁଡ଼ିକ ପୂରଣ ହୋଇ ନ ପାରିବା ପାଇଁ ପିଏଚ୍ କର୍ତ୍ତୃପକ୍ଷ ଏସ୍ଏଏଲ୍ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

### *2.1.7.7 ପିପିପି ଢାଞ୍ଚାରେ ଲାବୋରେଟୋରୀର ସ୍ଥାପନ ପାଇଁ ସ୍ୱାଧୀନ ଇଞ୍ଜିନିୟର ନିଯୁକ୍ତି ନକରିବା*

ପିପିପି ଢାଞ୍ଚାରେ ଡବ୍ଲୁଟିଏଲ୍ ପ୍ରତିଷ୍ଠା ପାଇଁ ଏସ୍ଏଏଲ୍ ସହିତ ହୋଇଥିବା ଚୁକ୍ତିନାମା ଅନୁଯାୟୀ, ପିଏଚ୍ ଇଓ, ଡବ୍ଲୁଟିଏଲ୍ ଗୁଡ଼ିକର ସେଟିଂରେ ସମସ୍ତ ଦିଗ ତଦାରଖ କରିବାରେ ପାରଦର୍ଶୀଥିବା ଏକ ସ୍ୱାଧୀନ ଇଂଜିନିୟର (ଆଇଇ) ଏକ ଫାର୍ମ କିମ୍ବା ବ୍ୟକ୍ତିବିଶେଷ ନିଯୁକ୍ତି କରିବ, । ସ୍ୱାଧୀନ ଇଂଜିନିୟର ବାହ୍ୟ ପରାମର୍ଶଦାତା ଭାବରେ ନିର୍ମାଣ ଅବଧି ମଧରେ ନିର୍ମାଣ ଅବଧି ମଧରେ ଦୈନନ୍ଦିନ ଚୁକ୍ତିନାମା ପରିଚାଳନା ଏବଂ ନିରୀକ୍ଷଣ ପାଇଁ ତଥା ସମାପ୍ତି ପ୍ରମାଣପତ୍ର ପ୍ରଦାନ ପାଇଁ ଦାୟୀ ରହିବେ ଯେ ପରୀକ୍ଷଣ କାର୍ଯ୍ୟ ଆରମ୍ଭ ପାଇଁ ଲାବୋରେଟୋରୀ ପ୍ରସ୍ତୁତ । ଏହି ବାହ୍ୟ ପରାମର୍ଶଦାତାଙ୍କ ଖର୍ଚ୍ଚ ସରକାର ବହନ କରିବେ ।

ଯଦିଓ ଏଚ୍ଆଣ୍ଡୟୁଡି ବିଭାଗ ସ୍ୱାଧୀନ ଇଂଜିନିୟର ନିଯୁକ୍ତି ପାଇଁ ଅପ୍ରେଲ 2017 ରେ ଆର୍ଏଫ୍‌ପି ଅନୁମୋଦନ କରିଥିଲା, ତଥାପି ଇଆଇସି, ପିଏଚ୍, ଆର୍ଏଫ୍‌ପି ବିଜ୍ଞପ୍ତି ଜାରି କରିନଥିଲେ ଏବଂ ଅକ୍ଟୋବର 2019 ସୁଦ୍ଧା କୌଣସି ସ୍ୱାଧୀନ ଇଂଜିନିୟର ନିଯୁକ୍ତି ହୋଇନଥିଲେ । ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଇଆଇସି, ପିଏଚ୍ (01 ମାର୍ଚ୍ଚ 2017) ରେ ଛଅ ଜଣ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରିଥିଲେ ଯାହା ନିୟମିତ ସ୍ୱାଧୀନ ଇଂଜିନିୟର ନିଯୁକ୍ତ ହେବା ପର୍ଯ୍ୟନ୍ତ ଡବ୍ଲୁଟିଏଲ୍ ଗୁଡ଼ିକର ପ୍ରତିଷ୍ଠାର ଅଗ୍ରଗତି ଉପରେ ନଜର ରଖିବ । ସ୍ୱାଧୀନ ଇଂଜିନିୟରଙ୍କ ଅନୁପସ୍ଥିତିରେ, ଅଧିକାରୀଙ୍କୁ ନେଇ ଗଠିତ କମିଟି ଆଇ ଭାବରେ କାର୍ଯ୍ୟ କରିବେ । ସ୍ୱାଧୀନ ଇଂଜିନିୟର ମାନଙ୍କୁ ଉପକରଣ/ ଯନ୍ତ୍ରପାତିର ଉପଲବ୍ଧତା ସହିତ ଲାବୋରେଟୋରୀ ସ୍ଥାପନର ସମସ୍ତ ଦିଗ ଗୁଡ଼ିକର ତଦାରଖ କରିବାକୁ ଥିଲା । ଫଳସ୍ୱରୂପ, ପିପିପି ଢାଞ୍ଚାରେ ପ୍ରତିଷ୍ଠିତ ଡବ୍ଲୁଟିଏଲ୍ ଗୁଡ଼ିକରେ ଉପକରଣ/ ଯନ୍ତ୍ରପାତିର ଅଭାବ ପରିଲକ୍ଷିତ ହୋଇଥିଲା ଯାହା ***ଅନୁଚ୍ଛେଦ 2.1.6.4*** ରେ ମୁଖ୍ୟ ଭାବରେ ଦର୍ଶାଯାଇଥିଲା ।

ଏହାର ଉତ୍ତରରେ, ଇଆଇସି ଦର୍ଶାଇଛନ୍ତି (ସେପ୍ଟେମ୍ବର 2020), ଯେହେତୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସ୍ୱାଧୀନ ଇଂଜିନିୟର ଭାବେ କାର୍ଯ୍ୟ କରିବାକୁ ସେମାନଙ୍କ ଅନୁରୋଧରେ ସହମତ ହେଲେ ନାହିଁ, ସେ (ଇଆଇସି) ପିଏଚ୍ଇଓ ଲାବୋରେଟୋରୀରେ କାର୍ଯ୍ୟରେ ଅଭିଜ୍ଞତା ଥିବା ବିଶେଷଜ୍ଞ/

ବ୍ୟକ୍ତିବିଶେଷଙ୍କୁ ବିଚାର କରି ଏକ କମିଟି ଗଠନ କରିଛନ୍ତି । ଏସ୍‌ପିସିବିର ସଦସ୍ୟ ସ୍ୱାଧୀନ ଇଂଜିନିୟର ନିଯୁକ୍ତି ପାଇଁ ଆର୍‌ଏଫ୍‌ପି ବିଜ୍ଞପ୍ତି ପାଇଁ ଏଚ୍‌ଆଣ୍ଡୟୁଡି ବିଭାଗର ନିର୍ଦ୍ଦେଶନାମା (ଅପ୍ରେଲ 2017) କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ, ତେଣୁ ସ୍ୱାଧୀନ ଇଂଜିନିୟରର ନିରପେକ୍ଷ ତଦାରଖରୁ ପ୍ରକଳ୍ପଟି ବଞ୍ଚିତ ହେଲା ।

## 2.1.8 ଉପସଂହାର

ଭିତ୍ତିଭୂମି ସୃଷ୍ଟି ନହେବା, ମାନବ ସମ୍ବଳର ଅଭାବ ଏବଂ ଅଧିକାରୀମାନଙ୍କ ଅବହେଳା ଯୋଗୁଁ, 2016-17 ସୁଦ୍ଧା ଜଳନୀତି 2013 ରେ ମନନ କରାଯାଇଥିବା 100 ପ୍ରତିଶତ ଜଳଗୁଣବତ୍ତା ହାସଲ, ନୀତି ପ୍ରଣୟନର ଛଅ ବର୍ଷ ପରେ ମଧ୍ୟ ଅପୂରଣୀୟ ରହିଥିଲା । ରାସାୟନିକ ରିଏଜେଣ୍ଟ ଏବଂ କର୍ମଚାରୀ ବ୍ୟବସ୍ଥା ନକରି ପରିଚାଳନା ପାଇଁ ଉପକରଣ କ୍ରୟ କରିବା ଦ୍ୱାରା 1.43 କୋଟି ଟଙ୍କା ମୂଲ୍ୟର ଉପକରଣ ଅକାମୀ ହୋଇଥିଲା ଓ ଗୁଣବତ୍ତାଯୁକ୍ତ ପାନୀୟ ଜଳର ବିଶ୍ଳେଷଣ ପ୍ରଭାବିତ ହୋଇଥିଲା । 2016-19 ଅବଧି ମଧ୍ୟରେ ଏଚ୍‌ପିଟିଡବ୍ଲୁ ଓ ପିଡବ୍ଲୁ ଗୁଡ଼ିକର ନମୁନା ପରୀକ୍ଷଣର ପୌନଃପୁନିକତାରେ ସ୍ୱଳ୍ପତା 71 ରୁ 99 ପ୍ରତିଶତ ମଧ୍ୟରେ ଥିଲା । ନଅଟି ପିଏଚ୍ ଡିଭିଜନରେ, ସମସ୍ତ ଉତ୍ସର ଜଳ ନମୁନା ରାଜ୍ୟ ଡବ୍ଲୁଟିଏଲ୍ (ଏସ୍‌ଏଏଲ୍) ଦ୍ୱାରା ପରୀକ୍ଷା କରାଯାଇପାରି ନଥିଲା, ଯାହାଫଳରେ ବୋରୱେଲ ଓ ଅନ୍ୟାନ୍ୟ ଉତ୍ସର ଜଳ ବିଶ୍ଳେଷଣ କରାଯାଇପାରି ନଥିଲା । ନମୁନା ପିଏଚ୍ ଡିଭିଜନଗୁଡିକରେ ପରୀକ୍ଷଣର ଫଳାଫଳ ପରିପ୍ରେକ୍ଷୀରେ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ ଯଥେଷ୍ଟ ନଥିଲା । ଭୌତିକ, ରାସାୟନିକ ଓ ଜୀବାଣୁତାତ୍ତ୍ୱିକ, ଧାତବ ଓ କୀଟନାଶକ ପାରାମିଟର ଗୁଡ଼ିକ ଉପରେ ନିୟମିତ ଜଳ ଗୁଣବତ୍ତା ପରୀକ୍ଷଣର ଅଭାବ ଯୋଗୁଁ ସହରାଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯାଇପାରି ନଥିଲା । ବିଆଇଏସ୍ ଚିହ୍ନିତ ପାନୀୟ ଜଳର ଗୁଣବତ୍ତା ମାନକ ପାରାମିଟର ଉପରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ପରିଚାଳନାଗତ ଓ ବୈଷୟିକ କର୍ମଚାରୀଙ୍କ ଉପଲବ୍ଧତା ସମ୍ବନ୍ଧରେ ନିଶ୍ଚିତତାର ଅଭାବ, କୌଣସି ଜଳ ପରୀକ୍ଷଣ ଲାବୋରେଟୋରୀ ମାନ୍ୟତା ପ୍ରାପ୍ତ ନକରିବାରୁ ସୂଚିତ ହେଉଥିଲା ।

**ଆଇନ୍ ବିଭାଗ**

## 2.2 ଦେବୋତ୍ତର ଆୟୋଗଙ୍କ ଦ୍ୱାରା ରାଜ୍ୟର ଧାର୍ମିକ ଅନୁଷ୍ଠାନ ଗୁଡ଼ିକର ପରିଚାଳନା

ଓଡ଼ିଶାରେ ହିନ୍ଦୁ ଧାର୍ମିକ ଅନୁଷ୍ଠାନ ଗୁଡ଼ିକର ପ୍ରଶାସନ, ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଅଧିନିୟମ (ଓଏଚ୍‌ଆର୍‌ଇ) 1951 ଏବଂ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ନିୟମ 1959 ଅନୁଯାୟୀ କାର୍ଯ୍ୟକାରୀ ହେଉଛି । ଉପରୋକ୍ତ ଅଧିନିୟମ ଧାରା 4 ଅନୁଯାୟୀ ଓଡ଼ିଶା ସରକାର ଅଧିନସ୍ଥ ଆଇନ୍ ବିଭାଗ ଦେବୋତ୍ତର ଆୟୋଗ କିମ୍ବା ଇସିଙ୍କୁ ନିଯୁକ୍ତି କରି ଥାଆନ୍ତି ଯିଏକି ସମସ୍ତ ଧାର୍ମିକ ଅନୁଷ୍ଠାନ(ଆର୍‌ଆଇ) ଏବଂ ଦେବୋତ୍ତର ଗୁଡ଼ିକର ସାଧାରଣ ପର୍ଯ୍ୟବେକ୍ଷଣ ପାଇଁ ଉତ୍ତରଦାୟୀ । ଅଧିନିୟମର ଧାରା 7 ଅନୁଯାୟୀ ଧାର୍ମିକ ଅନୁଷ୍ଠାନ ଏବଂ ଦେବୋତ୍ତର ଆୟୋଗ ଗୁଡ଼ିକୁ ସଠିକ୍ ଭାବରେ ପରିଚାଳିତ କରିବା ଏବଂ ଯେଉଁ ଉଦ୍ଦେଶ୍ୟରେ ସେଗୁଡ଼ିକର ସୃଷ୍ଟି ଏବଂ ବିଦ୍ୟମାନ ସେହି ଉଦ୍ଦେଶ୍ୟରେ ସେମାନଙ୍କ ଆୟ ଉପଯୁକ୍ତ ଭାବରେ ବ୍ୟୟ କରିବାକୁ ନିଶ୍ଚିତ କରିବା ପାଇଁ ଇସି ସମସ୍ତ ପ୍ରକାର ଯୁକ୍ତିଯୁକ୍ତ କାର୍ଯ୍ୟ କରିପାରିବେ । ଇସିଙ୍କୁ ଆର୍‌ଆଇ ଗୁଡ଼ିକର ବଂଶାନୁକ୍ରମିକ ଟ୍ରଷ୍ଟୀ[23]/ ପ୍ରତ୍ୟେକ ଆର୍‌ଆଇ ପାଇଁ ସୃଷ୍ଟ ଅଣବଂଶାନୁକ୍ରମିକ ଟ୍ରଷ୍ଟ ବୋର୍ଡମାନେ[24] ସହାୟତା

23 ବଂଶାନୁକ୍ରମିକ ଟ୍ରଷ୍ଟୀ ଅର୍ଥ ହେଉଛି ଏକ ଆର୍‌ଆଇର ଟ୍ରଷ୍ଟୀ ଯାହାର ଉତ୍ତରାଧିକାରୀ, ବଂଶାନୁକ୍ରମିକ ଆଧାର ଭିତ୍ତିରେ ଟ୍ରଷ୍ଟୀ ହୋଇଥାଆନ୍ତି । ଯେଉଁ ବୋର୍ଡରେ ଜଣେ ବଂଶାନୁକ୍ରମିକ ଟ୍ରଷ୍ଟୀ ରହିଥାଆନ୍ତି ତାହା ବଂଶାନୁକ୍ରମିକ ଟ୍ରଷ୍ଟ ବୋର୍ଡ ଭାବରେ ଜଣାଯାଏ

24 ଜଣେ ଟ୍ରଷ୍ଟୀ ଯିଏ ବଂଶାନୁକ୍ରମିକ ଟ୍ରଷ୍ଟୀ ନୁହଁନ୍ତି ତାଙ୍କୁ ଅଣ ବଂଶାନୁକ୍ରମିକ ଟ୍ରଷ୍ଟୀ କୁହାଯାଏ । ଯେଉଁ ବୋର୍ଡରେ ଅଣବଂଶାନୁକ୍ରମିକ ଟ୍ରଷ୍ଟୀ ଥାଆନ୍ତି ତାହା ଅଣ ବଂଶାନୁକ୍ରମିକ ଟ୍ରଷ୍ଟ ବୋର୍ଡ ଭାବରେ ଜଣାଯାଏ

ପ୍ରଦାନ କରିଥାଆନ୍ତି । ମାର୍ଚ୍ଚ 2019 ସୁଦ୍ଧା ଦେବୋତ୍ତର ଆୟୋଗଙ୍କ ପ୍ରଶାସନିକ ନିୟନ୍ତ୍ରଣରେ 17,422 ହିନ୍ଦୁ ଆର୍‌ଆଇ ବିଦ୍ୟମାନ ଥିଲେ ।

ଇସିଙ୍କ ଅନୁରୋଧକୁ ଆଧାର କରି ଆର୍‌ଆଇ ଗୁଡ଼ିକ ଓଏଚ୍‌ଆର୍‌ଇ ଅଧିନିୟମ ଓ ନିୟମ ଅନୁସାରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ସମୀକ୍ଷା କରାଯାଇଥିଲା । ଓଏଚ୍‌ଆର୍‌ଇ ଅଧିନିୟମ 1951 ଏବଂ ଓଏଚ୍‌ଆର୍‌ଇ ନିୟମ 1959 ଏବଂ ବିଭିନ୍ନ ସମୟରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଅନ୍ୟାନ୍ୟ ନିର୍ଦ୍ଦେଶ ଗୁଡ଼ିକର ଅନୁପାଳନକୁ ମୂଲ୍ୟାଙ୍କନ କରିବା ପାଇଁ ଜୁଲାଇ 2019 ରୁ ମାର୍ଚ୍ଚ 2020 ମଧ୍ୟରେ ସମୀକ୍ଷା କରାଯାଇ ଥିଲା । ଅଡିଟ୍ ଇସିଙ୍କ କାର୍ଯ୍ୟାଳୟ ଏବଂ 13 ଟି ଆର୍‌ଆଇ[25]ର ନଥି ଗୁଡ଼ିକୁ ଯାଞ୍ଚ କରିଥିଲା । ଯାଞ୍ଚ ଭୁକ୍ତ ଆର୍‌ଆଇ ଗୁଡ଼ିକ ଇସିଙ୍କ ପରାମର୍ଶ ଆଧାରରେ ଚୟନ କରାଯାଇଥିଲା ।

ଅଡିଟ୍ ଫଳାଫଳଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

**ସମୀକ୍ଷା ସିଦ୍ଧାନ୍ତ**

## 2.2.1 ଅଭାବୀ ଆନୁଷ୍ଠାନିକ ବ୍ୟବସ୍ଥା

### *2.2.1.1 ଟ୍ରଷ୍ଟ ବୋର୍ଡ ଗଠନ ନହେବା*

ଓଏଚ୍‌ଆର୍‌ଇ ଅଧିନିୟମର ଧାରା 27 ଅନୁଯାୟୀ ଆର୍‌ଆଇର ଟ୍ରଷ୍ଟ ବୋର୍ଡ ଗୁଡ଼ିକରେ ଟ୍ରଷ୍ଟୀ ମାନଙ୍କର ମନୋନୟନ ନିମନ୍ତେ ରାଜ୍ୟ ସରକାରଙ୍କ ମଞ୍ଜୁରୀ ପାଇଁ ଦେବୋତ୍ତର ଆୟୋଗ ପ୍ରସ୍ତାବ ରଖିବେ । ଉକ୍ତ ଅଧିନିୟମର ଧାରା 27(2) ଅନୁଯାୟୀ ଅଣବଂଶାନୁକ୍ରମିକ ଟ୍ରଷ୍ଟୀ ମାନଙ୍କର ସର୍ବାଧିକ କାର୍ଯ୍ୟକାଳ 30 ମାସ ଅଟେ । ଧାରା 28(3) ଅନୁଯାୟୀ ଶୃଙ୍ଖଳାଗତ ଅବମାନନା ଆଧାରରେ[26] ଯଦି କୌଣସି ବଂଶାନୁକ୍ରମିକ କିମ୍ବା ଅଣବଂଶାନୁକ୍ରମିକ ଟ୍ରଷ୍ଟିଙ୍କୁ ଅପସାରଣ କରାଯାଏ, ତେବେ ଟ୍ରଷ୍ଟର କାର୍ଯ୍ୟନିର୍ବାହ କରିବା ପାଇଁ ଇସି ସେହି ସ୍ଥାନରେ ଜଣେ ଉପଯୁକ୍ତ ବ୍ୟକ୍ତି ନିଯୁକ୍ତ କରିବେ । ସୁତରାଂ, ଟ୍ରଷ୍ଟ ବୋର୍ଡ ଏକ ଚିରନ୍ତନ ସଂସ୍ଥା ।

13 ଗୋଟି ଆର୍‌ଆଇର ସମୀକ୍ଷା ଯାଞ୍ଚରୁ ଜଣାପଡ଼ିଲା ଯେ ଉକ୍ତ ଅଧିନିୟମର ବ୍ୟବସ୍ଥା ଦେବୋତ୍ତର ଢେଙ୍କାନାଳ ପାଇଁ ପ୍ରଯୁଜ୍ୟ ନଥିଲା ଏବଂ ଶ୍ରୀରାମ ମନ୍ଦିର, ଭୁବନେଶ୍ୱରରେ ଏହି ବ୍ୟବସ୍ଥାର ପ୍ରୟୋଗ ବିଚାରାଧିନ ରହିଥିଲା । ଅବଶିଷ୍ଟ 11 ଗୋଟି ନମୁନା ଆର୍‌ଆଇ ଗୁଡ଼ିକରେ ଟ୍ରଷ୍ଟ ବୋର୍ଡର ସ୍ଥିତି ***ପରିଶିଷ୍ଟ 2.2.1*** ରେ ଦର୍ଶାଯାଇଛି । କିଛି ଉଦାହରଣ ନିମ୍ନରେ ଆଲୋଚନା କରାଯାଇଛି:

- 11 ନମୁନା ଆର୍‌ଆଇ ମଧ୍ୟରୁ ତିନୋଟି ଆର୍‌ଆଇ[27]ରେ ଟ୍ରଷ୍ଟ ବୋର୍ଡ ଗଠନ ନିମନ୍ତେ ବଂଶାନୁକ୍ରମିକ ଏବଂ ଅଣବଂଶାନୁକ୍ରମିକ ଟ୍ରଷ୍ଟୀ ମାନଙ୍କର ଗ୍ରହଣ ବ୍ୟବସ୍ଥା ଥିଲା, କିନ୍ତୁ ନିୟମିତ ଟ୍ରଷ୍ଟ ବୋର୍ଡର କାର୍ଯ୍ୟ କାଳ ଶେଷ ହେବା ପରେ ଟ୍ରଷ୍ଟ ବୋର୍ଡ ଗଠନ ହୋଇଥିବା ବେଳେ କୌଣସି ଅଣବଂଶାନୁକ୍ରମିକ ଟ୍ରଷ୍ଟୀଙ୍କୁ ଇସିଙ୍କ ଦ୍ୱାରା ମନୋନୟନ କରାଯାଇ ନଥିଲା । ଉକ୍ତ ତିନୋଟି ଆର୍‌ଆଇ ଗୁଡ଼ିକର ନିତିଦିନିଆ କାର୍ଯ୍ୟସବୁ କାମଚଳା ବ୍ୟବସ୍ଥାରେ ପାଳନ ହେଉଥିଲା । ମା ଚଣ୍ଡୀ ମନ୍ଦିରରେ ଜଣେ ବଂଶାନୁକ୍ରମିକ ଟ୍ରଷ୍ଟୀ ଏବଂ ଜଣେ ସେବାୟତ (ଟ୍ରଷ୍ଟ ବୋର୍ଡ ସଦସ୍ୟ) କାର୍ଯ୍ୟ

---

[25] ଶ୍ରୀ ରାମ ମନ୍ଦିର, ରାଜଧାନୀ ପୂଜା ସମିତେ ଏବଂ ଶ୍ରୀ ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱର, ମା ମଙ୍ଗଳା ମନ୍ଦିର, କାକଟପୁର, ପୁରୀ, ମା ଚଣ୍ଡୀ ମନ୍ଦିର, କଟକ, ମା ଶାରଳା ମନ୍ଦିର ଏବଂ ଶ୍ରୀ ଗୋରଖନାଥ ମନ୍ଦିର, ଜଗତସିଂହପୁର, ଶ୍ରୀ ଜଗନ୍ନାଥ ବଲ୍ଲଭ ମଠ, ପୁରୀ, ଶ୍ରୀ ଆଖଣ୍ଡଳମଣୀ ମନ୍ଦିର, ଭଦ୍ରକ, ଠାକୁର ମହଲ, ନୀଳଗିରି, ବାଲେଶ୍ୱର, ଦେବୋତ୍ତର, ଢେଙ୍କାନାଳ ଜିଲ୍ଲା, ମା ଉଗ୍ରତରା ମନ୍ଦିର, ଭୂଷଣ୍ଡପୁର, ଖୋର୍ଦ୍ଧା ଏବଂ ମା ସମଲେଶ୍ୱରୀ ମନ୍ଦିର, ସମ୍ବଲପୁର

[26] ବଜେଟ, ଆକାଉଣ୍ଟସ୍ ରିପୋର୍ଟ କିମ୍ବା ରିଟର୍ଣ୍ଣ କିମ୍ବା ସରକାରୀ ଦେୟ ପ୍ରଦାନରେ କ୍ରମାଗତ ଖିଲାପ: ସରକାର ଜାରି କରିଥିବା କୌଣସି ଆଦେଶର ଅବମାନନା: ଦୁର୍ବ୍ୟବହାର, ଅସଦ କାର୍ଯ୍ୟ, କ୍ଷମତା ଅପବ୍ୟବହାର, ବିଶ୍ୱାସର ଉଲ୍ଲଙ୍ଘନ କିମ୍ବା କର୍ତ୍ତବ୍ୟରେ ଅବହେଳା: ଅନୁଷ୍ଠାନର ସମ୍ପତ୍ତିର ଆତ୍ମସାତ୍‌କରଣ/ ଅପବ୍ୟବହାର: ମାନସିକ ଅସୁସ୍ଥତା କିମ୍ବା ଅନ୍ୟାନ୍ୟ ମାନସିକ କିମ୍ବା ଶାରୀରିକ ବ୍ୟତୀକ୍ରମ କିମ୍ବା ଦୁର୍ବଳତା ଆଦି ପରିପ୍ରେକ୍ଷୀରେ

[27] ମା ଚଣ୍ଡୀ ମନ୍ଦିର, ଶ୍ରୀ ଆଖଣ୍ଡଳମଣୀ ମନ୍ଦିର ଓ ଠାକୁର ମହଲ

ପରିଚାଳନା କରୁଥିଲେ । ଶ୍ରୀ ଆଖଣ୍ଡଳମଣୀ ମନ୍ଦିରରେ ବଂଶାନୁକ୍ରମିକ ସଦସ୍ୟମାନଙ୍କ ସହିତ କାର୍ଯ୍ୟତଃ ଟ୍ରଷ୍ଟ ବୋର୍ଡ କାର୍ଯ୍ୟ କରୁଥିଲା; ଠାକୁର ମହଲରେ ଏକ ମଧ୍ୟବର୍ତ୍ତୀ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଥିଲା ଏବଂ ଏହା କାର୍ଯ୍ୟ କରୁଥିଲା ।

- ଅବଶିଷ୍ଟ ଆଠଟି ଆର୍‌ଆଇ ମଧ୍ୟରୁ ପାଞ୍ଚଟି ଆର୍‌ଆଇ[28]ରେ ମଧ୍ୟବର୍ତ୍ତୀ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଥିଲା, ଯଦିଓ ଓଏଚ୍‌ଆର୍‌ଇ ଅଧିନିୟମରେ ମଧ୍ୟବର୍ତ୍ତୀ ଟ୍ରଷ୍ଟ ବୋର୍ଡର କୌଣସି ବ୍ୟବସ୍ଥା ନାହିଁ । ଦୁଇଟି ଆର୍‌ଆଇ (ଜଗନ୍ନାଥ ବଲ୍ଲଭ ମଠ ଏବଂ ମା ସମଲେଶ୍ୱରୀ ମନ୍ଦିର) ରେ କୌଣସି ମଧ୍ୟବର୍ତ୍ତୀ କାଳିନ ଟ୍ରଷ୍ଟ ବୋର୍ଡମଧ୍ୟ ନଥିଲା । ମା ଉଗ୍ରତରା ମନ୍ଦିର କ୍ଷେତ୍ରରେ ଯଦିଓ ଇସି ଡିସେମ୍ବର 2018 ରେ ଟ୍ରଷ୍ଟ ବୋର୍ଡ ନିମନ୍ତେ ସାତ ଜଣ ସଦସ୍ୟଙ୍କୁ ମନୋନୀତ କରିଥିଲେ, ଅକ୍ଟୋବର 2020 ପର୍ଯ୍ୟନ୍ତ ସରକାର ଏହାକୁ ଅନୁମୋଦନ କରିନଥିଲେ, ଫଳସ୍ୱରୁପ ଉକ୍ତ ବୋର୍ଡ କାର୍ଯ୍ୟକ୍ଷମ ହୋଇ ନଥିଲା ।

- ସରକାରୀ ଅଧିକାରୀମାନଙ୍କୁ ଟ୍ରଷ୍ଟି ଭାବରେ ନିଯୁକ୍ତି ଦିଆଯିବା ପରିପ୍ରେକ୍ଷୀରେ, ବ୍ୟବସ୍ଥାରେ ସ୍ଥିରତାର ଅଭାବ ପରିଲକ୍ଷିତ ହୋଇଥିଲା । ରାଜଧାନୀ ପୂଜା ସମିତିରେ ଯଦିଓ ମଧ୍ୟବର୍ତ୍ତୀ ଟ୍ରଷ୍ଟ ବୋର୍ଡର ସମସ୍ତ ତିନି ଜଣ ସଦସ୍ୟ ସରକାରୀ ଅଧିକାରୀ ଥିଲେ ମା' ଶାରଳା ମନ୍ଦିର, ଜଗତସିଂହପୁରରେ ଜିଲ୍ଲାପାଳ ଟ୍ରଷ୍ଟ ବୋର୍ଡର ଏକ ମାତ୍ର ସଦସ୍ୟ ରହିଥିଲେ ।

- ଓଏଚ୍‌ଆର୍‌ଇ (ସଂଶୋଧନ) ଅଧିନିୟମ 2018 ର ଧାରା 42(2) (i) ଅନୁଯାୟୀ ଟ୍ରଷ୍ଟୀ ମାନଙ୍କ ମଧ୍ୟରୁ ନ୍ୟୁନତମ 50 ପ୍ରତିଶତ ଟ୍ରଷ୍ଟି ରାଜ୍ୟ କାର୍ଯ୍ୟାଳୟର ଅଧିକାରୀ[29] ମଧ୍ୟରୁ ନିଯୁକ୍ତ ହେବେ, ମାତ୍ର 11 ଟି ଆର୍‌ଆଇ ମଧ୍ୟରୁ କୌଣସିଟିରେ ସରକାରୀ ଅଧିକାରୀ ମାନେ ମୋଟ ଟ୍ରଷ୍ଟୀ ସଂଖ୍ୟାର 50 ପ୍ରତିଶତ ନଥିଲେ ।

ଏହିପରି ଭାବରେ, ଆର୍‌ଆଇ ଗୁଡ଼ିକର ପରିଚାଳନା ପାଇଁ ଅଧିନିୟମରେ ପ୍ରଦାନ କରାଯାଇଥିବା ଆନୁଷ୍ଠାନିକ ବ୍ୟବସ୍ଥାର ଅନୁପାଳନ କରାଯାଇ ନଥିଲା । ଟ୍ରଷ୍ଟବୋର୍ଡ କିମ୍ବା ପୂର୍ଣ୍ଣ କାର୍ଯ୍ୟକ୍ଷମ ଟ୍ରଷ୍ଟ ବୋର୍ଡ ଅଭାବ ଫଳରେ ଆର୍‌ଆଇ ଗୁଡ଼ିକରେ ଅପର୍ଯ୍ୟାପ୍ତ ପର୍ଯ୍ୟବେକ୍ଷଣ, ସମ୍ପତ୍ତି, ମୂଲ୍ୟବାନ ପଦାର୍ଥ ଓ ରାଜସ୍ୱର ତ୍ରୁଟିଯୁକ୍ତ ପରିଚାଳନାର ସୁଯୋଗ ସୃଷ୍ଟି ହୋଇଥିଲା ।

ଇସି କହିଲେ (ଜୁଲାଇ 2020) ଯେ ଅଧିନିୟମ 27 ରେ ଧାର୍ଯ୍ୟ କରାଯାଇଥିବା ପ୍ରକ୍ରିୟାକୁ ଅନୁସରଣ କରି ଟ୍ରଷ୍ଟଚୟନ ଏକ ସମୟ ସାପେକ୍ଷ ପ୍ରକ୍ରିୟା ଯାହା ପାଇଁ ମଧ୍ୟବର୍ତ୍ତୀକାଳିନ ବ୍ୟବସ୍ଥା କରାଯାଇଥିଲା । ଉତ୍ତର ଯୁକ୍ତିଯୁକ୍ତ ନଥିଲା କାରଣ ଓଏଚ୍‌ଆର୍‌ଇ ଅଧିନିୟମରେ ମଧ୍ୟବର୍ତ୍ତୀ କିମ୍ବା କାମଚଳା ବ୍ୟବସ୍ଥାର ଉଲ୍ଲେଖ ନଥିଲା ।

### *2.2.1.2 ଧାର୍ମିକ ଅନୁଷ୍ଠାନ ଗୁଡ଼ିକରେ ପରିଚାଳନା ପାଇଁ କୌଣସି ଯୋଜନା ପ୍ରସ୍ତୁତ ନହେବା*

ଓଏଚ୍‌ଆର୍‌ଇ ଅଧିନିୟମର ଧାରା 42 ଅନୁଯାୟୀ ଏକ ଆର୍‌ଆଇ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥାଏ ଯଦି ଉକ୍ତ ଯୋଜନାଟି ଆର୍‌ଆଇର ଉପଯୁକ୍ତ ପ୍ରଶାସନିକ ହିତ ପାଇଁ ଅନିର୍ବାଯ୍ୟ ଅଟେ କିମ୍ବା ନ୍ୟୁନତମ ପାଞ୍ଚ ଜଣ ଆଗ୍ରହୀ ବ୍ୟକ୍ତିବିଶେଷ ଏହା ସପକ୍ଷରେ ରାଜ୍ୟ ସରକାରଙ୍କୁ ଦରଖାସ୍ତ କରିଥାନ୍ତି । ଏକ ଯୋଜନା, ଟ୍ରଷ୍ଟୀ ସଂଖ୍ୟା ସ୍ଥିର କରିବା, ଟ୍ରଷ୍ଟୀମାନଙ୍କ ନିଯୁକ୍ତି/ ଅପସରଣ, ଟ୍ରଷ୍ଟୀ/ ପରିଚାଳନା ଟ୍ରଷ୍ଟୀ ଏବଂ ଇଓ ମାନଙ୍କର କ୍ଷମତା ଓ କର୍ତ୍ତବ୍ୟ ଇତ୍ୟାଦିକୁ ବ୍ୟାଖ୍ୟା କରିଥାଏ । ଏହା ମଧ୍ୟ ଆର୍‌ଆଇଗୁଡ଼ିକର ପ୍ରଶାସନ, ମୂଲ୍ୟବାନ ସାମଗ୍ରୀର ସଂରକ୍ଷଣ ପଦ୍ଧତି ଏବଂ ଏଥିପାଇଁ ଦାୟୀ ବ୍ୟକ୍ତି ବିଶେଷ, ହିସାବ ଖାତାଗୁଡ଼ିକର ରକ୍ଷଣାବେକ୍ଷଣ, ସମ୍ପତ୍ତି ପରିଚାଳନା ଇତ୍ୟାଦି ପାଇଁ ଖର୍ଚ୍ଚର ପରିମାଣକୁ ନିୟନ୍ତ୍ରଣ କରିଥାଏ ।

---

[28] ରାଜଧାନୀ ପୂଜା ସମିତି, ପ୍ରଭୁ ଲିଙ୍ଗରାଜ ମନ୍ଦିର, ମା ମଙ୍ଗଳା ମନ୍ଦିର, ମା ଶାରଳା ମନ୍ଦିର ଓ ଶ୍ରୀ ଗୋରଖନାଥ ମନ୍ଦିର

[29] ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାପାଳ ଇତ୍ୟାଦି

ଅଡିଟ୍ ଜାଣିବାକୁ ପାଇଲା ଯେ 12 ଗୋଟି ନମୁନା ଆର୍‌ଆଇ[30] ମଧ୍ୟରୁ ତିନୋଟି ଆର୍‌ଆଇରେ[31] କୌଣସି ଯୋଜନା ପ୍ରସ୍ତୁତ କରାଯାଇ ନଥିଲା । ଏହି ଯୋଜନାର ଅନୁପସ୍ଥିତିରେ ଅନୁଷ୍ଠାନ ଗୁଡ଼ିକର ସମ୍ପତ୍ତି ଏବଂ ମୂଲ୍ୟବାନ ସାମଗ୍ରୀର ସଠିକ୍ ପରିଚାଳନା ଏବଂ ସଂରକ୍ଷଣ ସୁନିଶ୍ଚିତ କରାଯାଇପାରି ନଥିଲା । ଫଳସ୍ୱରୂପ କୌଣସି ପଦଧାରୀ କିମ୍ବା ଟ୍ରଷ୍ଟ ହିସାବ ଖାତା ପ୍ରସ୍ତୁତ ଏବଂ ସମ୍ପତ୍ତି ପରିଚାଳନା, ମୂଲ୍ୟବାନ ସାମଗ୍ରୀର ନିରାପଦ ସଂରକ୍ଷଣ ଇତ୍ୟାଦି ପାଇଁ ଦାୟୀ ନଥିଲେ । ଏହାର ପରିଣାମ ସ୍ୱରୂପ ଆର୍‌ଆଇରେ ସମ୍ପତ୍ତି ପରିଚାଳନାରେ ଦୁର୍ବଳତା ଗୁଡ଼ିକୁ ***ଅନୁଚ୍ଛେଦ 2.2.2.3*** ଏବଂ **2.2.3.1**. ରେ ଆଲୋଚନା କରାଯାଇଛି । ଏତଦ୍ ବ୍ୟତୀତ ଆର୍‌ଆଇ ଗୁଡ଼ିକ ଦ୍ୱାରା ମୂଲ୍ୟବାନ ସାମଗ୍ରୀର ସୁରକ୍ଷିତ ସଂରକ୍ଷଣ ସଂପର୍କିତ ମନ୍ତବ୍ୟ ଗୁଡ଼ିକ ***ଅନୁଚ୍ଛେଦ 2.2.3.6*** ଏବଂ ***2.2.3.7*** ରେ ଆଲୋଚନା ହୋଇଛି । ଯୋଜନା ପ୍ରସ୍ତୁତ ହୋଇନଥିବା ତିନୋଟି ମନ୍ଦିରରେ ପରିଲକ୍ଷିତ ବିଷୟ ଗୁଡ଼ିକ ନିମ୍ନ ସାରଣୀରେ ଉପସ୍ଥାପିତ ହୋଇଛି:

***ସାରଣୀ 2.2.1: ଯୋଜନା ପ୍ରସ୍ତୁତ ହୋଇନଥିବା ଆର୍‌ଆଇ ଗୁଡ଼ିକରେ ଅଡିଟ୍ ଲକ୍ଷ୍ୟ କରିଥିବା ତ୍ରୁଟିଗୁଡ଼ିକର ସାରାଂଶ***

| ଆର୍‌ଆଇଙ୍କ ନାମ | ଇସ୍ୟୁ-1 | ଇସ୍ୟୁ -2 | ଇସ୍ୟୁ -3 | ଇସ୍ୟୁ-4 |
|---|---|---|---|---|
| ଶ୍ରୀ ରାମ ମନ୍ଦିର | ଦସ୍ତାବିଜ୍ ଗୁଡ଼ିକର ନିମ୍ନସ୍ତରୀୟ ରକ୍ଷଣାବେକ୍ଷଣ | ଦୋକାନ ଗୁଡ଼ିକର କୁପରିଚାଳନା | ଅନିୟମିତ କ୍ରୟ | ପାଣ୍ଠିର କମ୍ ବ୍ୟବହାର |
| ଶ୍ରୀ ଗୋରଖନାଥ ମନ୍ଦିର | ଟ୍ରଷ୍ଟି ନିଯୁକ୍ତି ନିମନ୍ତେ କୌଣସି ପ୍ରକ୍ରିୟା ନାହିଁ (11 ସଦସ୍ୟଙ୍କ ଦ୍ୱାରା ମଧ୍ୟବର୍ତ୍ତୀ ଟ୍ରଷ୍ଟ ବୋର୍ଡର ପରିଚାଳନା) | ନିଲାମଧାରୀଙ୍କ ଠାରୁ ଉଲ୍ଲେଖନୀୟ ପରିମାଣ (1.83 କୋଟି ଟଙ୍କା) ବକେୟା । | ସେବାୟତଙ୍କ ଉପରେ କୌଣସି ନିୟନ୍ତ୍ରଣ ନାହିଁ, ଯେଉଁମାନେ ଅନିୟମିତ ଭାବରେ ମନ୍ଦିର ପରିସରରେ ପ୍ରସାଦ ବିକନ୍ତି । | 13 ଟି ନିର୍ମାଣ କାର୍ଯ୍ୟ ବିନା ଟେଣ୍ଡରରେ ନିର୍ବାହନ । |
| ମା ଉଗ୍ରତରା ମନ୍ଦିର | 2012-17 ମଧ୍ୟରେ ଏହି ମନ୍ଦିରରେ ତିନୋଟି ଡକାୟତି ହୋଇଥିଲା ଯେଉଁଥିରେ ମନ୍ଦିରର ଅଧିକାଂଶ ନଗଦ ଟଙ୍କା ଏବଂ ମୂଲ୍ୟବାନ ସାମଗ୍ରୀ ଚୋରୀ ହୋଇଥିଲା । | ଉପ-ଜିଲ୍ଲାପାଳ, ତହସିଲଦାର ଏବଂ ବିଡିଓଙ୍କୁ ନେଇ ଏକ ସମାନ୍ତରାଳ କମିଟି ନଭେମ୍ବର 2018 ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା ବର୍ତ୍ତମାନ, ଏକ ମଧ୍ୟବର୍ତ୍ତୀ ଟ୍ରଷ୍ଟ ବୋର୍ଡ କାର୍ଯ୍ୟ କରୁଛି । | ଭୂ-ସମ୍ପତ୍ତିର କୁପରିଚାଳନା । | ପଦଧାରୀଙ୍କ ଘରେ ଅଳଙ୍କାର ରଖାଯାଇଥିଲା । |

***(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ଆର୍‌ଆଇ ଗୁଡ଼ିକର ରେକର୍ଡ ଆଧାରରେ ଅଡିଟ୍ ପର୍ଯ୍ୟବେକ୍ଷଣ)***

ଇସି କୌଣସି ଉତ୍ତର ପ୍ରଦାନ କରିନଥିଲେ ।

### 2.2.1.3 *କର୍ମଚାରୀ ନିଯୁକ୍ତିରେ ଅନିୟମିତତା*

ଓଏଚ୍‌ଆର୍‌ଇ ଅଧିନିୟମର ଧାରା 31 ଅନୁଯାୟୀ ଏକ ଆର୍‌ଆଇରେ ପଦଧାରୀ କିମ୍ବା ସେବକମାନଙ୍କ ପଦବୀ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବରେ ଖାଲି ପଡ଼ିଥିଲେ ସେଗୁଡ଼ିକ ଟ୍ରଷ୍ଟୀମାନଙ୍କ ଦ୍ୱାରା ପୂରଣ ହେବ, ଯଦି କାର୍ଯ୍ୟ କିମ୍ବା ସେବା ବଂଶାନୁକ୍ରମିକ ହୋଇଥିବ । ଓଏଚ୍‌ଆର୍‌ଇ ନିୟମ, 1959 ର ଧାରା 67(2) ଅନୁଯାୟୀ, ବଂଶାନୁକ୍ରମିକ ଅଧିକାରୀ କିମ୍ବା ସେବକଙ୍କ ବ୍ୟତୀତ କୌଣସି ବ୍ୟକ୍ତି ଯଦି 25 ବର୍ଷରୁ ଉର୍ଦ୍ଧ୍ୱ ଏବଂ 60 ବର୍ଷରୁ କମ୍ ବୟସର ହୋଇଥିବେ ତେବେ କୌଣସି କାର୍ଯ୍ୟାଳୟରେ ନିଯୁକ୍ତି ପାଇ ପାରିବେ ନାହିଁ କିମ୍ବା ପଦ ବଜାୟ ରଖିପାରିବେ ନାହିଁ । 13 ଟି ଯାଞ୍ଚ ହୋଇଥିବା ଆର୍‌ଆଇରେ ନିଯୁକ୍ତି ପ୍ରାପ୍ତ କର୍ମଚାରୀଙ୍କ ନାମ, ସେମାନଙ୍କର ବୟସ ଏବଂ ସଂପୃକ୍ତ ଟ୍ରଷ୍ଟ ବୋର୍ଡ ଦ୍ୱାରା ସେମାନଙ୍କ ନିଯୁକ୍ତିର ସ୍ଥିତି ***ପରିଶିଷ୍ଟ 2.2.2*** ରେ ଦର୍ଶାଯାଇଛି ।

30 ଢେଙ୍କାନାଳ ଜିଲ୍ଲାରେ ଦେବୋତ୍ତର (ପ୍ରତ୍ୟକ୍ଷ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ) ଅନ୍ତର୍ଗତ ଆର୍‌ଆଇ ଗୁଡ଼ିକ ବ୍ୟତୀତ

31 ଶ୍ରୀ ରାମ ମନ୍ଦିର, ଶ୍ରୀ ଗୋରଖନାଥ ମନ୍ଦିର ଏବଂ ମା ଉଗ୍ରତରା ମନ୍ଦିର

ଅଡିଟ୍ ଲକ୍ଷ୍ୟ କଲେ ଯେ:

- 13 ଟି ଆର୍‌ଆଇରେ, ନିଯୁକ୍ତି ପାଇଥିବା 265 ଜଣ କର୍ମଚାରୀଙ୍କ ମଧ୍ୟରୁ 246 (93 ପ୍ରତିଶତ) ଜଣ ଅଣବଂଶାନୁକ୍ରମିକ କର୍ମଚାରୀଙ୍କ ନିଯୁକ୍ତି ସଂପୃକ୍ତ ଟ୍ରଷ୍ଟ ବୋର୍ଡ ଦ୍ୱାରା ଅନୁମୋଦନ ହୋଇନଥିଲା ଏବଂ କର୍ମଚାରୀଙ୍କ ନିମନ୍ତେ କୌଣସି ସେବା ନିୟମାବଳୀ ପ୍ରସ୍ତୁତ କରାଯାଇ ନଥିଲା ।
- 13 ଟି ଯାଞ୍ଚ କରାଯାଇଥିବା ଆର୍‌ଆଇରେ, 40 ଜଣ କର୍ମଚାରୀ ଏବଂ କାର୍ଯ୍ୟ ନିର୍ବାହୀ (14 ପ୍ରତିଶତ) ଙ୍କ ବୟସ 60 ବର୍ଷରୁ ଉର୍ଦ୍ଧ୍ୱ ଥିଲା, ତେଣୁ, ସେମାନେ ସଂପୃକ୍ତ ଟ୍ରଷ୍ଟ ବୋର୍ଡରେ ସେବା ଜାରି ରଖିବା ପାଇଁ ଯୋଗ୍ୟ ନଥିଲେ । ସେମାନଙ୍କ ବାର୍ଷିକ ଦରମା ଖର୍ଚ୍ଚ 27.79 ଲକ୍ଷ ଟଙ୍କା ଥିଲା ।

ଇସି, ଏହି ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଥିବା ବେଳେ କହିଲେ (ଜୁଲାଇ 2020) ଯେ, ଯେହେତୁ କିଛି ଆର୍‌ଆଇର ଟ୍ରଷ୍ଟୀମାନେ ସେହି ଅନୁଷ୍ଠାନ ଗୁଡ଼ିକୁ ପରିଚାଳନା କରିଥାନ୍ତି, ଯାହା ଧାର୍ଯ୍ୟ ମାନଦଣ୍ଡ ଅନୁସରଣ ବିନା କର୍ମଚାରୀ ନିଯୁକ୍ତିର କାରଣ ହୋଇଥାଇ ପାରେ । ତଥାପି, ସତ୍ୟତା ଏହା ଯେ, କର୍ମଚାରୀ ନିଯୁକ୍ତିର ପ୍ରଚଳିତ ପଦ୍ଧତି, ଓଏଚ୍‌ଆର୍‌ଇ ନିୟମାବଳୀର ପ୍ରାବଧାନ ଅନୁରୂପ ନଥିଲା ।

### 2.2.2 ଗୁରୁତ୍ୱପୂର୍ଣ୍ଣ ରେଜିଷ୍ଟର ପ୍ରଚଳନ ନକରିବା

#### *2.2.2.1 ରେଜିଷ୍ଟରର ପ୍ରଚଳନ ନହେବା*

ଓଏଚ୍‌ଆର୍‌ଇ ଅଧିନିୟମର ଧାରା 15 (1) ଅନୁଯାୟୀ ଅତୀତ ଓ ବର୍ତ୍ତମାନର ଟ୍ରଷ୍ଟୀଙ୍କ ନାମ, ଆର୍‌ଆଇର ସମସ୍ତ ପ୍ରଦତ୍ତ ସମ୍ପତ୍ତିର ବିବରଣୀ ଓ ସମସ୍ତ ସ୍ୱତ୍ୱ ଦଲିଲ୍ ତଥା ବଂଶାନୁକ୍ରମିକ ଟ୍ରଷ୍ଟୀଙ୍କ ନାମରେ ଥିବା ସମ୍ପତ୍ତି ସହିତ ଅନ୍ୟାନ୍ୟ ଦସ୍ତାବିଜ, ଆକଳିତ ମୂଲ୍ୟ ସହିତ ପୂଜା କିମ୍ବା ଯାତ୍ରା ଉଦ୍ଦେଶ୍ୟରେ ଥିବା ଆର୍‌ଆଇର ଅଳଙ୍କାର, ସୁନା, ରୁପା, ମୂଲ୍ୟବାନ ପଥର, ସମସ୍ତ ବାସନକୁସନ ଏବଂ ଅସ୍ଥାବର ସମ୍ପତ୍ତି, ଅନୁଷ୍ଠାନ ସହିତ ଜଡ଼ିତ ମୂର୍ତ୍ତି ଓ ଅନ୍ୟାନ୍ୟ ପ୍ରତିଛବି, ଇତ୍ୟାଦି ଉଲ୍ଲେଖ ଥିବା ଏହି ରେଜିଷ୍ଟର (ମୁଖ୍ୟତଃ ସମ୍ପତ୍ତି ରେଜିଷ୍ଟର କୁହାଯାଏ) ପ୍ରଚଳନ କରିବା ଆବଶ୍ୟକ । ଧାରା 15(2) ଅନୁଯାୟୀ ରେଜିଷ୍ଟରଟି ଟ୍ରଷ୍ଟୀ କିମ୍ବା ସଂପୃକ୍ତ ଆର୍‌ଆଇର, ଜଣେ ପ୍ରାଧିକୃତ ଏଜେଣ୍ଟଙ୍କ ଦ୍ୱାରା ପ୍ରସ୍ତୁତ, ଦସ୍ତଖତ ଏବଂ ଯାଞ୍ଚ କରାଯିବ ଏବଂ ସହାୟକ କମିଶନରଙ୍କ ମାଧ୍ୟମରେ ଇସିଙ୍କୁ ଦାଖଲ କରାଯିବ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, 13 ଗୋଟି ନମୁନା ଆର୍‌ଆଇ ମଧ୍ୟରୁ ମାତ୍ର ଗୋଟିଏ ଆର୍‌ଆଇ (ଠାକୁର ମହଲ, ନୀଳଗିରି) ଦ୍ୱାରା ଇସିଙ୍କ ଦ୍ୱାରା ଅନୁମୋଦିତ ରେଜିଷ୍ଟର ପ୍ରଚଳନ କରିଥିଲେ । ଛଅଟି ଆର୍‌ଆଇ[32] ଏହି ରେଜିଷ୍ଟର ପ୍ରଚଳନ କରୁନଥିଲେ । ଅବଶିଷ୍ଟ ଛଅଟି ଆର୍‌ଆଇ ରେଜିଷ୍ଟର ପ୍ରଚଳନ କରିଥିଲେ ମଧ ସେଗୁଡ଼ିକ ଇସିଙ୍କ ଦ୍ୱାରା ଅନୁମୋଦିତ ହୋଇନଥିଲା । ଏପରିକି ଠାକୁର ମହଲ ମନ୍ଦିର କ୍ଷେତ୍ରରେ ରେଜିଷ୍ଟର ଶେଷ ଥର ପାଇଁ 1993 ରେ ଅଦ୍ୟତନ ହୋଇଥିଲା । ରେଜିଷ୍ଟରଗୁଡ଼ିକର ସଠିକ୍ ପ୍ରଚଳନ ଅଭାବରୁ ଏହା ଦେଖାଗଲା ଯେ :

- ମୂର୍ତ୍ତି, ଅଳଙ୍କାର, ପିତଳ ଏବଂ ତମ୍ବା ପୋଷାକ ଏବଂ ବାସନ ଗୁଡ଼ିକର ତାଲିକା ସଠିକ୍ ଭାବରେ ହିସାବ କରାଯାଇ ନଥିଲା,
- ସ୍ଥାବର ଏବଂ ଅସ୍ଥାବର ସଂପତ୍ତିର ବିଶଦ ବିବରଣୀ ସହିତ ଜମି ପଟ୍ଟା/ ସ୍ୱତ୍ୱ ଅଧିକାର/ ଚୁକ୍ତି ନାମା ଇତ୍ୟାଦି ଗୁଡ଼ିକ ଉପଲବ୍ଧ ନଥିଲା,
- ମନ୍ଦିର ଗୁଡ଼ିକ ପାଇଁ ସ୍ଥିରୀକୃତ ଯୋଜନା, ବିଭିନ୍ନ ଦୈନନ୍ଦିନ ରୀତିନୀତି/ ପର୍ବପର୍ବାଣୀ ନିମନ୍ତେ ବ୍ୟୟର ମାନଦଣ୍ଡ ଏବଂ ପଦଧାରୀମାନଙ୍କ ନାମ ସହିତ ସେମାନଙ୍କର ବୟସ, ଆବଣ୍ଟିତ କାର୍ଯ୍ୟ, ନିର୍ଦ୍ଧାରିତ ପାରିଶ୍ରମିକ ଇତ୍ୟାଦି ଭଳି କାର୍ଯ୍ୟର ବିବରଣୀ କୌଣସି ଦଲିଲରେ ଲିପିବଦ୍ଧ ହୋଇନଥିଲା ।

[32] ଶ୍ରୀ ରାମ ମନ୍ଦିର, ଶ୍ରୀ ଲିଙ୍ଗରାଜ ମନ୍ଦିର, ମା ମଙ୍ଗଳା ମନ୍ଦିର, ଦେବୋତ୍ତର ଅଧିନରେ ଆସୁଥିବା ଢେଙ୍କାନାଳ ଜିଲ୍ଲାର ସମସ୍ତ ମନ୍ଦିର, ମା ଉଗ୍ରତରା ମନ୍ଦିର ଏବଂ ମା ସମଲେଶ୍ୱରୀ ମନ୍ଦିର

ଇସି, ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଥିବା ବେଳେ ଏହା କହିଥିଲେ (ଜୁଲାଇ 2020) ଯେ, ଆର୍‌ଆଇ ଗୁଡ଼ିକର ଜମିଜମା ସଂପତ୍ତିର ବନ୍ଦୋବସ୍ତ ନହେବା ଏବଂ ଅଣବଂଶାନୁକ୍ରମିକ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟୀମାନଙ୍କର ପରିବର୍ତ୍ତନ, ସଂପତ୍ତି ରେଜିଷ୍ଟର ପ୍ରଚଳନ ନ ହେବାର କେତେକ କାରଣ ଥିଲା । ଉତ୍ତର ଯୁକ୍ତିଯୁକ୍ତ ନଥିଲା ଯେହେତୁ ସମ୍ପତ୍ତି ରେଜିଷ୍ଟର ପ୍ରଚଳନ, ଅଧିନିୟମ ଅନୁଯାୟୀ ଏକ ଆଇନଗତ ଆବଶ୍ୟକତା ବ୍ୟତୀତ ଉପଲବ୍ଧ ବିଶଦ ବିବରଣୀ ଅନୁଯାୟୀ ସମ୍ପତ୍ତି ରେଜିଷ୍ଟର ପ୍ରଚଳନ ଏକ ମୌଳିକ ଆଭ୍ୟନ୍ତରୀଣ ପ୍ରକ୍ରିୟା ।

### *2.2.2.2 ଆର୍ଥିକ ନଥି ଏବଂ ଅନ୍ୟାନ୍ୟ ରେଜିଷ୍ଟର ଗୁଡ଼ିକର ପ୍ରଚଳନ ନହେବା*

ଓଏଚ୍‌ଆର୍‌ଇ ଅଧିନିୟମ ଏବଂ ନିୟମ 1959 ଅନୁଯାୟୀ ଟ୍ରଷ୍ଟ ବୋର୍ଡ ଗୁଡ଼ିକ କିଛି ନଥିର ପ୍ରଚଳନ କରିବେ ଏବଂ ଏହା ସମ୍ବନ୍ଧୀୟ ତଥ୍ୟ ଇସିଙ୍କୁ ଦାଖଲ କରିବେ । ଉକ୍ତ ପରିପ୍ରେକ୍ଷୀରେ ଅଡିଟ୍ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କରିଥିଲେ :

- ଓଏଚ୍‌ଆର୍‌ଇ ନିୟମ 1959 ନିୟମ 59 ଅନୁଯାୟୀ 10,000 ଏବଂ ତଦୁର୍ଦ୍ଧ ବାର୍ଷିକ ଆୟ ଥିବା ପ୍ରତ୍ୟେକ ଆର୍‌ଆଇ ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ ପରବର୍ତ୍ତୀ ମାସ (ଅପ୍ରେଲ) ଶେଷ ହେବା ପୂର୍ବରୁ ଏକ ପ୍ରଶାସନିକ ରିପୋର୍ଟ ଇସିଙ୍କ ନିକଟକୁ ପ୍ରେରଣ କରିବାକୁ ପଡ଼ିବ । କିନ୍ତୁ କୌଣସି ନମୁନା ଆର୍‌ଆଇ ଏହି ରପୋର୍ଟ ପ୍ରସ୍ତୁତ କରି ଇସିଙ୍କ ନିକଟକୁ ପଠାଇ ନଥିଲେ । ଇସି କାର୍ଯ୍ୟାଳୟ ତରଫରୁ ଏହି ବିଷୟରେ କୌଣସି ପଦକ୍ଷେପ ମଧ ନିଆଯାଇ ନଥିଲା ।
- ଅଧିନିୟମର ଧାରା 57 ଅନୁଯାୟୀ ପ୍ରତ୍ୟେକ ଆର୍‌ଆଇ ଆଗାମୀ ଆର୍ଥିକ ବର୍ଷର ସମ୍ଭାବ୍ୟ ପ୍ରାପ୍ତି ଏବଂ ବିତରଣ ଦର୍ଶାଇ ବଜେଟର ଏକ ନକଲ ଡିସେମ୍ବର ପୂର୍ବରୁ ପଠାଇବେ । ସହକାରୀ ଦେବୋତ୍ତର କମିଶନର (ଏଇସି) ଏହି ବଜେଟଟିକୁ ପାଇବା ପରେ ପ୍ରସ୍ତାବ ଅନୁଯାୟୀ ସେଥିରେ କିଛି ପରିବର୍ତ୍ତନ, ବାଦ୍ କିମ୍ବା ଯୋଗ କରିପାରିବେ । ସାତଟି ଆର୍‌ଆଇ[33] 2016-17 ରୁ 2019-20 ପର୍ଯ୍ୟନ୍ତ ସଂପୃକ୍ତ ଏଇସିଙ୍କୁ ଏହି ବଜେଟ୍ ପ୍ରସ୍ତୁତ କରି ପଠାଇଥିଲା, କିନ୍ତୁ ତାଙ୍କ ନିକଟରୁ ଏହାର ଅନୁମୋଦନ ମିଳିନଥିଲା । ନିର୍ଦ୍ଧାରିତ ସମୟ ମଧରେ ବଜେଟ୍ ଦାଖଲ କରିବା ପାଇଁ ଏଇସି ମଧ ଆର୍‌ଆଇ ଗୁଡ଼ିକୁ ଜଣାଇ ନଥିଲେ । ସୁତରାଂ ଆର୍‌ଆଇ ମାନଙ୍କ ଦ୍ୱାରା ପ୍ରୟୋଗ କରାଯିବାକୁ ଥିବା ଆର୍ଥିକ ନିୟନ୍ତ୍ରଣ କାର୍ଯ୍ୟକାରୀ ହୋଇନଥିଲା ।

#### *ରେଜିଷ୍ଟର ଅଦ୍ୟତନ ନହେବା*

ଓଏଚ୍‌ଆର୍‌ଇ ଅଧିନିୟମର ଧାରା 15 (1) ଅନୁଯାୟୀ ପ୍ରତ୍ୟେକ ଆର୍‌ଆଇ ଏକ ରେଜିଷ୍ଟର ପ୍ରଚଳନ କରିବା ଉଚିତ୍ ଯେଉଁଥିରେ ଅନୁଷ୍ଠାନଗୁଡ଼ିକର ଅଳଙ୍କାର, ସୁନା, ରୁପା, ମୂଲ୍ୟବାନ ପଥର, ସମସ୍ତ ବାସନକୁସନ ଓ ଅସ୍ଥାବର ସମ୍ପତ୍ତି ସହିତ ଏହାର ଆକଳିତ ମୂଲ୍ୟର ବିଶଦ ବିବରଣୀ ଏବଂ ଅନୁଷ୍ଠାନ ସହ ଜଡ଼ିତ ମୂର୍ତ୍ତି ଓ ଅନ୍ୟ ପ୍ରତିଛବିଗୁଡ଼ିକର ବିବରଣୀ ସ୍ଥାନ ପାଇବ ।

ଅଡିଟ୍ ଲକ୍ଷ୍ୟ କଲା ଯେ, ସାମଗ୍ରୀ, ଅଳଙ୍କାର ଓ ବାସନ ପାଇଁ ବ୍ୟବହୃତ ରେଜିଷ୍ଟର ଅଦ୍ୟତନ ହୋଇନଥିଲା । ଅଧିକନ୍ତୁ, 13 ଟି ଆର୍‌ଆଇ ମଧରୁ 10 ଟି[34] ଆର୍‌ଆଇ ଷ୍ଟକ୍ ରେଜିଷ୍ଟର ଗୁଡ଼ିକର ପ୍ରଚଳନ କରିଥିଲେ କିନ୍ତୁ ସେଗୁଡ଼ିକ ଅଦ୍ୟତନ ହୋଇନଥିଲା ଏବଂ ଅନେକ ଦ୍ରବ୍ୟ ଯଥା ଭେସେଲ୍, ଦେବାଦେବୀଙ୍କ ଦ୍ୱାରା ପରିଧାନ କରାଯାଇଥିବା ଅଳଙ୍କାର, ମୂର୍ତ୍ତି ଇତ୍ୟାଦି ଦ୍ରବ୍ୟ ତାଲିକାରେ ଅନ୍ତର୍ଭୁକ୍ତ ହୋଇନଥିଲା । ଷ୍ଟକରେ ଅନ୍ତର୍ଭୁକ୍ତ ପ୍ରତିମା ଏବଂ ପିତ୍ତଳ/ ତମ୍ବା ବାସନଗୁଡ଼ିକ କୌଣସି 13 ଟି ପରୀକ୍ଷା ଯାଞ୍ଚ ଆର୍‌ଆଇର ଇଓଙ୍କ ଦ୍ୱାରା ଆଦୌ ବସ୍ତୁଗତ ଯାଞ୍ଚ କରାଯାଇନଥିଲା । ଷ୍ଟକ୍ ରେଜିଷ୍ଟର ଗୁଡ଼ିକର ଏପରି ଅନୁପଯୁକ୍ତ ପ୍ରଚଳନ ଏବଂ ଦେବୋତ୍ତର ନିରୀକ୍ଷକଙ୍କ ଦ୍ୱାରା ତଦାରଖର ବ୍ୟତିକ୍ରମ ପାଇଁ ସଂପୃକ୍ତ ଟ୍ରଷ୍ଟ ବୋର୍ଡ ଏବଂ ଇସି ଦାୟୀ ।

ଇସି ଉପରୋକ୍ତ ଘଟଣାକୁ ସ୍ୱୀକାର କରିଥିଲେ (ଜୁଲାଇ 2020) ।

---

[33] ଶ୍ରୀ ଲିଙ୍ଗରାଜ ମନ୍ଦିର, ମା ଶାରଳା ମନ୍ଦିର, ଜଗନ୍ନାଥ ବଲ୍ଲଭ ମଠ, ଶ୍ରୀ ଆଖଣ୍ଡଳମଣୀ ମନ୍ଦିର, ଦେବୋତ୍ତର ଢେଙ୍କାନାଳ, ଗୋରଖନାଥ ମନ୍ଦିର ଏବଂ ଠାକୁର ମହଲ

[34] ଶ୍ରୀ ଲିଙ୍ଗରାଜ ମନ୍ଦିର, ମା ମଙ୍ଗଳା ମନ୍ଦିର, ମା ଶାରଳା ମନ୍ଦିର, ଶ୍ରୀ ଗୋରଖନାଥ ମନ୍ଦିର, ଜଗନ୍ନାଥ ବଲ୍ଲଭ ମଠ, ଶ୍ରୀ ଆଖଣ୍ଡଳମଣୀ ମନ୍ଦିର, ଠାକୁର ମହଲ, ଦେବୋତ୍ତର ଢେଙ୍କାନାଳ, ମା ଉଗ୍ରତରା ମନ୍ଦିର ଏବଂ ମା ସମଲେଶ୍ୱରୀ ମନ୍ଦିର

### 2.2.2.3 ଆୟ ଓ ବ୍ୟୟ ହିସାବ ପତ୍ରର ପ୍ରଚଳନ ନହେବା

ଓଏଚ୍ଆର୍ଇ ଅଧିନିୟମର ଧାରା 58 ଧାର୍ଯ୍ୟ କରିଛି ଯେ, ପ୍ରତ୍ୟେକ ଆର୍ଆଇର ଟ୍ରଷ୍ଟି ସମସ୍ତ ଆୟ ଓ ବ୍ୟୟର ହିସାବ ରଖିବେ । ଅଧିକନ୍ତୁ, ଓଏଚ୍ଆର୍ଇ ନିୟମାବଳୀ 1959 ର ନିୟମ 21 (2) [ଏମ୍(ବି)] ଅନୁଯାୟୀ, ଅଡିଟର, ପ୍ରସ୍ତୁତ ହୋଇଥିବା ଆୟବ୍ୟୟ ହିସାବର ବିବରଣୀ ଯାଞ୍ଚ କରିବେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, କେବଳ ଗୋଟିଏ ଆର୍ଆଇର (ମା ଶାରଳା ମନ୍ଦିର) ଟ୍ରଷ୍ଟ ବୋର୍ଡ 2018-19 ବର୍ଷ ପର୍ଯ୍ୟନ୍ତ ବାର୍ଷିକ ଆୟ ଓ ବ୍ୟୟ ହିସାବ ପତ୍ର ପ୍ରସ୍ତୁତ କରିଥିଲେ । 2016-19 ଅବଧିରେ ପଞ୍ଜୀକୃତ ଆୟ 39.82 କୋଟି ଟଙ୍କା ଏବଂ ବ୍ୟୟ 17.21 କୋଟି ଟଙ୍କା ଥିବା ଅବଶିଷ୍ଟ 12 ଟି ନମୂନା ଆର୍ଆଇ ବାର୍ଷିକ ଆୟ ଓ ବ୍ୟୟର ହିସାବ ପ୍ରସ୍ତୁତ କରିନଥିଲେ ଯାହାଫଳରେ, ଓଏଚ୍ଆର୍ଇ ଅଧିନିୟମ ଓ ନିୟମର ଅନୁପାଳନ ହୋଇ ନଥିଲା । ଉପଲବ୍ଧ ନଥିପତ୍ର ଅନୁଯାୟୀ 12 ଟି ଆର୍ଆଇର ଆୟ ଓ ବ୍ୟୟର ବିଶଦ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :

***ସାରଣୀ 2.2.2: 2016-19 ବର୍ଷ ମଧ୍ୟରେ ନମୁନା ଆର୍ଆଇ ମାନଙ୍କର ଆୟ ଓ ବ୍ୟୟ***

| କ୍ର.ସଂ. | ଆର୍ଆଇ ଙ୍କ ନାମ | ଆୟ | ବ୍ୟୟ |
|---|---|---|---|
| | | (ଟଙ୍କା ଲକ୍ଷ୍ୟରେ) | |
| 1 | ଶ୍ରୀ ଗୋରଖନାଥ ମନ୍ଦିର, ଜଗତସିଂହପୁର | 429.66 | 121.54 |
| 2 | ଜଗନ୍ନାଥ ବଲ୍ଲଭ ମଠ, ପୁରୀ | 497.92 | 139.18 |
| 3 | ଶ୍ରୀ ଆଖଣ୍ଡଳମଣୀ ମନ୍ଦିର, ଆରଡ଼ି, ଭଦ୍ରକ | 180.12 | 98.78 |
| 4 | ଠାକୁର ମହଲ, ନୀଳଗିରି | 43.24 | 34.07 |
| 5 | ଢେଙ୍କାନାଳ ଦେବୋତ୍ତର | 1,087.86 | 535.04 |
| 6 | ରାଜଧାନୀ ପୂଜା ସମିତି, ଭୁବନେଶ୍ୱର | 19.74 | 16.62 |
| 7 | ଶ୍ରୀ ରାମ ମନ୍ଦିର, ଭୁବନେଶ୍ୱର | 238.08 | 153.07 |
| 8 | ଶ୍ରୀ ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱର | 572.33 | 252.67 |
| 9 | ମା ମଙ୍ଗଳା ମନ୍ଦିର, କାକଟପୁର | 436.67 | 81.49 |
| 10 | ମା ଚଣ୍ଡୀ ମନ୍ଦିର, କଟକ | 180.06 | 224.58 |
| 11 | ମା ଉଗ୍ରତରା ମନ୍ଦିର, ଭୂଷଣ୍ଡପୁର | 51.08 | 26.96 |
| 12 | ମା ସମଲେଶ୍ୱରୀ ମନ୍ଦିର, ସମ୍ବଲପୁର | 245.60 | 36.82 |
| | ମୋଟ | **3,982.37** | **1,720.81** |

***(ଉତ୍ସ: ସଂପୃକ୍ତ ଆରଆଇ ମାନଙ୍କର ନଗଦ ପୁସ୍ତିକା)***

ଅଡିଟ୍ ଲକ୍ଷ୍ୟ କଲେ ଯେ

- 2016-19 ଅବଧିରେ ନୀତି ପର୍ବପର୍ବାଣୀ ପାଳନ ପାଇଁ ଚାରୋଟି ଆର୍ଆଇ ସରକାରଙ୍କ ଠାରୁ 43.25 ଲକ୍ଷ ଟଙ୍କା ଅନୁଦାନ[35] ପାଇଥିବା ସତ୍ତ୍ୱେ ଇସି ଆବଶ୍ୟକୀୟ ହିସାବପତ୍ର ପ୍ରସ୍ତୁତ କରିନଥିଲେ । ।
- ଅଡିଟ୍ ଚାଲିଥିବା ତାରିଖ[36] ପର୍ଯ୍ୟନ୍ତ ଛଅଟି ଆର୍ଆଇରେ 10 ରୁ 246 ଦିନ ପର୍ଯ୍ୟନ୍ତ କ୍ୟାସ୍ ବୁକ୍ ଲେଖା ହୋଇନଥିଲା ।

[35] ଶ୍ରୀ ଲିଙ୍ଗରାଜ ମନ୍ଦିର (13 ଲକ୍ଷ ଟଙ୍କା), ଶ୍ରୀ ଆଖଣ୍ଡଳମଣୀ ମନ୍ଦିର (8 ଲକ୍ଷ ଟଙ୍କା), ଠାକୁର ମହଲ (1.50 ଲକ୍ଷ ଟଙ୍କା) ଏବଂ ଦେବୋତ୍ତର ଢେଙ୍କାନାଳ (20.75 ଲକ୍ଷ ଟଙ୍କା)

[36] ସାରଣୀର 'କେଉଁ ଅବଧି ପର୍ଯ୍ୟନ୍ତ' ସ୍ତମ୍ଭରେ ଲେଖାହୋଇଥିବା ତାରିଖ ସବୁ ଅଡିଟ୍ ହୋଇଥିବା ତାରିଖ

*ସାରଣୀ 2.2.3: କ୍ୟାସ୍ ବୁକ୍ ଲେଖା ହୋଇ ନଥିବାର ଅବଧି*

| କ୍ର.ସଂ. | ଆର୍‌ଆଇଙ୍କ ନାମ | କେଉଁ ଅବଧିରୁ | କେଉଁ ଅବଧି ପର୍ଯ୍ୟନ୍ତ | ଦିନ ସଂଖ୍ୟା |
|---|---|---|---|---|
| 1 | ମା ଶାରଳା ମନ୍ଦିର | 01 ଡିସେମ୍ବର 2019 | 10 ଡିସେମ୍ବର 2019 | 10 |
| 2 | ଶ୍ରୀ ଗୋରଖନାଥ ମନ୍ଦିର | 01 ଡିସେମ୍ବର 2019 | 21 ଡିସେମ୍ବର 2019 | 21 |
| 3 | ଜଗନ୍ନାଥ ବଲ୍ଲଭ ମଠ | 01 ଡିସେମ୍ବର 2019 | 01 ଜାନୁଆରୀ 2020 | 32 |
| 4 | ଠାକୁର ମହଲ | 15 ନଭେମ୍ବର 2019 | 22 ଜାନୁଆରୀ 2020 | 69 |
| 5 | ମା ସମଲେଶ୍ୱରୀ ମନ୍ଦିର | 01 ଫେବୃଆରୀ 2020 | 27 ଫେବୃଆରୀ 2020 | 27 |
| 6 | ଶ୍ରୀ ଲିଙ୍ଗରାଜ ମନ୍ଦିର | 01 ମାର୍ଚ୍ଚ 2019 | 01 ନଭେମ୍ବର 2019 | 246 |

*(ଉତ୍ସ: ସଂପୃକ୍ତ ଆରଆଇ ମାନଙ୍କର କ୍ୟାସ୍ ବୁକ୍)*

- 11 ଟି ଆର୍‌ଆଇରେ ବ୍ୟାଙ୍କ୍ ଖାତାର ଅବଶେଷ ରାଶି କ୍ୟାସ୍ ବୁକ୍‌ରେ ପ୍ରତିଫଳିତ ହୋଇନଥିଲା କିମ୍ବା ବ୍ୟାଙ୍କ୍ ସହମତିକରଣ ବିବରଣୀ ପ୍ରସ୍ତୁତ ହୋଇନଥିଲା ।
- କୌଣସି ନମୁନା ଆର୍‌ଆଇରେ କ୍ୟାସ୍ ବୁକ୍ ଗୁଡ଼ିକ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁପ୍ରମାଣିତ ହୋଇନଥିଲା ଯାହାକି କ୍ୟାସ୍ ବୁକ୍‌ରେ ପ୍ରତିଫଳିତ ଆୟ/ ବ୍ୟୟର ସଠିକତା ପ୍ରାମାଣିକ/ ନିର୍ଭରଯୋଗ୍ୟ ନଥିବା ବିଷୟକୁ ସୂଚାଉଥିଲା ।

ଆର୍ଥିକ ହିସାବ ସମ୍ପର୍କିତ ନଥି ଗୁଡ଼ିକର ପ୍ରଚଳନ ନହେବା/ ତ୍ରୁଟିଯୁକ୍ତ ପ୍ରଚଳନ ଯୋଗୁଁ ମନ୍ଦିର ପାଣ୍ଠିର ଦୁରୁପଯୋଗ ଓ ଅପବ୍ୟବହାର ହୋଇପାରେ । ଅପବ୍ୟବହାରଜନିତ ମାମଲାର ଦୃଷ୍ଟାନ୍ତ ନିମ୍ନରେ ଆଲୋଚନା କରଯାଇଛି ।

### 2.2.2.4 ମନ୍ଦିର ପାଣ୍ଠିର ସନ୍ଦେହଜନକ ଆତ୍ମସାତ୍‌କରଣ

ପାଣ୍ଠିର ତ୍ରୁଟିପୂର୍ଣ୍ଣ ପରିଚାଳନାର ନିମ୍ନଲିଖିତ ଦୃଷ୍ଟାନ୍ତଗୁଡ଼ିକ ଅଡିଟ୍ ଲକ୍ଷ୍ୟ କରିଥିଲେ:

***(କ) ରାଜଧାନୀ ପୂଜା ସମିତିରେ ସନ୍ଦେହଜନକ ଅର୍ଥ ଆତ୍ମସାତ୍‌କରଣ*** : 2016-19 ଅବଧିରେ କ୍ୟାସ୍ ବୁକ୍‌ରେ 15.92 ଲକ୍ଷ ଟଙ୍କାର ଖର୍ଚ୍ଚ ଦର୍ଶାଯାଇଥିଲା । ତେବେ, ଟ୍ରଷ୍ଟ ବୋର୍ଡ ନିକଟରେ ଖର୍ଚ୍ଚ ସମ୍ପର୍କିତ ଭାଉଚର ଉପଲବ୍ଧ ନଥିଲା । ଭାଉଚରର ଅନୁପଲବ୍ଧତା ଖର୍ଚ୍ଚ ପରିମାଣର ସତ୍ୟତା/ ସଠିକତା ଉପରେ ସନ୍ଦେହ ସୃଷ୍ଟି କରୁଥିଲା ।

ଅଡିଟ୍‌ରେ ଦର୍ଶାଯିବା ପରେ ଓଡ଼ିଶା ସରକାରଙ୍କ ଆଇନ୍ ବିଭାଗ ଉକ୍ତ ମାମଲାକୁ ଅଧିକ ଅନୁସନ୍ଧାନ ପାଇଁ ଓଡ଼ିଶା ପୋଲିସ୍‌ର ଅର୍ଥନୈତିକ ଅପରାଧ ଶାଖାକୁ ପ୍ରେରଣ କରିଥିଲେ (ଜାନୁଆରୀ 2020) ।

***(ଖ) ମା ମଙ୍ଗଳା ମନ୍ଦିରରେ ସନ୍ଦେହଜନକ ଅର୍ଥ ଆତ୍ମସାତ୍‌କରଣ*** : 01 ଜୁଲାଇ 2010 ରୁ 18 ନଭେମ୍ବର 2012 ଏବଂ 13 ମାର୍ଚ୍ଚ 2015 ରୁ ଫେବୃଆରୀ 2019 ଅବଧିର କ୍ୟାସ୍ ବୁକ୍ ଗୁଡ଼ିକ ଯାଞ୍ଚ ପାଇଁ ଅଡିଟକୁ ଉପଲବ୍ଧ କରାଯାଇ ନଥିଲା । ଆର୍‌ଆଇର ପୂର୍ବତନ ଇଓ, ନଭେମ୍ବର 2012 ଠାରୁ ମାର୍ଚ୍ଚ 2015 ପର୍ଯ୍ୟନ୍ତ କେବଳ ଚାରୋଟି କ୍ୟାସ୍ ବୁକ୍ ଅଡିଟ୍‌କୁ ପ୍ରଦାନ କରିଥିଲେ । 6 ନଭେମ୍ବର 2017 ରୁ 31 ଅଗଷ୍ଟ 2018 ମଧ୍ୟରେ ଶୁଖିଲା ପ୍ରସାଦ ଓ ଦୀପ (ପବିତ୍ର ଦୀପ) ବିକ୍ରୟ ବାବଦରେ 101.28 ଲକ୍ଷ ଟଙ୍କା ଆଦାୟ କରାଯାଇଥିବା[37] ଦର୍ଶାଯାଇଥିଲା ଏବଂ ଏଥି ମଧ୍ୟରୁ 28.69 ଲକ୍ଷ ଟଙ୍କା ଖର୍ଚ୍ଚ ବାବଦରେ ଦର୍ଶାଯାଇଥିଲା । ତେବେ, ଖର୍ଚ୍ଚ ସମ୍ପର୍କିତ କୌଣସି ଭାଉଚର ଅଡିଟ୍‌କୁ ଉପଲବ୍ଧ କରାଯାଇନଥିଲା । ଏହିପରି ଭାବରେ ଭାଉଚର ଅଭାବରେ କଥିତ ଖର୍ଚ୍ଚର ସତ୍ୟତା ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା ।

[37] ପବିତ୍ର ଦୀପ: 43.25 ଲକ୍ଷ ଟଙ୍କା ଓ ପ୍ରସାଦ: 58.03 ଲକ୍ଷ ଟଙ୍କା

ଉକ୍ତ ସମୟରେ କ୍ୟାସ୍ ବୁକ୍ ଗୁଡ଼ିକର ଅଭାବରେ ଅଡିଟ୍, ବ୍ୟାଙ୍କ ଖାତାରୁ ଉକ୍ତ ରାଶି ଠାବ କରିବାକୁ ଚେଷ୍ଟା କରିଥିଲେ ଏବଂ ଦେଖିଲେ ଯେ ଅବଶିଷ୍ଟ 72.59 ଲକ୍ଷ ଟଙ୍କା (101.28 – 28.69 ଟଙ୍କା) ମଧ୍ୟରୁ କେବଳ 49.47 ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା କରାଯାଇଥିଲା । ଅବଶିଷ୍ଟ 23.12 ଲକ୍ଷ ଟଙ୍କା ବାବଦରେ ଅଡିଟକୁ କୌଣସି ଜବାବ ଦିଆଯାଇ ନଥିଲା । ଏଣୁ, ଏହା ଅର୍ଥ ଆତ୍ମସାତର ସନ୍ଦେହ ସୃଷ୍ଟି କରୁଅଛି ।

ଉପରୋକ୍ତ ବିଷୟ ବ୍ୟତୀତ, କାର୍ଯ୍ୟରତ ଇଓ ମାର୍ଚ୍ଚ 2019 ରେ କାର୍ଯ୍ୟଭାର ଗ୍ରହଣ କରିବା ସମୟରେ ଗୋଟିଏ ସଞ୍ଚୟ ଖାତାରେ 01 ମାର୍ଚ୍ଚ 2019 ରେ ଥିବା 2,34,60,110 ଟଙ୍କାକୁ ପ୍ରାରମ୍ଭିକ ବାଲାନ୍ସ ହିସାବରେ ନେଇ ଏକ ନୂତନ କ୍ୟାସ୍[38] ବୁକ୍ ଖୋଲିଥିଲେ । ତେବେ, ଛଅଟି ଅନ୍ୟ ସଞ୍ଚୟ ଖାତା ଓ 23 ଟି ସ୍ଥାୟୀ ଜମାକୁ କ୍ୟାସ୍ ବୁକରେ ନିଆଯାଇନଥିଲା । ସଂଚୟ ଖାତା ଓ ସ୍ଥାୟୀ ଜମାରେ, 31 ଅକ୍ଟୋବର 2019 ରେ ଯଥାକ୍ରମେ ମୋଟ 2.23 କୋଟି ଟଙ୍କା ଓ 4.32 କୋଟି ଟଙ୍କା ଗଚ୍ଛିତ ଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ ।

ଅଧିକନ୍ତୁ, ପୂର୍ବତନ ଇଓ 29 ଅଗଷ୍ଟ 2013 ଠାରୁ 24 ଡିସେମ୍ବର 2014 ମଧ୍ୟରେ ଶୁଖିଲା ଭୋଗ ଓ ପବିତ୍ର ଦୀପ ବିକ୍ରୟ ପାଇଁ ଦୋକାନ ଘର ଗୁଡ଼ିକର ନବୀକରଣ ଉଦ୍ଦେଶ୍ୟରେ ବ୍ୟାଙ୍କ ସଂଚୟ ଖାତା[39]ରୁ 6.80 ଲକ୍ଷ ଟଙ୍କା ପ୍ରତ୍ୟାହାର କରିଥିଲେ । ତେବେ, ଖର୍ଚ୍ଚ ସପକ୍ଷରେ କୌଣସି ଦସ୍ତାବିଜ୍ ଉପଲବ୍ଧ ନଥିଲା ।

ଅଡିଟ୍ ଦ୍ୱାରା ଦର୍ଶାଯିବା ପରେ ଓଡ଼ିଶା ସରକାରଙ୍କ ଆଇନ୍ ବିଭାଗ ଏହି ମାମଲାକୁ ଅଧିକତର ଅନୁସନ୍ଧାନ ନିମନ୍ତେ ପୋଲିସ୍ ଅଧୀକ୍ଷକ, ପୁରୀଙ୍କୁ ଏଫ୍ଆଇଆର୍ ଦାଏର କରିବା ପାଇଁ ପଠାଇଥିଲେ (ଫେବୃଆରୀ 2014) ।

***(ଗ) ପ୍ରଦାନ କରାଯାଇଥିବା ଅଗ୍ରୀମର ବିସ୍ତୃତ ବିବରଣୀର ଅଭାବ*** : ଓଟିସି ଖଣ୍ଡ-I, ଅନୁପୂରକ ନିୟମ 509 ଅନୁଯାୟୀ ସରକାରୀ ଉତ୍ସରୁ ବିଭାଗୀୟ ଖର୍ଚ୍ଚ ପାଇଁ ପ୍ରଦାନ କରାଯାଇଥିବା ଅଗ୍ରୀମ ଦେୟ ଏକ ମାସ ମଧ୍ୟରେ ତତ୍ପରତାର ସହିତ ଖର୍ଚ୍ଚର ବିଶଦ ବିବରଣୀ ଓ ତତ୍ ସମ୍ପର୍କିତ ଭାଉଚର ସହିତ ଉପସ୍ଥାପନ ଓ ଖର୍ଚ୍ଚ ହୋଇଥିବା ରାଶିକୁ ଫେରସ୍ତ ପୂର୍ବକ ସମାଧାନ କରିବାର ଥିଲା । କେବଳ ଢେଙ୍କାନାଳ ଦେବୋତ୍ତର ଏକ ଅଗ୍ରୀମ ରେଜିଷ୍ଟର ପ୍ରଚଳନ କରିଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ । ଉପଲବ୍ଧ କରାଯାଇଥିବା ଅଗ୍ରୀମ ରେଜିଷ୍ଟର 2004-05 ବର୍ଷ ଠାରୁ ପ୍ରଚଳନ କରାଯାଇଥିଲା । ଅଗ୍ରୀମ ରେଜିଷ୍ଟରରେ 2.49 କୋଟି ଟଙ୍କାର ବକେୟା ଅଗ୍ରୀମ ବିଭିନ୍ନ କର୍ମଚାରୀ ଓ କାର୍ଯ୍ୟନିର୍ବାହୀଙ୍କ ବିପକ୍ଷରେ ରହିଆସିଥିଲା । ଏଥି ମଧ୍ୟରୁ 579 ଟି ମାମଲା ସମ୍ପର୍କିତ 1.48 କୋଟି ଟଙ୍କାର ଅଗ୍ରୀମଗ୍ରହିତାଙ୍କର ବିଶଦ ବିବରଣୀ ଉପଲବ୍ଧ ଥିଲା ଏବଂ ଅବଶିଷ୍ଟ 1.01 କୋଟି ଟଙ୍କାର ବିବରଣୀ ଉପଲବ୍ଧ ନଥିଲା । ଅଗ୍ରୀମଗ୍ରହିତାଙ୍କର ବିଶଦ ବିବରଣୀ ଅଭାବରେ 1.01 କୋଟି ଟଙ୍କାର ଆଦାୟ ସମ୍ଭାବନା କ୍ଷୀଣ । ଅଗ୍ରୀମ ଗୁଡିକୁ ଅଗ୍ରୀମ ରେଜିଷ୍ଟରରେ ମିଥ୍ୟା ଭାବରେ ଦର୍ଶାଇବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ ।

ଇସି ବ୍ୟକ୍ତ କରିଥିଲେ (ଜୁଲାଇ 2020) ଯେ ସଠିକ୍ ହିସାବ, ବୃତ୍ତିଗତ କର୍ମଚାରୀ ନିୟୋଜନ ଓ ହିସାବ ସମ୍ପର୍କିତ ନଥିଗୁଡ଼ିକର ସମୟାନୁଭିତ୍ତିକ ପର୍ଯ୍ୟାଲୋଚନା କରିବାକୁ ସଂପୃକ୍ତ ଟ୍ରଷ୍ଟ ବୋର୍ଡ ଗୁଡ଼ିକୁ ନିର୍ଦ୍ଦେଶ ଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।

### 2.2.3 ଆର୍ଆଇ ଗୁଡ଼ିକର ସଂପତ୍ତି ପରିଚାଳନା

ଆର୍ଆଇ ଗୁଡ଼ିକର ସଂପତ୍ତି ଅର୍ଥାତ୍ ଭୂ-ସଂପତ୍ତି, ଗୃହ ସମ୍ପତ୍ତି. ମୂଲ୍ୟବାନ ଧାତୁ/ ବସ୍ତୁ (ସୁନା ଓ ରୁପା) ରାଜସ୍ୱ ଉତ୍ସର ପରିଚାଳନା ଉପରେ ଅଡିଟ୍ ପର୍ଯ୍ୟବେକ୍ଷଣ ନିମ୍ନରେ ଆଲୋଚନା କରାଗଲା:

---

38 ସେଭିଙ୍ଗ୍ସ୍ ବ୍ୟାଙ୍କ ଆକାଉଣ୍ଟ ୟୁକୋ ବ୍ୟାଙ୍କ ଧାରଣ ନମ୍ବର 08400100002856

39 ୟୁକୋ ବ୍ୟାଙ୍କ ଧାରଣ ନମ୍ବର 08400110090022

### *2.2.3.1 ଭୂସଂପତ୍ତିର ପରିଚାଳନା*

ଅନୁଚ୍ଛେଦ **2.2.2.1** ରେ ଉଲ୍ଲେଖ କରାଯାଇଥିବା ଓଏଚ୍ଆର୍ଇ ଅଧିନିୟମର ଧାରା 15 (1) ଅନୁଯାୟୀ ପ୍ରତ୍ୟେକ ଆର୍ଆଇରେ ସଂପତ୍ତି ରେଜିଷ୍ଟର ନାମରେ ଏକ ରେଜିଷ୍ଟର ପ୍ରଚଳନ କରିବା ଉଚିତ୍ । ଧାରା 15 (2) ଅନୁଯାୟୀ ରେଜିଷ୍ଟରଟି ଆର୍ଆଇର ଟ୍ରଷ୍ଟୀ କିମ୍ବା ତାଙ୍କର ପ୍ରାଧିକୃତ ଏଜେଣ୍ଟ ମାନଙ୍କ ଦ୍ୱାରା ପ୍ରସ୍ତୁତ, ଦସ୍ତଖତ ଓ ଯାଞ୍ଚ କରାଯିବ ଏବଂ ସହକାରୀ କମିଶନଙ୍କ ମାଧମରେ ଇସିଙ୍କ ନିକଟରେ ଦାଖଲ କରାଯିବ ।

ଅଡିଟ୍ ଲକ୍ଷ୍ୟ କଲେ ଯେ କେବଳ ଗୋଟିଏ ନମୁନା ଆର୍ଆଇ (ଠାକୁର ମହଲ, ନୀଳଗିରି) ର ସଂପତ୍ତି ରେଜିଷ୍ଟର ଇସିଙ୍କ ନିକଟରେ ଦାଖଲ କରାଯାଇଥିଲା । ଏପରିକି ଏହି କ୍ଷେତ୍ରରେ ମଧ ଶେଷ ଥର ପାଇଁ ରେଜିଷ୍ଟର 1993 ମସିହାରେ ଅଦ୍ୟତନ କରାଯାଇଥିଲା । ଅବଶିଷ୍ଟ 12 ଟି ନମୁନା ଆର୍ଆଇ କ୍ଷେତ୍ରରେ ସଂପୃକ୍ତ ଟ୍ରଷ୍ଟ ବୋର୍ଡ ଓ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଆଧାରରେ ମାଲିକାନାରେ ଥିବା ସମ୍ପତ୍ତି, ଅକ୍ତିଆରରେ/ ଜବରଦଖଲର ସବିଶେଷ ତଥ୍ୟ ଅଡିଟ୍ ସଂଗ୍ରହ କରିଥିଲେ ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 2.2.4: ପରୀକ୍ଷା ଯାଞ୍ଚ ଆର୍ଆଇ ଗୁଡ଼ିକର ଭୂସଂପତ୍ତିର ବିବରଣୀ***

| କ୍ର.ସଂ. | ମନ୍ଦିରର ନାମ | ସମୁଦାୟ ଭୂସଂପତ୍ତି | ପ୍ରକୃତ ଦଖଲ ଅଧିକାର | ଜବର ଦଖଲର ପରିମାଣ |
|---|---|---|---|---|
| | | *(ଏକରରେ)* | | |
| 1 | ଶ୍ରୀ ରାମ ମନ୍ଦିର | 1.190 | 1.190 | 0 |
| 2 | ରାଜଧାନୀ ପୂଜା ସମିତି | 1.440 | 1.440 | 0 |
| 3 | ଶ୍ରୀ ଲିଙ୍ଗରାଜ ମନ୍ଦିର | 1,523.879 | 31.556 | 36.370* |
| 4 | ମା ମଙ୍ଗଳା ମନ୍ଦିର | 100.83 | ଉପଲବ୍ଧ ନୁହେଁ | 0.070** |
| 5 | ମା ଚଣ୍ଡୀ ମନ୍ଦିର | 0.443 | 0.443 | 0 |
| 6 | ମା ଶାରଳା ମନ୍ଦିର | 130.450 | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| 7 | ଶ୍ରୀ ଗୋରଖନାଥ ମନ୍ଦିର | 3.410 | 3.410 | 0 |
| 8 | ଜଗନ୍ନାଥ ବଲ୍ଲଭ ମଠ | 563.109 | 266.445 | 296.664 |
| 9 | ଶ୍ରୀ ଆଖଣ୍ଡଳମଣୀ ମନ୍ଦିର | 333.960 | 2.260 | ଉପଲବ୍ଧ ନୁହେଁ |
| 10 | ଠାକୁର ମହଲ | 785.450 | 162.483 | 139.330 |
| 11 | ଢେଙ୍କାନାଳ ଦେବୋତ୍ତର *** | 9,296.05 | 5,265.27 | 4,030.78 |
| 12 | ମା ଉଗ୍ରତରା ମନ୍ଦିର | 23.240 | 10.881 | ଉପଲବ୍ଧ ନୁହେଁ |
| 13 | ମା ସମଲେଶ୍ୱରୀ ମନ୍ଦିର | 4.738 | 4.086 | 0.657 |
| ମୋଟ | | **12,767.679** | **5,749.464** | **4,503.871** |

***(ଉତ୍ସ: ଆର୍ଆଇ ମାନଙ୍କ ଟ୍ରଷ୍ଟ ବୋର୍ଡ ଓ ରାଜସ୍ୱ ନିରୀକ୍ଷକ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

** କେବଳ ଭୁବନେଶ୍ୱରରେ ଜମି ଜବର ଦଖଲ ଠାବ କରାଯାଇଥିଲା: ଅନ୍ୟ ଅଞ୍ଚଳ ମାନଙ୍କରେ ଆର୍ଆଇ ଗୁଡ଼ିକର ତଥ୍ୟ ନଥିଲା*

*** ଆର୍ଆଇ ମାନଙ୍କର ସମୁଦାୟ ଭୂ-ସଂପତ୍ତି ବିଷୟରେ ସୂଚନା ନଥିବା ହେତୁ କେବଳ ମନ୍ଦିରର ଜମି*

**** ଢେଙ୍କାନାଳ କଲେକ୍ଟରଙ୍କୁ ଦେବୋତ୍ତର ବିଷୟରେ ପ୍ରଦାନ କରାଯାଇଥିବା ସୂଚନା ପତ୍ର ଅନୁସାରେ*

ଉପରୋକ୍ତ ବିଷୟରୁ ଜଣାପଡୁଛି ଯେ, 13 ଟି ନମୁନା ଆର୍ଆଇ ମାନଙ୍କର ସମୁଦାୟ 12,767.679 ଭୂ-ସଂପତ୍ତି ମଧ୍ୟରୁ କେବଳ 5,749.464 ଏକର (45.03 ପ୍ରତିଶତ) ସେମାନଙ୍କର ଦଖଲରେ ଥିଲା ଓ 35.64 ପ୍ରତିଶତ ଜବର ଦଖଲରେ ଥିଲା । କେବଳ ଚାରୋଟି ଆର୍ଆଇ ସେମାନଙ୍କର ସମୁଦାୟ ଭୂ-ସଂପତ୍ତି ଦଖଲରେ ରଖିଥିବା ବେଳେ ଦୁଇଟି ଆର୍ଆଇ (ମା' ମଙ୍ଗଳା ଓ ଶାରଳା ମନ୍ଦିର) ସେମାନଙ୍କର ଦଖଲରେ ଥିବା ଭୂ-ସଂପତ୍ତି ବିଷୟରେ ସଚେତନତ ନଥିଲେ । ପୁନଶ୍ଚ, ତିନୋଟି ଆର୍ଆଇ ସେମାନଙ୍କର ଭୂ-ସଂପତ୍ତି ଜବର ଦଖଲ ବିଷୟରେ ଜାଣି ନଥିଲେ । ସୁତରାଂ, 7,018.215 ଏକର ଜମି ସଂପୃକ୍ତ ସାତଟି ଆର୍ଆଇ[40]ଙ୍କ

[40] ମା ମଙ୍ଗଳା ଓ ମା ଶାରଳା ମନ୍ଦିର ବ୍ୟତୀତ ଅନ୍ୟ ଚାରୋଟି ଆର୍ଆଇ ରେ ଜବର ଦଖଲ ନଥିଲା

ଦଖଲରେ ନଥିଲା । ଏହିପରି, ସଂପୃକ୍ତ ଆର୍‌ଆଇଗୁଡ଼ିକ ଦଖଲରେ ନଥିବା ଅର୍ଦ୍ଧାଧିକ ଜମିର ସ୍ଥିତି ବିଷୟରେ ସଚେତନ ନଥିଲେ । ସଂପତ୍ତି ରେଜିଷ୍ଟର ଗୁଡ଼ିକର ପ୍ରଚଳନ ଓ ସେଗୁଡ଼ିକୁ ଇସିଙ୍କ ନିକଟରେ ଉପସ୍ଥାପନ ଭଳି ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ତ୍ରୁଟି ରହିଥିଲା ଯାହା ଆର୍‌ଆଇଗୁଡ଼ିକର ସଂପତ୍ତିକୁ ସୁରକ୍ଷା ପ୍ରଦାନ କରିବାରେ ସଂପୃକ୍ତ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟୀ ତଥା ଇସିଙ୍କ ଉଦାସୀନତାକୁ ସୂଚାଉଥିଲା ।

### 2.2.3.2 ଜମିଜମାର ଜବର ଦଖଲ

ଓଏଚ୍‌ଆର୍‌ଇ ଅଧିନିୟମ ଧାରା 19 ଅନୁଯାୟୀ କୌଣସି ଆର୍‌ଆଇର କୌଣସି ସ୍ଥାବର ସମ୍ପତ୍ତି କିମ୍ବା ଆର୍‌ଆଇ ଉଦ୍ଦେଶ୍ୟରେ ପ୍ରଦତ୍ତ ସ୍ଥାବର ସଂପତ୍ତି ବଦଳ, ବିକ୍ରୟ କିମ୍ବା ବନ୍ଧକ ଓ ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ ଲିଜ୍ ଦ୍ୱାରା ହସ୍ତାନ୍ତରଣ ହୋଇପାରିବ ନାହିଁ ଯଦି ଏହା ଇସିଙ୍କ ଦ୍ୱାରା ଅନୁଷ୍ଠାନ ପାଇଁ ଆବଶ୍ୟକ କିମ୍ବା ଲାଭପ୍ରଦ ବୋଲି ଅନୁମୋଦନ କରା ନଯାଏ । ଏହିପରି ଭାବରେ ଅନୁମୋଦିତ ହୋଇ ନ ଥିଲେ ଏହି ହସ୍ତାନ୍ତର ଆଇନସମ୍ମତ କିମ୍ବା କାର୍ଯ୍ୟକାରୀ ମଧ ହେବ ନାହିଁ । ପୁନଶ୍ଚ, ଅଧିନିୟମର ଧାରା 25 ଅନୁଯାୟୀ ଆର୍‌ଆଇ ମାନଙ୍କ ସ୍ଥାବର ସଂପତ୍ତିର ହସ୍ତାନ୍ତରଣ କିମ୍ବା ଅନଧିକୃତ ଦଖଲ ମାମଲା କ୍ଷେତ୍ରରେ ଇସି ଅନୁସନ୍ଧାନ ପରେ ଜିଲ୍ଲାପାଳଙ୍କୁ ଟ୍ରଷ୍ଟୀଙ୍କ ସପକ୍ଷରେ ସେଗୁଡ଼ିକର ଦଖଲ ଅଧିକାର ପ୍ରତ୍ୟାର୍ପଣ ପାଇଁ ରିକୁଇଜିସନ୍ ପଠାଇବେ ।

ଏହା ଲକ୍ଷ୍ୟ କରାଯାଇଥିଲା ଯେ, ଆର୍‌ଆଇ ଅଧିନସ୍ଥ ଟ୍ରଷ୍ଟବୋର୍ଡ ଗୁଡ଼ିକ (ଉପରୋକ୍ତ ***ସାରଣୀ 2.2.4*** ରେ ଉଲ୍ଲେଖ କରାଯାଇଛି) । ଭୂ-ସଂପତ୍ତିର ଜବର ଦଖଲ ବିଷୟ ଇସିଙ୍କୁ ଅବଗତ କରାଇବାରେ ବିଫଳ ହେବା ଫଳରେ ଓଏଚ୍‌ଆର୍‌ଇ ଅଧିନିୟମ ଧାରା 25 ଅନୁଯାୟୀ ଧାର୍ଯ୍ୟ ହୋଇଥିବା ଉଚ୍ଛେଦ ପଦକ୍ଷେପ ସଂପୃକ୍ତ କୌଣସି ଆରଆଇ ଗୁଡ଼ିକରେ ଆରମ୍ଭ ହୋଇ ପାରିନଥିଲା (ମାର୍ଚ୍ଚ 2020) । ଆର୍‌ଆଇ ଗୁଡ଼ିକର ମାଲିକାନାରେ ଥିବା ସଂପତ୍ତିକୁ ଠାବ କରିବାରେ ବିଫଳତା ଯୋଗୁ ସମୟକ୍ରମେ ପ୍ରକୃତ ମାଲିକାନା ପରିବର୍ତ୍ତନ ଆଶଙ୍କା ରହୁଥିଲା କିମ୍ବା ଜବର ଦଖଲ ଜମିର ପୁନରୁଦ୍ଧାର ଅଧିକ କଷ୍ଟ ସାଧ ହେଉଥିଲା ।

ଅଡିଟ୍ ଦ୍ୱାରା ଲକ୍ଷ୍ୟ କରାଯାଇଥିବା ଅନ୍ୟାନ୍ୟ ଜବର ଦଖଲ ମାମଲା ଗୁଡ଼ିକର ବିବରଣୀ ନିମ୍ନରେ ପ୍ରଦାନ କରାଗଲା :

- ***ଶ୍ରୀ ଲିଙ୍ଗରାଜ ମନ୍ଦିର:*** ଯଦିଓ ସମଗ୍ର ରାଜ୍ୟରେ ଆର୍‌ଆଇ ମାଲିକାନାରେ ଜମିଜମା ରହିଛି, ଏହା କେବଳ ଭୁବନେଶ୍ୱର ସହରରେ ଥିବା ସଂପତ୍ତି ଓ ଜବର ଦଖଲ ବିଷୟରେ ଅବଗତ ଥିଲା । ଅନ୍ୟାନ୍ୟ ସ୍ଥାନମାନଙ୍କରେ ଜମି ମାଲିକାନା ଏବଂ ଜବର ଦଖଲ ବିଷୟରେ ମନ୍ଦିର ପ୍ରଶାସନ ପାଖରେ କୌଣସି ସୂଚନା ନଥିଲା । ଭୁବନେଶ୍ୱରରେ ଥିବା ସମୁଦାୟ 69.423 ଏକର ଜମି ମଧ୍ୟରୁ 36.370 ଏକର ଜମି ଜବର ଦଖଲରେ ଥିବା କଥା ଇଓ ଅଡିଟ୍‌କୁ ଅବଗତ କରାଇଥିଲେ । ଏଥି ମଧ୍ୟରୁ 23 ଗୋଟି ମାମଲାରେ ପ୍ରତ୍ୟେକ ମାମଲା ପିଛା 0.30 ଏକରରୁ ଅଧିକ ଜମି ଜବର ଦଖଲରେ ରହିଥିଲା । ଶ୍ରୀ ଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ ଅଧିନରେ ଜମିର ଜବର ଦଖଲର କିଛି ଫଟୋ ଚିତ୍ର ନିମ୍ନରେ ଦିଆଯାଇଛି :





***ଦୃଶ୍ୟ1:*** ସଞ୍ଜିବନୀ ହସ୍ପିଟାଲ, ସାମନ୍ତରାପୁର, ଭୁବନେଶ୍ୱରର ପଛପାଖର ବୃହତ ଅଞ୍ଚଳରେ ପାର୍କିଙ୍ଗ୍ ଷ୍ଟାଣ୍ଡ

***ଦୃଶ୍ୟ2:*** ସ୍ୱଖମେଶ୍ୱର ମନ୍ଦିର, ଭୁବନେଶ୍ୱର ନିକଟ ପଞ୍ଚମୀ ପଢ଼ିଆରେ ଜବର ଦଖଲରେ

1990 ରୁ 2010 ମସିହା ମଧ୍ୟରେ ଶ୍ରୀ ଲିଙ୍ଗରାଜ ମନ୍ଦିରର ଇଓ ଜବର ଦଖଲକାରୀଙ୍କ ବିରୁଦ୍ଧରେ 272 ଟି ମାମଲା ଦାୟର କରିଥିଲେ । ଇସି ଅକ୍ଟୋବର 2019 ସୁଦ୍ଧା 222 ଟି ମାମଲାର ଫଏସଲା କରିଥିଲେ । ଏଥି ମଧ୍ୟରୁ ଜବର ଦଖଲ ଉଚ୍ଛେଦ ପାଇଁ ଇସି, ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟକୁ 196 ଟି ମାମଲା ପଠାଇଥିଲେ । ଅବଶିଷ୍ଟ 26 ଟି ଫଏସଲା ହୋଇଥିବା ମାମଲା ଉପରେ କି ପଦକ୍ଷେପ ନିଆଯାଇଛି ତାହା ରେକର୍ଡଭୁକ୍ତ ହୋଇ ନଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରିତ 196 ଟି ମାମଲା ମଧ୍ୟରୁ 79 ଟି ମାମଲା କେବଳ ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଥିଲା । ଏଥି ମଧ୍ୟରୁ, 15 ଟି ମାମଲାରେ ଜବର ଦଖଲ ଉଚ୍ଛେଦ କରାଯାଇଥିଲା ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ଅଭାବରୁ 17 ଟି ମାମଲା ବାକି ରହିଥିଲା । ଅବଶିଷ୍ଟ 47 ଟି ମାମଲାରେ ସୂଚିତ କରାଯାଇଥିଲା (ଜାନୁଆରୀ 2017) ଯେ, ସମ୍ଭାବ୍ୟ ଆଇନ୍ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଜବର ଦଖଲ ହୋଇଥିବା ଜମିରେ ନିର୍ମିତ ବାସଗୃହ ୟୁନିଟ୍ କିମ୍ବା ଦୋକାନ ଘର ଗୁଡ଼ିକୁ ଭାଙ୍ଗିବା/ ଉଚ୍ଛେଦ କରିବା ସମ୍ଭବ ନ ଥିଲା ।

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳ ଅନ୍ତର୍ଗତ ଗୌତମ ନଗରରେ ଅବସ୍ଥିତ 5.988 ଏକର ଜମି ସାବକ ଖାତାରେ[41] ଶ୍ରୀ ଲିଙ୍ଗରାଜ ମହାପ୍ରଭୁ ମାର୍ଫତ ଟ୍ରଷ୍ଟ ବୋର୍ଡ ନାମରେ ଥିଲା । 1995 ମସିହାରେ ଟ୍ରଷ୍ଟ ବୋର୍ଡର ଜଣେ ପୂର୍ବତନ ଟ୍ରଷ୍ଟିଙ୍କ ନାମରେ ଜମି ବନ୍ଦୋବସ୍ତ କରାଯାଇଥିଲା । ମନ୍ଦିରର ଇଓଙ୍କ ସୂଚନା ଅନୁସାରେ ନଭେମ୍ବର 2019 ରେ ଜମିର ବଜାର ମୂଲ୍ୟ 62.87 କୋଟି ଟଙ୍କା ଥିଲା ।

- ***ଢେଙ୍କାନାଳ ଦେବୋତ୍ତର:*** ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ, ଢେଙ୍କାନାଳ ଦେବୋତ୍ତର ଦାଖଲ କରିଥିବା ସୂଚନା ଅନୁଯାୟୀ 4,030.78 ଏକର ଜମି (ମୋଟ 9,296.05 ଏକର ଜମିର 43 ପ୍ରତିଶତ) ଜବର ଦଖଲରେ ରହିଥିଲା । ଦେବୋତ୍ତର ନିରୀକ୍ଷକ ଅଡିଟ୍‌କୁ କହିଥିଲେ (ଫେବୃଆରୀ 2020) ଯେ, ଜବର ଦଖଲ ନୋଟିସର ଜବାବ ଦେଇନଥିବା ଜବରଦଖଲକାରଙ୍କୁ ଉଚ୍ଛେଦ ପାଇଁ ପ୍ରସ୍ତୁତି ଚାଲିଛି ।

ଉପରୋକ୍ତ ତଥ୍ୟ ସୂଚାଉଥିଲା ଯେ, ଟ୍ରଷ୍ଟବୋର୍ଡ ଓ ଇଓ ମାନେ ଆର୍‌ଆଇର ମୂଲ୍ୟବାନ ଭୂସମ୍ପତ୍ତିକୁ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ପଦକ୍ଷେପ ନେଇନଥିଲେ ।

ଇସି କହିଲେ ଯେ, ଟ୍ରଷ୍ଟବୋର୍ଡ ଦ୍ୱାରା ଦାୟର ହୋଇଥିବା ମାମଲା ଗୁଡ଼ିକରେ ଜମିଜମାର ପୁନରୁଦ୍ଧାର ପାଇଁ ଆଦେଶନାମା ଜାରି କରାଯାଉଛି ଏବଂ ଜମିଜମାର ଦଖଲ ହସ୍ତାନ୍ତର ପାଇଁ ଜିଲ୍ଲାପାଳମାନଙ୍କୁ ରିକ୍ୟୁଇଜିସନ ପଠାଯାଇଛି ।

ଜବର ଦଖଲ ଉଚ୍ଛେଦ ସମ୍ଭବ ନହେଲେ ଜମି ଜବର ଦଖଲକାରୀଙ୍କ ଠାରେ ସରକାର ଜରିମାନା ଆଦାୟ କରିବା ପାଇଁ ପରାମର୍ଶ ଦିଆଗଲା । ଏଥି ସହିତ, ଅଧିକ ଜବର ଦଖଲକୁ ଏଡାଇବା ପାଇଁ ଆର୍‌ଆଇ ଗୁଡ଼ିକ ଅଧିନରେ ଖାଲି ପଡ଼ିଥିବା ଜମିର ଉପଯୋଗ ପାଇଁ ଯୋଜନା କରିବାକୁ ଇସି, ଆର୍‌ଆଇ ଗୁଡ଼ିକୁ ଉପଦେଶ ଦେଇପାରନ୍ତି ।

### *2.2.3.3 ଗୃହ ସଂପତ୍ତିଗୁଡ଼ିକର ଅନୁପଯୁକ୍ତ ପରିଚାଳନା*

ଗୃହ ସମ୍ପତ୍ତି ଗୁଡ଼ିକର ପରିଚାଳନାରେ ଲକ୍ଷ୍ୟ କରାଯାଇଥିବା ତ୍ରୁଟିଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା:

[41] ରାଜସ୍ୱ ହିସାବ ଅର୍ଥରେ ପୂର୍ବତନ କିମ୍ବା ପୂର୍ବ ଅଧିକାର ନିଧନ ରେକର୍ଡ (1950 ରୁ 1965 ପୂର୍ବରୁ)

### *2.2.3.4 1.55 କୋଟି ଟଙ୍କା ମୂଲ୍ୟର ଗୃହ ସଂପତ୍ତିର ଅନୁପଯୁକ୍ତ ପରିଚାଳନା*

ଓଏଚ୍ଆର୍ଇ ଅଧିନିୟମ 1959 ଅନୁଯାୟୀ ଆର୍ଆଇର ଟ୍ରଷ୍ଟି ପରବର୍ତ୍ତୀ ବର୍ଷରେ କାର୍ଯ୍ୟକାରୀ ହେବାକୁ ଥିବା ନିର୍ମାଣ କାର୍ଯ୍ୟ ସମ୍ବନ୍ଧରେ ସାମୟିକ ଭାବରେ ଇସିଙ୍କୁ ରିପୋର୍ଟ ପ୍ରଦାନ କରିବେ । କାର୍ଯ୍ୟର ଆବଶ୍ୟକତା ଓ କାର୍ଯ୍ୟର ସବିଶେଷ ତଥ୍ୟ ସହିତ ଖର୍ଚ୍ଚର ଆନୁମାନିକ ଆକଳନ ଏବଂ କାର୍ଯ୍ୟ ସଂପାଦନ ପାଇଁ ଖର୍ଚ୍ଚର ପ୍ରସ୍ତାବିତ ପଦ୍ଧତି ରିପୋର୍ଟରେ ଅନ୍ତର୍ଭୁକ୍ତ ହେବ ।

ଅଡିଟ୍ ଦେଖିଲା ଯେ ଆର୍ଆଇ ମାନଙ୍କ ଦ୍ୱାରା ସଂପାଦିତ 1.24 କୋଟି ଟଙ୍କାର ଚାରିଗୋଟି ପ୍ରକଳ୍ପ ନିଷ୍କ୍ରିୟ ଓ ନିଷ୍ଫଳ ହୋଇଥିଲା ଯାହା ନିମ୍ନରେ ଆଲୋଚନା କରାଯାଇଛି:

- ଶ୍ରୀ ଆଖଣ୍ଡଳମଣୀ, ଆରଡି ମାମଲାରେ ସରକାର ଗୋଟିଏ ମୁଣ୍ଡନ ମଣ୍ଡପ ନିର୍ମାଣ ପାଇଁ 10 ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ (ଡିସେମ୍ବର 2015)। କିନ୍ତୁ ମନ୍ଦିର ଟ୍ରଷ୍ଟ ବୋର୍ଡ ଅବଶିଷ୍ଟ 5.54 ଲକ୍ଷ ଟଙ୍କାର ଉତ୍ସ ଚିହ୍ନଟ ବିନା ଡିସେମ୍ବର 2016 ମସିହାରେ 15.54 ଲକ୍ଷର ଏକ ଆକଳନ ପ୍ରସ୍ତୁତ କରିଥିଲେ । 2017-18 ରେ କାର୍ଯ୍ୟ ଆରମ୍ଭ ହୋଇଥିଲା କିନ୍ତୁ 10 ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପରେ ତାହା ବନ୍ଦ ରହିଥିଲା । ଅବଶିଷ୍ଟ ଅର୍ଥର ବ୍ୟବସ୍ଥା ଅଭାବରୁ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଥିଲା ।



*ଅସମ୍ପୂର୍ଣ୍ଣ ମୁଣ୍ଡନ ମଣ୍ଡପ*

- ମା ଚଣ୍ଡୀ ମନ୍ଦିର, କଟକରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓ ବହୁମୁଖି କୋଠାଘର ନିର୍ମାଣ, ଜଳ ନିଷ୍କାସନ ପଥ ଓ ଭାସ୍କର୍ଯ୍ୟ କାର୍ଯ୍ୟ ଅକ୍ଟୋବର 2019 ରେ 109.69 ଲକ୍ଷ ଟଙ୍କା ବ୍ୟୟରେ ସଂପୂର୍ଣ୍ଣ ହୋଇଥିଲା । ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ପାଣି ଝରିବା ଓ ଗଳିବା ଇତ୍ୟାଦି ହେତୁ ନୂତନ ଭାବେ ନିର୍ମିତ କୋଠାଟି ବ୍ୟବହୃତ ହୋଇପାରି ନଥିଲା । ତଥାପି ଇଓ ତ୍ରୁଟି ଉପରେ ଆପତ୍ତି ଉଠାଇ ନଥିଲେ ଏବଂ ଠିକାଦାରଙ୍କୁ ଦେୟ ପ୍ରଦାନ କରିଥିଲେ ।



*ବହୁମୁଖୀ କୋଠାର ଡାଇନିଂ ହଲର ଗାଧୁଆ ଘରେ ପାଣି ଝରିବା*

- କପିଳାସ ଠାରେ ଦେବୋତ୍ତର ଢେଙ୍କାନାଳ, ପଯାମୃତ କୁଣ୍ଡକୁ ଜଳଯୋଗାଣ ପାଇଁ ଜୁନ୍ 2019 ମସିହାରେ 75,000 ଟଙ୍କା ବ୍ୟୟରେ ଏକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା ବୋଲି କୁହାଯାଇଥିଲା । ଫେବୃଆରୀ 2020 ରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ଏକ ମିଳିତ ବସ୍ତୁଗତ ନିରୀକ୍ଷଣ ସମୟରେ ସେଭଳି କାର୍ଯ୍ୟର କୌଣସି ଅସ୍ତିତ୍ୱ ମିଳି ନଥିଲା । ତେଣୁ, ଏହିପରି କାର୍ଯ୍ୟର କାର୍ଯ୍ୟକାରିତାର ସତ୍ୟତା ସନ୍ଦେହଜନକ ଅଟେ ।

- ମଇ 2019 ମସିହାରେ ସପ୍ତସଯ୍ୟା ଠାରେ ଥିବା ଶ୍ରୀ ରାମ ମନ୍ଦିରରେ 3.34 ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରୋଷେଇ ଓ ଭଣ୍ଡାର ଘରର ନିର୍ମାଣ କାର୍ଯ୍ୟ ନିକୃଷ୍ଟ ଧରଣର ହୋଇଥିବା ହେତୁ ଛାତରୁ ପାଣି ଝରୁଥିଲା, ଫଳରେ ଏହା ବ୍ୟବହାର ଉପଯୋଗୀ ହୋଇପାରି ନଥିଲା ।

ଏହିପରି. ସମ୍ପୃକ୍ତ ଟ୍ରଷ୍ଟ ବୋର୍ଡ/ ଇଓ ମାନଙ୍କର ବିଫଳ ଯୋଜନା ଓ ତଦାରଖ ଯୋଗୁଁ 1.24 କୋଟି ଟଙ୍କା ମୂଲ୍ୟର ସଂପତ୍ତି, ଉଦ୍ଦିଷ୍ଟ ସେବା ଯୋଗାଇ ପାରିନଥିଲା ।

ଇସି ଉପରୋକ୍ତ ବିଷୟକୁ ସ୍ୱୀକାର କରିଥିଲେ (ଜୁଲାଇ 2020) ।

### 2.2.3.5 ଆର୍‌ଆଇର ବ୍ୟବସାୟିକ ପରିସର ଗୁଡ଼ିକର ତ୍ରୁଟିପୂର୍ଣ୍ଣ ପରିଚାଳନା

ଓଏଚ୍‌ଆର୍‌ଇ ଅଧିନିୟମର ଧାରା 7(2) ଅନୁଯାୟୀ ଧାର୍ମିକ ଅନୁଷ୍ଠାନ ଏବଂ ଦେବୋତ୍ତର ଗୁଡ଼ିକ ସଠିକ୍ ଭାବରେ ପରିଚାଳିତ ହେବା ଏବଂ ସେମାନଙ୍କର ଆୟ ଉପଯୁକ୍ତ ଭାବରେ ଖର୍ଚ୍ଚ ହେବା ବିଷୟକୁ ସୁନିଶ୍ଚିତ କରିବା ପାଇଁ କମିଶନର ସମସ୍ତ ପ୍ରକାର ଆବଶ୍ୟକ ଓ ଯୁକ୍ତିଯୁକ୍ତ ପଦକ୍ଷେପ ନେଇପାରିବେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ 13 ନମୁନା ଆର୍‌ଆଇ ମଧ୍ୟରୁ 11ଟି ଆର୍‌ଆଇ ବ୍ୟବସାୟିକ ପରିସରକୁ ଭଡ଼ା ସୂତ୍ରରେ ଦେଇଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ ଭଡ଼ାରେ ଦିଆଯାଇଥିବା ବ୍ୟବସାୟିକ/ ଆବାସିକ ୟୁନିଟ୍ ଗୁଡ଼ିକର ସଂଖ୍ୟା/ ପରିସୀମା, ଆଦାୟ ପରିମାଣ, ଇତ୍ୟାଦି ନିମ୍ନ ସାରଣୀରେ ଦର୍ଶାଯାଇଛି :

**ସାରଣୀ 2.2.5: ଭଡ଼ାରେ ଦିଆଯାଇଥିବା ବ୍ୟବସାୟିକ ସ୍ଥାନ ଓ ଆଦାୟ କରାଯାଇଥିବା ଭଡ଼ା**

| କ୍ର.ସଂ. | ଆର୍‌ଆଇ ଗୁଡ଼ିକର ନାମ | ଦୋକାନ/ ଘର ଗୁଡ଼ିକର ସଂଖ୍ୟା | କ୍ଷେତ୍ର (ବର୍ଗଫୁଟ) | ଆଦାୟ କରାଯାଇଥିବା ଭଡ଼ା (ଲକ୍ଷରେ) | କେଉଁ ଅବଧି ପାଇଁ ଭଡ଼ା ଆଦାୟ କରାଯାଇଥିଲା | ଚୁକ୍ତିନାମା ବଳବତ୍ତର ଥିବା ଦୋକାନ ସଂଖ୍ୟା |
|---|---|---|---|---|---|---|
| 1 | ଶ୍ରୀ ରାମ ମନ୍ଦିର | 33 | 9,832.37 | 51.83 | ମାର୍ଚ୍ଚ 2017 ରୁ ଅକ୍ଟୋବର 2019 | 7 |
| 2 | ରାଜଧାନୀ ପୂଜା ସମିତି | 80 | 34,617.00 | 21.57 | ମାର୍ଚ୍ଚ 2017 ରୁ ଅକ୍ଟୋବର 2019 | 0 |
| 3 | ଶ୍ରୀ ଲିଙ୍ଗରାଜ ମନ୍ଦିର | 60 | 10,348.24 | 12.19 | ଅପ୍ରେଲ2016 ରୁ ଅକ୍ଟୋବର 2019 | 0 |
| 4 | ମା ମଙ୍ଗଳା ମନ୍ଦିର | 19 | 2,662.92 | 0 | ଅପ୍ରେଲ 2016 ରୁ ନଭେମ୍ବର 2019 | 0 |
| 5 | ମା ଚଣ୍ଡୀ ମନ୍ଦିର | 18 | 1,157.81 | 4.01 | ମଇ 2018 ରୁ ନଭେମ୍ବର 2019 | 0 |
| 6 | ମା ଶାରଳା ମନ୍ଦିର | 129 | 30,629.00 | 5.29 | ଅପ୍ରେଲ 2016 ରୁ ନଭେମ୍ବର 2019 | 0 |
| 7 | ଜଗନ୍ନାଥ ବଲ୍ଲଭ ମଠ | 51 | 42,982.00 | 47.72 | ଅପ୍ରେଲ 2016 ରୁ ଡିସେମ୍ବର 2019 | 0 |
| 8 | ଶ୍ରୀ ଆଖଣ୍ଡଳମଣୀ ମନ୍ଦିର | 43 | 3,615.50 | 7.27 | ଅପ୍ରେଲ 2016 ରୁ ଡିସେମ୍ବର 2019 | 0 |
| 9 | ଠାକୁର ମହଲ | 19 | 2,661.40 | 0.93 | ଅପ୍ରେଲ 2016 ରୁ ଡିସେମ୍ବର 2019 | 0 |
| 10 | ଢେଙ୍କାନାଳ ଦେବୋତ୍ତର | 22 | 14,270.00 | 8.54 | ଅପ୍ରେଲ 2016 ରୁ ଜାନୁଆରୀ 2020 | 0 |
| 11 | ମା ଉଗ୍ରତରା ମନ୍ଦିର | 14 | 1,036.00 | 5.14 | ଅପ୍ରେଲ2016 ରୁ ଜାନୁଆରୀ 2020 | 0 |
| | **ମୋଟ** | **488** | **1,53,812.20** | **164.49** | **--** | **7** |

*(ଉତ୍ସ: ନମୁନା ଆର୍‌ଆଇଙ୍କ ନଥି)*

ଉପରୋକ୍ତ ପ୍ରସଙ୍ଗରେ ଅଡିଟ୍ ଜାଣିବାକୁ ପାଇଲା ଯେ ସେ ଯୋଜନା ଗୁଡ଼ିକ ବ୍ୟବସାୟିକ ସ୍ଥାନକୁ ଭଡ଼ାରେ ଦେବା ପ୍ରସଙ୍ଗରେ ନୀରବ ରହିଥିଲେ । ଯାହାଫଳରେ ଭଡ଼ା ଦିଆଯାଇଥିବା 488 ଦୋକାନ/ ଘର ମଧ୍ୟରୁ ଶ୍ରୀରାମ ମନ୍ଦିର ମାଲିକାନାରେ ଥିବା କେବଳ ସାତଟି ଦୋକାନର ଭଡ଼ାଟିଆ ମାନଙ୍କ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଅବଶିଷ୍ଟ 481 ଟି ଦୋକାନ ଭଡ଼ାଟିଆଙ୍କ ସହ କୌଣସି ଚୁକ୍ତି ବିନା ଭଡ଼ାରେ ଦିଆଯାଇଥିଲା, ଯାହାକି ଭବିଷ୍ୟତରେ ଭଡ଼ା ନଦେବା, କମ୍ ଭଡ଼ା ଦେବା, ଭଡ଼ା ସଂଶୋଧନରେ ଅସଙ୍ଗତି

ଆଦି ଆଶଙ୍କା ସୃଷ୍ଟି କରୁଥିଲା । ଚୁକ୍ତିନାମା ଅଭାବରୁ ମା ମଙ୍ଗଳା ମନ୍ଦିରର 19 ଟି ଦୋକାନର ଭଡ଼ାଟିଆ ଅପ୍ରେଲ 2016 ରୁ ନଭେମ୍ବର 2019 ମଧ୍ୟରେ କୌଣସି ଭଡ଼ା ନଦେବା କଥା ଅଡିଟ୍ ନଜରକୁ ଆସିଥିଲା । ଏହା ବ୍ୟତୀତ ଆଉ ତିନୋଟି ଧାର୍ମିକ ଅନୁଷ୍ଠାନର ବକେୟା[42] ଭଡ଼ା 43.28 ଲକ୍ଷ ଟଙ୍କା ରହିଥିବାର ଜଣାପଡ଼ିଥିଲା ।

ଯୋଜନା ଗୁଡ଼ିକରେ ଭଡ଼ା ଧାର୍ଯ୍ୟ କରିବାର ପଦ୍ଧତି ବିଷୟରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ଅଭାବରୁ ବର୍ଗ ଫୁଟ୍ ପ୍ରତି ଧାର୍ଯ୍ୟ କରାଯାଇଥିବା ଭଡ଼ାରେ ସମାନତା ନଥିଲା । କିଛି ପରୀକ୍ଷା ଯାଞ୍ଚ ମାମଲା ନିମ୍ନରେ ଦିଆଯାଇଛି:

- ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ (ଜିଏ) ବିଭାଗ ଭୁବନେଶ୍ୱର ଏବଂ କଟକ ସହରରେ ସରକାରୀ/ ସରକାରୀ ସଂସ୍ଥାଗୁଡ଼ିକର ମାଲିକାନାରେ ଥିବା ବ୍ୟବସାୟିକ ସ୍ଥାନ ପାଇଁ ଭଡ଼ା (କିମ୍ବା ଲାଇସେନ୍ସ ଫି) ସ୍ଥିର କରିଥାନ୍ତି । ମାର୍ଚ୍ଚ 2017 ଠାରୁ କାର୍ଯ୍ୟକାରୀ ହୋଇଥିବା ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ଧାର୍ମିକ ଅନୁଷ୍ଠାନ (ଶ୍ରୀରାମ ମନ୍ଦିର ଏବଂ ରାଜଧାନୀ ପୂଜା ସମିତି) ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକ ପାଇଁ ବିଭାଗ ବର୍ଗଫୁଟ୍ ପ୍ରତି 30 ଟଙ୍କା ସ୍ଥିର କରିଥିଲେ (ନଭେମ୍ବର 2016)। ଶ୍ରୀରାମ ମନ୍ଦିର କ୍ଷେତ୍ରରେ ମାସିକ ଭଡ଼ା ବର୍ଗଫୁଟ୍ ପ୍ରତି 16.47 ଟଙ୍କା ହିସାବରେ (ହାରାହାରି) ମାର୍ଚ୍ଚ 2017 ରୁ ଅକ୍ଟୋବର 2019 ପର୍ଯ୍ୟନ୍ତ 9,832.37 ବର୍ଗ ଫୁଟ୍ ଜାଗା ପାଇଁ ସଂଗ୍ରହ କରାଯାଇଥିଲା, ଯାହା ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ସ୍ଥିର କରାଯାଇଥିବା ଭଡ଼ାର ମାତ୍ର 55 ପ୍ରତିଶତ ଥିଲା । ଅଧିକନ୍ତୁ, ଏହାର ମାଲିକାନାରେ ଥିବା ବିଭିନ୍ନ ଦୋକାନରୁ ଆଦାୟ କରାଯାଉଥିବା ଭଡ଼ାରେ ସମାନତା ନଥିଲା, ଯାହା ବର୍ଗଫୁଟ୍ ପ୍ରତି 66.03 ଟଙ୍କାରୁ 3.57 ଟଙ୍କା ପର୍ଯ୍ୟନ୍ତ ଥିଲା । କେବଳ ପାଞ୍ଚଟି ଦୋକାନ (1,018.64 ବର୍ଗଫୁଟ୍) କ୍ଷେତ୍ରରେ ଭଡ଼ା ବର୍ଗଫୁଟ୍ ପ୍ରତି 30 ଟଙ୍କାରୁ ଅଧିକ ଥିଲା । ଏହିପରି କମ୍ ଭଡ଼ା ଧାର୍ଯ୍ୟ ହେତୁ ମାର୍ଚ୍ଚ 2017 ରୁ ଅକ୍ଟୋବର 2019[43] ମଧ୍ୟରେ ଧାର୍ମିକ ଅନୁଷ୍ଠାନ ଗୁଡ଼ିକ 42.57 ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ସହିଥିଲେ ।

- ସମାନ ଭାବରେ ରାଜଧାନୀ ପୂଜା ସମିତି କ୍ଷେତ୍ରରେ ଆର୍‌ଆଇର ମୋଟ 80 ଟି ଦୋକାନ ମଧ୍ୟରୁ ସାତଟି ପାଇଁ ଚୁକ୍ତି ହୋଇନଥିଲା । ଚୁକ୍ତି ହୋଇଥିବା 32,864 ବର୍ଗ ଫୁଟର ବ୍ୟବସାୟିକ ସ୍ଥାନ ବିଶିଷ୍ଟ ଅବଶିଷ୍ଟ 73 ଟି ଦୋକାନ କ୍ଷେତ୍ରରେ ସାଧାରଣ ପ୍ରଶାସନର ନିର୍ଦ୍ଧାରିତ 30 ଟଙ୍କା ପ୍ରତି ବର୍ଗଫୁଟ୍ ବିପକ୍ଷରେ 2.20 ଟଙ୍କା ପ୍ରତି ବର୍ଗ ଫୁଟ୍ (ହାରାହାରି) ହିସାବରେ ମାର୍ଚ୍ଚ 2017 ରୁ ଅକ୍ଟୋବର 2019 ପର୍ଯ୍ୟନ୍ତ 72,260 ଟଙ୍କାର ମାସିକ ଭଡ଼ା ଆଦାୟ କରାଯାଇଥିଲା । ଅଧିକନ୍ତୁ, ବର୍ଗଫୁଟ୍ ପ୍ରତି ଧାର୍ଯ୍ୟ ଭଡ଼ା ଦୋକାନରୁ ଦୋକାନ ଭିନ୍ନ ଥିଲା, ଯାହା 8.51 ରୁ 0.53 ଟଙ୍କା ମଧ୍ୟରେ ଥିଲା । ଏହିପରି, ଧାର୍ଯ୍ୟ କରାଯାଇଥିବା ଭଡ଼ା ଜିଏ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଭଡ଼ା ଠାରୁ ଯଥେଷ୍ଟ କମ୍ ଥିଲା । ଫଳସ୍ୱରୂପ ଆର୍‌ଆଇ ଉପରୋକ୍ତ ଅବଧିରେ[44]2.92 କୋଟି ଟଙ୍କାର ରାଜସ୍ୱ ହରାଇଥିଲେ ।

- ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଜାରି କରାଯାଇଥିବା ଭଡ଼ା ନିର୍ଦ୍ଧାରଣ ଆଦେଶରେ ଶ୍ରୀ ଲିଙ୍ଗରାଜ ମନ୍ଦିର ଅଞ୍ଚଳ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ବିଏମ୍‌ସି ଆର୍‌ଆଇ ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକ ପାଇଁ ବର୍ଗ ଫୁଟ୍ ପିଛା 26 ଟଙ୍କା ସ୍ଥିର କରିଥିଲେ । ଆର୍‌ଆଇ ର 10,348.24 ବର୍ଗ ଫୁଟର 60 ଟି ଦୋକାନ ଥିଲା । ଅପ୍ରେଲ 2016 ରୁ ଅକ୍ଟୋବର 2019 ଅବଧିରେ 10,348.24 ବର୍ଗ ଫୁଟ୍ କ୍ଷେତ୍ର ପାଇଁ ମାସିକ ଭଡ଼ା 29,568 ଟଙ୍କା ଥିଲା । ଏହିପରି ବର୍ଗଫୁଟ୍ ପ୍ରତି ଭଡ଼ା 2.86 ଟଙ୍କା ଥିଲା ଯାହାକି ବିଏମ୍‌ସି ନିର୍ଦ୍ଧାରିତ ଭଡ଼ା ଠାରୁ ଯଥେଷ୍ଟ କମ୍ ଥିଲା । ଯାହାହେଉ, ଆର୍‌ଆଇ ଅକ୍ଟୋବର 2019

---

42 ମା ଚଣ୍ଡୀ ମନ୍ଦିର: 3.41 ଲକ୍ଷ ଟଙ୍କା, ଜଗନ୍ନାଥ ବଲ୍ଲଭ ମଠ: 11.41 ଲକ୍ଷ ଟଙ୍କା ଏବଂ ମା ସମଲେଶ୍ୱରୀ ମନ୍ଦିର: 28.46 ଲକ୍ଷ ଟଙ୍କା

43 9,832.37 ବର୍ଗଫୁଟ * (30 ଟଙ୍କା -16.47 ଟଙ୍କା) * 32 ମାସ

44 32,864 ବର୍ଗଫୁଟ *( 30 ଟଙ୍କା - 2.20 ଟଙ୍କା)*32 ମାସ

ସୁଦ୍ଧା କୌଣସି ଭଡ଼ା ସଂଶୋଧନ କରିନଥିଲେ ଏବଂ ଅପ୍ରେଲ 2016 ରୁ ଅକ୍ଟୋବର 2019 ପର୍ଯ୍ୟନ୍ତ 43 ମାସରେ ଆର୍‌ଆଇ 1.03 କୋଟି ଟଙ୍କାର ରାଜସ୍ୱ କ୍ଷତି ସହିଥିଲେ[45] ।

ଏହିପରି ଭାବରେ, ବ୍ୟବସାୟିକ ସ୍ଥାନର ଭଡ଼ା ନିର୍ଦ୍ଧାରଣ ପାଇଁ ଯୋଜନାରେ କୌଣସି ବ୍ୟବସ୍ଥାର ଅଭାବ ସହିତ ସାଧାରଣ ବ୍ୟବସାୟିକ ବିଜ୍ଞତାର ଅନୁପାଳନ ଯେପରିକି ଭଡ଼ାଟିଆ ମାନଙ୍କ ସହିତ ଚୁକ୍ତିନାମା ସ୍ୱାକ୍ଷର କରିବା, ପ୍ରଚଳିତ ଦର ଆଧାରରେ ଭଡ଼ା ସ୍ଥିର କରିବା ଏବଂ ଏହାର ସଂଶୋଧନ କରିବା ଇତ୍ୟାଦି ନକରିବା ଦ୍ୱାରା ତିନୋଟି ଆର୍‌ଆଇ ସମୟ ବ୍ୟବଧାନରେ 4.38 କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା ।

ଇସି ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡ଼ିକୁ ସ୍ୱୀକାର କରିଥିଲେ (ଜୁଲାଇ 2020) ଏବଂ ପ୍ରତିକାରାତ୍ମକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

ପରାମର୍ଶ ଦିଆଗଲା ଯେ ଭଡ଼ା ପଦ୍ଧତି ଏବଂ ଭଡ଼ା ୟୁନିଟ୍ ଗୁଡ଼ିକ ପାଇଁ ଦର ନିର୍ଣ୍ଣୟ କରିବା ପ୍ରକ୍ରିୟାକୁ ସ୍ପଷ୍ଟ ଭାବରେ ଦର୍ଶାଇବା ପାଇଁ ସଂପୃକ୍ତ ଧାର୍ମିକ ଅନୁଷ୍ଠାନଗୁଡ଼ିକ ଯୋଜନା ଗୁଡ଼ିକର ସଂଶୋଧନ କରନ୍ତୁ ।

### 2.2.3.6 ସୁନା ଅଳଙ୍କାର ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଧାତୁର ପରିଚାଳନା

ଇସିଙ୍କର ସାଧାରଣ କିମ୍ବା ବିଶେଷ ଆଦେଶ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ତ୍ତାବଳୀ ବିନା ଓଏଚ୍‌ଆର୍‌ଇ ଅଧିନିୟମର ଧାରା 33 ଅନୁଯାୟୀ ଏହି ଆଇନ ବ୍ୟବସ୍ଥାର ସାଧାରଣତାକୁ ଦୃଷ୍ଟିରେ ରଖି କୌଣସି ଅଫିସ୍‌ଧାରକ କିମ୍ବା ମନ୍ଦିରର ସେବକ ମନ୍ଦିରର ଅଳଙ୍କାର କିମ୍ବା ମନ୍ଦିରର ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ ରଖିବାର ଅଧିକାର ପାଇବେ ନାହିଁ । ଅଧିକନ୍ତୁ, ନିର୍ଦ୍ଦିଷ୍ଟ ଧାର୍ମିକ ଅନୁଷ୍ଠାନ ଗୁଡ଼ିକ ପାଇଁ ସ୍ଥିର ହୋଇଥିବା ଯୋଜନା ଅନୁଯାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନ୍ଦିରର ନଗଦ ଟଙ୍କା ଏବଂ ମୂଲ୍ୟବାନ ସାମଗ୍ରୀ ସମେତ ସମସ୍ତ ରେକର୍ଡ ଏବଂ ସଂପତ୍ତିର ଦାୟିତ୍ୱରେ ରହିବେ ଏବଂ ଅଳଙ୍କାର ଗୁଡ଼ିକ ପରିଚାଳନା ଟ୍ରଷ୍ଟି (ଏମ୍‌ଟି)/ ଟ୍ରଷ୍ଟ ବୋର୍ଡର ସଭାପତି ଏବଂ ଆର୍‌ଆଇର ଇଓଙ୍କ ମିଳିତ ହେପାଜତରେ ରହିବ ।

*ଦେବାଦେବୀଙ୍କ ଅଳଙ୍କାରର ଅନଧିକୃତ ହେପାଜତ*

ଅଡିଟ୍ 13 ଟି ଆର୍‌ଆଇ ମଧ୍ୟରୁ 11 ଟିରେ ଅଳଙ୍କାର (ସୁନା ଏବଂ ରୂପା)ର ମିଳିତ ବସ୍ତୁଗତ ଯାଞ୍ଚ କରିଥିଲା । ଏଥି ମଧ୍ୟରୁ ନଅଟି ଆର୍‌ଆଇ କ୍ଷେତ୍ରରେ ଯୋଜନା ପ୍ରସ୍ତୁତ କରାଯାଇଥିଲା । ନଅଟି ଆର୍‌ଆଇର ଯୋଜନା ମଧ୍ୟରୁ ଗୋଟିଏ ବ୍ୟତୀତ ଆଠଟି ଆର୍‌ଆଇ ଯୋଜନାରେ ଅଳଙ୍କାରର ସୁରକ୍ଷିତ ହେପାଜତ ପାଇଁ ଟ୍ରଷ୍ଟ ବୋର୍ଡର ପଦଧାରୀଙ୍କ ଦାୟିତ୍ୱରେ ରହିବା କଥା ବ୍ୟବସ୍ଥିତ ଥିଲା । ଅବଶିଷ୍ଟ ଦୁଇଟି ଆର୍‌ଆଇ[46] କ୍ଷେତ୍ରରେ କୌଣସି ଯୋଜନା ପ୍ରଚଳନ କରାଯାଇ ନଥିଲା । ଆର୍‌ଆଇ ଗୁଡ଼ିକର ଯୋଜନାରେ ବ୍ୟବସ୍ଥା ଏବଂ ପଦଧାରୀ ଓ ସେବକ ଇତ୍ୟାଦିଙ୍କ ହେପାଜତରେ ଥିବା ସୁନା ରୂପା ଅଳଙ୍କାରର ପରିମାଣ ***ପରିଶିଷ୍ଟ 2.2.3*** ରେ ଦର୍ଶାଯାଇଛି । ଏହି ପ୍ରସଙ୍ଗରେ ଅଡିଟ୍ ନିମ୍ନ ବିଷୟ ଗୁଡ଼ିକ ପର୍ଯ୍ୟବେକ୍ଷଣ କଲା:

- ନଅଟି ଆର୍‌ଆଇ ଯାହା ପାଇଁ ଯୋଜନାରେ ବ୍ୟବସ୍ଥା/ ଇସିଙ୍କର ପ୍ରାଧିକାର ଥିଲା, ସେଥିରେ ଇଓ ଏବଂ ଏମ୍‌ଟି ମିଳିତ ଭାବରେ ଅଳଙ୍କାର ଗୁଡ଼ିକର ସୁରକ୍ଷିତ ହେପାଜତ ପାଇଁ ଦାୟୀ ରହିବେ । ଜେପିଆଇ ସମୟରେ ମିଳିଥିବା 24,463.75 ଗ୍ରାମ ସୁନା ମଧ୍ୟରୁ 9,313.86 ଗ୍ରାମ[47] ସୁନା (38 ପ୍ରତିଶତ) ଇଓଙ୍କ ବ୍ୟତୀତ ସେବକ/ ପଦଧାରୀମାନଙ୍କ ହେପାଜତରେ ଥିଲା । ସେହିପରି 284.55 କିଲୋଗ୍ରାମ (କେଜି) ରୁପା ମଧ୍ୟରୁ 139.58 କେଜି (49 ପ୍ରତିଶତ) ଇଓଙ୍କ ବ୍ୟତୀତ ସେବକ/ ପଦଧାରୀମାନଙ୍କ ହେପାଜତରେ ଥିଲା ଯାହା ଅତ୍ୟନ୍ତ ଅନିୟମିତ ଥିଲା । ଏହିପରି, 29.64

---

45 10,348.24 ବର୍ଗଫୁଟ *( 26 ଟଙ୍କା - 2.86 ଟଙ୍କା)*43 ମାସ

46 ଶ୍ରୀ ଗୋରଖନାଥ ମନ୍ଦିର ଏବଂ ଦେବୋତ୍ତର ଢେଙ୍କାନାଳ (ଯେଉଁଟା ଓଏଚ୍‌ଆର୍‌ଇ ଅଧିନିୟମରେ ଆସୁନାହିଁ)

47 ଇଓ ଙ୍କ ବ୍ୟତୀତ ଅଫିସ୍ ଧାରକ: 6,169.94 ଗ୍ରାମ; ସେବକ: 3,144.22 ଗ୍ରାମ

କେଜି ସୁନା ମଧ୍ୟରୁ 7 କେଜି ସୁନା (24 ପ୍ରତିଶତ) ଏବଂ 332.55 କେଜି ରୁପା ମଧ୍ୟରୁ 62.70 କେଜି ରୁପା (19 ପ୍ରତିଶତ) ଏମ୍‌ଟି ଏବଂ ଇଓଙ୍କ ମିଳିତ ହେପାଜତରେ ଥିଲା।

- ମା ଶାରଳା ମନ୍ଦିର କ୍ଷେତ୍ରରେ, ଯଦିଓ ଇଓ ଅଳଙ୍କାରର ଏକକ ତତ୍ୱାବଧାରକ ଭାବେ ପ୍ରାଧିକୃତ ଥିଲେ ସମସ୍ତ ସୁନା (5,952.36 ଗ୍ରାମ) ଏବଂ ରୁପା (93,393.40 ଗ୍ରାମ) ସେବକ ଏବଂ ଇଓଙ୍କ ବ୍ୟତୀତ ପଦଧାରୀଙ୍କ ହେପାଜତରେ ରହିଥିଲା । ଏହିପରି, ଇଓ ଅଳଙ୍କାରଗୁଡ଼ିକର ଦାୟିତ୍ୱ ନେବାରେ ବିଫଳ ହୋଇଥିଲେ ଏବଂ ଏହା ପରିବର୍ତ୍ତେ ଅନଧିକୃତ ବ୍ୟକ୍ତିବିଶେଷଙ୍କୁ ତତ୍ତ୍ୱାବଧାରକ ଭାବରେ ଅନୁମତି ଦେଲେ। ଅଡିଟ୍ ଦ୍ୱାରା ଦର୍ଶାଯିବା ପରେ (ଡିସେମ୍ବର 2019) ଉପ କମିଶନର ମା ଶାରଳା ମନ୍ଦିରର ଅଳଙ୍କାର ଗୁଡ଼ିକ ହେପାଜତକୁ ନେଇ ନଥିବା ହେତୁ ଇଓଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ (ଜାନୁଆରୀ 2020)।
- ମା ଉଗ୍ରତରା ମନ୍ଦିର କ୍ଷେତ୍ରରେ ଏକ ଯୋଜନା ଅଭାବରୁ ଇସି, ଇଓ ଏବଂ ଏମ୍‌ଟିଙ୍କୁ ଆର୍‌ଆଇର ସଂପତ୍ତିଗୁଡ଼ିକ ପାଇଁ ମିଳିତ ତତ୍ତ୍ୱାବଧାରକ ଭାବେ ଅନୁମତି ଦେଇଥିଲେ (ଡିସେମ୍ବର 2018)। ତେବେ ସମସ୍ତ ପରିମାଣର ସୁନା ଓ ରୁପା ଇଓଙ୍କ ବ୍ୟତୀତ ସେବକ ଏବଂ ପଦଧାରୀଙ୍କ ଅଧୀନରେ ଥିବା ଜଣାପଡ଼ିଥିଲା । 2012 ଓ 2017 ରେ ତିନୋଟି ଚୋରି ମାମଲା ରୁଜୁ ହୋଇଥିଲା ଯେଉଁଥିରେ ଦେବତାଙ୍କର ଅଧିକାଂଶ ଅଳଙ୍କାର ଚୋରୀ ହୋଇଯାଇଥିଲା । ଏହି ଘଟଣା ସତ୍ତ୍ୱେ ଆର୍‌ଆଇର ମୂଲ୍ୟବାନ ଅଳଙ୍କାର ଗୁଡ଼ିକ ଅନଧିକୃତ ବ୍ୟକ୍ତିଙ୍କ ହେପାଜରରେ ଥିବା ଜଣାପଡିଥିଲା।
- ଶ୍ରୀ ଗୋରଖନାଥ ମନ୍ଦିର କ୍ଷେତ୍ରରେ କୌଣସି ଯୋଜନା ପ୍ରସ୍ତୁତ ହୋଇନଥିଲା କିମ୍ବା ଇସି ଅଳଙ୍କାରର ତତ୍ତ୍ୱାବଧାରକ ଭାବରେ କୌଣସି ବ୍ୟକ୍ତିଙ୍କୁ ଅନୁମତି ଦେଇନଥିଲେ। ଏହି ମାମଲାରେ ସମସ୍ତ ସୁନା ଓ ରୁପା ଇଓ ବ୍ୟତୀତ ଅନ୍ୟ ପଦଧାରୀଙ୍କ ହେପାଜତରେ ଥିବା ଜଣାପଡ଼ିଥିଲା।
- ଶ୍ରୀ ଆଖଣ୍ଡଳ ମଣୀ ମନ୍ଦିର କ୍ଷେତ୍ରରେ ପ୍ରସ୍ତୁତ ହୋଇଥିବା ଯୋଜନା କର୍ମଚାରୀ/ସେବକ/ ଟ୍ରଷ୍ଟୀମାନେ ଆର୍‌ଆଇ ଅଳଙ୍କାରର ତତ୍ତ୍ୱାବଧାରକ ହେବା ବିଷୟରେ ନୀରବ ରହିଥିଲେ। ରେକର୍ଡ ଅନୁଯାୟୀ ଭଦ୍ରକ ଜିଲ୍ଲା କୋଷାଗାରର ଆଇରନ୍ ଚେଷ୍ଟରେ 8,510.500 ଗ୍ରାମ ସୁନା ସାମଗ୍ରୀ ରଖାଯାଇ ଥିଲା। ଏହା ମଧ ରେକର୍ଡ କରାଯାଇଥିଲା ଯେ 1995 ରେ ଦୁଇଟି ଚାବି ଜମା କରାଯାଇଥିଲା। ଗୋଟିଏ ଚାବି ମନ୍ଦିରର ଏମ୍‌ଟି ଅର୍ଥାତ୍ ଉପଜିଲ୍ଲାପାଳଙ୍କ ପାଖରେ ଏବଂ ଦ୍ୱିତୀୟଟି ଚାନ୍ଦବାଲି ତହସିଲଦାରଙ୍କ ପାଖରେ ରଖାଯାଇଥିଲା । ତେବେ, ରେକର୍ଡରେ ଉଭୟଙ୍କ ଦ୍ୱାରା ଚାବି ରଖାଯାଇଥିବାର କୌଣସି ସ୍ୱୀକୃତି ପତ୍ର ନଥିଲା। ଯେତେବେଳେ ଅଡିଟ୍ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧିକାରୀଙ୍କ ସହ ଇସିଙ୍କ ପ୍ରତିନିଧିଙ୍କ ମାଧମରେ ଅଳଙ୍କାରଗୁଡ଼ିକୁ ବସ୍ତୁଗତ ଯାଞ୍ଚ କରିବାକୁ ଚେଷ୍ଟା କଲେ (17 ଜାନୁଆରୀ 2020), ଉପଜିଲ୍ଲାପାଳଙ୍କ ପାଖରେ ଥିବା ପ୍ରଥମ ଚାବି ମିଳି ନଥିଲା ଏବଂ ଦ୍ୱିତୀୟ ଚାବି ଜଣେ ବଂଶାନୁକ୍ରମିକ ଟ୍ରଷ୍ଟୀଙ୍କ ପ୍ରତିନିଧିଙ୍କ ପାଖରେ ମିଳିଥିଲା ଯିଏକି ଅଳଙ୍କାର ଗୁଡ଼ିକର ସହ-ତତ୍ତ୍ୱାବଧାରକ ଭାବେ ନିଯୁକ୍ତ ହୋଇନଥିଲେ। ଏକ ସମୟରେ ଉଭୟ ଚାବି ଉପଲବ୍ଧ ନହେବା ହେତୁ ଅଳଙ୍କାର ଗୁଡ଼ିକର ବସ୍ତୁଗତ ଯାଞ୍ଚ ସମ୍ଭବ ହୋଇପାରି ନଥିଲା। ଅଧିକନ୍ତୁ, ଜଣେ ଅନଧିକୃତ ବ୍ୟକ୍ତିଙ୍କ ନିକଟରେ ଦ୍ୱିତୀୟ ଚାବିର ସନ୍ଧାନ, ରେକର୍ଡ ଅନୁଯାୟୀ ସୁନା ସାମଗ୍ରୀର ଉପଲବ୍ଧତା ଉପରେ ସନ୍ଦେହ ସୃଷ୍ଟି କରିଥିଲା। ବସ୍ତୁଗତ ଯାଞ୍ଚ ପ୍ରୟାସର ଛଅ ମାସ ବିତିଯିବା ପରେ ଓ ଅନ୍ୟ ଏକ ନିର୍ଦ୍ଦେଶନାମା ଏବଂ ଚେତାବନୀ ସତ୍ତ୍ୱେ ଇଓ ଏବଂ ସଂପୃକ୍ତ ଅଧିକାରୀମାନେ ଜୁଲାଇ 2020 ସୁଦ୍ଧା ଚାବି ଠାବ କରି ପାରିନଥିଲେ। ଏହିପରି ଭାବରେ, ମୂଲ୍ୟବାନ ସାମଗ୍ରୀର ସୁରକ୍ଷିତ ହେପାଜତ ପାଇଁ ଚାବିର ସଂରକ୍ଷଣରେ ଅସାବଧାନତା ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ଆବଶ୍ୟକ।

ଏହିପରି, 4.73 କୋଟି ଟଙ୍କା ମୂଲ୍ୟର ଅଳଙ୍କାରର ଅନଧିକୃତ ତତ୍ତ୍ୱାବଧାନ କେବଳ ଏହାର ନିରାପତ୍ତା ଉପରେ ସନ୍ଦେହ ସୃଷ୍ଟି କରିନଥିଲା, ପରନ୍ତୁ, ବସ୍ତୁଗତ ଯାଞ୍ଚ ସମୟରେ ଅଳଙ୍କାରର ସ୍ୱଳ୍ପତା ଏହାର ଚୋରି ହୋଇଥିବାର ସନ୍ଦେହକୁ ଦୃଢୀଭୂତ କରୁଥିଲା ଯାହାକି ନିମ୍ନଲିଖିତ ଅନୁଚ୍ଛେଦରେ ଦର୍ଶାଯାଇଛି।

ଇସି ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡ଼ିକୁ ସ୍ୱୀକାର କରିଥିଲେ ଓ ପ୍ରତିକାରାତ୍ମକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ।

### *2.2.3.7 ଅଳଙ୍କାରର ଷ୍ଟକରେ ଅସଙ୍ଗତି*

ଆର୍‌ଆଇ ପାଇଁ ପ୍ରସ୍ତୁତ ଯୋଜନାରେ ଅଳଙ୍କାରର ସଂରକ୍ଷଣ ପଦ୍ଧତି ଧାର୍ଯ୍ୟ କରାଯାଇଥିବା ବେଳେ ରେଜଷ୍ଟରଗୁଡ଼ିକରେ ଉଲ୍ଲେଖିତ ଅଳଙ୍କାରର ପରିମାଣର ପ୍ରକୃତ ଉପଲବ୍ଧତା ସୁନିଶ୍ଚିତ କରାଯିବା ପାଇଁ ମୂଲ୍ୟବାନ ସାମଗ୍ରୀର ସମୟାନୁଭିତ୍ତିକ ବସ୍ତୁଗତ ଯାଞ୍ଚ ବିଷୟରେ ତାହା ନୀରବ ଥିଲା ।

ଅଡିଟ୍ ଜାଣିବାକୁ ପାଇଲା ଯେ ଚାରୋଟି ଆର୍‌ଆଇ[48] ଅଳଙ୍କାର ରେଜିଷ୍ଟର ଏବଂ ସଂଗ୍ରହ ରେଜିଷ୍ଟର ପ୍ରଚଳନ କରିଥିଲେ । ଅନ୍ୟ ଆର୍‌ଆଇ ଗୁଡ଼ିକ ଏହାକୁ ସମ୍ପତ୍ତି ରେଜିଷ୍ଟର କିମ୍ବା ଅନ୍ୟ ଦସ୍ତାବିଜରେ ଉଲ୍ଲେଖ କରିଥିଲେ । ଅଡିଟ୍ 11 ଟି ଆର୍‌ଆଇ[49]ରେ ସଂପୃକ୍ତ ଆର୍‌ଆଇର ପ୍ରତିନିଧିଙ୍କ ସହିତ ମିଳିତ ଭାବରେ ନମୁନା ଆଧାରରେ ଅଳଙ୍କାରର ବସ୍ତୁଗତ ଯାଞ୍ଚ କରିଥିଲା । ଗୋଟିଏ ଆର୍‌ଆଇ (ଶ୍ରୀ ଲିଙ୍ଗରାଜ ମନ୍ଦିର) ରେ ଅଳଙ୍କାରର ରେକର୍ଡ ହୋଇଥିବା ପରିମାଣ ଓ ବସ୍ତୁଗତ ଯାଞ୍ଚ ପରିମାଣ ମଧ୍ୟରେ କୌଣସି ପାର୍ଥକ୍ୟ ନଥିଲା ବେଳେ ଅନ୍ୟ ଚାରୋଟି ଆର୍‌ଆଇ[50]ରେ ଓଜନ ଭିତ୍ତିରେ ଅଳଙ୍କାର ପରିମାଣର ସଠିକତା ନିରୂପଣ ହୋଇପାରିଲା ନାହିଁ, ଯେହେତୁ ଅଳଙ୍କାରର ପରିମାଣ କେବଳ ସଂଖ୍ୟାରେ କିମ୍ବା ଓଜନ ଏକ ଭିନ୍ନ ଏକକରେ ଥିଲା (ଅର୍ଥାତ୍ ଭରି କିମ୍ବା ରତି) ।

ଅନ୍ୟ ପାଞ୍ଚଟି ଆର୍‌ଆଇ କ୍ଷେତ୍ରରେ[51] ବିଭିନ୍ନ ପଦଧାରୀ ଏବଂ ସେବକଙ୍କ ଅଧିନରେ ଥିବା ଅଳଙ୍କାର ଗୁଡ଼ିକ (ଯାହା ରେକର୍ଡରେ ଥିଲା) ସଂପୃକ୍ତ ଆର୍‌ଆଇ ଦ୍ୱାରା ନିୟୋଜିତ ସୁନା କାରିଗରଙ୍କ ଦ୍ୱାରା ଅଡିଟ୍ ଉପସ୍ଥିତିରେ ଓଜନ କରାଯାଇଥିଲା । ଅଡିଟ୍ 60.07 ଲକ୍ଷ ଟଙ୍କା[52] ମୂଲ୍ୟର 823.334 ଗ୍ରାମ ସୁନା ଓ 53,595.84 ଗ୍ରାମ ରୂପାର ସ୍ୱଳ୍ପତା ଲକ୍ଷ୍ୟ କରିଥିଲେ ଯାହାକି ***ପରିଶିଷ୍ଟ 2.2.4*** ରେ ଦର୍ଶାଯାଇଛି । ମା' ଚଣ୍ଡୀ ମନ୍ଦିରରେ 579.69 ଗ୍ରାମ ସୁନା ଏବଂ 52.182 କିଲୋଗ୍ରାମ ରୁପାର ପ୍ରମୁଖ ଅସଙ୍ଗତି ଲକ୍ଷ୍ୟ କରାଯାଇଥିଲା । ଆର୍‌ଆଇର ଇଓ ଏପର୍ଯ୍ୟନ୍ତ ଅସଙ୍ଗତି ପାଇଁ କୌଣସି ଜବାବ ପ୍ରଦାନ କରିନାହାନ୍ତି (ଜୁଲାଇ 2021) ।

ଅଳଙ୍କାର ସମେତ ଆର୍‌ଆଇର ସମ୍ପତ୍ତିର ସମୟାନୁଭିତ୍ତିକ ବସ୍ତୁଗତ ଯାଞ୍ଚ ଉପରେ ଆର୍‌ଆଇ ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନାରେ କୌଣସି ବ୍ୟବସ୍ଥା ନଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ । ଯୋଜନାରେ ବ୍ୟବସ୍ଥାର ଅନୁପସ୍ଥିତି ସତ୍ତ୍ୱେ ଇସି ମଧ୍ୟ ସମୟାନୁଭିତ୍ତିକ ବସ୍ତୁଗତ ଯାଞ୍ଚ ପାଇଁ ସଂପୃକ୍ତ ଆର୍‌ଆଇ ଗୁଡ଼ିକୁ କୌଣସି ନିର୍ଦ୍ଦେଶ ଦେଇ ନଥିଲେ । ତେଣୁ ଆର୍‌ଆଇ ଗୁଡ଼ିକର ସମ୍ପତ୍ତିର ସୁରକ୍ଷା ପାଇଁ କୌଣସି ନିୟନ୍ତ୍ରଣ ଏବଂ ତଦାରଖ ବ୍ୟବସ୍ଥା ନଥିଲା ।

ଇସି ଅଡିଟ୍ ମନ୍ତବ୍ୟକୁ ଗ୍ରହଣ କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସୁନିଶ୍ଚିତ କରିଥିଲେ (ଜୁଲାଇ 2020) । ଅଳଙ୍କାରର ସ୍ୱଳ୍ପତା ପାଇଁ ଇସି ପ୍ରଥମେ ଏଫ୍‌ଆଇଆର୍ ଦାୟର କରିବା ଉଚିତ୍ ଏବଂ ଆର୍‌ଆଇର ସଂପତ୍ତି (ରିଅଲ ଇଷ୍ଟେଟ୍,ସୁନା, ରୁପା ଅଳଙ୍କାର ଇତ୍ୟାଦି)ର ସମୟାନୁଭିତ୍ତିକ ବସ୍ତୁଗତ ଯାଞ୍ଚ ବ୍ୟବସ୍ଥା ଯୋଜନା /ଓଏଚ୍‌ଆର୍‌ଇ ନିୟମରେ ଅନ୍ତର୍ଭୁକ୍ତ କରାଯାଇପାରେ ।

---

48 ଢେଙ୍କାନାଳ ଦେବୋତ୍ତର, ଶ୍ରୀ ଆଖଣ୍ଡଳମଣୀ, ମା ଶାରଳା ଏବଂ ଶ୍ରୀ ଗୋରଖନାଥ ମନ୍ଦିର

49 ଶ୍ରୀ ଲିଙ୍ଗରାଜ ମନ୍ଦିର, ମା ଚଣ୍ଡୀ ମନ୍ଦିର, ମା ମଙ୍ଗଳା ମନ୍ଦିର, ଜଗନ୍ନାଥ ବଲ୍ଲଭ ମଠ, ମା ଶାରଳା ମନ୍ଦିର, ଶ୍ରୀ ଗୋରଖନାଥ ମନ୍ଦିର, ଶ୍ରୀ ଆଖଣ୍ଡଳମଣୀ ମନ୍ଦିର, କପିଳାସ ମନ୍ଦିର, ଠାକୁର ମହଲ, ନୀଳଗିରି, ମା ଉଗ୍ରତରା ମନ୍ଦିର ଏବଂ ମା ସମଲେଶ୍ୱରୀ ମନ୍ଦିର

50 ଶ୍ରୀ ଗୋରଖନାଥ ମନ୍ଦିର, ଠାକୁର ମହଲ, ଦେବୋତ୍ତର ଢେଙ୍କାନାଳ ଏବଂ ମା ଉଗ୍ରତରା ମନ୍ଦିର

51 ମା ଚଣ୍ଡୀ ମନ୍ଦିର, ମା ଶାରଳା ମନ୍ଦିର, ଶ୍ରୀ ଗୋରଖନାଥ ମନ୍ଦିର, ଶ୍ରୀ ଆଖଣ୍ଡଳମଣୀ ମନ୍ଦିର, ମା ସମଲେଶ୍ୱରୀ ମନ୍ଦିର

52 12 ମାର୍ଚ୍ଚ 2020 ସୁଦ୍ଧା ଭୁବନେଶ୍ୱରରେ ସୁନା ଓ ରୁପାର ମୂଲ୍ୟ ଅନୁସାରେ

### 2.2.4 ରାଜସ୍ୱ ଉତ୍ସଗୁଡ଼ିକର ପରିଚାଳନା

#### *2.2.4.1 ଆୟ ସୃଷ୍ଟି କରୁଥିବା ଉତ୍ସଗୁଡ଼ିକର ଅପାରଗ ପରିଚାଳନା ହେତୁ ଧାର୍ମିକ ଅନୁଷ୍ଠାନ ଗୁଡ଼ିକର ରାଜସ୍ୱ ହାନି*

ଏକ ଆର୍‌ଆଇର ଆୟର ମୁଖ୍ୟ ଉତ୍ସ ହେଉଛି ଅନ୍ନ ପ୍ରସାଦ, ଶୁଖିଲା ଭୋଗ ଦୋକାନ, ପବିତ୍ର ଦୀପ ଓ ପୂଜା ସାମଗ୍ରୀ, ପାର୍କିଙ୍ଗ୍ ଓ ଜୋତାଷ୍ଟାଣ୍ଡର ନିଲାମ । ଯେଉଁଠାରେ ନିଲାମ ସମ୍ଭବ ନୁହେଁ ଆର୍‌ଆଇ ଗୁଡ଼ିକର ଟ୍ରଷ୍ଟ ବୋର୍ଡ ନିଲାମ ନ ହେବା ପର୍ଯ୍ୟନ୍ତ ଉତ୍ସଗୁଡ଼ିକୁ ପରିଚାଳନା କରିଥାଏ । ସମୀକ୍ଷା ହୋଇଥିବା ଆର୍‌ଆଇ ଗୁଡ଼ିକର ନିଲାମ ସ୍ଥିତି ***ପରିଶିଷ୍ଟ 2.2.5*** ରେ ଦର୍ଶାଯାଇଛି । ନିମ୍ନଲିଖିତ ତ୍ରୁଟିଗୁଡ଼ିକ ସମୀକ୍ଷା ଲକ୍ଷ୍ୟ କରିଥିଲେ:

- 10 ଟି ନମୁନା ଆର୍‌ଆଇର 70 ଟି ଉତ୍ସ ନିଲାମ ନିମନ୍ତେ ଉପଲବ୍ଧ ଥିଲା (ରାମ ମନ୍ଦିର ଏବଂ ରାଜଧାନୀ ପୂଜା ସମିତି ବ୍ୟତୀତ) । ତେବେ, କେବଳ 33 ଟି ଉତ୍ସ ପାଇଁ ନିଲାମ ଡକାଯାଇଥିଲା । ଅବଶିଷ୍ଟ 37 ଟି ଉତ୍ସ ବିଡର ଅଂଶଗ୍ରହଣ ନ କରିବା ଇତ୍ୟାଦି କାରଣରୁ ନିଲାମ କରାଯାଇ ନଥିଲା । ଶ୍ରୀ ଲିଙ୍ଗରାଜ ମନ୍ଦିର ଏବଂ ଦେବୋତ୍ତର ଢେଙ୍କାନାଳ ପରି ଆର୍‌ଆଇରେ ବିଡର୍‌ମାନେ ନିଲାମରେ ଭାଗ ନେବାକୁ ଆସି ନଥିଲେ । ଅନ୍ୟ ଆର୍‌ଆଇ ଗୁଡ଼ିକରେ ଏହି ଉତ୍ସଗୁଡ଼ିକୁ ନିଲାମ କରିବା ନିମନ୍ତେ କୌଣସି ପ୍ରୟାସ କରାଯାଇ ନଥିଲା ।
- ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଆନନ୍ଦ ବଜାର ପ୍ରସାଦ ବିକ୍ରୟ, ପବିତ୍ର କୂଅର ଜଳ ବିକ୍ରୟ ଇତ୍ୟାଦି ଭଳି ସମ୍ଭାବ୍ୟ ରାଜସ୍ୱ ଅର୍ଜନର ଉତ୍ସ ଆର୍‌ଆଇର ରୋଜଗାର ବୃଦ୍ଧି ପାଇଁ ବ୍ୟବହାର କରାଯାଇ ନଥିଲା ।
- ସାତଟି ଆର୍‌ଆଇରେ 2010-11 ରୁ 2019-20[53] ପର୍ଯ୍ୟନ୍ତ ନିଲାମଧାରୀଙ୍କ ଉପରେ 2.91 କୋଟି ଟଙ୍କା ବାକି ଥିଲା । ବକେୟା ରାଶିର ପରିମାଣର ବିସ୍ତାର 0.61 ଲକ୍ଷ ଟଙ୍କା (ଠାକୁର ମହଲ) ରୁ 1.83 କୋଟି ଟଙ୍କା (ଶ୍ରୀ ଗୋରଖନାଥ ମନ୍ଦିର) ପର୍ଯ୍ୟନ୍ତ ଥିଲା ।

ତେଣୁ, ଆର୍‌ଆଇରେ ସମ୍ଭାବ୍ୟ ରାଜସ୍ୱ ଅର୍ଜନ ଉତ୍ସ ଗୁଡ଼ିକରୁ ଅର୍ଥ ଉପାର୍ଜନ କରିବା ପାଇଁ ପ୍ରୟାସ ପର୍ଯ୍ୟାପ୍ତ ନଥିଲା । ଏତଦ୍ ବ୍ୟତୀତ ନିଲାମଧାରୀମାନଙ୍କ ଠାରୁ ବକେୟା ଦେୟ ଅସୁଲ କରାନଯିବା, ଆର୍‌ଆଇ ଗୁଡ଼ିକର ଆର୍ଥିକ ସ୍ଥିତିକୁ ଦୃଢ଼ କରିବାରେ ଅଭାବନୀୟ ଆଭିମୁଖ୍ୟକୁ ସୂଚାଉଥିଲା ।

ଇସି ଉପରୋକ୍ତ ତଥ୍ୟ ଏବଂ ଅଙ୍କ ସ୍ୱୀକାର କରିଥିଲେ (ଜୁଲାଇ 2020) ।

#### *2.2.4.2 ଫସଲର ଦୁର୍ବଳ ପରିଚାଳନା*

ଅଧିନିୟମର ଧାରା 14(1) ଅନୁଯାୟୀ, ପ୍ରତ୍ୟେକ ଆର୍‌ଆଇର ଟ୍ରଷ୍ଟ ଏହାର କାର୍ଯ୍ୟ ପରିଚାଳନା କରିବାକୁ ବାଧ ଏବଂ ଏହାର ପାଣ୍ଠି ଏବଂ ସମ୍ପତ୍ତିକୁ ଟ୍ରଷ୍ଟର ସର୍ତ୍ତାବଳୀ ଅନୁଯାୟୀ, ଅନୁଷ୍ଠାନର ବ୍ୟବହାର ନିମନ୍ତେ ଏବଂ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଜାରୀ କରାଯାଇଥିବା ଆଇନଗତ ଦିଗରେ ଉପଯୋଗ କରିବେ । ଜଣେ ସାଧାରଣ ଚତୁର ବ୍ୟକ୍ତି ନିଜର ପାଣ୍ଠି ଓ ସମ୍ପତ୍ତିର ବ୍ୟବହାର ସମୟରେ ଯେଉଁ ସଜାଗତା ପ୍ରଦର୍ଶନ କରନ୍ତି, ଆର୍‌ଆଇ ଗୁଡିକର ପରିଚାଳନା ବାବଦରେ ଟ୍ରଷ୍ଟୀମାନେ ସମାନ ସଜାଗତା ପ୍ରଦର୍ଶନ କରିବା ଆଶା କରାଯାଏ ।

[53] 2010-11: 5.14 ଲକ୍ଷ ଟଙ୍କା , 2011-12: 0.87 ଲକ୍ଷ ଟଙ୍କା , 2013-14: 11.80 ଲକ୍ଷ ଟଙ୍କା , 2014-15: 55.33 ଲକ୍ଷ ଟଙ୍କା , 2015-16: 8.75 ଲକ୍ଷ ଟଙ୍କା , 2016-17: 32.03 ଲକ୍ଷ ଟଙ୍କା , 2017-18: ₹ 0.81 ଲକ୍ଷ ଟଙ୍କା , 2018-19: 54.16 ଲକ୍ଷ ଟଙ୍କା ଏବଂ 2019-20: 121.91 ଲକ୍ଷ ଟଙ୍କା

ଅଡିଟ୍ କୃଷି ଜମି ଥିବା ଚାରୋଟି ନମୁନା ଆର୍‌ଆଇର ଫସଲ ରେଜିଷ୍ଟର ଯାଞ୍ଚ କରିଥିଲେ। ମାର୍ଚ୍ଚ 2019 ରେ ଶେଷ ହେଉଥିବା ବିଗତ ତିନି ବର୍ଷ ମଧରେ ଦେବାଦେବୀଙ୍କ ଜମି ଚାଷ କରୁଥିବା ଚାଷୀଙ୍କ ଠାରୁ ଫସଲ ଆଦାୟର ସ୍ଥିତି ନିମ୍ନ ସାରଣୀରେ ଦର୍ଶାଯାଇଛି :

***ସାରଣୀ 2.2.6: ନମୁନା ଆର୍‌ଆଇଗୁଡ଼ିକରେ ଫସଲ ଆଦାୟର ସ୍ଥିତି***

| ଆରଆଇର ନାମ | ସମୁଦାୟ ଚାଷ ଜମି | ଚାଷ କରାଯାଇଥିବା ଜମି | ବକେୟା ଦେୟର ପ୍ରାରମ୍ଭିକ ବାଲାନ୍ସ | ଦାବୀ କରାଯାଇଥିବା ଶସ୍ୟ | ଆଦାୟ ଶସ୍ୟ | ଅବଶିଷ୍ଟ ଦେୟ | ମୂଲ୍ୟ (ଟଙ୍କାରେ) |
|---|---|---|---|---|---|---|---|
| | (ଏକରରେ) | | (କ୍ୱିଣ୍ଟାଲରେ) | | | | |
| ଠାକୁର ମହଲ | 116.375 | 116.375 | 610.26 | 523.69 | 712.93 | 421.02 | ଉପଲବ୍ଧ ନୁହେଁ |
| ଶ୍ରୀ ଲିଙ୍ଗରାଜ ମନ୍ଦିର | 57.408 | 53.23 | 1294.925 | 399.22 | 365.375 | 1328.77 | 680270 |
| ଶ୍ରୀ ଆଖଣ୍ଡଳମଣୀ ମନ୍ଦିର | 44.8 | 24.96 | 208.17 | 523.43 | 241.66 | 489.94 | 165770 |
| ଢେଙ୍କାନାଳ ଦେବୋତ୍ତର | 1021.72 | 626.78 | 0 | 2185 | 1781.11 | 403.89 | 1059670 |
| ମୋଟ | **1240.303** | **821.345** | **2113.355** | **3631.34** | **3101.075** | **2643.62** | **1905710** |

***(ଉତ୍ସ: ନମୁନା ଆର୍‌ଆଇଗୁଡ଼ିକର ନଥି)***

ଦେବୋତ୍ତର, ଢେଙ୍କାନାଳର ମୋଟ 1,021.72 ଏକର କୃଷି ଜମି ଥିଲା, ଯେଉଁଥିରୁ ହାରାହାରି ଭାବେ 626.78 ଏକର ଜମି (61 ପ୍ରତିଶତ) ଫସଲ ଉତ୍ପାଦନ ପାଇଁ ବ୍ୟବହୃତ ହୋଇଥିଲା ଓ 395 ଏକର ଜମି ଅବ୍ୟବହୃତ ହୋଇ ପଡ଼ିରହିଥିଲା। ଅବଶିଷ୍ଟ ଜମି କାହିଁକି ଚାଷ କରାଯାଇ ନଥିଲା ସେ ନେଇ ଇଓ ଦେବୋତ୍ତର ସେ ବିଷୟରେ ଅଡିଟ୍‌କୁ ଉତ୍ତର ପ୍ରଦାନ କରିନଥିଲେ। ଶ୍ରୀ ଆଖଣ୍ଡଳମଣି ମନ୍ଦିର କ୍ଷେତ୍ରରେ ମଧ 44 ପ୍ରତିଶତ ଚାଷ ଜମି ଚାଷ କରାଯାଇ ନଥିଲା।

ଇସି ଉପରୋକ୍ତ ତଥ୍ୟ ଓ ଅଙ୍କକୁ ସ୍ୱୀକାର କରିଥିଲେ (ଜୁଲାଇ 2020)।

## 2.2.5 ଉପସଂହାର

ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର (ଓଏଚ୍‌ଆର୍‌ଇ) ଅଧିନିୟମ 1951 ସୁନିଶ୍ଚିତ କରେ କି ଆର୍‌ଆଇ ଓ ଦେବୋତ୍ତର ଗୁଡ଼ିକ ସଠିକ୍ ଭାବରେ ପରିଚାଳିତ ହେଉଛି ଏବଂ ସେମାନଙ୍କର ଆୟ ଅଭିଳଷିତ ଉଦ୍ଦେଶ୍ୟରେ ଉପଯୁକ୍ତ ଭାବରେ ଖର୍ଚ୍ଚ ହେଉଛି । ଟ୍ରଷ୍ଟ ବୋର୍ଡ ଗଠନ ଏବଂ ସେଥିପାଇଁ ସଭ୍ୟ ମନୋନୀତ କରିବା ଭଳି ଆବଶ୍ୟକୀୟ ପଦ୍ଧତି ଗୁଡ଼ିକର ପ୍ରଚଳନ କରିବା କିମ୍ବା ଆର୍‌ଆଇର ସମ୍ପତ୍ତିର ସୁରକ୍ଷା ଭଳି ଦୈନନ୍ଦିନ ଶାସନ କ୍ଷେତ୍ରରେ କଥିତ ଉଦ୍ଦେଶ୍ୟ ହାସଲ କରାଯାଇ ନଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ।

ଅଡିଟ୍ 13 ଟି ନମୁନା ଆର୍‌ଆଇରେ ନଥିର ପରୀକ୍ଷା ଯାଞ୍ଚ କରି ଜାଣିଲେ ଯେ ତିନୋଟି ଆର୍‌ଆଇ ପାଇଁ ଇସି ନିୟମିତ ଟ୍ରଷ୍ଟ ବୋର୍ଡର ସମାପ୍ତି ପରେ ମଧ ଅଣ-ବଂଶାନୁକ୍ରମିକ ସଦସ୍ୟଙ୍କୁ ମନୋନୀତ କରି ନଥିଲେ। ଅନ୍ୟ ପାଞ୍ଚଟି ଆର୍‌ଆଇ ପାଇଁ ମଧବର୍ତ୍ତୀ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଥିଲା, ଯଦିଓ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଅଧିନିୟମରେ ଏହିପରି ମଧବର୍ତ୍ତୀ ମଣ୍ଡଳୀ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଦୁଇଟି ଆର୍‌ଆଇ କ୍ଷେତ୍ରରେ ମଧବର୍ତ୍ତୀ ଟ୍ରଷ୍ଟ ବୋର୍ଡ ମଧ ନଥିଲା। ଏହିପରି, ଆର୍‌ଆଇ ଗୁଡ଼ିକର ସୁପରିଚାଳନା ପାଇଁ ଆବଶ୍ୟକ ପଦ୍ଧତିର ଅଭାବ ରହିଥିଲା।

ଗୋଟିଏ ଆର୍‌ଆଇ ବ୍ୟତୀତ ସଂପତ୍ତି ରେଜିଷ୍ଟର ଭଳି ଗୁରୁତ୍ୱପୂର୍ଣ୍ଣ ନଥିପତ୍ରର ପ୍ରଚଳନ କରାଯାଇ ନଥିଲା କିମ୍ବା ଇସିଙ୍କ ଦ୍ୱାରା ଅଧିପ୍ରମାଣିତ ହୋଇନଥିଲା । ସେହିପରି କେବଳ ଗୋଟିଏ ଆର୍‌ଆଇ ବାର୍ଷିକ ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କରୁଥିଲା। ସଂପତ୍ତି ରେଜିଷ୍ଟରର ପ୍ରଚଳନ / ଅଧିପ୍ରମାଣିତ ନ ହେବା ସହିତ ଆୟ ଏବଂ ବ୍ୟୟ ଖାତାର ଅନୁପସ୍ଥିତି ହେତୁ ସମସ୍ତ ଆର୍‌ଆଇ ଗୁଡ଼ିକର ସଂପତ୍ତି ଏବଂ ଆର୍‌ଆଇର ଆୟ/ ବ୍ୟୟ ହିସାବରେ

ଅସଙ୍ଗତି ଦେଖାଗଲା । ଆର୍‌ଆଇ ଗୁଡ଼ିକର ଜମିର ପ୍ରାୟ 36 ପ୍ରତିଶତ ଜବର ଦଖଲ ହୋଇଥିବା ବେଳେ କେତେକ କ୍ଷେତ୍ରରେ (ମା ମଙ୍ଗଳା ଏବଂ ମା ଶାରଳା ମନ୍ଦିର) ଆର୍‌ଆଇର ନାମରେ ଥିବା ଜମିଜମା ସଂପତ୍ତିର ପରିମାଣ ସଂପୃକ୍ତ ଟ୍ରଷ୍ଟ ବୋର୍ଡକୁ ଜଣା ନଥିଲା ।

ଟ୍ରଷ୍ଟ ବୋର୍ଡର ତ୍ରୁଟିପୂର୍ଣ୍ଣ କାର୍ଯ୍ୟକାରିତା ଦୃଷ୍ଟିରୁ ବ୍ୟବସାୟିକ ଭିତ୍ତିରେ ଭଡ଼ାରେ ଦିଆଯାଇଥିବା ସଂପତ୍ତିର ପରିଚାଳନା ଦୁର୍ବଳ ଥିଲା । ଆର୍‌ଆଇ ଗୁଡ଼ିକ 481 ଟି ଦୋକାନ ଘର ବିନା ଚୁକ୍ତିରେ ଭଡ଼ା ସୂତ୍ରରେ ଦେଇଥିବା ହେତୁ ଭବିଷ୍ୟତରେ ଭଡ଼ା ଆଦାୟ ନହେବା, କମ୍ ଆଦାୟ ହେବା, ଭଡ଼ା ସଂଶୋଧନରେ ତ୍ରୁଟି ଇତ୍ୟାଦିର ଆଶଙ୍କା ସୃଷ୍ଟି ହୋଇଥିଲା । ଭୁବନେଶ୍ୱର ସହରାଞ୍ଚଳରେ ଅବସ୍ଥିତ ତିନୋଟି ନମୁନା ଆର୍‌ଆଇ କ୍ଷେତ୍ରରେ ସାଧାରଣ ପ୍ରଶାସନ ବିଭାଗ ଏବଂ ପୌରପାଳିକା ଗୁଡ଼ିକ ଦ୍ୱାରା ଘୋଷିତ ଉଚିତ୍ ଭଡ଼ା ଲାଗୁ କରାଯାଇ ନଥିଲା ଏବଂ ଧାର୍ଯ୍ୟ କରାଯାଇଥିବା ଭଡ଼ା ଉଚିତ୍ ଭଡ଼ା ଠାରୁ ଅନେକାଂଶରେ କମ୍ ଥିଲା । ଫଳରେ 4.38 କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା ।

ଯୋଜନା କିମ୍ବା ଇସିଙ୍କ ପ୍ରାଧିକରଣ ଅନୁଯାୟୀ ଇଓ କିମ୍ବା ପରିଚାଳନା ଟ୍ରଷ୍ଟି କିମ୍ବା ଉଭୟ ସୁନା ଓ ଅଳଙ୍କାର ସୁରକ୍ଷିତ ହେପାଜତ ପାଇଁ ପ୍ରାଧିକୃତ ଥିଲେ । ଏଥିମଧ୍ୟରୁ ପାଞ୍ଚଟି ଆର୍‌ଆଇର 38 ପ୍ରତିଶତ ସୁନା (9313.86 ଗ୍ରାମ) ଅନଧିକୃତ ବ୍ୟକ୍ତି ଅର୍ଥାତ୍ ସେବକ ଏବଂ ପଦଧାରୀଙ୍କ ଅଧିନରେ ଥିଲା । ଅଡିଟ୍ ଉପସ୍ଥିତିରେ ପାଞ୍ଚଟି ଆର୍‌ଆଇର ବିଭିନ୍ନ ପଦଧାରୀ ଓ ସେବକମାନଙ୍କ ହେପାଜତରେ ଥିବା ଅଳଙ୍କାର ଗୁଡ଼ିକର ଓଜନ କରାଯିବାରେ 60.07 ଲକ୍ଷ ଟଙ୍କା ମୂଲ୍ୟର 823.334 ଗ୍ରାମ ସୁନା ଏବଂ 53,595.84 ଗ୍ରାମ ରୁପା କମ୍ ଥିବା ଜଣା ପଡ଼ିଥିଲା । ଅଳଙ୍କାର ସମେତ ସମ୍ପତ୍ତି ଗୁଡ଼ିକର ସମୟାନୁଭିତ୍ତିକ ବସ୍ତୁଗତ ଯାଞ୍ଚ ପାଇଁ ଇସି କୌଣସି ନିର୍ଦ୍ଦେଶ ଦେଇନଥିଲେ । ତେଣୁ, ଆର୍‌ଆଇ ଗୁଡ଼ିକର ସଂପତ୍ତି ଓ ମୂଲ୍ୟବାନ ସାମଗ୍ରୀ ଗୁଡ଼ିକର ସୁରକ୍ଷା ପାଇଁ ଉପଯୁକ୍ତ ନିୟନ୍ତ୍ରଣ ଏବଂ ତଦାରଖ ବ୍ୟବସ୍ଥାର ଅଭାବ ରହିଥିଲା ।

## ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ

### 2.3 1.14 କୋଟି ଟଙ୍କା ମୂଲ୍ୟର ଚାଉଳ ଆତ୍ମସାତ୍

**ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କର ଚାଉଳ ପରିବହନ ଓ ବିତରଣରେ ଅଦୂରଦର୍ଶୀତା ଏବଂ ଇଛାକୃତ ଅବହେଳାର ପରିଣାମ ସ୍ୱରୂପ 1.14 କୋଟି ଟଙ୍କା ମୂଲ୍ୟର 3,398.25 କ୍ୱିଣ୍ଟାଲ ଚାଉଳ ଆତ୍ମସାତ୍**

ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍) ଯୋଜନା ଅନ୍ତର୍ଗତ ଅନୁପୂରକ ପୁଷ୍ଟିକର କାର୍ଯ୍ୟକ୍ରମ (ଏସ୍‌ଏନ୍‌ପି) ହେଉଛି ଅନ୍ୟତମ ମଧକ୍ଷେପ[54] । ଏହି ଯୋଜନା ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମାଧମରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଅଛି । ପ୍ରତ୍ୟେକ ବ୍ଲକ/ ସହରାଞ୍ଚଳ ପୌର ପରିଷଦରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ (ସିଡିପିଓ) ନେତୃତ୍ୱରେ ଅତିକମ୍‌ରେ ଗୋଟିଏ ଆଇସିଡିଏସ୍ ପ୍ରକଳ୍ପ ଅଛି, ଯିଏ ଏହି ଯୋଜନାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରନ୍ତି । ସିଡିପିଓ ମାନଙ୍କର କାର୍ଯ୍ୟକାରିତା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା (ଡିଏସ୍‌ଡବ୍ଲୁଓ) ପର୍ଯ୍ୟବେକ୍ଷଣ କରାଯାଇଥାଏ ।

ଏସ୍‌ଏନ୍‌ପି ଅଧିନରେ ଅଙ୍ଗନବାଡ଼ି କେନ୍ଦ୍ର (ଏଡବ୍ଲୁସି)ରେ ନାମ ଲେଖାଇଥିବା ତିନିରୁ ଛଅ ବର୍ଷ ବୟସର ପିଲାମାନଙ୍କୁ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଗରମ ରନ୍ଧା ଖାଦ୍ୟ (ଏଚ୍‌ସିଏମ୍) ଯୋଗାଇ ଦିଆଯାଏ । ନାମ ଲେଖାଇଥିବା ପିଲାମାନଙ୍କ ସହିତ ଅଙ୍ଗନବାଡ଼ି ୱାର୍କର୍ସ (ଏଡବ୍ଲୁଡବ୍ଲୁ) ଏବଂ ହେଲ୍‌ପର ମାନଙ୍କୁ ମଧ ଏଚ୍‌ସିଏମ୍ ଯୋଗାଇ ଦିଆଯାଏ । ପ୍ରତ୍ୟେକ ଏଚ୍‌ସିଏମ୍ ପାଇଁ 80 ଗ୍ରାମ ଚାଉଳ, ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ନିୟମ ଅନୁଯାୟୀ ଦିଆଯାଏ । ଆବଶ୍ୟକ ପରିମାଣର ଚାଉଳ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ର ଗୋଦାମ କିମ୍ବା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ (ଓଏସ୍‌ସିଏସ୍‌ସିଏଲ)ର ଗୋଦାମ ଠାରୁ ଉଠାଯାଇ

[54] ଅନ୍ୟ ମଧକ୍ଷେପ ଗୁଡ଼ିକ: ସ୍କୁଲ ପୂର୍ବବର୍ତ୍ତୀ ଶିକ୍ଷା, ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟ ଶିକ୍ଷା, ପ୍ରତିରୋଧକରଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ରେଫରାଲ ସେବା

ପରିବହନ ଏଜେଣ୍ଟ (ଟିଏ) ମାଧ୍ୟମରେ ପ୍ରତ୍ୟେକ ଏଡବ୍ଲୁସି ରେ ବିତରଣ କରାଯାଏ । ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସଂପୃକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଟିଏ ଚୟନ କରାଯାଏ ।

ଟିଏ ଏବଂ ଜିଲ୍ଲାପାଳ, ଅନୁଗୋଳଙ୍କ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଚୁକ୍ତିନାମାର ଧାରା 3(ଜି) ଅନୁଯାୟୀ 2016-17 ରୁ 2018-19 ବର୍ଷ ପାଇଁ ଏଡବ୍ଲୁସିକୁ ଷ୍ଟକ୍ ପରିବହନ କରିବା ସମୟରେ ଟିଏ, ଡିଏସ୍ଡବ୍ଲୁଙ୍କ ଠାରୁ ଚାରି ପ୍ରତିଲିପି ବିଶିଷ୍ଟ ଷ୍ଟକ୍ ବିତରଣ ଚାଲାଣ/ ୱେବିଲ୍ ନେବେ । ଷ୍ଟକ୍ ବିତରଣ ପରେ ଚାଲାଣର ଗୋଟିଏ କପି ପ୍ରାପ୍ତିକର୍ତ୍ତା ଅର୍ଥାତ୍ ଏଡବ୍ଲୁଡବ୍ଲୁଙ୍କୁ, ଦ୍ୱିତୀୟ କପି ସିଡିପିଓଙ୍କୁ, ତୃତୀୟ କପି ଡିଏସ୍ଡବ୍ଲୁଓଙ୍କୁ ସଂପୃକ୍ତ ସିଡିପିଓଙ୍କ ଦ୍ୱାରା ବିଭିନ୍ନ ଏଡବ୍ଲୁସିରେ ଚାଉଳ ବଣ୍ଟନର ପ୍ରତିସାକ୍ଷର ବିବରଣୀ ସହିତ ଦାଖଲ କରାଯିବ । ସିଡିପିଓଙ୍କ ଦ୍ୱାରା ପ୍ରମାଣିତ ବିବୃତ୍ତି ଅନୁଯାୟୀ ଡିଏସ୍ଡବ୍ଲୁଓ ପରିବହନ ଏବଂ ହ୍ୟାଣ୍ଡଲିଂ ଚାର୍ଜ ବାବଦ ଦେୟ ଟିଏକୁ ପ୍ରଦାନ କରିବେ ।

ଅଡିଟ୍, ଡିଏସ୍ଡବ୍ଲୁ ଅନୁଗୁଳଙ୍କ ଅଧିନରେ ଥିବା ପାଞ୍ଚଟି ଆଇସିଡିଏସ୍ ପ୍ରକଳ୍ପ[55] (8 ଟି ମଧ୍ୟରୁ) 1,045 ଏଡବ୍ଲୁସିରେ[56] ଚାଉଳର ଷ୍ଟକ୍ ରେଜିଷ୍ଟର ଯାଞ୍ଚ କରାଯାଇଥିଲେ (ଜାନୁଆରୀ 2020) । ଡିଏସ୍ଡବ୍ଲୁଙ୍କ କାର୍ଯ୍ୟାଳୟରେ ଅନୁରକ୍ଷଣ କରାଯାଇଥିବା ଷ୍ଟକ୍ ରେଜିଷ୍ଟରକୁ ଅଡିଟ୍ ଦେଖିବାକୁ ପାଇଲେ ଯେ 2016-17 ରୁ 2018-19 ମଧ୍ୟରେ 20,233.98 କ୍ୱିଣ୍ଟାଲ୍ ଚାଉଳ 1,045 ଏଡବ୍ଲୁସିକୁ ବଣ୍ଟନ କରାଯାଇଥିଲା । ଏହି ପରିମାଣ ପାଇଁ ଟିଏକୁ 12.56 ଲକ୍ଷ ଟଙ୍କାର ପରିବହନ ଦେୟ ପ୍ରଦାନ କରାଯାଇଥିଲା । ତଥାପି ଏଡବ୍ଲୁସି ସ୍ତରରେ ଏବଂ ଏଡବ୍ଲୁଡବ୍ଲୁ ମାନଙ୍କ ଦ୍ୱାରା ପରିଚାଳିତ ଷ୍ଟକ୍ ରେଜିଷ୍ଟର ଅନୁଯାୟୀ କେବଳ 16,835.73 କ୍ୱିଣ୍ଟାଲ ଚାଉଳ ଟିଏ ଠାରୁ ପ୍ରାପ୍ତ ହୋଇଥିବା ଦର୍ଶାଯାଇଥିଲା । 3,398.25 କ୍ୱିଣ୍ଟାଲ ଚାଉଳର କମ୍ ପ୍ରାପ୍ତିର ବିବରଣ ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 2.3.1: 2016-17 ରୁ 2018-19 ମଧ୍ୟରେ ଟିଏ ଦ୍ୱାରା ଚାଉଳ ସ୍ୱଳ୍ପ ବିତରଣକୁ ଦର୍ଶାଉଥିବା ବିବରଣ***

| କ୍ର.ସଂ. | ଆଇସିଡିଏସ୍ ପ୍ରକଳ୍ପର ନାମ | ଡିଏସ୍ଡବ୍ଲୁଓ ରେକର୍ଡ ଅନୁଯାୟୀ ଦର୍ଶାଯାଇଥିବା ବିତରଣ ପରିମାଣ | ଏଡବ୍ଲୁସି ର ରେକର୍ଡ ଅନୁଯାୟୀ ଏଡବ୍ଲୁସିରେ ପ୍ରାପ୍ତ ହୋଇଥିବା ପରିମାଣ | ସ୍ୱଳ୍ପ ବିତରଣ | ଅଭାବର ମୂଲ୍ୟ |
|---|---|---|---|---|---|
| | | *(କ୍ୱିଣ୍ଟାଲରେ)* | | | *(ଟଙ୍କା ଲକ୍ଷରେ)* |
| 1 | ଅନୁଗୁଳ | 4,191.43 | 4,093.04 | 98.39 | 3.28 |
| 2 | ଆଠମଲ୍ଲିକ | 4,299.23 | 2,825 | 1,474.23 | 49.23 |
| 3 | ଛେଣ୍ଡିପଦା | 4,406.66 | 3,711.25 | 695.41 | 22.94 |
| 4 | କଣିହା | 3,462.14 | 2,898.10 | 564.04 | 19.34 |
| 5 | ପାଲଲହଡା | 3,874.52 | 3,308.34 | 566.18 | 19.02 |
| | **ମୋଟ** | **20,233.98** | **16,835.73** | **3,398.25** | **113.81** |

*(ଉତ୍ସ: ଡିଏସ୍ଡବ୍ଲୁଓ, ଅନୁଗୁଳଙ୍କ ରେକର୍ଡ)*

ଉପରୋକ୍ତ 3,398.25 କ୍ୱିଣ୍ଟାଲ ଚାଉଳର ଅଭାବ 2016-17 ରୁ 2018-19 ମଧ୍ୟରେ ଘଟିଥିଲା ଏବଂ ବାର୍ଷିକ ଅଭାବ 2016-17 ରେ 501.98 କ୍ୱିଣ୍ଟାଲରୁ 2018-19 ରେ 1,667.65 କ୍ୱିଣ୍ଟାଲ ମଧ୍ୟରେ ରହିଥିଲା । କେନ୍ଦ୍ରୀୟ ଇସ୍ୟୁ ମୂଲ୍ୟରେ (ସିଆଇପି) ଏସ୍ଏନ୍ପି ପାଇଁ ପ୍ରଦାନ କରାଯାଇଥିବା ଚାଉଳର ମୂଲ୍ୟ 2016-17 ରେ କ୍ୱିଣ୍ଟାଲ ପିଛା 3,104.96 ଟଙ୍କା ରୁ 2018-19 ରେ କ୍ୱିଣ୍ଟାଲ ପିଛା 3,472.94 ଟଙ୍କା

[55] ଅନୁଗୁଳ, ଆଠମଲ୍ଲିକ, ଛେଣ୍ଡିପଦା, କଣିହା ଏବଂ ପାଲଲହଡା

[56] ଅନୁଗୁଳ -264, ଆଠମଲ୍ଲିକ -226, ଛେଣ୍ଡିପଦା -191, କଣିହା -176 ଏବଂ ପାଲଲହଡା -188

ପର୍ଯ୍ୟନ୍ତ ଥିଲା । ସଂପୃକ୍ତ ବର୍ଷରେ ପ୍ରଚଳିତ ସିଆଇପି ଦର ଅନୁଯାୟୀ ସ୍ୱଳ୍ପ ପରିମାଣର ଚାଉଳର[57] ମୂଲ୍ୟ 1.14 କୋଟି ଟଙ୍କା ହିସାବ କରାଯାଇଥିଲା ।

ଅଡିଟ୍ ଦେଖିଲା ଯେ ଏଡବ୍ଲୁସି ଗୁଡ଼ିକରେ ଚାଉଳ ବିତରଣ ପରେ ଟିଏ ଚାଲାଣ/ ଓ୍ୱେବିଲ୍ ଗୁଡ଼ିକୁ ଏଡବ୍ଲୁଡବ୍ଲୁ ଏବଂ ସିଡିପିଓ ମାନଙ୍କୁ ହସ୍ତାନ୍ତର କରିନଥିଲେ । ସିଡିପିଓ ଗୁଡ଼ିକ ମଧ୍ୟ ସେସବୁ ପ୍ରାପ୍ତ କରିବା ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ଆହୁରି ମଧ୍ୟ ଟିଏ ସିଡିପିଓଙ୍କ ଠାରୁ ଏଡବ୍ଲୁସିରେ ବିତରଣ ହୋଇଥିବା ଚାଉଳ ପରିମାଣର ପ୍ରମାଣ ପତ୍ର ପ୍ରାପ୍ତ କରିନଥିଲେ ଏବଂ ଚୁକ୍ତିନାମାର ଧାରା 4(ବି) ର ଆବଶ୍ୟକ ଅନୁଯାୟୀ ଏହି ପ୍ରମାଣ ପତ୍ର ସଂଲଗ୍ନ ନ କରି ଡିଏସ୍‌ଡବ୍ଲୁଓ ରେ ବିଲ୍ ଦାଖଲ କରିଥିଲେ ।  ଚୁକ୍ତିଭିତ୍ତିକ ବ୍ୟବସ୍ଥାର ଉଲ୍ଲଙ୍ଘନ କରି ସିଡିପିଓ ଦ୍ୱାରା ଦିଆଯାଇଥିବା ସାର୍ଟିଫିକେଟ ଉପରେ ଜୋର ନ ଦେଇ ଡିଏସ୍‌ଡବ୍ଲୁଓ ପରିବହନ ବାବଦକୁ 12.56 ଲକ୍ଷ ଟଙ୍କା ଦେୟ ଟିଏଙ୍କୁ ପ୍ରଦାନ କରିଥିଲେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ ସିଡିପିଓ ଆଠମଲ୍ଲିକ ଟିଏ ଦ୍ୱାରା ଚାଉଳର ସ୍ୱଳ୍ପ ଯୋଗାଣ ବିଷୟରେ ଦୁଇଥର[58] ଡିଏସ୍‌ଡବ୍ଲୁଓଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟ ଚାରିଟି ନମୁନାଭୁକ୍ତ ହୋଇଥିବା ଆଇସିଡିଏସ୍ ପ୍ରକଳ୍ପର ସିଡିପିଓମାନେ ଚାଉଳର ସ୍ୱଳ୍ପ ପ୍ରାପ୍ତିକୁ ସୂଚିତ କରିନଥିଲେ । ତେବେ, ଡିଏସ୍‌ଡବ୍ଲୁଓ, ସିଡିପିଓ, ଆଠମଲ୍ଲିକଙ୍କ ସୂଚନା ଉପରେ ଟିଏଙ୍କ ବିପକ୍ଷରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଏହା ସୂଚିତ କରୁଥିଲା ଯେ ତତ୍କାଳିନ ଡିଏସ୍‌ଡବ୍ଲୁଓ ସିଡିପିଓଙ୍କ ଠାରୁ ଟିଏ ଦ୍ୱାରା ପ୍ରକୃତ ଚାଉଳ ବିତରଣର ସାର୍ଟିଫିକେଟ ପାଇବାର ଆବଶ୍ୟକତାକୁ ଅଣଦେଖା କରିଥିଲେ । ଫଳସ୍ୱରୂପ ବିଲ୍‌ରେ ଯୋଗାଇ ଦିଆଯାଇଥିବା ଚାଉଳ ପରିମାଣକୁ ବୃଦ୍ଧି କରିବାକୁ ଟିଏ ଏକ ସୁଯୋଗ ପାଇଲେ । 1.14 କୋଟି ଟଙ୍କା ମୂଲ୍ୟର 3,398.25 କ୍ୱିଣ୍ଟାଲ ଚାଉଳ ଆତ୍ମସାତରେ ଟିଏ ଙ୍କ ସହିତ ଡିଏସ୍‌ଡବ୍ଲୁଙ୍କ ସଂପୃକ୍ତିକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ।

ଏହାର ଉତ୍ତରରେ ଡିଏସ୍‌ଡବ୍ଲୁଓ ନିମ୍ନଲିଖିତ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ (ନଭେମ୍ବର 2020):

- ଡିଏସ୍‌ଡବ୍ଲୁଓ କାର୍ଯ୍ୟାଳୟ ଷ୍ଟକ ରେଜିଷ୍ଟରକୁ ସଂଶୋଧନ କରାଯାଇଥିଲା ଏବଂ ସଂଶୋଧିତ ଆକଳନ ଅନୁଯାୟୀ ଡିଏସ୍‌ଡବ୍ଲୁଓ 20,233.98 କ୍ୱିଣ୍ଟାଲ ଚାଉଳ ପରିବର୍ତ୍ତେ 19,835.31 କ୍ୱିଣ୍ଟାଲ ଚାଉଳ ପାଞ୍ଚଟି ନମୁନାଭୁକ୍ତ ଆଇସିଡିଏସ୍ ପ୍ରକଳ୍ପକୁ ବଣ୍ଟନ କରିଥିଲେ (ଅର୍ଥାତ୍ ଅଡିଟ୍ ଦ୍ୱାରା ରିପୋର୍ଟ କରାଯାଇଥିବା ବିତରଣ ଚାଉଳର ପରିମାଣ 398.67 କ୍ୱିଣ୍ଟାଲ ଅଧିକ ହୋଇଛି) ।
- 1,694.20 କ୍ୱିଣ୍ଟାଲ ଚାଉଳ ଯଦିଓ ଏଡବ୍ଲୁସିରେ ଗ୍ରହଣ କରାଯାଇଥିଲା କିନ୍ତୁ ସେମାନଙ୍କ ଷ୍ଟକ୍ ଆକାଉଣ୍ଟକୁ ନିଆଯାଇ ନଥିଲା । ଆହୁରି ମଧ୍ୟ, ମାର୍ଚ୍ଚ 2019 ପରେ ଅର୍ଥାତ୍ ଅପ୍ରେଲ 2019 ରେ 657.54 କ୍ୱିଣ୍ଟାଲ ଚାଉଳ ଗ୍ରହଣ କରାଯାଇଥିଲା । ତେଣୁ ଏଡବ୍ଲୁସି ଦ୍ୱାରା ପ୍ରାପ୍ତ ଚାଉଳର ପରିମାଣ 19,187.47 କ୍ୱିଣ୍ଟାଲ [59], 16,835.73 କ୍ୱିଣ୍ଟାଲ ନୁହେଁ ।
- ଡିଏସ୍‌ଡବ୍ଲୁଓଙ୍କ ଦ୍ୱାରା 19,835.31 କ୍ୱିଣ୍ଟାଲ ଚାଉଳ ବିତରଣ ବିପକ୍ଷରେ ଏଡବ୍ଲୁସି ଠାରେ 19,187.47 କ୍ୱିଣ୍ଟାଲ ଗ୍ରହଣ କରାଯାଇଥିଲା । ଟିଏ ମାନଙ୍କ ଦ୍ୱାରା ବିତରଣ ହୋଇନଥିବା ଯୋଗୁଁ 647.84 କ୍ୱିଣ୍ଟାଲର ଅଭାବ ପାଇଁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
- ସିଡିପିଓ, ଆଠମଲ୍ଲିକଙ୍କର ଅଭିଯୋଗ ଉପରେ ନିଷ୍କ୍ରିୟତା ପ୍ରସଙ୍ଗରେ କୌଣସି ଉତ୍ତର ଦିଆଯାଇ ନଥିଲା ।

ରେକର୍ଡ ଗୁଡ଼ିକର ପୁନଃ ଯାଞ୍ଚ ମାଧ୍ୟମରେ ଡିଏସ୍‌ଡବ୍ଲୁଓଙ୍କର ଉପରୋକ୍ତ ସ୍ପଷ୍ଟୀକରଣଗୁଡିକୁ ଅଡିଟ୍ ଯାଞ୍ଚ କରିଥିଲେ (ଫେବୃଆରୀ 2021) ଏବଂ ନିମ୍ନ ବିଷୟ ଗୁଡ଼ିକ ଦୃଷ୍ଟିକୁ ଆସିଥିଲା:

---

57 2016-17: 501.98 କ୍ୱିଣ୍ଟାଲ ପ୍ରତି 3,104.96 ଟଙ୍କା = 15.59 ଲକ୍ଷ ଟଙ୍କା, 2017-18: 1,228.62 କ୍ୱିଣ୍ଟାଲ ପ୍ରତି 3,280.31 ଟଙ୍କା = 40.30 ଲକ୍ଷ ଟଙ୍କା ଏବଂ 2018-19: 1,667.65 କ୍ୱିଣ୍ଟାଲ ପ୍ରତି 3,472.94 ଟଙ୍କା = 57.92 ଲକ୍ଷ ଟଙ୍କା

58 14 ଡିସେମ୍ବର 2018 ଏବଂ 19 ଫେବୃଆରୀ 2019

59 16,835.73 କ୍ୱିଣ୍ଟାଲ + 657.54 କ୍ୱିଣ୍ଟାଲ + 1,694.20 କ୍ୱିଣ୍ଟାଲ

- ଡିଏସ୍‌ଡବ୍ଲୁଓଙ୍କ ଦ୍ୱାରା ଲିଖିତ ଷ୍ଟକ ରେଜିଷ୍ଟରରେ ପ୍ରାପ୍ତିକର୍ତ୍ତା ଆଇସିଡିଏସ୍ ପ୍ରକଳ୍ପର ନାମ ସଂଶୋଧନ ଦ୍ୱାରା ପରିବର୍ତ୍ତନ କରାଯାଇଥିବା ଜଣାପଡିଥିଲା । ପାଞ୍ଚଟି ନମୁନା ଆଇସିଡିଏସ୍ ପ୍ରକଳ୍ପ[60] ମଧ୍ୟରେ ନଥିବା ଆଇସିଡିଏସ୍ ପ୍ରକଳ୍ପଗୁଡିକର ନାମ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହିପରି, ପାଞ୍ଚଟି ନମୁନା ଆଇସିଡିଏସ୍ ପ୍ରକଳ୍ପ ବ୍ୟତୀତ ଅନ୍ୟ ପ୍ରକଳ୍ପ ଗୁଡିକରେ 398.67 କ୍ୱିଣ୍ଟାଲ ଚାଉଳ ଗ୍ରହଣ କରାଯାଇଛି ବୋଲି ଦର୍ଶାଇବାକୁ ଏକ ପ୍ରୟାସ କରାଯାଇଥିଲା । ଯାହାହେଉ, ସଂଶୋଧିତ ଷ୍ଟକ୍ ରେଜିଷ୍ଟରରେ ଦର୍ଶାଯାଇଥିବା କୌଣସି ଅଇସିଡିଏସ୍ ପ୍ରକଳ୍ପରୁ ଚାଉଳ ଗ୍ରହଣ ହେବାର ସ୍ୱୀକୃତି ପତ୍ର ମିଳି ନଥିଲା । ଚାଉଳର ଏପରି ଏକ ପ୍ରାପିକର୍ତ୍ତା ଆଇସିଡିଏସ୍ ପ୍ରୋଜେକ୍ଟ ତାଳଚେର ବୋଲି ଦର୍ଶାଯାଇଥିଲା ଯାହା ସଂଶୋଧିତ ଷ୍ଟକ୍ ରେଜିଷ୍ଟର ଅନୁଯାୟୀ 19 ଜାନୁଆରୀ 2019 ରେ 124.25 କ୍ୱିଣ୍ଟାଲ ଚାଉଳ ପ୍ରାପ୍ତ କରିଥିଲା । ଅଡିଟ୍ 124.25 କ୍ୱିଣ୍ଟାଲ ଚାଉଳ ପ୍ରାପ୍ତି ବିଷୟରେ ସିଡିପିଓ ତାଳଚେରଙ୍କ ସ୍ପଷ୍ଟୀକରଣ ଚାହିଁଥିଲେ । ସିଡିପିଓ, ତାଳଚେର ଦ୍ୱାରା ଅଡିଟ୍ ପାଇଁ ଦିଆଯାଇଥିବା ଚାଉଳ ଗ୍ରହଣ ରସିଦ ବିବରଣୀ ଅନୁଯାୟୀ ସିଡିପିଓ, ତାଳଚେର ଦ୍ୱାରା ସେହି ପରିମାଣର ଚାଉଳ ଗ୍ରହଣ କରାଯାଇନଥିଲା । ତେଣୁ ଡିଏସ୍‌ଡବ୍ଲୁଓଙ୍କର ସ୍ପଷ୍ଟୀକରଣ ତଥ୍ୟ ଉପରେ ଆଧାରିତ ନଥିଲା ।
- 1,694.20 କ୍ୱିଣ୍ଟାଲ ଚାଉଳ ବିଚାରକୁ ନିଆଯାଇ ନଥିବା କଥା ପ୍ରକୃତରେ ଠିକ୍ ନଥିଲା । ଏଡବ୍ଲୁସି ଗୁଡ଼ିକ ଦ୍ୱାରା ପ୍ରାପ୍ତ ଏବଂ ସଂପୃକ୍ତ ଏଡବ୍ଲୁଡବ୍ଲୁ ଏବଂ ସିଡିପିଓଙ୍କ ଦ୍ୱାରା ପ୍ରମାଣିତ ଚାଉଳର ପରିମାଣକୁ ଅଡିଟ୍ ବିଚାରକୁ ନେଇଥିଲେ । ଅଡିଟ୍‌ରେ ଦର୍ଶାଯିବା ପରେ, ପାଞ୍ଚଟି ନମୁନା ଆଇସିଡିଏସ୍ ପ୍ରକଳ୍ପର ପ୍ରାରମ୍ଭିକ ଚାଉଳ ପରିମାଣ, ପ୍ରାପ୍ତି ପରିମାଣ, ବ୍ୟବହୃତ ପରିମାଣ ଏବଂ ଅବଶେଷ ପରିମାଣ ସଂଶୋଧନ କରାଯାଇଥିଲା । ପୁନଶ୍ଚ, ଉତ୍ତରରେ ଦର୍ଶାଯାଇଥିବା ପରବର୍ତ୍ତୀ ତିନି ମାସରେ (ଯଥା- 2019-20 ର ପ୍ରଥମ ତିନି ମାସରେ) ବିତରଣ କରାଯାଇଥିବା 657.54 କ୍ୱିଣ୍ଟାଲ ଚାଉଳ ସଠିକ୍ ନଥିଲା କାରଣ ଏଡବ୍ଲୁସିରେ ଗ୍ରହଣ ହୋଇଥିବା ଉପରୋକ୍ତ ପରିମାଣ ଡିଏସ୍‌ଡବ୍ଲୁଓଙ୍କ ଦ୍ୱାରା 4 ଅପ୍ରେଲ ରୁ 10 ଅପ୍ରେଲ 2019 ମଧ୍ୟରେ ଆବଣ୍ଟନ ହୋଇଥିବା ଚାଉଳ ବିପକ୍ଷରେ ଥିଲା ଏବଂ ଅଡିଟ୍‌ର ମନ୍ତବ୍ୟ ମାର୍ଚ୍ଚ 2019 ପର୍ଯ୍ୟନ୍ତ ଆବଣ୍ଟନ ଏବଂ ବିତରଣ ପରିମାଣ ଉପରେ ପର୍ଯ୍ୟବେଶିତ ଥିଲା ।
- ଉପରୋକ୍ତ ଆଲୋଚନାରୁ ଏହା ପ୍ରମାଣିତ ହୋଇଥିଲା ଯେ 2016-19 ମଧ୍ୟରେ ଡିଏସ୍‌ଡବ୍ଲୁଓ ଦ୍ୱାରା 20,233.98 କ୍ୱିଣ୍ଟାଲ ଚାଉଳ ବଣ୍ଟନ କରାଯାଇଥିଲା ଯାହା ବିପକ୍ଷରେ ଏଡବ୍ଲୁସି ଗୁଡ଼ିକରେ ମାତ୍ର 16,835.73 କ୍ୱିଣ୍ଟାଲ ଗ୍ରହଣ କରାଯାଇଥିଲା । ଏହିପରି ଭାବରେ, 1.14 କୋଟି ଟଙ୍କା ମୂଲ୍ୟର 3,398.25 କ୍ୱିଣ୍ଟାଲ ଚାଉଳ ସ୍ୱଳ୍ପ ବିତରଣ କରାଯାଇଥିଲା ।
- ନିଅଣ୍ଟ ପରିମାଣକୁ ଘୋଡ଼ାଇବା ପାଇଁ ଏକ ପ୍ରୟାସରେ ଚାଉଳ ହିସାବ ସମ୍ବନ୍ଧିତ ପ୍ରାରମ୍ଭିକ ଅବଶେଷ, ପ୍ରାପ୍ତ ପରିମାଣ, ବ୍ୟବହାର ପରିମାଣ ଏବଂ ଅନ୍ତିମ ଅବଶେଷରେ ଅନେକ ସଂଶୋଧନ ହୋଇଥିବା ବିଷୟ ଅଡିଟ୍ ଦେଖିବାକୁ ପାଇଥିଲେ ।

ଏହିପରି, ତତ୍କାଳିନ ଡିଏସ୍‌ଡବ୍ଲୁଓଙ୍କ ଇଚ୍ଛାକୃତ ଅବହେଳା ଯୋଗୁଁ 1.14 କୋଟି ଟଙ୍କା ମୂଲ୍ୟର 3,398.25 କ୍ୱିଣ୍ଟାଲ ଚାଉଳ ଆତ୍ମସାତ୍ ହୋଇଥିଲା । ସିଡିପିଓଙ୍କ ଦ୍ୱାରା କାଉଣ୍ଟର ସାର୍ଟିଫିକେଟ ବିନା ଟିଏ କୁ ଦେୟ ପ୍ରଦାନ କରାଯାଇଥିଲା । ତତ୍କାଳିନ ଡିଏସ୍‌ଡବ୍ଲୁଓଙ୍କର ଟିଏ ସହିତ ଏପରି ଆତ୍ମସାତ୍ କରିବାରେ ସମ୍ଭାବ୍ୟ ସଂପୃକ୍ତି ବିଭାଗ ଦ୍ୱାରା ଅଧିକ ଅନୁସନ୍ଧାନ ଯୋଗ୍ୟ ଅଟେ ।

[60] ଅନୁଗୁଳ, ଆଠମଲ୍ଲିକ, ଛେଣ୍ଡିପଦା, କଣିହା ଓ ପାଲଲହରା

ଏହା ସୁପାରିଶ କରାଗଲା ଯେ:

- ଏଡବ୍ଲୁସି ଗୁଡ଼ିକରେ ଚାଉଳର ସ୍ୱଳ୍ପ ଯୋଗାଣକୁ ଆକଳନ କରିବା ପାଇଁ ସରକାର, ସଂପୃକ୍ତ ଡିଏସ୍‌ଡବ୍ଲୁଙ୍କ ଦ୍ୱାରା ପରିଚାଳିତ ଅନ୍ୟାନ୍ୟ ଏଡବ୍ଲୁସି[61] ଗୁଡିକର ନଥିର ପୁନଃ ଯାଞ୍ଚ କରିବା ଉଚିତ୍ ।
- 3,398.25 କ୍ୱିଣ୍ଟାଲ ଚାଉଳର ସ୍ୱଳ୍ପ ଯୋଗାଣ ଯୋଗୁଁ ଶିଶୁମାନେ ଏସ୍‌ଏନ୍‌ପି ଯୋଜନା ଅଧିନରେ ପୁଷ୍ଟିକର ଖାଦ୍ୟର ଉଦ୍ଦିଷ୍ଟ ଲାଭରୁ ବଞ୍ଚିତ ହୋଇଥିଲେ, ଯେଉଁଥିପାଇଁ ସରକାର ଉତ୍ତରଦାୟିତ୍ୱ ସ୍ଥିର କରିବା ଉଚିତ୍ ।
- ଚାଉଳର ସ୍ୱଳ୍ପ ଯୋଗାଣ ପାଇଁ ଟିଏ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ।

ଏହି ସମ୍ବନ୍ଧରେ ସରକାରଙ୍କୁ ଅବଗତ କରାଯାଇଥିଲା (ମାର୍ଚ୍ଚ 2021); ଉତ୍ତର ପ୍ରତୀକ୍ଷିତ ଅଛି (ଜୁଲାଇ 2021) ।

**ଗୃହ ଓ ନଗର ଉନ୍ନୟନ ବିଭାଗ**

## 2.4 ଜାତୀୟ ମିଶନ ଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଫଳ

**ଗୃହ ଓ ନଗର ଉନ୍ନୟନ ବିଭାଗ ଜାତୀୟ ମିଶନ ଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଫଳ ହେବାରୁ ପ୍ରାଥମିକ ଭାବରେ ବ୍ୟୟ ହୋଇଥିବା 4.07 କୋଟି ଟଙ୍କା ଅପବ୍ୟୟ ହେବା ସହିତ ପ୍ରକଳ୍ପ ପାଇଁ 8.63 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା କ୍ଷତି ହେଲା ଏବଂ ହିତାଧିକାରୀମାନେ ପ୍ରକଳ୍ପର ଫାଇଦା ଉଠାଇବାରୁ ବଞ୍ଚିତ ହେଲେ ।**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରାଳୟ (ଏମ୍‌ଏଚ୍‌ୟୁଡି) ଭାରତ ସରକାର (ଜିଓଆଇ) ଜବାହାରଲାଲ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ (ଜେଏନ୍‌ଏନ୍‌ୟୁଆର୍‌ଏମ୍) ଅଧିନରେ ଇ-ଗଭର୍ଣ୍ଣାନ୍ସ ଉପରେ ଜାତୀୟ ମିଶନ ଭିତ୍ତିକ ପ୍ରକଳ୍ପ (ଏନ୍‌ଏମ୍‌ଏମ୍‌ପି)ର ଲୋକାର୍ପଣ କରିଥିଲେ (ଡିସେମ୍ବର 2005) । ୱେବ୍ ଆଧାରିତ ପ୍ଲାଟ୍ ଫର୍ମରେ ସହରାଞ୍ଚଳ ସ୍ଥାନୀୟ ନିକାୟ (ୟୁଏଲ୍‌ବି) ରେ ବିଭିନ୍ନ ପ୍ରକାର ଜନସେବା ଯଥା ଜନ୍ମ ଓ ମୃତ୍ୟୁର ପଞ୍ଜିକରଣ ଏବଂ ପ୍ରମାଣପତ୍ର ପ୍ରଦାନ, ସମ୍ପତ୍ତି କର ପ୍ରଦାନ କରିବା ଇତ୍ୟାଦି ଏନ୍‌ଏମ୍‌ଏମ୍‌ପି ର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ପ୍ରକଳ୍ପର ବ୍ୟୟ ଭାରତ ସରକାର ଓ ରାଜ୍ୟ ସରକାର ମଧ୍ୟରେ 80:20 ଅନୁପାତରେ ବହନ କରିବାର ଥିଲା ।

ଏନ୍‌ଏମ୍‌ଏମ୍‌ପି ଗାଇଡ୍ ଲାଇନ୍ ଅନୁସାରେ, ରାଜ୍ୟ ସରକାର ଉଭୟ ରାଜ୍ୟ ଓ ୟୁଏଲ୍‌ବିକୁ ଇ-ଗଭର୍ଣ୍ଣାନ୍ସ ପ୍ରକଳ୍ପ ଚାଲୁକରିବାରେ ସାହାଯ୍ୟ କରିବା ପାଇଁ ଜଣେ ପରାମର୍ଶଦାତା ନିଯୁକ୍ତି କରିବେ । ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରିବା, ରିକ୍ୱେଷ୍ଟ ଫର୍ ପ୍ରପୋଜାଲ (ଆର୍‌ଏଫ୍‌ପି), ସଫ୍ଟୱେୟାର ଡେଭଲପର ଚୟନ ପାଇଁ ଟେଣ୍ଡର ପ୍ରକ୍ରିୟାରେ ସାହାଯ୍ୟ ତଥା ସାିଷ୍ଟମ ଚାଲିବା ପର୍ଯ୍ୟନ୍ତ କାର୍ଯ୍ୟାନ୍ୱୟନକୁ ପର୍ଯ୍ୟବେକ୍ଷଣ କରିବା ପରାମର୍ଶଦାତା ମୁଖ୍ୟ କାର୍ଯ୍ୟ । ଓଡ଼ିଶା କ୍ଷେତ୍ରରେ, ମେସର୍ସ ୱିପ୍ରୋ ଲିମିଟେଡ୍ ପରାମର୍ଶଦାତା ଭାବରେ 18 ଜାନୁଆରୀ 2012 ରେ ନିଯୁକ୍ତ ହୋଇଥିଲେ ।

ରାଜ୍ୟର ଦୁଇଟି ସହର ଯଥା ଭୁବନେଶ୍ୱର ଏବଂ ପୁରୀରେ ଏନ୍‌ଏମ୍‌ଏମ୍‌ପି କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାରଙ୍କର[62] 14.02 କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟର ପ୍ରସ୍ତାବକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରାଳୟ (ଏମ୍‌ଏଚ୍‌ୟୁଡି) ଅନୁମୋଦନ କରିଥିଲେ (ମାର୍ଚ୍ଚ 2012) । ଜିଓଆଇ ପ୍ରଥମ କିସ୍ତି ହିସାବରେ 2.60 କୋଟି

[61] ଅନୁଗୁଳ -264, ଆଠମଲ୍ଲିକ -226, ଛେଣ୍ଡିପଦା -191, କଣିହା -176 ଏବଂ ପାଲଲହଡ଼ା-188

[62] ଭୁବନେଶ୍ୱର: 12.98 କୋଟି ଟଙ୍କା + ପୁରୀ: 1.04 କୋଟି ଟଙ୍କା

ଟଙ୍କା ପ୍ରଦାନ କଲେ (ଅକ୍ଟୋବର 2012) । ରାଜ୍ୟ ସରକାର ମଧ୍ୟ ତାଙ୍କର ଅଂଶ ଭାବରେ 0.65 କୋଟି ଟଙ୍କା ପ୍ରଦାନ କଲେ (ଡିସେମ୍ବର 2012) ।

ପରାମର୍ଶଦାତା ଚୁକ୍ତିନାମାର ବ୍ୟବସ୍ଥା ଅନୁଯାୟୀ ୱିପ୍ରୋ ଦୁଇ ନଗରୀରେ 2.6 କୋଟି[63] ଟଙ୍କା ବ୍ୟୟରେ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ଉତ୍ତର ଦାୟୀ । ୱିପ୍ରୋ ଡିପିଆର୍, ଆର୍‌ଏଫ୍‌ପି (ସଫ୍ଟୱେୟାର ଡେଭଲପର ଚୟନ ପାଇଁ) ପ୍ରସ୍ତୁତ କରିବା ଏବଂ 28 ପ୍ରକାର ସେବା ମଡ୍ୟୁଲ୍[64]ର କାର୍ଯ୍ୟାନ୍ୱୟନକୁ ତଦାରଖ କରିବାର ଥିଲା । ୱିପ୍ରୋ ପରାମର୍ଶ ସମ୍ପର୍କିତ ସେବା କାର୍ଯ୍ୟ 14 ଅକ୍ଟୋବର 2012 ସୁଦ୍ଧା ସମାପ୍ତ କରିବାର ଥିଲା । ତାହାପରେ ଏହା ପ୍ରକଳ୍ପ କାର୍ଯ୍ୟାନ୍ୱୟନର ତଦାରଖ, ତର୍ଜମା ଏବଂ କାର୍ଯ୍ୟକାରୀ ସହାୟତା ପ୍ରଦାନ କରିବାର ଥିଲା । ପ୍ରକଳ୍ପର କାର୍ଯ୍ୟାନ୍ୱୟନ 17 ଜାନୁଆରୀ 2014 ଶେଷ ହେବାର ଧାର୍ଯ୍ୟ ହୋଇଥିଲା ।

ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପର କାର୍ଯ୍ୟ ସମାପ୍ତ ନ ହେବାରୁ ମେସର୍ସ ୱିପ୍ରୋ ସହିତ ଚୁକ୍ତିନାମା ଏକ ବର୍ଷ ପାଇଁ ଅର୍ଥାତ୍ 16 ଜାନୁଆରୀ 2015 ପର୍ଯ୍ୟନ୍ତ କିମ୍ବା ସୀଷ୍ଟମ ଚାଲୁହେବା ମଧ୍ୟରୁ ପରେ ଘଟିଥିବା ଘଟଣା ପର୍ଯ୍ୟନ୍ତ ବର୍ଦ୍ଧିତ କରାଗଲା । ଚୁକ୍ତିନାମାର ମୂଲ୍ୟ ମଧ୍ୟ 60 ଲକ୍ଷ୍ୟ ଟଙ୍କା ବୃଦ୍ଧି ହେଲା । 31 ଡିସେମ୍ବର 2017 ରେ ଚୁକ୍ତିନାମା ସମାପ୍ତ ହୋଇଥିବାରୁ 3.20 କୋଟି ଟଙ୍କା ବର୍ଦ୍ଧିତ ଚୁକ୍ତିନାମା ମଧ୍ୟରୁ ଜାନୁଆରୀ 2013 ରୁ ମଇ 2017 ମଧ୍ୟରେ ୱିପ୍ରୋ କୁ 2.63 କୋଟି ଟଙ୍କା ପ୍ରଦାନ[65] କରାଯାଇଥିଲା ।

ଅଡିଟ ଲକ୍ଷ୍ୟ କଲେ ଯେ ଗୃହ ଓ ନଗର ଉନ୍ନୟନ (ଏଚ୍‌ଆଣ୍ଡୟୁଡି) ବିଭାଗ ମାର୍ଚ୍ଚ 2020 ସୁଦ୍ଧା 4.07 କୋଟି ଟଙ୍କା ପ୍ରାରମ୍ଭିକ ଖର୍ଚ୍ଚ କରିଥିବା ସତ୍ତ୍ୱେ ପ୍ରକଳ୍ପର କାର୍ଯ୍ୟକାରିତା ବିଫଳ ହୋଇଥିଲା, ଯାହା ଫଳରେ ସମସ୍ତ ବ୍ୟୟ ଅପଚୟ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଅଡିଟ୍ ଲକ୍ଷ୍ୟ କଲେ ପ୍ରକଳ୍ପର ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତି ଓ ସଫ୍ଟୱେୟାର ଡେଭଲପର ଚୟନରେ ବିଳମ୍ବ ଓ ତ୍ରୁଟି ଯୋଗୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଫଳ ହୋଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି:

- ***ସଫ୍ଟୱେର ଡେଭଲପର ଚୟନରେ ବିଳମ୍ବ*** **:** ଓପିଡବ୍ଲୁଡି କୋଡ ଭଲ୍ୟୁମ୍ I ର ପରିଛେଦ 3.5.14 ଦର୍ଶାଏ ଯେ, ଯଦି ଏଲ୍$_1$ ବିଡର ଚୟନ ପରେ ଚୁକ୍ତିନାମା ପାଇଁ ନ ଆସନ୍ତି, ଏଲ୍$_2$ ବିଡରକୁ ଏଲ୍$_1$ ବିଡରର ଅଫର ମୂଲ୍ୟ ଏବଂ ସମାନ ନିୟମ ଓ ସର୍ତ୍ତରେ କାର୍ଯ୍ୟ ପ୍ରଦାନ କରାଯିବ, ଅନ୍ୟଥା ଟେଣ୍ଡର ବାତିଲ କରାଯିବ । ଏଚ୍‌ଆଣ୍ଡୟୁଡି ବିଭାଗ ଏକ ସଫ୍ଟୱେର ଡେଭଲପର ଚୟନ ପାଇଁ 6 ଫେବୃଆରୀ 2013 ରେ ଏକ ଆର୍‌ଏଫ୍‌ପି ଜାରି କଲା । ଏହା ଲକ୍ଷ୍ୟ କରାଯାଇଥିଲା ଯେ, ମେସର୍ସ ୱିପ୍ରୋ[66] ସହିତ ଚୁକ୍ତିନାମା ଅନୁଯାୟୀ ଆର୍‌ଏଫ୍‌ପି ଚୂଡ଼ାନ୍ତ ପାଇଁ 60 ଦିନ ସମୟ ସୀମା ଧାର୍ଯ୍ୟ ଥିବା ବେଳେ ତାହା 384 ଦିନରେ ଚୂଡ଼ାନ୍ତ ହୋଇଥିଲା । ମେସର୍ସ ୱିପ୍ରୋ ସହିତ ଚୁକ୍ତିନାମା ଅନୁଯାୟୀ 45 ଦିନ ମଧ୍ୟରେ (2 ମଇ 2012) ମୂଲ୍ୟାଙ୍କନ କରାଯିବାକୁ ଥିବା ବିଡ୍ ଗୁଡ଼ିକ 423 ଦିନ[67] ପରେ ଅର୍ଥାତ୍ 29 ଜୁନ୍ 2013 ରେ ମୂଲ୍ୟାଙ୍କନ କରାଯାଇଥିଲା ।

  ବିଡର ମୂଲ୍ୟାଙ୍କନ ସମୟରେ ମେସର୍ସ ଟେକ୍ ମହିନ୍ଦ୍ରା ଏଲ୍$_1$ ବିଡର ବୋଲି ଜଣାପଡ଼ିଥିଲା । 24 ଅକ୍ଟୋବର 2013 ସୁଦ୍ଧା ଗ୍ରହଣ କରିବାକୁ ଫାର୍ମକୁ 8 ଅକ୍ଟୋବର 2013 ରେ ଏକ ଉଦ୍ଦେଶ୍ୟ ପତ୍ର (ଏଲ୍‌ଓଆଇ) ଜାରି, କରାଯାଇଥିଲା । ଗ୍ରହଣ କରିବା ପରିବର୍ତ୍ତେ ଫାର୍ମ ସମୁଦାୟ ବିଡ୍ ମୂଲ୍ୟର ନିର୍ଦ୍ଧାରଣରେ ଗଣନା ତ୍ରୁଟି କାରଣରୁ ସେମାନଙ୍କର ପ୍ରାରମ୍ଭିକ ଉଦ୍ଧୃତ ମୂଲ୍ୟ 3.23 କୋଟି ଟଙ୍କା ବୃଦ୍ଧି କରିବା ବିଷୟ ଜଣାଇଲେ (28 ଅକ୍ଟୋବର 2013) । ଟେଣ୍ଡର ମୂଲ୍ୟାଙ୍କନ କମିଟି ମେସର୍ସ

---

63 ଡିପିଆର୍ ପ୍ରସ୍ତୁତି: 25.96 ଲକ୍ଷ ଟଙ୍କା ଏବଂ ପ୍ରକଳ୍ପ ପରିଚାଳନା ମୂଲ୍ୟ: 2.34 କୋଟି ଟଙ୍କା ଆଠଟି ସମାନ ତ୍ରୈମାସିକ କିସ୍ତିରେ

64 16 ଭୌଗୋଳିକ ସୂଚନା ପଦ୍ଧତି(ଜିଆଇଏସ୍)/ ପରିଚାଳନା ସୂଚନା ପଦ୍ଧତି(ଏମ୍‌ଆଇଏସ୍) ଆଧାରରେ ସେବା ମଡ୍ୟୁଲ ଏବଂ ନୂତନ ଭାବରେ ବିକଶିତ ହୋଇଥିବା ସୀଷ୍ଟମ ସହିତ 12 ଥିବା ମଡ୍ୟୁଲ ମିଶ୍ରଣ

65 ଡିପିଆର୍ ପ୍ରସ୍ତୁତି: 25.96 ଲକ୍ଷ ଟଙ୍କା ଏବଂ ପ୍ରକଳ୍ପ ପରିଚାଳନା ମୂଲ୍ୟ: 2.37 କୋଟି ଟଙ୍କା

66 18 ଜାନୁଆରୀ 2012 ରେ ଚୁକ୍ତିନାମା ସାକ୍ଷରିତ ହେଲା । ଚୁକ୍ତିନାମା ସାକ୍ଷରିତ ହେବାର 60 ଦିନ ମଧ୍ୟରେ (05 ଫେବୃଆରୀ 2012) ଆର୍‌ଏଫ୍‌ପି ଚୂଡ଼ାନ୍ତକରଣ ହେବାର ଥିଲା

67 2 ମଇ 2012 (ଆର୍‌ଏଫ୍‌ପି ମୂଲ୍ୟାଙ୍କନର ଧାର୍ଯ୍ୟ ତାରିଖ) ଠାରୁ ମୂଲ୍ୟାଙ୍କନର ପ୍ରକୃତ ତାରିଖ (29 ଜୁନ୍ 2013)

ଟେକ୍ ମହିନ୍ଦ୍ରାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲା ଏବଂ ଏଲ୍$_2$ ବିଡରକୁ କାର୍ଯ୍ୟ ପ୍ରଦାନ କରିବା ପରିବର୍ତ୍ତେ ଟେଣ୍ଡର ବାତିଲ୍ କରିବାକୁ ସୁପାରିଶ କଲା (4 ନଭେମ୍ବର 2013) । ତଦନୁସାରେ ଏଚ୍‌ଆଣ୍ଡୟୁଡି ବିଭାଗ 13 ଡିସେମ୍ବର 2013 ରେ ଟେଣ୍ଡର ବାତିଲ୍ କରି 18 ଡିସେମ୍ବର 2013 ରେ ଆଉ ଏକ ଆର୍‌ଏଫ୍‌ପି ଜାରି କଲା । ଜବାବରେ ଏହା କେବଳ ଗୋଟିଏ ବିଡ୍ ଗ୍ରହଣ କରିଥିଲା । ଏକକ ବିଡ୍‌କୁ ଦୃଷ୍ଟିରେ ରଖି ଟେଣ୍ଡରକୁ ପୁନର୍ବାର ବାତିଲ୍ କରାଗଲା । ଏହା ମଧ୍ୟରେ କେନ୍ଦ୍ରୀୟ ଯୋଜନା ଜେଏନ୍‌ଏନ୍‌ୟୁଆର୍‌ଏମ୍ 31 ମାର୍ଚ୍ଚ 2014 ରେ ସମାପ୍ତ ହୋଇଯାଇଥିଲା । ତେଣୁ ଏହି ଯୋଜନା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଭାରତ ସରକାରଙ୍କର ପ୍ରତିବଦ୍ଧତା ମଧ୍ୟ ଶେଷ ହୋଇଥିଲା। ଏହିପରି ଆର୍‌ଏଫ୍‌ପିର ଚୂଡ଼ାନ୍ତକରଣ ଏବଂ ବିଡ୍ ମୂଲ୍ୟାଙ୍କନରେ ବିଳମ୍ବ ବ୍ୟତୀତ, ଏଲ୍$_2$ ବିଡରକୁ କାର୍ଯ୍ୟ ପ୍ରଦାନ କରିବା ପରିବର୍ତ୍ତେ ବିଡକୁ ବାତିଲ କରିବା ହେତୁ ପ୍ରକଳ୍ପ ପୁଣି ବିଳମ୍ବ ହେଲା । ଫଳସ୍ୱରୂପ 31 ମାର୍ଚ୍ଚ 2014 ର ସୁଦ୍ଧା ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଏହି ପ୍ରକଳ୍ପ ଆରମ୍ଭ ହୋଇପାରିଲା ନାହିଁ ଏବଂ ରାଜ୍ୟ ସରକାର 8.63 କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ପାଇବାର ସୁଯୋଗ ହରାଇଲେ ।

- ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ନିଜସ୍ୱ ସମ୍ବଳରୁ ପ୍ରକଳ୍ପ ଆକାରକୁ ପୂର୍ବ ନିର୍ଦ୍ଧାରିତ 28 ରୁ ପାଞ୍ଚଟି ସେବା ମଡ୍ୟୁଲ[68]କୁ ହ୍ରାସ କରି ପ୍ରକଳ୍ପକୁ ଆଗେଇ ନେବା ପାଇଁ ନିଷ୍ପତ୍ତି ନେଇଥିଲେ (ଅକ୍ଟୋବର 2015) । ସଫ୍ଟୱେୟାର ଡେଭଲପର ଚୟନ ପାଇଁ ବିଭାଗ ପୁନର୍ବାର ଆର୍‌ଏଫ୍‌ପି ଜାରି କଲା (ମାର୍ଚ୍ଚ 2015)। ମେସର୍ସ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ପରିବେଶ ଭିତ୍ତିଭୂମି ଏବଂ ସେବା ଲିମିଟେଡ୍ (ଆଇଇଆଇଏସ୍‌ଏଲ୍) କୁ ଏଲ୍$_1$ ବିଡର ଭାବରେ ଚୟନ କରାଯାଇଥିଲା (ଫେବୃଆରୀ 2016) ।

- ***ସୀଷ୍ଟମ ଆବଶ୍ୟକତା ନିର୍ଦ୍ଦିଷ୍ଟକରଣ (ଏସ୍‌ଆର୍‌ଏସ୍) ର ଚୂଡ଼ାନ୍ତ ପୂର୍ବରୁ ମଡ୍ୟୁଲ ଗୁଡ଼ିକର ବିକାଶ :*** ଏଚ୍‌ଆଣ୍ଡୟୁଡି ବିଭାଗ, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) / ପୁରୀ ମୁନିସିପାଲିଟି ଏବଂ ଆଇଇଆଇଏସ୍‌ଏଲ୍ ମଧ୍ୟରେ 7.86 କୋଟି ଟଙ୍କାରେ ପାଞ୍ଚଟି ମଡ୍ୟୁଲର କାର୍ଯ୍ୟକାରିତା ଓ ବିକାଶ ପାଇଁ ଏକ ତ୍ରିପାକ୍ଷିକ ଚୁକ୍ତିନାମା (29 ଫେବୃଆରୀ 2016) ସ୍ୱାକ୍ଷରିତ ହୋଇଥିଲା । ଆଇଇଆଇଏସ୍‌ଏଲ୍ ନଭେମ୍ବର 2016 ସୁଦ୍ଧା ବିଏମ୍‌ସି ଏବଂ ପୁରୀ ମୁନିସିପାଲିଟିର ସୀଷ୍ଟମକୁ ସଫଳତାର ସହିତ ଚାଲୁ କରିବାର ଥିଲା । ପରବର୍ତ୍ତୀ ସମୟରେ ଧାର୍ଯ୍ୟ ତାରିଖକୁ 31 ଡିସେମ୍ବର 2017 ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଥିଲା । ଚୁକ୍ତିନାମା ଅନୁଯାୟୀ ୟୁଏଲ୍‌ବି ସହିତ ପରାମର୍ଶ କରି ଆଇଇଆଇଏସ୍‌ଏଲ୍ ସୀଷ୍ଟମ ଆବଶ୍ୟକତା ନିର୍ଦ୍ଦିଷ୍ଟକରଣ (ଏସ୍‌ଆର୍‌ଏସ୍) ପ୍ରସ୍ତୁତ କରିବା ଉଚିତ୍ । ଚୁକ୍ତିନାମା ସ୍ୱାକ୍ଷର ହେବା ଦିନ ଠାରୁ 11 ସପ୍ତାହ ମଧ୍ୟରେ (ଅର୍ଥାତ୍ 16 ମଇ 2016) ସୁଦ୍ଧା ଏସ୍‌ଆର୍‌ଏସ୍ କୁ ଏଚ୍‌ଆଣ୍ଡୟୁଡି ବିଭାଗ ଅନୁମୋଦନ କରିବାର ଥିଲା । ଅନୁମୋଦିତ ଏସ୍‌ଆର୍‌ଏସ୍‌କୁ ଆଧାର କରି ଆଇଇଆଇଏସ୍‌ଏଲ୍ ମଡ୍ୟୁଲ୍ ବିକଶିତ କରିବ ଯାହା ଚୁକ୍ତିନାମା ସ୍ୱାକ୍ଷର ହେବାର 26 ସପ୍ତାହ ମଧ୍ୟରେ (29 ଅଗଷ୍ଟ 2016) ବ୍ୟବହାରୀ ଗ୍ରହଣ ପରୀକ୍ଷା ପାଇଁ ରଖାଯିବ । ସେହି ଅନୁଯାୟୀ ଆଇଇଆଇଏସ୍‌ଏଲ୍ ମାର୍ଚ୍ଚ 2016 ରେ ସମସ୍ତ ପାଞ୍ଚଟି ମଡ୍ୟୁଲର ଡ୍ରାଫ୍ଟ ଏସ୍‌ଆରଏସ୍ ଦାଖଲ କଲା । ବିଏମ୍‌ସି ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପରି ଉପଭୋକ୍ତା ଏଜେନ୍ସୀ ଗୁଡ଼ିକ ଏସ୍‌ଆର୍‌ଏସ୍ ଡ୍ରାଫ୍ଟରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଜାରି ରଖିଥିଲେ, ଯେଉଁଥିପାଇଁ ଏହା ଅନୁମୋଦନ ହୋଇପାରିଲା ନାହିଁ । ଏସ୍‌ଆର୍‌ଏସ୍‌ର ଚୂଡ଼ାନ୍ତ କରଣ ନହେବା ସତ୍ତ୍ୱେ ମେସର୍ସ ଆଇଇଆଇଏସ୍‌ଏଲ୍ ଡ୍ରାଫ୍ଟ ଏସ୍‌ଆର୍‌ଏସ୍ ଏବଂ ସମୟ ,ସମୟରେ ଉପଭୋକ୍ତା ଏଜେନ୍ସୀ ଗୁଡ଼ିକର ମତାମତ ଆଧାରରେ ସଫ୍ଟୱେୟାର ମଡ୍ୟୁଲର ବିକାଶ କରିବାକୁ ଆରମ୍ଭ କଲା । ଏହିପରି, ସୀଷ୍ଟମ ବିକାଶ ଚୁକ୍ତିନାମା ଆଧାରରେ ହୋଇନଥିଲା ଏବଂ ଶେଷରେ ଉପଭୋକ୍ତାମାନଙ୍କର ଆବଶ୍ୟକତା

[68] i) ସଂଗ୍ରହଏବଂ ଚୁକ୍ତିନାମା ପରିଚାଳନା; ii) ରାଜସ୍ୱ ପରିଚାଳନା; iii) କାର୍ଯ୍ୟ ପରିଚାଳନା ସାଷ୍ଟମରେ ; iv) କୋଠା ଯୋଜନା ଅନୁମୋଦନ; v) ମାନବ ସମ୍ବଳ ପରିଚାଳନା ପଦ୍ଧତି

ପୂରଣ କରିବାରେ ବିଫଳ ହେଲା । ଏହିପରି ବିଚ୍ୟୁତ ହେବା ଫଳରେ ଧାର୍ଯ୍ୟ ତାରିଖ (31 ଡିସେମ୍ବର 2017) ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ଯେଉଁଥିପାଇଁ ମେସର୍ସ ଆଇଇଆଇଏସ୍ଏଲ ସହିତ ଚୁକ୍ତିନାମାର କାର୍ଯ୍ୟକାଳ 31 ମାର୍ଚ୍ଚ 2018 ପର୍ଯ୍ୟନ୍ତ ପୁନର୍ବାର ସଂପ୍ରସାରଣ କରାଗଲା (19 ମାର୍ଚ୍ଚ 2018) । ଯାହାହେଉ, ପ୍ରକଳ୍ପଟି ଠିକ୍ ସମୟରେ ଶେଷ କରିବାରେ ବିଫଳ ହେତୁ ମେସର୍ସ ଓ୍ୱିପ୍ରୋ ସହ ହୋଇଥିବା ଚୁକ୍ତିନାମାର 31 ଡିସେମ୍ବର 2017 ରେ ସମାପ୍ତ କରାଗଲା ।

- ମେସର୍ସ ଆଇଇଆଇଏସ୍ଏଲ୍ ଦ୍ୱାରା ବିକଶିତ ହେବାକୁ ଥିବା ପାଞ୍ଚଟି ମଡ୍ୟୁଲ ମଧ୍ୟରୁ ଗୋଟିଏ ମଡ୍ୟୁଲ (କାର୍ଯ୍ୟ ପରିଚାଳନା ପ୍ରୟୋଗ) କୁ ସିଟି ଇଂଜିନିୟର, ବିଏମ୍ସିଙ୍କ ଅଧକ୍ଷତାରେ ଏକ କମିଟି 22 ଜୁନ୍ 2017 ରେ ବ୍ୟବହାରକାରୀ ଗ୍ରହଣ ପରୀକ୍ଷା (ୟୁଏଟି) ପାଇଁ ରଖାଯାଇଥିଲା । କମିଟି ମଡ୍ୟୁଲରେ ଅଧିକ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଲେ ।

- ଅନ୍ୟ ଏକ ମଡ୍ୟୁଲ୍ (କୋଠାବାଡ଼ି ଯୋଜନା ଅନୁମୋଦନ ପଦ୍ଧତି) ଏସ୍ଆର୍ଏସ୍ ଏବଂ ୟୁଏଟିର ଅନୁମୋଦନ ବିନା ବିଡିଏରେ 01 ଅଗଷ୍ଟ 2017 ରେ କାର୍ଯ୍ୟକ୍ଷମ କରାଯାଇଥିବା । ଘରବାଡ଼ି ଯୋଜନା ଦରଖାସ୍ତ ପ୍ରକ୍ରିୟାକରଣ ସମୟରେ ବ୍ୟବହାରକାରୀମାନେ ମଡ୍ୟୁଲରେ ଅନେକ ବୈଷୟିକ ତ୍ରୁଟି/ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଯୋଜନା ସଦସ୍ୟ ବିଡିଏ ମଡ୍ୟୁଲରେ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥିଲେ (ସେପ୍ଟେମ୍ବର 2017) କିନ୍ତୁ ମେସର୍ସ ଆଇଇଆଇଏସ୍ଏଲ୍ ଦ୍ୱାରା ତାହା ସମାଧାନ କରାଯାଇନଥିଲା । ଫଳସ୍ୱରୂପ 5 ଡିସେମ୍ବର 2017 ରୁ ମଡ୍ୟୁଲର ବ୍ୟବହାର ବନ୍ଦ ହୋଇଗଲା । ଅବଶିଷ୍ଟ ତିନୋଟି ମଡ୍ୟୁଲ କ୍ଷେତ୍ରରେ କୌଣସି ୟୁଏଟି କରାଯାଇଥିବାର କିମ୍ବା ଏହି ମଡ୍ୟୁଲ ଗୁଡ଼ିକ କାର୍ଯ୍ୟକ୍ଷମ ହେବାର ପ୍ରମାଣ ନଥିଲା ।

- ବିଭାଗ ଶେଷରେ ମାର୍ଚ୍ଚ 2018 ଠାରୁ ମେସର୍ସ ଆଇଇଆଇଏସ୍ଏଲ୍ ସହିତ ଚୁକ୍ତିନାମାକୁ ରଦ୍ଦ କରିଦେଲେ (ମାର୍ଚ୍ଚ 2019) । ଆଇଇଆଇଏସ୍ଏଲ୍କୁ ହାର୍ଡଓ୍ୱାର୍ ସ୍ଥାପନ (1.06 କୋଟି ଟଙ୍କା) ଏବଂ ଗୋଟିଏ ମଡ୍ୟୁଲର ବିକାଶ (37.74 ଲକ୍ଷ ଟଙ୍କା) ପାଇଁ 1.44 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏହାପରେ ପ୍ରକଳ୍ପର କାର୍ଯ୍ୟକାରିତା ଅଟକି ରହିବା ସଙ୍ଗେ ସଙ୍ଗେ ସେହି ଉଦ୍ଦେଶ୍ୟରେ କିଣାଯାଇଥିବା ହାର୍ଡଓ୍ୱାର ବିନା କାମରେ ପଡ଼ିରହିଥିଲା । ଇତି ମଧ୍ୟରେ, ହାର୍ଡଓ୍ୱାର୍ ଉପରେ ଥିବା ତିନି ବର୍ଷର ଓ୍ୱାରେଣ୍ଟି ଅବଧି ମାର୍ଚ୍ଚ 2020 ଶେଷରେ ସମାପ୍ତ ହେଲା । ଫଳସ୍ୱରୂପ, ଏହି ପ୍ରକଳ୍ପରେ ଖର୍ଚ୍ଚ ହୋଇଥିବା ସମସ୍ତ 4.07 କୋଟି ଟଙ୍କା (ଓ୍ୱିପ୍ରୋର ଦେୟ 2.63 କୋଟି ଟଙ୍କା ଏବଂ ଆଇଇଆଇଏସ୍ଏଲ୍ର ଦେୟ 1.44 କୋଟି ଟଙ୍କା) ର ଅପଚୟ ହେଲା ।

ଏହିପରି ସଫ୍ଟଓ୍ୱୟାର ବିକାଶ ପୂର୍ବରୁ ଏସ୍ଆର୍ଏସ୍ର ଚୂଡ଼ାନ୍ତକରଣ ନହେବା ସହିତ ସଫ୍ଟଓ୍ୱୟାର ଡେଭଲପର ଚୟନରେ ବିଳମ୍ବ ହେତୁ ଏନ୍ଏମ୍ଏମ୍ପି ସଫଳତାର ସହିତ କାର୍ଯ୍ୟକାରୀ ହେଲା ନାହିଁ । ଫଳସ୍ୱରୂପ, ଏହି ପ୍ରକଳ୍ପ ପାଇଁ ବ୍ୟୟ ହୋଇଥିବା 4.07 କୋଟି ଟଙ୍କା ଅପଚୟ ହେବା ସଙ୍ଗେ ସଙ୍ଗେ 8.63 କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ହରାଇବାକୁ ପଡ଼ିଥିଲା

ଏଚ୍ଆଣ୍ଡୟୁଡି ବିଭାଗ ଦର୍ଶାଇଥିଲା (ଜୁଲାଇ 2020) ଯେ ହିତାଧିକାରୀଙ୍କ ମଧ୍ୟରେ ଏସ୍ଆର୍ଏସ୍କୁ ନେଇ ଏକାଧିକଥର ଆଲୋଚନା କରାଯାଇଥିଲା ଏବଂ ୟୁଏଟି ସମାପ୍ତ ହେବା ପରେ ଏସ୍ଆର୍ଏସ୍ ଚୂଡ଼ାନ୍ତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଅବଶିଷ୍ଟ କାର୍ଯ୍ୟ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍ସିଏଲ୍), ଏକ ରାଜ୍ୟ ପିଏସ୍ୟୁ ମାଧ୍ୟମରେ କରାଯିବ ବୋଲି ବିଭାଗ ସ୍ପଷ୍ଟ କରିଥିଲେ । ଉତ୍ତର ଯୁକ୍ତିଯୁକ୍ତ ନୁହେଁ । ଏସ୍ଆର୍ଏସ୍ ହେଉଛି ଏକ ଡକ୍ୟୁମେଣ୍ଟ ଯାହା ଉପରେ ଏକ ସଫ୍ଟସ୍ୱୟାର ବିକଶିତ ହୋଇଛି । ଆଇଇଆଇଏସ୍ଏଲ୍ ସହିତ ହୋଇଥିବା ଚୁକ୍ତିରେ ମଧ୍ୟ ଆବଶ୍ୟକୀୟ ସଫ୍ଟଓ୍ୱୟାର ବିକଶିତ କରିବା ପୂର୍ବରୁ ଏସ୍ଆର୍ଏସର ପ୍ରସ୍ତୁତ କରିବା ବିଷୟ ଉଲ୍ଲେଖ ହୋଇଥିଲା । ଅବଶିଷ୍ଟ କାର୍ଯ୍ୟଗୁଡ଼ିକର ସମାପ୍ତି ବାବଦରେ କାର୍ଯ୍ୟ ଗ୍ରହଣ କରିବାରେ ବିଏସ୍ସିଏଲ୍ ର ପାରଦର୍ଶିତା ଲିପିବଦ୍ଧ ହୋଇନଥିଲା । ତେଣୁ, ପ୍ରକଳ୍ପ ସମାପ୍ତ ହେବାର ସମ୍ଭାବନା ସନ୍ଦେହଜନକ ।

## 2.5 କଂସେଇଗୃହକୁ କାର୍ଯ୍ୟକ୍ଷମ ନକରିବା ହେତୁ ନିରର୍ଥକ ବ୍ୟୟ

**କଂସେଇଗୃହକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦ୍ଧତି ବିଷୟରେ ନିଷ୍ପତ୍ତି ନେବା ସମୟରେ ଭୁବନେଶ୍ୱର ମହାନଗର ନିଗମ ପରାମର୍ଶଦାତାଙ୍କ ପରାମର୍ଶକୁ ଧ୍ୟାନ ନ ଦେଇ ନିଜ ଇଚ୍ଛା ମୁତାବକ ପରିଚାଳିତ ହୋଇଥିଲେ । ଫଳସ୍ୱରୂପ, କଂସେଇଗୃହକୁ କାର୍ଯ୍ୟକ୍ଷମ କରିବା ପାଇଁ ଚାଳକ ଉପଲବ୍ଧ ହୋଇନଥିଲେ ଏବଂ 7.27 କୋଟି ଟଙ୍କା ବ୍ୟୟରେ ସୃଷ୍ଟି କରାଯାଇଥିବା ଭିତ୍ତିଭୂମି ଅକାମୀ ହୋଇ ପଡ଼ିରହିଥିଲା ।**

ପଶୁମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ (କଂସେଇ ଗୃହ) ନିୟମ 2001 ର ନିୟମ 3 ଅନୁଯାୟୀ, ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ କଂସେଇ ଗୃହ ବ୍ୟତୀତ ପୌରାଞ୍ଚଳ ମଧ୍ୟରେ କୌଣସି ବ୍ୟକ୍ତି ପଶୁ ହତ୍ୟା କରିପାରିବେ ନାହିଁ । ପୁନଶ୍ଚ, ଓଡ଼ିଶା ମହାନଗର ନିଗମ ଅଧିନିୟମ, 2003 ର ଧାରା 562 ପୌରପାଳିକା ନିଗମ ଅଞ୍ଚଳ ମଧ୍ୟରେ ରାସ୍ତା ପାର୍ଶ୍ୱରେ କୌଣସି ପଶୁ ହତ୍ୟାକୁ ନିଷିଦ୍ଧ କରିଥାଏ ।

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ (ଜାନୁଆରୀ 2020), ଏକ ଅତ୍ୟାଧୁନିକ କଂସେଇ ଗୃହ ନିର୍ମାଣ କରିବା ନିମନ୍ତେ ପରାମର୍ଶ ପ୍ରଦାନ କରିବା ପାଇଁ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପରିବେଶ ଏବଂ ବିକାଶ କେନ୍ଦ୍ର (ସିଇଡି)କୁ ନିୟୋଜିତ କରିଥିଲେ (ମାର୍ଚ୍ଚ 2011) । ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ସମୟରେ ସିଇଡି ମତ ପୋଷଣ କରିଥିଲେ (ଅକ୍ଟୋବର 2013) ଯେ, କ୍ଷୁଦ୍ର ପ୍ରକଳ୍ପଗୁଡ଼ିକ ପାଇଁ (ଯେପରିକି ପ୍ରତିଦିନ 100 ଟି ମେଣ୍ଢା) ନିର୍ମାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ (ସିଓଏମ୍) ଢାଞ୍ଚାକୁ ଗ୍ରହଣ କରିବା ସୁବିଧାଜନକ ହେବ ନାହିଁ, ତେଣୁ ସିଇଡି, ବିଏମ୍‌ସିକୁ ଏହା ପରିବର୍ତ୍ତେ ନିଜ କର୍ମଚାରୀମାନଙ୍କ ଦ୍ୱାରା କଂସେଇଗୃହଟିକୁ ପରିଚାଳନା କରିବା ପାଇଁ ଉପଦେଶ/ ପ୍ରସ୍ତାବ ଦେଇଥିଲେ । ଏଥିପାଇଁ କଂସେଇଗୃହର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓଆଣ୍ଡ୍ଏମ୍) ପାଇଁ ଏକ ସମବାୟ ସମିତି ଗଠନ କରିବା ପାଇଁ ସିଇଡି, ବିଏମ୍‌ସିକୁ ପରାମର୍ଶ ଦେଇଥିଲେ । ଓ ଆଣ୍ଡ୍ ଏମ୍ କାର୍ଯ୍ୟକୁ ଏକ ବାହ୍ୟ ସଂସ୍ଥା ଦ୍ୱାରା ଲିଜ୍ ରାଜିନାମା ସୂତ୍ରରେ କରାଇବାର ଅନ୍ୟ ଏକ ବିକଳ୍ପ ସିଇଡି ପ୍ରଦାନ କରିଥିଲେ, ଯାହାର ସର୍ତ୍ତ ଅନୁଯାୟୀ, ବାହ୍ୟ ସଂସ୍ଥା କେବଳ ସକାଳ ସମୟରେ ନିର୍ଦ୍ଧାରିତ ମୂଲ୍ୟରେ ପଶୁ ହତ୍ୟା କରିପାରିବେ ଏବଂ ତତ୍‌ପଶ୍ଚାତ୍ କଂସେଇଗୃହଟିକୁ ସେହି ଅନୁଷ୍ଠାନ ନିଜ ଉଦ୍ଦେଶ୍ୟ ପାଇଁ ବିନିଯୋଗ କରିପାରିବେ । କିନ୍ତୁ, ସିଇଡି ଏବଂ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି[69] (ଓୟୁଆଇଡିଏଫ୍)ର ପ୍ରତିନିଧିମାନଙ୍କ ଉପସ୍ଥିତିରେ ବିଏମ୍‌ସି ଦ୍ୱାରା ଆଗତ ଏକ ବୈଠକରେ (ଅକ୍ଟୋବର 2013), ସିଓଏମ୍ ଢାଞ୍ଚା ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ସେହି ଅନୁସାରେ ସିଓଏମ୍ ଢାଞ୍ଚାରେ କଂସେଇଗୃହଟିକୁ ନିର୍ମାଣ କରିବା ପାଇଁ ସିଇଡି ଏକ ବିଷଦ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କଲେ (ନଭେମ୍ବର 2013) । ଡିପିଆର୍ ଅନୁସାରେ ପ୍ରତିଦିନ 100 ଟି ମେଣ୍ଢା ହତ୍ୟା କରିବାର କ୍ଷମତା ଥିବା କଂସେଇଗୃହର ଆକଳିତ ପ୍ରକଳ୍ପ ମୂଲ୍ୟ 6.40 କୋଟି ଟଙ୍କା ଥିଲା । ପ୍ରକଳ୍ପ ମୂଲ୍ୟ ବିଏମ୍‌ସି ଦ୍ୱାରା ବହନ କରାଯିବାର ଥିଲା ଏବଂ ସଫଳ ନିଲାମଧାରୀ କଂସେଇଗୃହର ନିର୍ମାଣ କରିବେ ଏବଂ ଏହାକୁ 10 ବର୍ଷ ପାଇଁ ଚଳାଇବେ । ପରବର୍ତ୍ତୀ ସମୟରେ, ଗୃହ ଏବଂ ନଗର ଉନ୍ନୟନ ବିଭାଗ, 6.40 କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଥିଲେ (ଜୁଲାଇ 2014), ଯାହା 'ଗାଡ଼କଣା ଠାରେ ଅତ୍ୟାଧୁନିକ କଂସେଇଗୃହ' ନିର୍ମାଣ କରିବା ପାଇଁ 8.78 କୋଟି ଟଙ୍କାକୁ ସଂଶୋଧନ କରାଯାଇଥିଲା (ଫେବୃଆରୀ 2016) । ଅନୁଦାନ, ଓୟୁଆରଡିଏଫ୍ ଠାରୁ ଋଣ ଏବଂ ବିଏମ୍‌ସି[70] ଅନୁଦାନର ମିଶ୍ରିତ ପାଣ୍ଠି ଏହି ପ୍ରକଳ୍ପ ପାଇଁ ଆର୍ଥିକ ଉତ୍ସ ଥିଲା ।

ଗୋଟିଏ କଂସେଇଗୃହର ନିର୍ମାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ନଭେମ୍ବର 2013 ରେ ରିକ୍ୱେଷ୍ଟ ଫର୍ ପ୍ରପୋଜାଲ (ଆରଏଫ୍‌ପି) ବିଏମ୍‌ସି ଦ୍ୱାରା ଆହ୍ୱାନ କରାଯାଇଥିଲା । କିନ୍ତୁ ଏହାର କୌଣସି ଜବାବ

---

69 ସହରାଞ୍ଚଳର ସ୍ଥାନୀୟ ନିକାୟ, ବୈଧାନିକ ନିକାୟ, ସରକାରୀ ଉଦ୍ୟୋଗ (ପିଏସ୍‌ୟୁ) ଏବଂ ବେସରକାରୀ ନିବେଶକ ମାନଙ୍କ ଦ୍ୱାରା ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକୁ ଅର୍ଥ ପ୍ରଦାନ ବିକଶିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ଏକ ଟ୍ରଷ୍ଟ ।

70 ଓୟୁଆଇଡିଏଫ୍ ଅନୁଦାନ: 45 ପ୍ରତିଶତ, ଓୟୁଆଇଡିଏଫ୍ ଋଣ 45 ପ୍ରତିଶତ ଏବଂ ବିଏମ୍‌ସି ଅନୁଦାନ: 10 ପ୍ରତିଶତ

ମିଳିନଥିଲା । ଏହାପରେ ଜାତୀୟ ଭବନ ନିର୍ମାଣ ନିଗମ (ଏନ୍‌ବିସିସି) ଟର୍ଣ୍ଣ କି ଆଧାରରେ କେବଳ କଂସେଇଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ (ଅଗଷ୍ଟ 2014) । ଏନ୍‌ବିସିସି ଦ୍ୱାରା ପ୍ରକଳ୍ପ କାର୍ଯ୍ୟ, ଅଗଷ୍ଟ 2017 ରେ 7.27 କୋଟି ଟଙ୍କା ବ୍ୟୟରେ ସଂପୂର୍ଣ୍ଣ କରାଯାଇଥିଲା । କଂସେଇଗୃହଟି ସଂପୂର୍ଣ୍ଣ ପ୍ରସ୍ତୁତ ହେବା ପରେ, ବିଏମ୍‌ସି (ଜୁଲାଇ ଓ ସେପ୍ଟେମ୍ବର 2017) ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ନିଲାମ ଆହ୍ୱାନ କରିଥିଲେ କିନ୍ତୁ କୌଣସି ଜବାବ ପାଇବାରେ ବିଫଳ ହୋଇଥିଲେ । ଓୟୁଆଇଡିଏଫ୍, ବିଏମ୍‌ସି ତରଫରୁ ପୁଣି ଗୋଟିଏ ଇଚ୍ଛା ପ୍ରକାଶ ପ୍ରସ୍ତାବ (ଇଓଆଇ) ଆହ୍ୱାନ କରିଥିଲେ(ନଭେମ୍ବର 2017) ଏବଂ କେବଳ ଗୋଟିଏ ଏଜେନ୍ସୀ (ମେସର୍ସ ହିନ୍ଦ୍ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍) ଠାରୁ ଜବାବ ପାଇଥିଲେ । ଅଡିଟ୍ ଲକ୍ଷ୍ୟ କରିଥିଲା ଯେ, ପରିଚାଳକ ଚୟନ କରିବା ପାଇଁ ବିଏମ୍‌ସି ଦ୍ୱାରା ଗଠିତ ଏକ କମିଟି 8 ମାର୍ଚ୍ଚ 2018 ରେ ଅନୁଷ୍ଠିତ ହୋଇଥିବା ତାଙ୍କର ଏକ ବୈଠକରେ ଏହି ପ୍ରସ୍ତାବ ବିଷୟରେ ଟିପ୍ପଣୀ କରିଥିଲେ ମଧ ଏହା ଗ୍ରହଣୀୟତା ବିଷୟରେ କୌଣସି ମତାମତ ପ୍ରଦାନ କରିନଥିଲେ । ବରଂ, ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ କରିବା ପାଇଁ, ରାସ୍ତା ପାର୍ଶ୍ୱ ପଶୁ ହତ୍ୟାକୁ ନିଷେଧ କରିବା ପାଇଁ କମିଟି ସୁପାରିଶ କରିଥିଲେ । ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ପରିଚାଳକ ନିୟୋଜନ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା କିମ୍ବା ରାସ୍ତା ପାର୍ଶ୍ୱରେ ପଶୁ ହତ୍ୟା ନିଷେଧ ପାଇଁ କୌଣସି ନିଷେଧାଜ୍ଞା ଜାରି କରାଯାଇନଥିଲା ଯାହାଫଳରେ କଂସେଇଗୃହଟି କାର୍ଯ୍ୟକ୍ଷମ ହୋଇପାରି ନଥିଲା । ବିଏମ୍‌ସିର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଅଡିଟ୍ ଦ୍ୱାରା କଂସେଇଗୃହଟିର ବସ୍ତୁଗତ ନିରୀକ୍ଷଣ ସମୟରେ (ଡିସେମ୍ବର 2019) ପ୍ରଶାସନିକ ଭବନ, ଲାଇରେଜ୍[71], ପଶୁ ହତ୍ୟା ଗୃହ ଏବଂ ଆବର୍ଜନା ପରିଚାଳନା ପ୍ରକଳ୍ପ ସମ୍ବଳିତ କଂସେଇଗୃହଟି ସମ୍ପୂର୍ଣ୍ଣ ହୋଇଥିଲେ ମଧ ଅବ୍ୟବହୃତ ହୋଇ ପଡି ରହିଥିବା ଲକ୍ଷ୍ୟ କରାଯାଇଥିଲା । ଏତଦ୍‌ବ୍ୟତୀତ, କଂସେଇଗୃହର ପରିସର ମଧରେ ଦୁଇଟି ଜେନେରେଟର ଓ ଗୋଟିଏ ରେଫ୍ରିଜେରେଟର ଭ୍ୟାନ ଅବ୍ୟବହୃତ ହୋଇ ପଡି ରହିଥିଲା । ପୁନଶ୍ଚ, ବିଏମ୍‌ସି ପରିସରଭୁକ୍ତ ସ୍ଥାନୀୟ ମାଂସ ବଜାରରେ ଯୁଗ୍ମ ବସ୍ତୁଗତ ନିରୀକ୍ଷଣ ସମୟରେ, ରାସ୍ତା ପାର୍ଶ୍ୱରେ ପଶୁ ହତ୍ୟା କରାଯାଉଥିବା ପରିଲକ୍ଷିତ ହୋଇଥିଲା ।


ସଂପୂର୍ଣ୍ଣ ହୋଇଥିବା କଂସେଇଗୃହ


ଭୁବନେଶ୍ୱର, ୟୁନିଟ୍-IV ମାର୍କେଟରେ ରାସ୍ତା ପାର୍ଶ୍ୱରେ କରାଯାଉଥିବା ପଶୁ ହତ୍ୟା

ଉପରୋକ୍ତ ପରିପ୍ରେକ୍ଷୀରେ, ଅଡିଟ୍ ଲକ୍ଷ୍ୟ କରିଥଲେ ଯେ:

- କଂସେଇଗୃହଟିର ସ୍ୱଳ୍ପ କ୍ଷମତାକୁ ଦୃଷ୍ଟିରେ ରଖି ସିଓଏମ୍ ଡାଞ୍ଚାକୁ ଗ୍ରହଣ ନକରିବା ପାଇଁ ପରାମର୍ଶଦାତା ଏବଂ ସିଇଡି ଦ୍ୱାରା ଦିଆଯାଇଥିବା ମତାମତ ଗୁଡ଼ିକୁ ବିଏମ୍‌ସି ଉପେକ୍ଷା କରିଥିଲା । ବିଏମ୍‌ସିର ଏହି ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ ପ୍ରମାଣିତ ହୋଇଥିଲା ଯାହା ଏଜେନ୍ସୀ ଚୟନ କରିବା ପାଇଁ ଆହ୍ୱାନ କରାଯାଇଥିବା ଆର୍‌ଏଫ୍‌ପିର କୌଣସି ଜବାବ ନ ମିଳିବା କଥାରୁ ସ୍ପଷ୍ଟ ହୋଇଥିଲା ।
- ଅନ୍ୟ ଏକ ବିକଳ୍ପ ଭାବରେ, ବିଏମ୍‌ସି ନିଜ କର୍ମଚାରୀମାନଙ୍କ ଦ୍ୱାରା କିମ୍ବା କୌଣସି ସମବାୟ ସମିତି ଗଠନ ଦ୍ୱାରା କିମ୍ବା ଏକି ବାହ୍ୟ ଏଜେନ୍ସୀ ଦ୍ୱାରା କଂସେଇଗୃହଟିକୁ କାର୍ଯ୍ୟକ୍ଷମ କରିବାକୁ ସିଇଡ଼ି ମଧ ପ୍ରସ୍ତାବ ଦେଇଥିଲେ । ଏହାସତ୍ତ୍ୱେ ଆର୍‌ଏଫ୍‌ପି ବିପକ୍ଷରେ କୌଣସି ଜବାବ ନମିଳିବା ପରେ ମଧ ବିଏମ୍‌ସି, ସିଇଡିର ପରାମର୍ଶ ଅନୁଯାୟୀ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ।

71 ହତ୍ୟା ପୂର୍ବରୁ ମେଣ୍ଢାମାନଙ୍କ ଆଶ୍ରୟସ୍ଥଳୀ

- ଆହୁରି ମଧ୍ୟ, ଗୋଟିଏ ଏଜେନ୍ସୀରୁ ଇଓଆଇର ଜବାବ ମିଳିଥିଲେ ମଧ୍ୟ ବିଏମ୍‌ସି କୌଣସି ପଦକ୍ଷେପ ନେଇନଥିଲେ, ଯାହାର କୌଣସି କାରଣ ଲିପିବଦ୍ଧ କରାଯାଇ ନଥିଲା । ଏହା କଂସେଇଗୃହଟିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ବିଏମ୍‌ସିର ଅବହେଳାପୂର୍ଣ୍ଣ ମନୋଭାବକୁ ସୂଚିତ କରୁଥିଲା ।

ଗୃହ ଏବଂ ନଗର ଉନ୍ନୟନ ବିଭାଗ କହିଥିଲେ (ଫେବୃଆରୀ 2021) ଯେ, କଂସେଇଗୃହଟିର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଏକ ଏଜେନ୍ସିକୁ ଚୟନ କରିବା ପାଇଁ ବିଏମ୍‌ସି ଅଗଷ୍ଟ 2020 ରେ ଅନ୍ୟ ଏକ ଟେଣ୍ଡର ଆହ୍ୱାନ କରିଥିଲା ଯାହା ବିପକ୍ଷରେ ମାତ୍ର ଗୋଟିଏ ଜବାବ ମିଳିଥିଲା । ତେବେ, ସେହି ଏକମାତ୍ର ନିଲାମଧାରୀଙ୍କୁ କଂସେଇଗୃହର ପରିଚାଳନା ଓ ରକ୍ଷଣାବେକ୍ଷଣର କଣ୍ଟ୍ରାକ୍ଟ ପ୍ରଦାନ କରିବା ପାଇଁ ବିଭାଗ ଅନୁମୋଦନ କରଥିଲେ (ଜାନୁଆରୀ 2021) । ତଦନୁଯାୟୀ, ଉକ୍ତ କାର୍ଯ୍ୟଟିକୁ ସେହି ଏଜେନ୍ସିକୁ ପାଞ୍ଚ ବର୍ଷ ପାଇଁ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ, କଂସେଇଗୃହର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ବିଏମ୍‌ସି 29 ଅପ୍ରେଲ 2021 ରେ ଏକ ବେସରକାରୀ ସଂସ୍ଥା ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ବିଷୟ ଜଣାଇଥିଲେ (25 ଜୁନ୍ 2021) । ଚଳିତ ମହାମାରୀ ହେତୁ ଏଜେନ୍ସି କାର୍ଯ୍ୟ ଆରମ୍ଭ କରିପାରି ନାହିଁ ବୋଲି ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା ।

ଉପରୋକ୍ତ ବିଷୟରୁ ଏହା ପ୍ରତୀତ ହେଉଛି ଯେ, ବର୍ତ୍ତମାନ ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ବାହ୍ୟ ଏଜେନ୍ସି ଦ୍ୱାରା କରାଯାଇ କଂସେଇଗୃହକୁ କାର୍ଯ୍ୟକ୍ଷମ କରାଯିବ, ଯାହାକି ଅକ୍ଟୋବର 2013 ରେ ପରାମର୍ଶଦାତା ମାନଙ୍କ ଦ୍ୱାରା ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ବିଏମ୍‌ସି ତାହାକୁ ଉପେକ୍ଷା କରିଥିଲେ ।

ଏହିପରି ଭାବରେ, ପରାମର୍ଶଦାତା ମାନଙ୍କ ଦ୍ୱାରା ଦିଆଯାଇଥିବା ଉପଦେଶ ଗୁଡ଼ିକୁ ଅନୁପାଳନ ନ କରିବା ତଥା ପରବର୍ତ୍ତୀ ସମୟରେ କଂସେଇଗୃହଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ମିଳିଥିବା ପ୍ରସ୍ତାବ ଉପରେ କୌଣସି ପଦକ୍ଷେପ ନ ନେବା ହେତୁ 7.27 କୋଟି ଟଙ୍କା ବ୍ୟୟରେ ନିର୍ମିତ ଭିତ୍ତିଭୂମିଟି ଅବ୍ୟବହୃତ ହୋଇ ପଡ଼ିରହିଥିଲା । ଏତଦ୍‌ବ୍ୟତୀତ, ପଶୁମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ (କଂସେଇଗୃହ) ନିୟମ 2001 ଅନୁଯାୟୀ ରାସ୍ତା ପାର୍ଶ୍ୱ ପଶୁହତ୍ୟାକୁ ସଂପୂର୍ଣ୍ଣ ନିଷିଦ୍ଧ କରିବାର ଲକ୍ଷ୍ୟ ମଧ୍ୟ ହାସଲ କରାଯାଇପାରିନଥିଲା ।

## 2.6 ଅନୁଚିତ ପାଣ୍ଠି ପରିଚାଳନା ହେତୁ 2.56 କୋଟି ଟଙ୍କାର ସୁଧ କ୍ଷତି

**ଅନୁଚିତ ପାଣ୍ଠି ପରିଚାଳନା ହେତୁ 2.56 କୋଟି ଟଙ୍କା ସୁଧ ଆୟରୁ ଭୁବନେଶ୍ୱର ବିକାଶ ପ୍ରାଧିକରଣ ବଞ୍ଚିତ ହୋଇଥିଲା**

ଓଡ଼ିଶା ବିକାଶ ପ୍ରାଧିକରଣ ନିୟମ 1983ର ନିୟମ 80 ଅନୁଯାୟୀ, ପ୍ରାଧିକରଣ ବିଭିନ୍ନ ସମୟରେ ଗଚ୍ଛିତ ଅତିରିକ୍ତ ପାଣ୍ଠିକୁ ବିନିଯୋଗ କରିପାରିବେ ଏବଂ ଏହାକୁ କୌଣସି ଜାତୀୟକରଣ ବ୍ୟାଙ୍କରେ ସୁଧ ଧାରଣ ଆକାଉଣ୍ଟରେ ଜମା କରିପାରିବେ କିମ୍ବା ପ୍ରାଧିକରଣ ଦ୍ୱାରା ଉପଯୁକ୍ତ ବିବେଚନା କରାଯାଉଥିବା କୌଣସି ସିକ୍ୟୁରିଟି କିମ୍ବା କୌଣସି ଡିବେନଚରରେ ବିନିଯୋଗ କରିପାରିବେ । ଅଡିଟ୍ ଦେଖିବାକୁ ପାଇଲେ ଯେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅନୁଚିତ ପାଣ୍ଠି ପରିଚାଳନା ଯୋଗୁଁ 2.56 କୋଟି ଟଙ୍କା ଅର୍ଜନ କରିବାର ସୁଯୋଗ ହରାଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି:

### *(କ) ଅବ୍ୟବହୃତ ପାଣ୍ଠି ସୁଧ ଅର୍ଜନ କରୁନଥିବା ଆକାଉଣ୍ଟରେ ଜମା ହେତୁ 1.04 କୋଟି ଟଙ୍କାର ସୁଧ କ୍ଷତି*

ଗୃହ ନିର୍ମାଣ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ବିଡିଏ (ସେପ୍ଟେମ୍ବର 2017) ଓଡ଼ିଶା ସହରୀ ଭିତ୍ତିଭୂମି ବିକାଶ ପାଣ୍ଠି (ଓୟୁଆଇଡିଏଫ୍)ରୁ 41.16 କୋଟି ଟଙ୍କା ପାଇଥିଲେ । ବସ୍ତି ବାସିନ୍ଦା ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଲୋକଙ୍କୁ ପୁନଃ ଥଇଥାନ କରିବା ଗୃହ ନିର୍ମାଣ ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା । ଋଣ ମଞ୍ଜୁର ଧାରା 7 (iv) ଅନୁଯାୟୀ, ବିଡିଏ ଏକ ଜାତୀୟକରଣ ବ୍ୟାଙ୍କରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ଥିଲା ଯେଉଁଥିରେ ବିଭିନ୍ନ ଉତ୍ସରୁ ପ୍ରାପ୍ତ ସମସ୍ତ ଋଣର ପରିମାଣ ଏବଂ ଅନୁଦାନ ରାଶି ଜମା ହେବ । ଋଣ ପ୍ରାପ୍ତ

ହେବାର ଦୁଇ ବର୍ଷ ମଧ୍ୟରେ ବିଡିଏ ଏକ ଏସ୍କ୍ରୋ ଆକାଉଣ୍ଟ ଖୋଲିବ । ଗୃହ ବିକ୍ରୟରୁ ଲବ୍ଧ ସମସ୍ତ ରାଜସ୍ୱ ଏହି ଏସ୍କ୍ରୋ ଆକାଉଣ୍ଟରେ ଜମା ହେବାର ଥିଲା ।

ଅଡିଟ୍ ଅଗଷ୍ଟ-ସେପ୍ଟେମ୍ବର 2018 ମଧ୍ୟରେ ବିଡିଏର ରେକର୍ଡ ଯାଞ୍ଚ ସମୟରେ ଲକ୍ଷ୍ୟ କଲେ ଯେ ସେପ୍ଟେମ୍ବର 2017 ରେ ଓୟୁଆଇଡିଏଫ୍‌ରୁ ଏହା 41.16 କୋଟି ଟଙ୍କା (ଋଣ ଏବଂ ଅନୁଦାନ 20.58 କୋଟି ଟଙ୍କା) ପାଇଥିଲେ । ଏହି ପ୍ରକଳ୍ପଗୁଡ଼ିକ ପାଇଁ ବିଡିଏ 20.58 କୋଟି ଟଙ୍କାର ନିଜସ୍ୱ ଅଂଶ ମଧ୍ୟ ପ୍ରଦାନ କରିଥିଲା । ସେପ୍ଟେମ୍ବର 2017 ରେ ମୋଟ 61.74 କୋଟି ଟଙ୍କାର ତିନୋଟି ଭିନ୍ନ ଏସ୍କ୍ରୋ ଆକାଉଣ୍ଟରେ ରଖାଯାଇଥିଲା ଯଦିଓ ଋଣ ମଞ୍ଜୁର ସର୍ତ୍ତାବଳୀ ଅନୁସାରେ ଏସ୍କ୍ରୋ ଆକାଉଣ୍ଟରେ ଏହି ଅର୍ଥ ଜମା କରିବାର ଅନୁମତି ନଥିଲା । କେବଳ ଗୃହ ବିକ୍ରୟରୁ ଲବ୍ଧ ରାଜସ୍ୱ ଏସ୍କ୍ରୋ ଆକାଉଣ୍ଟରେ ଜମା କରାଯିବାର ଥିଲା ।

ଯେହେତୁ ଏସ୍କ୍ରୋ ଆକାଉଣ୍ଟର ଜମା ଉପରେ ସୁଧ ଅର୍ଜନ ହୁଏ ନାହିଁ, ସେଥିରେ ଜମା ହୋଇଥିବା ଉକ୍ତ ପରିମାଣର ରାଶିରୁ କୌଣସି ସୁଧ ଅର୍ଜନ ହୋଇନଥିଲା । ବିଡିଏ କର୍ତ୍ତୃପକ୍ଷ ଏହା ହୃଦୟଙ୍ଗମ କରି (ଜାନୁଆରୀ 2018) ପାଣ୍ଠିକୁ ଏସ୍କ୍ରୋ ଆକାଉଣ୍ଟରୁ ଅଟୋ ସ୍ୱିପ୍ ସୁବିଧା ସହିତ ସଞ୍ଚୟ ଆକାଉଣ୍ଟକୁ ସ୍ଥାନାନ୍ତର କଲେ । ଏହି ସ୍ଥାନାନ୍ତର ପରେ ବିଡିଏ ଏହି ଜମା ଉପରେ 6.5 ପ୍ରତିଶତ[72] ହାରରେ ସୁଧ ଅର୍ଜନ କରିବାରେ ସଫଳ ହୋଇଥିଲା । ଏହିପରି ଭାବରେ, ଏସ୍କ୍ରୋ ଆକାଉଣ୍ଟରେ ରାଶି ଜମା କରିବାର ପ୍ରାରମ୍ଭିକ ନିଷ୍ପତ୍ତି, ଯଥାର୍ଥ ନଥିଲା, ଯାହାଫଳରେ ବିଡିଏ 1 ଅକ୍ଟୋବର 2017 ରୁ 4 ଜାନୁଆରୀ 2018 ମଧ୍ୟରେ 1.04 କୋଟି[73] ଟଙ୍କାର ସୁଧ ଅର୍ଜନରୁ ବଞ୍ଚିତ ହୋଇଥିଲା ।

ବିଡିଏର ଅର୍ଥ ସଦସ୍ୟ ବ୍ୟକ୍ତ କରିଥିଲେ (ଅଗଷ୍ଟ 2019) ଯେ କୌଣସି ଏଜେନ୍ସିରୁ ମିଳିଥିବା ଋଣକୁ ସେହି ଉଦ୍ଦେଶ୍ୟରେ ବିନିଯୋଗ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ବିନିଯୋଗ କରିବା ଉଚିତ ନୁହେଁ । ଓୟୁଆଇଡିଏଫ୍, ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଏଜେନ୍ସି ଭାବରେ ସୁଧ ଅର୍ଜନ ପାଇଁ ପାଣ୍ଠି ବିନିଯୋଗ କରିବାକୁ ଅନୁମତି ଦେଇପାରିବେ ନାହିଁ । ଅର୍ଥ ସଦସ୍ୟ ପୁନଶ୍ଚ ବ୍ୟକ୍ତ କଲେ ଯେ ଅଧିକ ଉପାର୍ଜନ ପାଇଁ ଏହି ପାଣ୍ଠିକୁ ଫ୍ଲେକ୍ସି ଆକାଉଣ୍ଟରେ ବିନିଯୋଗ କରାଯାଇଛି ।

ଏହି ଉତ୍ତର ଗ୍ରହଣୀୟ ନଥିଲା କାରଣ ଋଣ ମଞ୍ଜୁର ଆଦେଶ ଅନୁଯାୟୀ ବ୍ୟବହାର ପର୍ଯ୍ୟନ୍ତ ପାଣ୍ଠିକୁ ଏକ ଲାଭଜନକ ଆକାଉଣ୍ଟରେ ରଖିବାକୁ ବାରଣ କରାଯାଇ ନାହିଁ । ପୁନଶ୍ଚ, ପ୍ରଥମରୁ ପାଣ୍ଠିକୁ ଫ୍ଲେକ୍ସି ଆକାଉଣ୍ଟରେ ଜମା ନ କରି ପରବର୍ତ୍ତୀ ସମୟରେ ଉକ୍ତ ଆକାଉଣ୍ଟରେ ଜମା କରିବା ଦ୍ୱାରା ବିଡିଏର ଅର୍ଥ ସଦସ୍ୟ ନିଜ ଉକ୍ତିର ବିରୁଦ୍ଧାଚରଣ କରୁଛନ୍ତି । ତେଣୁ, ବିଡିଏ ଦ୍ୱାରା ଏହିପରି ସୁଧ କ୍ଷତି ପାଇଁ ଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଆବଶ୍ୟକ ।

### (ଗ) ସ୍ଥାୟୀ ଜମା ଆକାଉଣ୍ଟ ବଦଳରେ ସଞ୍ଚୟ ଆକାଉଣ୍ଟରେ ଅବ୍ୟବହୃତ ପାଣ୍ଠିକୁ ରଖିବା ଦ୍ୱାରା 1.52 କୋଟି ଟଙ୍କା ସୁଧର କ୍ଷତି

ସୁବୁଦ୍ଧିପୁର ହାଉସିଂ ପ୍ରୋଜେକ୍ଟ ପାଇଁ ଉଦ୍ଦିଷ୍ଟ ବ୍ୟାଙ୍କ୍ ପାସ୍ ବୁକ୍‌ଗୁଡ଼ିକର ଯାଞ୍ଚ ସମୟରେ (10 ଅଗଷ୍ଟ -12 ଅକ୍ଟୋବର 2018 ମଧ୍ୟରେ) ଅଡିଟ୍ ଲକ୍ଷ୍ୟ କଲେ ଯେ ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ ବ୍ୟାଙ୍କରେ ଥିବା ସେଭିଙ୍ଗ୍ ବ୍ୟାଙ୍କ୍ ଆକାଉଣ୍ଟରେ 15 ଅପ୍ରେଲ 2006 ରେ 2.48 କୋଟି ଟଙ୍କା ଗଚ୍ଛିତ ଥିଲା । ଏହା ପରେ ଉକ୍ତ ଆକାଉଣ୍ଟରେ କୌଣସି ଦେଣନେଣ କରାଯାଇନଥିଲା । ବିଡିଏ ଉକ୍ତ ଆକାଉଣ୍ଟରୁ ସମସ୍ତ 3.96 କୋଟି ଟଙ୍କା (1.48 କୋଟି ଟଙ୍କାର ସୁଧକୁ ଅନ୍ତର୍ଭୁକ୍ତ କରି) ପ୍ରତ୍ୟାହାର କରି 29 ଅଗଷ୍ଟ 2018 ରେ ଏକ ଫ୍ଲେକ୍ସି ଆକାଉଣ୍ଟରେ ଜମା କରିଥିଲେ । ଅଡିଟ୍ ଦେଖିଲେ ଯେ 12 ବର୍ଷ ପାଇଁ ବିଡିଏ ଦ୍ୱାରା ଯେହେତୁ ଏହି ରାଶିର ଆବଶ୍ୟକ ହୋଇନଥିଲା, ଏହାକୁ ବହୁ ପୂର୍ବରୁ ଏକ ସ୍ଥାୟୀ ଜମା ଆକାଉଣ୍ଟରେ ଜମା କରାଯାଇପାରିଥାନ୍ତା, ଯେଉଁଠାରେ ସୁଧର ହାର ସଞ୍ଚୟ ଆକାଉଣ୍ଟ ଠାରୁ ଅଧିକ । ତିନି ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ଜମା ଉପରେ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା 7.10 ପ୍ରତିଶତ ପ୍ରଚଳିତ ସୁଧ ହାରକୁ ବିଚାରକୁ ନେଲେ, ବିଡିଏ ମଇ 2006

72 ସେହି ସମୟରେ 45 ରୁ 179 ଦିନ ପାଇଁ ପ୍ରଚଳିତ

73 61.74 କୋଟି ଟଙ୍କା x 95 ଦିନ ପାଇଁ ବାର୍ଷିକ 6.5 ପ୍ରତିଶତ = 1.04 କୋଟି ଟଙ୍କା

ରୁ ଅଗଷ୍ଟ 2018 ମଧ୍ୟରେ 3.00 କୋଟି ଟଙ୍କା ସୁଧ ଅର୍ଜନ କରିପାରିଥାନ୍ତା । ଏହିପରି ଭାବରେ, ବିଡିଏର ଅର୍ଥ ସଦସ୍ୟଙ୍କ ଦ୍ୱାରା ଅନୁଚିତ ପାଣ୍ଠି ପରିଚାଳନା ହେତୁ ବିଡିଏ 1.52 କୋଟି ଟଙ୍କାର ଅତିରିକ୍ତ ସୁଧ ଅର୍ଜନ କରିବାର ସୁଯୋଗ ହରାଇଲା ।

ବିଡିଏର ଅର୍ଥ ସଦସ୍ୟ ନିଶ୍ଚିତ କରିଥିଲେ (ଅଗଷ୍ଟ 2019) ଯେ ଏହି ରାଶି ସ୍ଥାୟୀ ଜମା ଆକାଉଣ୍ଟରେ ଜମା କରାଯାଇଛି । ପ୍ରକୃତ ତଥ୍ୟ ଏହା ଯେ, ବିଡିଏର ଅର୍ଥ ସଦସ୍ୟଙ୍କ ଦ୍ୱାରା ଅନୁଚିତ ପାଣ୍ଠି ପରିଚାଳନା ହେତୁ ବିଡିଏ 1.52 କୋଟି ଟଙ୍କା ଅତିରିକ୍ତ ସୁଧ ଅର୍ଜନ କରିବାର ସୁଯୋଗ ହରାଇଲା ।

ଉପରୋକ୍ତ ବିଷୟ ସରକାରଙ୍କୁ (ସେପ୍ଟେମ୍ବର 2020) ଅବଗତ କରାଯାଇଥିଲା; ଉତ୍ତର ପ୍ରତୀକ୍ଷିତ ଅଛି (ଜୁଲାଇ 2021) ।

**ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ**

## 2.7 ଚେକ୍ ଡ୍ୟାମ୍ ନିର୍ମାଣରେ ବ୍ୟୟ ହୋଇଥିବା ଅର୍ଥ ଫଳପ୍ରଦ ନହେବା

**ଯୋଜନାର ଅଭାବ, ଅନୁପଯୁକ୍ତ ଜାଗା ଚୟନ, ତ୍ରୁଟିପୂର୍ଣ୍ଣ ପରିକଳ୍ପନା ସହିତ ଚେକ୍ ଡ୍ୟାମ୍ ନିର୍ମାଣକୁ ସମ୍ପୂର୍ଣ୍ଣ କରିବାରେ ବିଫଳତା ଯୋଗୁଁ କୃଷକମାନଙ୍କର ଜଳସେଚନର ଆବଶ୍ୟକତାକୁ ପୂରଣ କରିବାରେ ଅଭିଳଷିତ ଉଦ୍ଦେଶ୍ୟ ବିଫଳ ହେବା ଫଳରେ ଖର୍ଚ୍ଚ ହୋଇଥିବା 2.33 କୋଟି ଟଙ୍କା ଫଳପ୍ରଦ ହୋଇନଥିଲା ।**

ପଞ୍ଚାୟତି ରାଜ ଏବଂ ପାନୀୟ ଜଳ (ପିଆର୍‌ଆଣ୍ଡଡିଡବ୍ଲୁ) ବିଭାଗ ଚେକ୍ ଡ୍ୟାମ୍ ନିର୍ମାଣ କରିବା ପାଇଁ ସମସ୍ତ ନିର୍ବାହୀ ସଂସ୍ଥାମାନଙ୍କୁ ବୈଷୟିକ ଉପଯୋଗୀ ଜାଗା ବାଛିବା ଉପରେ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ (ଜାନୁଆରୀ 2012) ଦେଇଥିଲେ । ଜାଗା ବାଛିବା ସମୟରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ଶସ୍ୟ ଯୋଜନାକୁ ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଥିଲା । ନିର୍ଦ୍ଦେଶ ଅନୁଯାୟୀ ଉପଯୁକ୍ତ ଜାଗା ଚୟନ, ଚେକ୍ ଡ୍ୟାମର ନକ୍ସା ଏବଂ ଆକଳନ ପ୍ରସ୍ତୁତ କରିବା ସମୟରେ କାର୍ଯ୍ୟନିର୍ବାହୀ ସଂସ୍ଥାମାନେ ସଂପୃକ୍ତ କ୍ଷୁଦ୍ର ଜଳସେଚନ (ଏମ୍‌ଆଇ) ବିଭାଜନର[74] ଯାନ୍ତ୍ରିକ କର୍ମଚାରୀମାନଙ୍କ ସହିତ ପରାମର୍ଶ କରିବାର ଥିଲା । ଚେକ୍ ଡ୍ୟାମ୍ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ କୃଷକ ଗୋଷ୍ଠୀଙ୍କୁ ହସ୍ତାନ୍ତର କରାଯିବା କଥା ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଜିଏସ୍) କାର୍ଯ୍ୟକାରୀ ମାର୍ଗଦର୍ଶିକାର ଅନୁଚ୍ଛେଦ 1.2 ରେ ମଜୁରିଭିତ୍ତିକ ରୋଜଗାର ବ୍ୟବସ୍ଥା ସହିତ ଗ୍ରାମୀଣ ଜୀବିକା ନିମନ୍ତେ ପ୍ରାକୃତିକ ସମ୍ବଳକୁ ମଜଭୁତ୍ କରିବା ବିଷୟ ଉଲ୍ଲେଖ କରାଯାଇଛି । ସୁତରାଂ, ଗ୍ରାମାଞ୍ଚଳରେ ସ୍ଥାୟୀ ସମ୍ବଳ ସୃଷ୍ଟି କରିବା ଏବଂ ଜମିକୁ ଉତ୍ପାଦନକ୍ଷମ କରିବା ବିଷୟ ମାର୍ଗଦର୍ଶିକାରେ ଉଲ୍ଲେଖ ଥିଲା ।

ଅଡିଟ୍ ସାତଟି ପଞ୍ଚାୟତ ସମିତି (ପିଏସ୍) ଅନ୍ତର୍ଗତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଏବଂ ଦୁଇଟି ଗ୍ରାମ ପଞ୍ଚାୟତ(ଜିପି) ନଥିପତ୍ରର ସମୀକ୍ଷା ଯାଞ୍ଚ କରିଥିଲେ (ଜାନୁଆରୀ 2018 ଏବଂ ଡିସେମ୍ବର 2019 ମଧ୍ୟରେ) । 2009-2018 ଅବଧି ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ 3.13 କୋଟି ଟଙ୍କାରେ 48 ଟି ଚେକ୍ ଡ୍ୟାମର ନିର୍ମାଣ ପାଇଁ ଆକଳନ ହୋଇଥିବା ଅଡିଟ୍ ଦୃଷ୍ଟିକୁ ଆସିଥିଲା । ମାର୍ଚ୍ଚ 2018 ସୁଦ୍ଧା 2.48 କୋଟି ଟଙ୍କା ବ୍ୟୟରେ 37 ଟି ଚେକ୍ ଡ୍ୟାମର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । 30.53 ଲକ୍ଷ ଟଙ୍କା ଖର୍ଚ୍ଚ କଲେ ମଧ 11 ଟି ଚେକ୍ ଡ୍ୟାମ୍ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିଲା । ଚେକ୍ ଡ୍ୟାମ୍ ଗୁଡିକର ନିର୍ମାଣ ଓ ବ୍ୟବହାରରେ ହୋଇଥିବା ନିମ୍ନ ତ୍ରୁଟିଗୁଡିକ ଯୋଗୁଁ ଅଭିଳଷିତ ଲକ୍ଷ୍ୟ ହାସଲ ହୋଇନଥିବା କଥା ଅଡିଟ୍ ଦୃଷ୍ଟିକୁ ଆସିଥିଲା ।

### *କ. ଚେକ୍ ଡ୍ୟାମ ନିର୍ମାଣରେ ନିଷ୍ଫଳ ଖର୍ଚ୍ଚ: 2.03 କୋଟି ଟଙ୍କା*

2.03 କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା 37 ଟି ଚେକ୍ ଡ୍ୟାମ୍ ମଧ୍ୟରୁ ଅଡିଟ୍ 30 ଟି (81 ପ୍ରତିଶତ) ଚେକ୍ ଡ୍ୟାମର ଯୁଗ୍ମ ବସ୍ତୁଗତ ନିରୀକ୍ଷଣ କରିଥିଲେ । ଅଡିଟ୍ ଦେଖିବାକୁ ପାଇଥିଲେ ଯେ, ଏହି ଚେକ୍ ଡ୍ୟାମ୍

[74] ଜଳବିଭାଗ ଅଧୀନରେ ଆସୁଅଛି

ଗୁଡ଼ିକ ଚାଷ ଜମିରେ ଜଳସେଚ଼ନ ଉଦ୍ଦେଶ୍ୟରେ ଉପଯୋଗ ହେଉନଥିଲା । ଉପଯୋଗ ନ ହେବାର କାରଣ ତ୍ରୁଟିପୂର୍ଣ୍ଣ ଜାଗା ଚୟନ ଥିଲା, ଯାହା ଚେକ୍ ଡ୍ୟାମ୍ ପାର୍ଶ୍ୱରେ ଚାଷଜମିର ଅନୁପଲବ୍ଧତା, ଜଳଧାରଣ ନିମନ୍ତେ ଜାଗାର ଅଭାବ, ଇତ୍ୟାଦିରୁ ସ୍ପଷ୍ଟ ହେଉଥିଲା । ବସ୍ତୁଗତ ଭାବରେ ନିରୀକ୍ଷିତ 30 ଟି ଚେକ୍ ଡ୍ୟାମର ତ୍ରୁଟିବିଚ୍ୟୁତି ଗୁଡିକର ବିଶଦ ବିବରଣୀ ***ପରିଶିଷ୍ଟ 2.7.1*** ରେ ଦର୍ଶାଯାଇଅଛି ।

ଅଡିଟ୍ ଲକ୍ଷ୍ୟ କଲା ଯେ, ଜାଗାର ବୈଷୟିକ ସମ୍ଭାବ୍ୟ ଚୂଡ଼ାନ୍ତ କରିବା ପୂର୍ବରୁ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ (ବିଡିଓ) ସଂପୃକ୍ତ ଲଘୁ ଜଳସେଚନ ବିଭାଜନର ଯାନ୍ତ୍ରିକ କର୍ମଚାରୀମାନଙ୍କ ସହିତ ପରାମର୍ଶ କରିନଥିଲେ କିମ୍ବା ଏହିସବୁ ଚେକ୍ ଡ୍ୟାମ୍ ଗୁଡ଼ିକର ନକ୍ସା ଏବଂ ଆକଳନଗୁଡ଼ିକ ଚୂଡ଼ାନ୍ତ କରିବା ପୂର୍ବରୁ ଲଘୁ ଜଳସେଚନ ବିଭାଜନର ବୈଷୟିକ ତଥ୍ୟ ହାସଲ କରିନଥିଲେ । ଏହାଛଡ଼ା ଜାଗା ବାଛିବା ସମୟରେ କୃଷକମାନଙ୍କ ସହିତ, ବିଶେଷ କରି ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କ ଦ୍ୱାରା ଯୋଜନା କରାଯାଇଥିବା ଫସଲ ଉତ୍ପାଦନ ଢାଞ୍ଚାକୁ ଜାଣିବା ପାଇଁ କୃଷକମାନଙ୍କର ପରାମର୍ଶ ନିଆଯାଇନଥିଲା । ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ପରେ ଚେକ୍ ଡ୍ୟାମ୍ ଗୁଡିକୁ ଉପଯୋଗ ପାଇଁ କୃଷକ ଗୋଷ୍ଠୀ/ ପାଣି ପଞ୍ଚାୟତ ମାନଙ୍କୁ ହସ୍ତାନ୍ତର କରାଯାଇ ନଥିଲା ।



*କୃଷିଭିତ୍ତିକ ଜମି ହୋଇନଥିବା ଖଣ୍ଡପଡ଼ା ବ୍ଲକର ମର୍ଦରାଜପୁର ଗ୍ରାମ ପଞ୍ଚାୟତ ଠାରେ ଗତିରୋଧ ବନ୍ଧ*

ଏହିପରି ଭାବରେ, ଯୋଜନାଗତ ତ୍ରୁଟି, ତ୍ରୁଟିପୂର୍ଣ୍ଣ ଜାଗା ଚୟନ, ଭୁଲ୍ ନକ୍ସା ଏବଂ ଜାଗା ଚୟନ ପୂର୍ବରୁ କୃଷକମାନଙ୍କର ସଂପୃକ୍ତିର ଅଭାବର ଫଳସ୍ୱରୂପ ଚେକ୍ ଡ୍ୟାମ୍ ଗୁଡିକ ଉପଯୋଗ ହୋଇପାରି ନଥିଲା, ଯାହାଫଳରେ 2.03 କୋଟି ଟଙ୍କା ବ୍ୟୟ ଫଳପ୍ରଦ ହୋଇନଥିଲା । ଅଧିକନ୍ତୁ, ସ୍ଥାୟୀ ସମ୍ବଳ ସୃଷ୍ଟି ମାଧମରେ ଗ୍ରାମୀଣ ଜୀବନ ଜୀବିକା ପାଇଁ ପ୍ରାକୃତିକ ସମ୍ବଳକୁ ମଜବୁତ୍ କରିବା ଏବଂ ଜମିର ଉତ୍ପାଦିକା ଶକ୍ତିରେ ଉନ୍ନତି ଆଣିବାର ଏମ୍‌ଜିଏନ୍‌ଆର୍‌ଇଜିଏ ର ଅତିରିକ୍ତ ଉଦ୍ଦେଶ୍ୟ ହାସଲ ହୋଇପାରିନଥିଲା ।

### *ଖ. ଅସମ୍ପୂର୍ଣ୍ଣ ଚେକ୍ ଡ୍ୟାମ୍ ବାବଦରେ ନିଷ୍ଫଳ ଖର୍ଚ୍ଚ: 30.53 ଲକ୍ଷ ଟଙ୍କା*



*ଟାଙ୍ଗି ଚୌଦ୍ୱାର ବ୍ଲକଠାରେ ସୁନାମୁହିଁ ମୁନ୍ଦାକର ଜୋର ଉପରେ ଅସମ୍ପୂର୍ଣ୍ଣ ଗତିରୋଧ ବନ୍ଧ*

ଅଡିଟ୍ ମଧ ଦେଖିବାକୁ ପାଇଥିଲା 30.53 ଲକ୍ଷ ଟଙ୍କା ବ୍ୟୟ ହେଲା ପରେ 11 ଟି ଚେକ୍ ଡ୍ୟାମ୍ ସମ୍ପୂର୍ଣ୍ଣ ହେବାର ଧାର୍ଯ୍ୟ ତାରିଖ[75] ଠାରୁ 18 ରୁ 72 ମାସ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଥିଲା (***ପରିଶିଷ୍ଟ 2.7.2***) । ଯଦିଓ ଅଡିଟ୍ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାର କୌଣସି ନଥିଭୁକ୍ତ କାରଣ ପାଇନଥିଲେ, ସଂପୃକ୍ତ ବିଡିଓ ପ୍ରକଳ୍ପ କାର୍ଯ୍ୟର ସମୟାନୁଯାୟୀ ଅଗ୍ରଗତିକୁ ପର୍ଯ୍ୟବେକ୍ଷଣ କରିନଥିବା ଦେଖାଯାଇଥିଲା । ଫଳସ୍ୱରୂପ

[75] ଖଇରାପୁର ବ୍ଲକର କନ୍ଧଗୁଡ଼ା ଗତିରୋଧ ବନ୍ଧ, ଫେବୃଆରୀ 2015, ଖଇରାପୁର ବ୍ଲକର ମୁକ୍ରିଗୁଡ଼ା ଗତିରୋଧ ବନ୍ଧ-ମାର୍ଚ୍ଚ 2013, ମଙ୍ଗରାଜପୁର ଖଣ୍ଡିଆ ଗତିରୋଧ ବନ୍ଧ, ଥୁଣ୍ଟିମୁହିଁ ଗତିରୋଧ ବନ୍ଧ, ହଳଦୀବସନ୍ତ ଗତିରୋଧ ବନ୍ଧ, କାନପୁର ଗତିରୋଧ ବନ୍ଧ, ଟାଙ୍ଗି-ଚୌଦ୍ୱାର ବ୍ଲକର କୋଲାଡିହ ବନ୍ଧ ଗତିରୋଧ ବନ୍ଧ-ଜୁନ୍ 2012 ତେଲକୋଇ ବ୍ଲକର ଲୋକନାଥପୁର ଡାକୁଆସର ଗତିରୋଧ ବନ୍ଧ-ଜାନୁଆରୀ 2017, ତେଲକୋଇ ବ୍ଲକର ଲୋକନାଥପୁର ଜମ୍ବୁତଳିସର ଗତିରୋଧ ବନ୍ଧ-ଜୁଲାଇ 2016

ବ୍ୟୟ ହୋଇଥିବା 30.53 ଲକ୍ଷ ଟଙ୍କା ଫଳପ୍ରଦ ହୋଇନଥିଲା ।

ଏହିପରି ଭାବରେ ଯୋଜନାଗତ ତ୍ରୁଟି, ତ୍ରୁଟିପୂର୍ଣ୍ଣ ଜାଗା ଚୟନ ଏବଂ ଚେକ୍ ଡ୍ୟାମର ଭୁଲ ନକ୍ସା ସହିତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ବିଫଳତା ଯୋଗୁଁ କୃଷକମାନଙ୍କର ଅଭିଳଷିତ ଜଳସେଚନର ଆବଶ୍ୟକୀୟ ଉଦ୍ଦେଶ୍ୟ ପୂରଣ ହୋଇପାରିନଥିଲା । ଫଳସ୍ବରୂପ, ଚେକ୍ ଡ୍ୟାମ୍ ନିର୍ମାଣ ନିମନ୍ତେ ବ୍ୟୟ ହୋଇଥିବା 2.33 କୋଟି ଟଙ୍କା ନିଷ୍ଫଳ ହୋଇଥିଲା ।

ବିଡିଓ କିମ୍ବା ପିଇଓ ମାନେ ଏହିପରି ନିଷ୍ଫଳ ଚେକ୍ ଡ୍ୟାମର ନିର୍ମାଣ କିମ୍ବା ଅସମ୍ପୂର୍ଣ୍ଣ ରହିବାର କୌଣସି ଯୁକ୍ତିସଙ୍ଗତ କାରଣ ପ୍ରଦାନ କରିନଥିଲେ (ଜୁନ୍ 2018 ରୁ ଜାନୁଆରୀ 2019) । ସେମାନେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକୁ ପାଣି ପଞ୍ଚାୟତକୁ ହସ୍ତାନ୍ତର ପୂର୍ବକ ସେଗୁଡ଼ିକୁ ଉପଯୋଗ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।



*ଖଣ୍ଡପଡ଼ା ବ୍ଲକର ବେଣାଗାଡ଼ିଆ ଗ୍ରାମ ପଞ୍ଚାୟତର ଶାମୁକାନଳା ଉପରେ ଜଳଭଣ୍ଡାର ପାଇଁ ଜାଗା ନଥିବା ଗତିରୋଧ ବନ୍ଧ*

ଉତ୍ତରଗୁଡ଼ିକ ଯୁକ୍ତିଯୁକ୍ତ ନଥିଲା କାରଣ ଚେକ୍ ଡ୍ୟାମ୍ ପାଇଁ ଜାଗା ଚୟନ ନିମନ୍ତେ ବୈଷୟିକ କାର୍ଯ୍ୟକର୍ତ୍ତାମାନଙ୍କୁ ଜଡ଼ିତ କରାଇବା ଏବଂ କୃଷକମାନଙ୍କର ଯୋଗଦାନ ସମ୍ପର୍କିତ ବିଭାଗୀୟ ନିର୍ଦ୍ଦେଶକୁ ଅନୁପାଳନ ନ କରିବା ଫଳରେ ବାଞ୍ଛିତ ଲକ୍ଷ୍ୟ ହାସଲ ହୋଇପାରି ନଥିଲା । ଏହା ମଧ ଲକ୍ଷ୍ୟ କରାଯାଇଥିଲା ଯେ, 19 ଟି ମାମଲାରେ ଉପର କିମ୍ବା ନିମ୍ନ ଭାଗରେ ଚାଷ ଜମି ନଥିଲା, ଛଅଟି ମାମଲାରେ ଜଳଭଣ୍ଡାର ପାଇଁ ବ୍ୟବସ୍ଥା ନଥିଲା, ଚାରୋଟି ମାମଲାରେ ଜମି ଉପରି ଭାଗରେ ଥିବା ହେତୁ ପାଣି ପହଞ୍ଚିପାରୁ ନଥିଲା ଏବଂ ଗୋଟିଏ ମାମଲାରେ ଜଳ ଭଣ୍ଡାର ପାଇଁ ଜାଗା ଉପଲବ୍ଧ ନଥିଲା ।

ଉପରୋକ୍ତ ବିଷୟ ସରକାରଙ୍କୁ ଅବଗତ କରାଯାଇଥିଲା (ଜୁନ୍ 2021); ଉତ୍ତର ପ୍ରତୀକ୍ଷିତ ଅଛି (ଜୁଲାଇ 2021) ।

## 2.8 ରାଜ୍ୟରେ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ ଏବଂ ଉପଯୋଗରେ ହୋଇଥିବା ବ୍ୟୟ ଫଳପ୍ରଦ ନହେବା

**1.34 କୋଟି ଟଙ୍କା ମୂଲ୍ୟରେ ନିର୍ମାଣ ହୋଇଥିବା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସମ୍ପୂର୍ଣ୍ଣ ହେବା ପରେ ଉପଯୋଗ ନହେବା ଅଥବା ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଉପଯୋଗ ହେବାର ଫଳସ୍ୱରୁପ ବ୍ୟୟ ହୋଇଥିବା 1.34 କୋଟି ଟଙ୍କା ଫଳପ୍ରଦ ହୋଇନଥିଲା ।**

ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର (ବିଏନ୍ଆର୍‌ଜିଏସ୍‌କେ) ଗୁଡ଼ିକର ରଚନାତ୍ମକ ଉଦ୍ଦେଶ୍ୟ ହେଲା ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ସ୍ତରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର କାର୍ଯ୍ୟାନ୍ୱୟନକୁ ସୁଗମ କରିବା ପାଇଁ ଏକ ଉତ୍ସର୍ଗୀକୃତ ଦପ୍ତର ପାଇଁ ଜାଗାର ବ୍ୟବସ୍ଥା କରିବା । ଜବ୍ କାର୍ଡ ପାଇଁ ଦରଖାସ୍ତ ଦାଖଲ ଏବଂ କାମ ପାଇଁ ଦାବି, ଅଭିଯୋଗଗୁଡ଼ିକର ଦାଖଲ ଏବଂ ହାଜିରା ନାମାବଳୀ ଯାଞ୍ଚ ବ୍ୟତୀତ ଜ୍ଞାନ ସମ୍ବଳ କେନ୍ଦ୍ର ଭାବରେ କାର୍ଯ୍ୟ କରିବା ପାଇଁ ଏହି କୋଠାବାଡ଼ି ଗୁଡ଼ିକୁ

ବ୍ୟବହାର କରାଯିବା କଥା । ସୃଷ୍ଟି କରାଯାଇଥିବା ସମ୍ପଳର ସୁପରିଚାଳନା ଏବଂ ନିୟନ୍ତ୍ରଣ ପାଇଁ ଏହି ସବୁ କୋଠାବାଡ଼ି ଗୁଡ଼ିକ ଗ୍ରାମ ପଞ୍ଚାୟତ/ ପଞ୍ଚାୟତ ସମିତି କୋଠାବାଡ଼ିର ଢାଞ୍ଚା ସହିତ ସଂଯୁକ୍ତ ହୋଇ ରହିବ କିମ୍ବା ସେଗୁଡିକ ନିକଟରେ ରହିବ । ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ସ୍ତରରେ କୋଠାବାଡ଼ି ନିର୍ମାଣର ସର୍ବୋଚ୍ଚ ମୂଲ୍ୟ ଯଥାକ୍ରମେ 10 ଲକ୍ଷ ଟଙ୍କା ଏବଂ 25 ଲକ୍ଷ ଟଙ୍କା ରହିଥିଲା । ଏହି ମୂଲ୍ୟ ଗ୍ରାମ ପଞ୍ଚାୟତ ପାଇଁ 17 ଲକ୍ଷ ଟଙ୍କା ଏବଂ ପଞ୍ଚାୟତ ସମିତି ପାଇଁ 30 ଲକ୍ଷ ଟଙ୍କାକୁ ସଂଶୋଧନ କରାଯାଇଥିଲା (ଅଗଷ୍ଟ 2013) ।

ଅଡିଟ୍ 25 ଟି ପଞ୍ଚାୟତ ସମିତିର ନଥିପତ୍ରର ନମୁନା ଯାଞ୍ଚ କରି ଲକ୍ଷ୍ୟ କଲେ (ଅଗଷ୍ଟ 2019 ରୁ ଜାନୁଆରୀ 2020) ଯେ, ଛଅଟି ପଞ୍ଚାୟତ ସମିତିରେ[76] ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) 1.40 କୋଟି ଟଙ୍କା ଅଟକଳ ମୂଲ୍ୟରେ 14 ଟି ବିଏନ୍ଆର୍‌ଜିଏସ୍‌କେ କୋଠାବାଡ଼ିର ନିର୍ମାଣ କରିବା କାର୍ଯ୍ୟ ହାତକୁ ନେଇଥିଲେ ଏବଂ ସେଗୁଡିକୁ 1.34 କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ କରିଥିଲେ । ଯାହାହେଉ, ସମ୍ପୂର୍ଣ୍ଣ ହୋଇଥିବା କୋଠାବାଡ଼ି ଉପଯୋଗ ନହେବା ଅଥବା ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ହୋଇଥିବା ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି:

***(କ) ସମ୍ପୂର୍ଣ୍ଣ ହୋଇଥିବା କୋଠାବାଡ଼ିରେ ହୋଇଥିବା ବ୍ୟୟ ଫଳପ୍ରଦ ନହେବା***

ଚାରୋଟି ପଞ୍ଚାୟତ ସମିତିରେ[77] ନଭେମ୍ବର 2011 ଠାରୁ ଜୁନ୍ 2013 ମଧ୍ୟରେ 85.70 ଲକ୍ଷ ଟଙ୍କା (***ପରିଶିଷ୍ଟ 2.8.1***) ବ୍ୟୟରେ ନଅଟି ବିଏନ୍ଆର୍‌ଜିଏସ୍‌କେ କୋଠାବାଡ଼ିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଠାରୁ ଛଅ ରୁ ଆଠ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ବ୍ୟବହୃତ ନହୋଇ ରହିଥିଲା । ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏହା ଦୂରରେ ଥିବା ହେତୁ ମାର୍ଶାଘାଇ ପଞ୍ଚାୟତ ସମିତିରେ ନିର୍ମାଣ ହୋଇଥିବା ଦୁଇଟି ବିଏନ୍ଆର୍‌ଜିଏସ୍‌କେ କୋଠା ବ୍ୟବହୃତ ହୋଇପାରି ନଥିଲା । ତିନୋଟି ପଞ୍ଚାୟତ ସମିତିରେ ଥିବା ଅବଶିଷ୍ଟ ସାତଟି କୋଠାବାଡ଼ି ଉପଯୋଗ ନ ହୋଇପାରିବାର କୌଣସି କାରଣ ପ୍ରଦାନ କରାଯାଇ ନଥିଲା ।



**ଆଳି ପଞ୍ଚାୟତ ସମିତିର ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ଉପଯୋଗ ହୋଇନଥିବା ବିଏନ୍ଆର୍‌ଜିଏସ୍‌କେ କୋଠାଘର**

ଉତ୍ତରରେ, ବିଡିଓମାନେ (ଯାଜପୁର ଏବଂ ସୁକିନ୍ଦା) ବ୍ୟକ୍ତ କରିଥିଲେ (ଜାନୁଆରୀ 2020) ଯେ, ଏମ୍‌ଜିଏନ୍ଆର୍‌ଜିଏସ୍‌ର କାର୍ଯ୍ୟାନ୍ୱୟନକୁ ସୁଗମ କରିବା ଉଦ୍ଦେଶ୍ୟରେ କୋଠାବାଡ଼ି ଗୁଡ଼ିକୁ ଉପଯୋଗ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ।

***(ଖ) କୋଠାବାଡ଼ିର ଉପଯୋଗରେ ଅନିୟମିତତା***

48.77 ଲକ୍ଷ ଟଙ୍କା ବ୍ୟୟରେ ଚାରୋଟି ପଞ୍ଚାୟତ ସମିତିରେ[78] ପାଞ୍ଚଟି କୋଠାଘର (ଅକ୍ଟୋବର 2011 ରୁ ଜୁଲାଇ 2013) ନିର୍ମାଣ କରାଯାଇଥିଲା (***ପରିଶିଷ୍ଟ 2.8.2***) । ଅଡିଟ୍ ଲକ୍ଷ୍ୟ କଲେ ଯେ କୋଠାଘର ଗୁଡ଼ିକ ଅନଧିକୃତ ଭାବରେ (i) ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଦଖଲ କରାଯାଇଥିଲା (ଡେରାବିଶ ଏବଂ

[76] ମାର୍ଶାଘାଇ, ଯାଜପୁର, ସୁକିନ୍ଦା, ପୋଲସରା, ଆଳି ଓ ଡେରାବିଶ୍

[77] ପୋଲସରା, ମାର୍ଶାଘାଇ, ସୁକିନ୍ଦା ଓ ଯାଜପୁର

[78] ଡେରାବିଶ. ପୋଲସରା, ମାର୍ଶାଘାଇ ଏବଂ ଆଳି

ଆଳି), (ii) ଏକ ମନ୍ଦିର ଦ୍ୱାରା ବ୍ୟବହୃତ (ପୋଲସରା ପିଏସ୍), (iii) ସ୍ଥାନୀୟ ଥାନା ଭାବରେ ବ୍ୟବହୃତ (ମାର୍ଶାଘାଇ ପିଏସ୍) ଏବଂ (iv) ପିଡିଏସ୍ ଷ୍ଟୋର ଏବଂ ଦୋକାନ ଭାବରେ ବ୍ୟବହୃତ (ମାର୍ଶାଘାଇ ପିଏସ୍)।



ପୋଲସରା ପଞ୍ଚାୟତ ସମିତିରେ ଚିରିକିପଡ଼ା ଶାସନର ବିଏନ୍ଆର୍‌ଜିଏସ୍‌କେ କୋଠାଘର ମନ୍ଦିର ଦ୍ୱାରା ବ୍ୟବହୃତ

ମାର୍ଶାଘାଇ ପୋଲିସ୍ ଷ୍ଟେସନର ଇନସ୍ପେକ୍ଟର ଇନ୍ ଚାର୍ଜଙ୍କ ଅନୁରୋଧ କ୍ରମେ କୋଠାଘର ଆବଣ୍ଟନ କରାଯାଇଥିବା କଥା ବିଡିଓ, ମାର୍ଶାଘାଇ ବ୍ୟକ୍ତ କରିଥିବା (ସେପ୍ଟେମ୍ବର 2019) ବେଳେ, ଡେରାବିଶ ଏବଂ ଆଳିର ବିଡିଓ ମାନେ କୋଠାଗୁଡିକୁ ଅନଧିକୃତ ଦଖଲରୁ ମୁକ୍ତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ବିଷୟ ବ୍ୟକ୍ତ କରିଥିଲେ । ପୋଲସରା ବିଡିଓ ଅଡିଟ୍‌କୁ କୌଣସି ସନ୍ତୋଷଜନକ ଉତ୍ତର ପ୍ରଦାନ କରିନଥିଲେ । ଏହିପରି ଭାବରେ, କୋଠାବାଡି ଗୁଡିକ ଉପଯୋଗ ନ ହେବା ଏବଂ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଉପଯୋଗ ହେବାର ଫଳସ୍ୱରୁପ ବ୍ୟୟ କରାଯାଇଥିବା 1.34 କୋଟି ଟଙ୍କା ନିଷ୍ଫଳ ହୋଇଥିଲା । ପୁନଶ୍ଚ, ଗ୍ରାମ ପଞ୍ଚାୟତ ସ୍ତରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ର କାର୍ଯ୍ୟାନ୍ୱୟନକୁ ସୁଗମ କରିବା ପାଇଁ ଏକ ଉତ୍ସର୍ଗୀକୃତ ଦପ୍ତରର ବ୍ୟବସ୍ଥା କରିବାର ମୁଖ୍ୟ ଉଦ୍ଦେଶ୍ୟ ପୂରଣ ହୋଇପାରି ନଥିଲା ।

ଅଡିଟ୍ ଦ୍ୱାରା ନମୁନା ଯାଞ୍ଚ ହୋଇନଥିବା ଅନ୍ୟ ପଞ୍ଚାୟତ ସମିତି ଗୁଡିକ ଅଧିନରେ ଥିବା ବିଏନ୍‌ଆର୍‌ଜିଏସ୍‌କେ କୋଠାବାଡ଼ି ଗୁଡିକର ଉପଯୋଗକୁ ସରକାର ସମୀକ୍ଷା କରିବା ଦରକାର ଏବଂ ଅଭିଳକ୍ଷିତ ପରିକଳ୍ପନାର ଲକ୍ଷ୍ୟ ଆଧାରରେ ଉପଯୋଗକୁ ସୁନିଶ୍ଚିତ କରିବା ଦରକାର ।

ଏହି ବିଷୟ ସରକାରଙ୍କୁ ଅବଗତ କରାଯାଇଥିଲା (ମାର୍ଚ୍ଚ 2021); ଉତ୍ତର ପ୍ରତୀକ୍ଷିତ ଅଛି (ଜୁଲାଇ 2021)।

## 2.9 ପାଣ୍ଠିର ସନ୍ଦେହଜନକ ଅପବ୍ୟବହାର

**ମୃତ ହିତାଧିକାରଙ୍କ ନାମରେ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ପୂର୍ବତନ ସରପଞ୍ଚମାନଙ୍କ ଦ୍ୱାରା ବର୍ଷ ବର୍ଷ ଧରି ଟଙ୍କା ଜମା ନ କରି ପାଖରେ ରଖିବା ଏବଂ ନଥିର ହେରଫେର କରିବା ଫଳରେ 6.70 ଲକ୍ଷ ଟଙ୍କାର ସରକାରୀ ଅର୍ଥର ଅପବ୍ୟବହାର ସନ୍ଦେହ ଘେରରେ ରହିଥିଲା ।**

### *ମୃତ ହିତାଧିକାରୀଙ୍କ ନାମରେ 0.50 ଲକ୍ଷ ଟଙ୍କା ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ*

ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ଭାରତ ସରକାରଙ୍କ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଯାହା ବୃଦ୍ଧ, ବିଧବା ଏବଂ ଭିନ୍ନକ୍ଷମମାନଙ୍କୁ ସାମାଜିକ ପେନ୍‌ସନ୍ ଆକାରରେ ଆର୍ଥିକ ସହାୟତା ପ୍ରଦାନ କରିଥାଏ । ମଧୁବାବୁ ପେନ୍‌ସନ୍ ଯୋଜନା (ଏମ୍‌ବିପିୱାଇ) ଓଡ଼ିଶା ସରକାରଙ୍କ ଏକ ଯୋଜନା ଯେଉଁଥିରେ 60 ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ବିଧବା (ବୟସ ନିର୍ବିଶେଷରେ) ଏଡ୍‌ସ ରୋଗୀ ଏବଂ ବାର୍ଷିକ ଆୟ 12,000 ଟଙ୍କାରୁ କମ ଥିବା ବିକଳାଙ୍ଗ ବ୍ୟକ୍ତି ମାନଙ୍କୁ ଭତ୍ତା ଯୋଗାଇ ଦିଆଯାଇଥାଏ । ଏନ୍‌ଏସ୍‌ଏପି ମାର୍ଗଦର୍ଶିକା ଏବଂ ଏମ୍‌ବିପିୱାଇ ନିୟମ 2008 ଅନୁଯାୟୀ, ଗ୍ରାମ ପଞ୍ଚାୟତ/ ପଞ୍ଚାୟତ ସମିତି ପ୍ରତ୍ୟେକ ପେନ୍‌ସନ୍‌ଭୋଗୀଙ୍କ ମୃତ୍ୟୁ ମାମଲା ବିଷୟରେ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କୁ ରିପୋର୍ଟ

ପ୍ରଦାନ କରିବେ । ପୁନଶ୍ଚ, ଭତ୍ତାଭୋଗୀ ଜୀବିତ ଥିବା ଏବଂ ସମସ୍ତ ଯୋଗ୍ୟତା ସର୍ତ୍ତ ପୂରଣ କରୁଥିବା ବିଷୟକୁ ସୁନିଶ୍ଚିତ କରିବା ପାଇଁ କ୍ଷମତାସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ବାର୍ଷିକ ଯାଞ୍ଚ କରାଯିବା କଥା । ଭତ୍ତାଭୋଗୀଙ୍କ ମୃତ୍ୟୁ ପରେ ଭତ୍ତା ପ୍ରଦାନ ବନ୍ଦ କରାଯିବ ।

27 ଟି ପିଏସ୍ ଏବଂ 118 ଟି ଜିପିର ରେକର୍ଡ ଗୁଡିକର ପରୀକ୍ଷା ଯାଞ୍ଚ (ଜାନୁଆରୀ 2019 ରୁ ମାର୍ଚ୍ଚ 2020) ରୁ ଲକ୍ଷ୍ୟ କରାଗଲା ଯେ ମୃତ ହିତାଧିକାରୀଙ୍କ ନାମରେ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ, ବଳକା ପାଣ୍ଠିକୁ ଫେରସ୍ତ ନ କରିବା ଏବଂ ନଥିପତ୍ରରେ ହେରଫେର କରିବା ଏବଂ ସଂଗୃହୀତ ରାଜସ୍ୱ ଜମା ନକରିବା ଆଦିର ଅନିୟମିତତା ହୋଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି ।

***(କ)*** ଛଅଟି ପଞ୍ଚାୟତ ସମିତିରେ, 17 ଟି ଗ୍ରାମ ପଞ୍ଚାୟତର ସଂପୃକ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମାନେ 68 ଜଣ ମୃତ ହିତାଧିକାରୀଙ୍କ ନାମରେ 50,400 ଟଙ୍କାର ପେନ୍‌ସନ୍ ବିତରଣ କରିଥିବା ଲକ୍ଷ୍ୟ କରିଥିଲେ (ଜାନୁଆରୀ 2019 ଏବଂ ଡିସେମ୍ବର 2019 ମଧ୍ୟରେ, ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 2.9.1*** ରେ ପ୍ରଦାନ କରାଯାଇଛି । ମୃତ୍ୟୁ ପରେ ଏକ ମାସରୁ ସାତ ମାସ ପର୍ଯ୍ୟନ୍ତ ପେନ୍‌ସନ୍ ଅର୍ଥ ବିତରଣ କରାଯାଇଥିବା ଦର୍ଶାଯାଇଥିଲା । ସୁତରାଂ, ଏହି ଅର୍ଥର ଅପବ୍ୟବହାର କରାଯାଇଥିବା ସନ୍ଦେହ କରାଯାଇଥିଲା ।

### *(ଖ) ଖର୍ଚ୍ଚ ହୋଇନଥିବା ପାଣ୍ଠିକୁ ଫେରସ୍ତ ନକରିବା: 3.79 ଲକ୍ଷ ଟଙ୍କା*

ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମ 2014 ର ଧାରା 81 ଅନୁଯାୟୀ ଯଦି ତୁରନ୍ତ ଅର୍ଥ ପ୍ରଦାନ କରିବାର ଆବଶ୍ୟକତା ନଥିଲେ, ଗ୍ରାମ ପଞ୍ଚାୟତ ପାଣ୍ଠିରୁ ଅର୍ଥ ଉଠାଣ କରାଯାଇ ପାରିବ ନାହିଁ । ଧାରା 93(4) ଏବଂ 96(3) ଅନୁଯାୟୀ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଇଓ) କ୍ୟାସ୍ ବୁକ୍ ଏବଂ ନଗଦ ଟଙ୍କାକୁ ଅତି କମ୍‌ରେ ମାସରେ ଥରେ ଯାଞ୍ଚ କରିବେ ଏବଂ ଯଦି କୌଣସି ଅସାମଞ୍ଜସ୍ୟତା, ଅନିୟମିତତା, ଆତ୍ମସାତ୍‌କରଣ କିମ୍ବା ତୋଷରଫ ହୋଇଥିବ ତେବେ ସେଗୁଡିକୁ ସେମାନେ ଉପଯୁକ୍ତ ଅଧିକାରୀଙ୍କ ନଜରକୁ ଆଣିବେ ।

ନଥିପତ୍ର ଯାଞ୍ଚରୁ ଜଣାଗଲା (ଅଗଷ୍ଟ 2019 ଏବଂ ନଭେମ୍ବର 2019 ମଧ୍ୟରେ) ଯେ, ସାତଟି ପଞ୍ଚାୟତ ସମିତି ଅନ୍ତର୍ଗତ 18 ଟି ଗ୍ରାମ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ପୂର୍ବତନ ସରପଞ୍ଚମାନେ ସାମାଜିକ ସୁରକ୍ଷା ସହାୟତା ପ୍ରଦାନ, ସରକାରୀ ବିତରଣ ଯୋଜନା (ପିଡିଏସ୍) ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ନିର୍ବାହ ଏବଂ କେନ୍ଦ୍ର/ ରାଜ୍ୟ ଅର୍ଥ କମିଶନ ପ୍ରକଳ୍ପ ଇତ୍ୟାଦି ବାବଦରେ ଅର୍ଥ ପାଇଥିଲେ ଏବଂ ଏକ ବର୍ଷ ଠାରୁ ସାଢେ ତେର ବର୍ଷ ପର୍ଯ୍ୟନ୍ତ 3.80 ଲକ୍ଷ ଟଙ୍କା ସେମାନଙ୍କ ପାଖରେ ରଖିଥିଲେ ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 2.9.2*** ରେ ଦର୍ଶାଯାଇଅଛି । ସେମାନେ ଅବ୍ୟବହୃତ ଅର୍ଥକୁ ବ୍ୟାଙ୍କରେ ଜମା କରିନଥିଲେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ/ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀମାନଙ୍କୁ ହସ୍ତାନ୍ତର କରିନଥିଲେ (5 ଅଗଷ୍ଟ 2019 ଠାରୁ 22 ନଭେମ୍ବର 2019) । ବର୍ଷ ବର୍ଷ ଧରି ସରକାରୀ ଅର୍ଥକୁ ନିଜ ପାଖରେ ରଖିବା ପାଣ୍ଠିର ଆତ୍ମସାତ୍‌କରଣକୁ ଦର୍ଶାଉଥିଲା ।

### *(ଗ) ନଥିପତ୍ରରେ ହେରଫେର ଏବଂ ସଂଗୃହୀତ ରାଜସ୍ୱକୁ ଜମା ନକରିବା: 2.40 ଲକ୍ଷ ଟଙ୍କା*

ଓଡ଼ିଶା ସରକାରଙ୍କ ଗ୍ରାମ ପଞ୍ଚାୟତ ନିୟମ 2014 ଧାରା 93(2) ଅନୁଯାୟୀ ଗ୍ରାମ ପଞ୍ଚାୟତର ପିଇଓ/ ସରପଞ୍ଚ ପ୍ରାପ୍ତ ଅର୍ଥକୁ ସେହି ଦିନ କ୍ୟାସ୍ ବୁକ୍‌ରେ ଲିପିବଦ୍ଧ କରିବେ । ଧାରା 93(4) ଅନୁଯାୟୀ ଜିପିଇଓ କ୍ୟାସ୍ ବୁକ୍ ଏବଂ ନଗଦ ଟଙ୍କାକୁ ଅତି କମରେ ମାସରେ ଥରେ ଯାଞ୍ଚ କରିବେ । ପୁନଶ୍ଚ, ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମର ଧାରା 96(3) ଅନୁଯାୟୀ ଜିପିଇଓ ମାନେ ପ୍ରତି ମାସରେ ଗ୍ରାମ ପଞ୍ଚାୟତର ହିସାବ ଯାଞ୍ଚ କରିବେ ଏବଂ କୌଣସି ଅସାମଞ୍ଜସ୍ୟତା, ଅନିୟମିତତା, ଆତ୍ମସାତକରଣ କିମ୍ବା ତୋଷରଫ ହୋଇଥିଲେ ସେଗୁଡିକୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବେ ।

ନଥିପତ୍ର ଯାଞ୍ଚରୁ ଜଣାଗଲା (ଅଗଷ୍ଟ 2019 ଏବଂ ଡିସେମ୍ବର 2019 ମଧ୍ୟରେ) ଯେ ତିନୋଟି ପଞ୍ଚାୟତ ସମିତି ଅଧୀନରେ ଥିବା ତିନୋଟି ଗ୍ରାମ ପଞ୍ଚାୟତର ପିଇଓ ମାନେ କ୍ୟାସ୍ ବୁକ୍‌ର ପ୍ରାରମ୍ଭିକ ବାଲାନ୍ସକୁ ହେରଫେର କରି କମ କରିବା, ଖର୍ଚ୍ଚକୁ ଅଧିକ ଦର୍ଶାଇବା ଏବଂ ଯୋଗଫଳରେ ତ୍ରୁଟି କରିବା ଫଳରେ ଗ୍ରାମ ପଞ୍ଚାୟତ ପାଣ୍ଠିକୁ 1,38,121 ଟଙ୍କା କମ ଭାବରେ ଦର୍ଶାଇଥିଲେ । ପୁନଶ୍ଚ, ତିନୋଟି ଗ୍ରାମ ପଞ୍ଚାୟତର ପିଇଓ ମାନେ ସଂଗୃହୀତ ହୋଇଥିବା 15,377 ଟଙ୍କାର ରାଜସ୍ୱକୁ ଜମା କରିନଥିଲେ ଏବଂ ଗୋଟିଏ ଗ୍ରାମ ପଞ୍ଚାୟତରେ ସେମାନେ କୌଣସି ସମର୍ଥିତ ଦସ୍ତାବିଜ ବିନା 86,600 ଟଙ୍କା ଖର୍ଚ୍ଚ କରିଥିଲେ । ଏହିସବୁ ଘଟଣା ଘଟିବାର ପାଞ୍ଚରୁ 30 ମାସ ବିତିଯିବା ପରେ ମଧ୍ୟ ଗ୍ରାମ ପଞ୍ଚାୟତ ଦସ୍ତାବିଜରେ ଏହିସବୁ ନେଣଦେଣ ତ୍ରୁଟିକୁ ସଂଶୋଧନ କରାଯାଇ ନଥିଲା । ସରକାରୀ ଅର୍ଥର ସ୍ୱଚ୍ଛତା, ସଂପୃକ୍ତ ପିଇଓ ମାନଙ୍କ ଦ୍ୱାରା ଆତ୍ମସାତକରଣ ହୋଇଥିବା ଦର୍ଶାଉଥିଲା, ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 2.9.3*** ରେ ଦର୍ଶାଯାଇଛି ।

ଅଡିଟ୍ ଅବଲୋକନ କଲା ଯେ ଏହି ସମସ୍ତ ମାମଲାରେ ଗ୍ରାମ ପିଇଓ ମାନେ ମାସିକ ଭିତ୍ତିରେ କ୍ୟାସ୍ ବୁକ୍ ଯାଞ୍ଚ କରିନଥିଲେ । ଆଭ୍ୟନ୍ତରୀଣ ନିୟନ୍ତ୍ରଣର ବିଫଳତା ହେତୁ 6.70 ଲକ୍ଷ ଟଙ୍କା ଆତ୍ମସାତକରଣ ହୋଇଥିଲା ।

ଏହାର ଜବାବରେ ପିଇଓ ଏବଂ ବିଡିଓ ମାନେ ଘଟଣାକୁ ସୁନିଶ୍ଚିତ କରିଥିଲେ ଏବଂ ବ୍ୟକ୍ତ କରିଥିଲେ (ଅଗଷ୍ଟ 2019 ଏବଂ ଡିସେମ୍ବର 2019 ମଧ୍ୟରେ) ଯେ ସେମାନେ ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ପାଣ୍ଠି ଅସୁଲ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ଯାହାହେଉ, ମାର୍ଚ୍ଚ 2020 ସୁଦ୍ଧା ସଂପୃକ୍ତ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାର ତଥ୍ୟ ଭିତ୍ତିକ ପ୍ରମାଣ ପ୍ରଦାନ କରିନଥିଲେ କିମ୍ବା ଆତ୍ମସାତକରଣ ଏବଂ ନଥିପତ୍ରରେ ହୋଇଥିବା ହେରଫେର ଉପରେ ମନ୍ତବ୍ୟ ଦେଇନଥିଲେ ।

ଅଡିଟ୍, ନମୁନା ଯାଞ୍ଚ ଆଧାରରେ ପିଏସ୍ ଏବଂ ଜିପି ଗୁଡିକରେ କେବଳ ସୀମିତ ସଂଖ୍ୟକ ମାମଲାର ଯାଞ୍ଚ କରିଥିଲେ; ଏହିଭଳି ଅନ୍ୟାନ୍ୟ ସମ୍ଭାବ୍ୟ ତୋଷରଫ ମାମଲା ଗୁଡିକୁ ଏଡାଇବା ପାଇଁ ସରକାର ଅବଶିଷ୍ଟ ପିଏସ୍ ଏବଂ ଜିପି ଗୁଡିକୁ ଯାଞ୍ଚ କରିବା ଆବଶ୍ୟକ ।

ଏହି ବିଷୟ ସରକାରଙ୍କୁ ଅବଗତ କରାଯାଇଥିଲା (ଫେବୃଆରୀ 2021); ଉତ୍ତର ପ୍ରତୀକ୍ଷିତ ଅଛି (ଜୁଲାଇ 2021) ।

**ଅନୁସୂଚିତ ଜାତି, ଜନଜାତି, ଉନ୍ନୟନ ଏବଂ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏବଂ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ**

## 2.10 ବି.ଏଡ୍ କଲେଜ ନିର୍ମାଣରେ 9.12 କୋଟି ଟଙ୍କାର ନିଷ୍କ୍ରିୟ ବ୍ୟୟ

**ବି.ଏଡ୍ କଲେଜର ଆବଶ୍ୟକତାକୁ ଆକଳନ କରିବାରେ ଏସଏସ୍‌ଡି ବିଭାଗ ଏବଂ ଏସ୍‌ଏମ୍‌ଇ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ହେତୁ ମାଲକାନଗିରିରେ ଏକ ବି.ଏଡ୍ କଲେଜ ନିର୍ମାଣରେ 9.12 କୋଟି ଟଙ୍କାର ଅପବ୍ୟୟ ହୋଇଥିଲା**

ଓଡ଼ିଶା ସରକାରଙ୍କ ଏସ୍‌ଟି ଏବଂ ଏସ୍‌ସି ବିଭାଗ (ଏସ୍‌ଏସ୍‌ଡି) ବିଭାଗ (ଅପ୍ରେଲ 2012) ରେ ଆଦିବାସୀ ସବ୍‌ପ୍ଲାନ୍ ଜିଲ୍ଲାରେ[79] ଗୁଣାତ୍ମକ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ପାଇଁ ବି.ଏଡ୍ କଲେଜ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲା । ବିଶେଷ କରି ଆଦିବାସୀ ପ୍ରାଧାନ୍ୟ ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାଦାନ ଏବଂ ଯୋଗ୍ୟ ଶିକ୍ଷକ ସୁନିଶ୍ଚିତ କରିବା ପାଇଁ ପ୍ରତି ଅନୁଷ୍ଠାନକୁ ପ୍ରତି ବ୍ୟାଚରେ 100 ଜଣ ପ୍ରଶିକ୍ଷାର୍ଥୀ ଗ୍ରହଣ କରିବା ପାଇଁ ନିଷ୍ପତ୍ତି

[79] ଆଦିବାସୀ ସବ୍‌ପ୍ଲାନ୍ ରାଜ୍ୟଗୁଡ଼ିକରେ ଆଦିବାସୀ ଜନସଂଖ୍ୟାର ବିକାଶ ପାଇଁ କେନ୍ଦ୍ରସରକାରଙ୍କ ଠାରୁ ଲାଭ ପ୍ରବାହକୁ ପ୍ରଣାଳୀ କରିବା ପାଇଁ ବ୍ୟବସ୍ଥିତ ଯୋଜନା ଧାରଣାକୁ ସୂଚିତ କରେ । ଆଦିବାସୀ ଉପଯୋଜନରେ ଅନ୍ତର୍ଭୁକ୍ତ ଅଞ୍ଚଳ ଗୁଡ଼ିକ ହେଉଛି 50 ପ୍ରତିଶତ କିମ୍ବା ଅଧିକ ଜନସଂଖ୍ୟା ବିଶିଷ୍ଟ ବ୍ଲକ୍ ଗୁଡ଼ିକ

ନିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ବି.ଏଡ୍ କଲେଜକୁ 2012-13 ବର୍ଷରେ ହାତକୁ ନିଆଯିବାକୁ ପ୍ରସ୍ତାବ ଦିଆଯାଇଥିଲା । ପୁନଶ୍ଚ, ବିଭାଗକୁ ମାଲକାନଗିରି ଏବଂ ଏହାର ଆଖପାଖରେ ପ୍ରାୟ ପାଞ୍ଚ ଏକର ଜମି ବି.ଏଡ୍ କଲେଜ ନିମନ୍ତେ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଜ୍ୟରେ ବି.ଏଡ୍ କଲେଜ ଗୁଡ଼ିକ ବିଦ୍ୟାଳୟ ଓ ଗଣଶିକ୍ଷା (ଏସ୍‌ଏମ୍‌ଇ) ବିଭାଗର ପ୍ରଶାସନିକ ଅଧିନରେ କାର୍ଯ୍ୟ କରୁଅଛି ।

ପ୍ରୋଜେକ୍ଟ ଆଡମିନିଷ୍ଟ୍ରେଟର (ପିଏ) ସମନ୍ୱିତ ଆଦିବାସୀ ବିକାଶ ଏଜେନ୍ସି (ଆଇଟିଡିଏ) ର ରେକର୍ଡ ଯାଞ୍ଚ ବେଳେ ଅଡିଟ୍ ଅବଲୋକନ କଲା (ଅକ୍ଟୋବର 2019) ଯେ ଏସ୍‌ଏସ୍‌ଡି ବିଭାଗ, କଲେଜ କୋଠା ଏବଂ ସହଯୋଗୀ ଭିତ୍ତିଭୂମି ନିର୍ମାଣ ପାଇଁ (ଅଗଷ୍ଟ 2012, ଜାନୁଆରୀ 2013 ଏବଂ ଡିସେମ୍ବର 2016) 10.12 କୋଟି ଟଙ୍କା ଅନୁମୋଦନ[80] କରିଥିଲେ । କଲେଜକୁ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ସୃଷ୍ଟି ପାଇଁ ଅର୍ଥ ବିଭାଗ ସହମତି ପ୍ରଦାନ କରିଥିଲେ । ପାଞ୍ଚ ଏକର ଜମି, 18,885 ବର୍ଗଫୁଟ ଏକାଡେମିକ୍ କୋଠା, ପ୍ରତ୍ୟେକ ବାଳକ ଏବଂ ବାଳିକାମାନଙ୍କ ପାଇଁ 56 ଶଯ୍ୟା ବିଶିଷ୍ଟ ହଷ୍ଟେଲ ଏବଂ 17 ଟି କର୍ମଚାରୀ କ୍ୱାର୍ଟର ବିଶିଷ୍ଟ କଲେଜ ପରିସରଟି 20 ଫେବୃଆରୀ 2018 ସୁଦ୍ଧା ପିଏ, ଆଇଟିଡିଏ, ମାଲକାନଗିରିଙ୍କ ଦ୍ୱାରା 9.12 କୋଟି ଟଙ୍କା ବ୍ୟୟରେ ସଂପୂର୍ଣ୍ଣ ହୋଇଥିଲା । ପାଞ୍ଚ ମାସ ବିଳମ୍ବରେ, 26 ଜୁଲାଇ 2018 ରେ ଏହି କଲେଜ ଉଦ୍‌ଘାଟିତ ହୋଇଥିଲା ।



*ମାଲକାନଗିରିରେ ନିର୍ମିତ ନୂତନ ବିଇଡି କଲେଜ କୋଠାଘର ଅବ୍ୟବହୃତ ହେବାର ଦୃଶ୍ୟ*

କଲେଜର ମିଳିତ ବସ୍ତୁଗତ ଯାଞ୍ଚରେ (30 ଅକ୍ଟୋବର 2019) ଅଡିଟ୍ ଜାଣିବାକୁ ପାଇଲେ ଯେ କଲେଜ କୋଠା (ଫଟୋଗ୍ରାଫରେ ଦର୍ଶାଯାଇଛି) ଅବ୍ୟବହୃତ ହୋଇ ପଡିରହିଥିଲା । ଅଡିଟ୍ ଦେଖିଲେ ଯେ କୋଠା କାର୍ଯ୍ୟ ଶେଷ ହେବାର ପ୍ରାୟ 20 ମାସ ବିତିଯିବା ପରେ ହିଁ ପିଏ, ଆଇଟିଡିଏ, ମାଲକାନଗିରି କଲେଜକୁ ଏସ୍‌ଏମ୍‌ଇ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଏସ୍‌ଏସ୍‌ଡି ବିଭାଗ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିଲେ (9 ଅକ୍ଟୋବର 2019) । ଏହାପରେ ଜିଲ୍ଲାପାଳ, ମାଲକାନଗିରି ମଧ କଲେଜକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବାକୁ ଏସ୍‌ଏମ୍‌ଇ ବିଭାଗର କମିଶନର-କମ୍-ସଚିବଙ୍କୁ ଅନୁରୋଧ କରିଥିଲେ (22 ଅକ୍ଟୋବର 2019) । ଏହା ସତ୍ତ୍ୱେ, ଏସ୍‌ଏମ୍‌ଇ ବିଭାଗ ବି.ଏଡ୍ କଲେଜ କୋଠାକୁ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ । ହସ୍ତାନ୍ତର ପାଇଁ ବିଳମ୍ବିତ ଅନୁରୋଧ ତଥା ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ଅଧିଗ୍ରହଣ ନହେବାର କାରଣ ରେକର୍ଡଭୁକ୍ତ ହୋଇନଥିଲା । ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ)ର ସହବନ୍ଧନ ଯାହାକି ବି.ଏଡ୍ କଲେଜର କାର୍ଯ୍ୟକାରିତା ପାଇଁ ଏକ ପୂର୍ବ ଆବଶ୍ୟକତା, ତାହା ଏପର୍ଯ୍ୟନ୍ତ ହାସଲ ହୋଇପାରି ନଥିଲା (ଜୁଲାଇ 2021) । ଏତଦ୍‌ଭିନ୍ନ, ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ଶିକ୍ଷକ ଏବଂ ଅଣଶିକ୍ଷକ ନିଯୁକ୍ତି କରାଯାଇନଥିଲା (ସେପ୍ଟେମ୍ବର 2020) ।

ଏହିପରି ଭାବରେ, କଲେଜର ସିଭିଲ୍ ଢାଞ୍ଚା ନିର୍ମାଣ ବ୍ୟତୀତ କଲେଜ କାର୍ଯ୍ୟକ୍ଷମ ହେବା ପାଇଁ ଅନ୍ୟ କୌଣସି ପଦକ୍ଷେପ, ସିଭିଲ୍ କାର୍ଯ୍ୟ ଶେଷ ହେବାର (ଫେବୃଆରୀ 2018) ତିନି ବର୍ଷ ପର ଠାରୁ ଏପର୍ଯ୍ୟନ୍ତ ନିଆଯାଇ ନଥିଲା (ଜୁନ୍ 2021) । କୋଠାଗୁଡ଼ିକ ଅବ୍ୟବହୃତ ହୋଇରହିଥିଲା ଏବଂ ଏହାର ଝରକା ଓ କବାଟ ଭଳି ଫିଟିଙ୍ଗ୍‌ସ୍ ଗୁଡିକର ଚୋରି ମାମଲା ମଧ ରହିଥିଲା । ଏହିପରି ଭାବରେ, କଲେଜ ଏବଂ ହଷ୍ଟେଲ କୋଠା ତଥା କର୍ମଚାରୀ କ୍ୱାର୍ଟର୍ସ ନିର୍ମାଣରେ 9.12 କୋଟି ଟଙ୍କାର ଅପବ୍ୟୟ ହୋଇଥିଲା ।

[80] ଧାରା 275(I) ର ପ୍ରଥମ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ଯୋଜନା ପାଇଁ ଆମର କେନ୍ଦ୍ରୀୟ ସହାୟତା

ଏହାର ଉତ୍ତରରେ ଏସ୍ଏସ୍‌ଡି ବିଭାଗ କହିଥିଲେ (ସେପ୍ଟେମ୍ବର 2020) ଯେ ସେମାନେ କଲେଜକୁ କାର୍ଯ୍ୟକ୍ଷମ କରିବା ପାଇଁ ଏସ୍ଏମ୍ଇ ବିଭାଗକୁ ଅନେକ ଥର ଅନୁରୋଧ କରିଥିଲେ । ଏସ୍ଏମ୍ଇ ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥିବାହେତୁ କୋଠାଟି କୋଭିଡ୍ କେୟାର ହସ୍‌ପିଟାଲ ଭାବରେ ବ୍ୟବହୃତ ହେଉଥିଲା । ବିଭାଗର ଉତ୍ତର ଅଡିଟ୍ ଯୁକ୍ତିକୁ ସମର୍ଥନ କରେ ଯେ ଯୋଗ୍ୟ ଶିକ୍ଷକମାନଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ପାଇଁ ଏକ ବି.ଏଡ୍ କଲେଜ ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ 9.12 କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ହାସଲ ହୋଇପାରି ନଥିଲା ।

ଏସ୍ଏମ୍ଇ ବିଭାଗ ଅନ୍ତର୍ଗତ ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦର ନିର୍ଦ୍ଦେଶକ ଏହାର ଉତ୍ତରରେ ବ୍ୟକ୍ତ କରିଥିଲେ (ଅପ୍ରେଲ 2021) ଯେ ଭାରତ ସରକାରଙ୍କ ଅଧିନରେ ଥିବା ଏନସିଟିଇ 2018-19 ଠାରୁ ନୂତନ କଲେଜ ଗୁଡିକୁ ଅନୁବନ୍ଧିତ କରିବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଏହା ମଧ କୁହାଯାଇଥିଲା ଯେ ସେମାନେ ରାଜ୍ୟରେ ନୂତନ ବି.ଏଡ୍ କଲେଜଗୁଡ଼ିକର କୌଣସି ଆବଶ୍ୟକତା ଉପଲବ୍ଧି କରିନଥିଲେ ।

ଉଭୟ ବିଭାଗର ଉପରୋକ୍ତ ମତାମତଗୁଡ଼ିକ ରାଜ୍ୟରେ ବି.ଏଡ୍ କଲେଜର ଆବଶ୍ୟକତାକୁ ଆକଳନ କରିବାରେ ସେମାନଙ୍କ ମଧ୍ୟରେ ସମନ୍ୱୟର ଅଭାବକୁ ସୂଚାଉଛି । ଉଭୟ ଏସଏସ୍‌ଡି ଏବଂ ଏସ୍ଏମ୍ଇ ବିଭାଗର ଅବହେଳା ଯୋଗୁଁ କଲେଜ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ହୋଇଥିବା ଖର୍ଚ୍ଚ ଏହିପରି ଭାବରେ ଅପଚୟ ହୋଇଥିଲା ।

ଏହି ମାମଲାରେ ସଂପୃକ୍ତ ଅଧିକାରୀଙ୍କୁ ଉତ୍ତରଦାୟୀ କରିବାକୁ ସରକାର ଉପଯୁକ୍ତ ପଦକ୍ଷେପ ନେଇପାରନ୍ତି ।

**ଉଚ୍ଚ ଶିକ୍ଷା ବିଭାଗ**

## 2.11 ବେତନ ବିଲ୍‌ରେ କାରସାଦି କରି 27.75 ଲକ୍ଷ ଟଙ୍କାର ଆତ୍ମସାତ୍

**କୋଡାଲ ବ୍ୟବସ୍ଥାକୁ ଅନୁସରଣ କରିବାରେ ବିଫଳତା ଏବଂ ଆଭ୍ୟନ୍ତରୀଣ ଯାଞ୍ଚ ଏବଂ ନିୟନ୍ତ୍ରଣ କରିବାରେ ବିଫଳତା କାରଣରୁ 27.75 ଲକ୍ଷ ଟଙ୍କାର ଆତ୍ମସାତ୍ ହୋଇଥିଲା**

ଓଡ଼ିଶା ଶିକ୍ଷା ଅଧିନିୟମ 1969 7(C) (7) ରେ ଧାର୍ଯ୍ୟ କରାଯାଇଛି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଗ୍ରାଣ୍ଟ୍‌ସ୍ ଇନ୍ ଏଡ୍ (ଜିଆଇଏ) ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର କର୍ମଚାରୀଙ୍କ ବେତନକୁ ସଂପୃକ୍ତ କର୍ମଚାରୀଙ୍କୁ ସିଧାସଳଖ ପ୍ରଦାନ କରାଯିବ । କୌଣସି ଅଧିକ କିମ୍ବା ଅଗ୍ରାହ୍ୟ ଦେୟ ସରକାରଙ୍କୁ ଫେରସ୍ତ କରାଯିବ । କୌଣସି ତ୍ରୁଟିବିଚ୍ୟୁତି କ୍ଷେତ୍ରରେ, ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ ଜିଆଇଏ ପ୍ରତ୍ୟାହାର କରିପାରନ୍ତି ।

ଜାନୁଆରୀ 2013 ରୁ ନଭେମ୍ବର 2018 ମଧ୍ୟରେ ଆଞ୍ଚଳିକ ମହାବିଦ୍ୟାଳୟ, ଗାଡ଼ିଆ, ମୟୁରଭଞ୍ଜର ରେକର୍ଡ ଗୁଡିକ ଅଡିଟ୍ ଯାଞ୍ଚ କରିଥିଲେ (ନଭେମ୍ବର 2019) । ମହାବିଦ୍ୟାଳୟର ଜିଆଇଏ ପ୍ରାପ୍ତ ତିନି ଜଣ କର୍ମଚାରୀଙ୍କ ସପକ୍ଷରେ 27.75 ଲକ୍ଷ ଟଙ୍କା ଅଧିକ ବେତନ ରାଶି ପ୍ରଦାନ କରାଯାଇଥିବା ଲକ୍ଷ୍ୟ କରାଯାଇଥିଲା । ଏଥିରୁ 7.68 ଲକ୍ଷ ଟଙ୍କା ଅସୁଲ କରାଯାଇଥିଲା ଏବଂ ଅବଶିଷ୍ଟ 20.07 ଲକ୍ଷ ଟଙ୍କା ଅସୁଲ ପାଇଁ ପଡ଼ିରହିଥିଲା, ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି:

*ସାରଣୀ 2.11.1: ମହାବିଦ୍ୟାଳୟର ଅଧକ୍ଷ ଏବଂ ଅଡିଟ୍ ଦ୍ୱାରା ଚିହ୍ନଟ ହୋଇଥିବା ଅଧିକ ବେତନ*

*(ପରିମାଣ ଲକ୍ଷ ଟଙ୍କାରେ)*

| କ୍ର.ସଂ. | କର୍ମଚାରୀଙ୍କ ନାମ ଏବଂ ସେମାନଙ୍କର ପଦବୀ | ଅବଧି | ଦ୍ୱାରା ଚିହ୍ନଟ ହୋଇଥିବା ଅଧିକ ବେତନ ପରିମାଣ: | | | ଅସୁଲ ପରିମାଣ | ଅବଶିଷ୍ଟ ଅସୁଲ ଯୋଗ୍ୟ ପରିମାଣ |
|---|---|---|---|---|---|---|---|
| | | | ମହାବିଦ୍ୟାଳୟ ଅଧକ୍ଷ | ଅଡିଟ୍ | ମୋଟ | | |
| 1. | ବ୍ରଜ କିଶୋର ଜେନା, ଅଧାପକ | ଜୁଲାଇ 2013 ରୁ ନଭେମ୍ବର 2013 ଏବଂ ଫେବୃଆରୀ 2017 ରୁ ନଭେମ୍ବର 2018 | 5.55 | 17.10 | 22.65 | 6.18 | 16.47 |
| 2. | ନୀଳକଣ୍ଠ ପାତ୍ର, ଅଧାପକ | ଜୁଲାଇ 2013 ରୁ ନଭେମ୍ବର 2013 | -- | 3.60 | 3.60 | -- | 3.60 |
| 3. | ଦୁର୍ଗା ଚରଣ ପାତ୍ର, କ୍ଲର୍କ-କମ୍-ଟାଇପିଷ୍ଟ | ସେପ୍ଟେମ୍ବର 2013 ରୁ ନଭେମ୍ବର 2013 | -- | 1.50 | 1.50 | 1.50 | 0 |
| | ମୋଟ | | **5.55** | **22.20** | **27.75** | **7.68** | **20.07** |

*(ଉତ୍ସ: ଆଞ୍ଚଳିକ ମହାବିଦ୍ୟାଳୟ, ଗାଡ଼ିଆ, ମୟୁରଭଞ୍ଜର ରେକର୍ଡ)*

ଅଡିଟ୍ ଦେଖିବାକୁ ପାଇଲେ ଯେ ଆକାଉଣ୍ଟସ୍ ବର୍ସାରଙ୍କର[81] ତତ୍ତ୍ୱାବଧାନରେ କଲେଜର କର୍ମଚାରୀଙ୍କ ବେତନ ବିଲ୍ ପ୍ରତ୍ୟେକ ମାସ ପାଇଁ ପ୍ରସ୍ତୁତ ହେଉଥିଲା । ମହାବିଦ୍ୟାଳୟ ଅଧକ୍ଷ ଏବଂ ପରିଚାଳନା ପରିଷଦର ଅଧକ୍ଷଙ୍କ ଦ୍ୱାରା ବେତନ ବିଲ୍ ଅନୁମୋଦନ ହେବା ପରେ ବେତନ ପ୍ରଦାନ ପାଇଁ ଜିଲ୍ଲା ଟ୍ରେଜେରୀ, ବାରିପଦା ନିକଟରେ ଦାଖଲ କରାଯାଥିଲା । ଟ୍ରେଜେରୀ ଭାଉଚର ସହିତ ମହାବିଦ୍ୟାଳୟ ଅଧକ୍ଷଙ୍କ ଦ୍ୱାରା ଅନୁମୋଦିତ ବେତନ ବିଲ୍ ତୁଳନା କରି ଅଡିଟ୍ ଦେଖିବାକୁ ପାଇଲେ ଯେ ଟ୍ରେଜେରୀରେ ଦାଖଲ କରାଯାଇଥିବା ଅନୁମୋଦିତ ବେତନ ବିଲ୍‌ର କପିରେ ଥିବା ବେତନ ପରିମାଣକୁ ପରେ ବୃଦ୍ଧି କରାଯାଇଥିଲା ।

ରେକର୍ଡଗୁଡ଼ିକର ଅଧିକତର ଯାଞ୍ଚରେ ଅଡିଟ୍ ଜାଣିବାକୁ ପାଇଲା:

- ଅଧାପକ ଶ୍ରୀ ବ୍ରଜ କିଶୋର ଜେନାଙ୍କ ସପକ୍ଷରେ 22.65 ଲକ୍ଷ ଟଙ୍କା ଅଧିକ ପରିମାଣରେ ବେତନ ଜମା ସମ୍ବନ୍ଧରେ, ମହାବିଦ୍ୟାଳୟର ଅଧକ୍ଷ ଅଗଷ୍ଟ 2018 ରୁ ନଭେମ୍ବର 2018 ମାସ ପାଇଁ 7.63 ଲକ୍ଷ ଟଙ୍କା ଅତିରିକ୍ତ ଦେୟ ଚିହ୍ନଟ କରିଥିଲେ (ମାର୍ଚ୍ଚ 2019) । ଅଧକ୍ଷ ଶ୍ରୀ ଜେନାଙ୍କୁ ଏହି ରାଶି ଫେରସ୍ତ ପାଇଁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ (ମାର୍ଚ୍ଚ 2019) । ଏହାର ଜବାବରେ, ଶ୍ରୀ ଜେନା 6.18 ଲକ୍ଷ ଟଙ୍କା ଫେରସ୍ତ କରିଥିଲେ (ମାର୍ଚ୍ଚ 2019) । ମହାବିଦ୍ୟାଳୟର ଅଧକ୍ଷଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଅଧିକ ଦେୟ ଯାଞ୍ଚ କରି ଅଡିଟ୍ ଜାଣିବାକୁ ପାଇଲେ ଯେ ଶ୍ରୀ ଜେନାଙ୍କୁ ପ୍ରକୃତରେ 7.63 ଲକ୍ଷ ଟଙ୍କା ପରିବର୍ତ୍ତେ 5.55 ଲକ୍ଷ ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା । ଅଡିଟ୍ ଜାନୁଆରୀ 2013 ରୁ ନଭେମ୍ବର 2018 ପର୍ଯ୍ୟନ୍ତ ଶ୍ରୀ ଜେନାଙ୍କ ବେତନ ସମ୍ବନ୍ଧୀୟ ରେକର୍ଡଗୁଡ଼ିକ ପୁନଃ ଯାଞ୍ଚ କରିଥିଲେ । ଅଡିଟ୍ ଦେଖିବାକୁ ପାଇଲେ ଯେ ଏହି ସମୟ ମଧ୍ୟରେ ଶ୍ରୀ ଜେନାଙ୍କୁ ପ୍ରାପ୍ୟ ବେତନ ପରିମାଣ ଠାରୁ 22.65 ଲକ୍ଷ ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା (ଅଧକ୍ଷଙ୍କ ଦ୍ୱାରା ଚିହ୍ନଟ ହୋଇଥିବା 5.55 ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ) । ଏଥି ମଧ୍ୟରୁ, ଶ୍ରୀ ଜେନା 6.18 ଲକ୍ଷ ଟଙ୍କା ଫେରସ୍ତ କରିଥିଲେ ଏବଂ ବଳକା 16.47 ଲକ୍ଷ ଟଙ୍କା ଆଦାୟ ପାଇଁ ବାକି ରହିଥିଲା ।

- ଅଡିଟ୍ ଏହା ମଧ ଜାଣିବାକୁ ପାଇଥିଲେ ଯେ ଅନ୍ୟ ଦୁଇଜଣ କର୍ମଚାରୀଙ୍କୁ ମଧ ବେତନ ବାବଦରେ 5.10 ଲକ୍ଷ ଟଙ୍କାରୁ ଅଧିକ ପ୍ରଦାନ କରାଯାଇଥିଲା, ଯାହାକି ଉପରୋକ୍ତ ସାରଣୀରେ ବିସ୍ତୃତ

[81] ମହାବିଦ୍ୟାଳୟର ଜଣେ ବରିଷ୍ଠ ଶିକ୍ଷକ ଆକାଉଣ୍ଟସ୍ ବରସାର୍ ଭାବେ ମନୋନୀତ ହୁଅନ୍ତି, ଯେ କି ଅଧକ୍ଷଙ୍କୁ ଏକାଉଣ୍ଟସ୍ ଉପରେ ସାହାଯ୍ୟ କରନ୍ତି

ଭାବରେ ଦର୍ଶାଯାଇଛି । ଅଡିଟ୍‌ରେ ଏହା ଦର୍ଶାଯିବା ପରେ, ଜଣେ କର୍ମଚାରୀ ସମସ୍ତ 1.50 ଲକ୍ଷ ଟଙ୍କା ଫେରସ୍ତ କରିଥିଲେ (ଜାନୁଆରୀ 2020) । ଅନ୍ୟ ଜଣେ କର୍ମଚାରୀ 3.60 ଲକ୍ଷ ଟଙ୍କା ଫେରସ୍ତ କରିନଥିଲେ ।

ଅଡିଟ୍ ଜାଣିବାକୁ ପାଇଲେ ଯେ ମହାବିଦ୍ୟାଳୟର ଅଧକ୍ଷ ଉଠାଣ ଏବଂ ବିତରଣ ଅଧିକାରୀ (ଡିଡିଓ) ଭାବେ ଓଡ଼ିଶା ଟ୍ରେଜେରୀ କୋଡର ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ହେବା ଆବଶ୍ୟକ । ଓଡ଼ିଶା ଟ୍ରେଜେରୀ କୋଡ 55-ଏ ଧାର୍ଯ୍ୟ କରିଛି ଯେ ଚାଲାଣରେ ହେରଫେର ଏବଂ ପରିମାଣ ବୃଦ୍ଧିକୁ ଏଡାଇବା ପାଇଁ ଏହାର ଉପସ୍ଥାପନା ସମୟରେ ସର୍ବଦା ଚାଲାଣ ଉପରେ ଓ ଏଣ୍ଡୋର୍ସମେଣ୍ଟରେ ଶବ୍ଦରେ "ଅଣ୍ଡର ରୁପିଜ୍..." ଲେଖାଯିବା ଉଚିତ୍ । ଅଧକ୍ଷ କିନ୍ତୁ ଉପଯୁକ୍ତ ଯାଞ୍ଚ ବିନା ଦସ୍ତାବିଜରେ ଦସ୍ତଖତ କରିଥିଲେ । ଅଧିକନ୍ତୁ, କ୍ୟାସ୍ ବୁକ୍‌ର (ବ୍ୟାଙ୍କ ସ୍ତମ୍ଭ) ସହିତ ବ୍ୟାଙ୍କ ଆକାଉଣ୍ଟ (ଟ୍ରେଜେରୀ)ର ସହମତିକରଣ ଅପ୍ରେଲ 2013 ରୁ ନଭେମ୍ବର 2018 ମଧ୍ୟରେ କରାଯାଇ ନଥିଲା, ଯାହା ଅତିରିକ୍ତ ଦେୟ ଚିହ୍ନଟ କରିବାରେ ସାହାଯ୍ୟ କରିଥାନ୍ତା । ଯଦିଓ କଲେଜ ଏହି ବିଷୟରେ ଅବଗତ କରାଇଥିଲା (ମାର୍ଚ୍ଚ 2019), ଉଚ୍ଚଶିକ୍ଷା ବିଭାଗ କିମ୍ବା ଉଚ୍ଚଶିକ୍ଷାର ଆଞ୍ଚଳିକ ନିର୍ଦ୍ଦେଶକ, ବାଲେଶ୍ୱର ଏ ସମ୍ପର୍କରେ କୌଣସି ପଦକ୍ଷେପ ନେଇ ନଥିଲେ ।

ଏହିପରି ଭାବରେ, କୋଡାଲ ବ୍ୟବସ୍ଥାକୁ ଅନୁସରଣ କରିବାରେ ବିଫଳ ହେବା ସହିତ ଆଭ୍ୟନ୍ତରୀଣ ଯାଞ୍ଚ ଏବଂ ନିୟନ୍ତ୍ରଣ କରିବାରେ ବିଫଳତା ହେତୁ 27.75 ଲକ୍ଷ ଟଙ୍କା ଆତ୍ମସାତ୍ ହେଲା ।

ମହାବିଦ୍ୟାଳୟର ଅଧକ୍ଷ, ଏହି ତଥ୍ୟକୁ ସୁନିଶ୍ଚିତ କରିବା ବେଳେ କହିଥିଲେ (ଫେବୃଆରୀ 2020) ଯେ ଏହି ଘଟଣାର ପୋଲିସ୍ ତଦନ୍ତ ଚାଲିଛି ଏବଂ ସଂପୃକ୍ତ କର୍ମଚାରୀଙ୍କୁ ଅଧିକ ପ୍ରଦାନ କରାଯାଇଥିବା ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ, ଏ କଥା ସତ୍ୟ ଯେ, ଅବଶିଷ୍ଟ 20.07 ଲକ୍ଷ ଟଙ୍କା ଅସୁଲ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ବିଭାଗ ଦ୍ୱାରା ଏକ ବିସ୍ତୃତ ଯାଞ୍ଚ କରାଯିବା ଆବଶ୍ୟକ ଏବଂ ଅଧିକ ପ୍ରଦାନ କରାଯାଇଥିବା 20.07 ଲକ୍ଷ ଟଙ୍କା ଶୀଘ୍ର ଅସୁଲ କରାଯିବା ଆବଶ୍ୟକ । ସରକାରୀ ଅର୍ଥ ଆତ୍ମସାତ୍ ପାଇଁ ତିନି ଜଣ କର୍ମଚାରୀ ଏବଂ ତତ୍କାଳୀନ ଅଧକ୍ଷଙ୍କୁ ଉତ୍ତରଦାୟୀ କରାଯିବା ଉଚିତ୍ ।

ଉପରୋକ୍ତ ବିଷୟ ସରକାରଙ୍କୁ ଅବଗତ କରାଯାଇଥିଲା (ଜୁନ୍ 2021); ସେମାନଙ୍କର ଉତ୍ତର ପ୍ରତୀକ୍ଷିତ ଅଛି (ଜୁଲାଇ 2021) ।

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

## 2.12 କ୍ଷତିପୂରଣ ପ୍ରଦାନ ନକରି ବେସରକାରୀ ଜମି ଅଧିଗ୍ରହଣ

**ବ୍ୟବସ୍ଥିତ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଅନୁପାଳନ ନକରି ଏବଂ ଜମି ମାଲିକମାନଙ୍କୁ କ୍ଷତିପୂରଣ ପ୍ରଦାନ ନକରି କେନାଲ ନିର୍ମାଣ ନିମନ୍ତେ 44.10 ଏକର ପରିମିତ ବେସରକାରୀ ଜମି ଅଧିଗ୍ରହଣ କରାଯିବା ଫଳରେ ଜମି ଅଧିଗ୍ରହଣ ଅଧିନିୟମର ଉଲ୍ଲଂଘନ ହେବା ସହିତ ସଂପୃକ୍ତ ଜମି ମାଲିକମାନଙ୍କର ସମ୍ପତ୍ତି ଅଧିକାରର ଅବମାନନା କରାଯାଇଥିଲା ।**

ଭାରତୀୟ ସମ୍ବିଧାନର ଧାରା 300A ଧାର୍ଯ୍ୟ କରିଛି ଯେ ଆଇନର କ୍ଷମତା ବ୍ୟତୀତ କୌଣସି ନାଗରିକ ତାଙ୍କ ସମ୍ପତ୍ତିରୁ ବଞ୍ଚିତ ହେବେ ନାହିଁ । ସରକାରଙ୍କ ଦ୍ୱାରା ବେସରକାରୀ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ବିଷୟଗୁଡ଼ିକ ଜମି ଅଧିଗ୍ରହଣ (ଏଲ୍ଏ) ଅଧିନିୟମ 1894 ଦ୍ୱାରା ପରିଚାଳିତ ହୋଇଥିଲା, ଯାହାକି ଜମି ଅଧିଗ୍ରହଣ, ପୁନଃ ଥଇଥାନ ଏବଂ ପୁନର୍ବାସ (ଆର୍ଏଫ୍‌ସିଟିଏଲ୍ଏଆର୍ଆଣ୍ଡଆର୍) ଅଧିନିୟମ, 2013 ଦ୍ୱାରା 1 ଜାନୁଆରୀ 2014 ଠାରୁ ପରିବର୍ତ୍ତନ କରାଯାଇଥିଲା । ରାଜ୍ୟରେ ଭୂସମ୍ପତ୍ତିର ପରିଚାଳନା ହେଉଛି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (ଆର୍ଆଣ୍ଡଡିଏମ୍) ବିଭାଗର ଦାୟିତ୍ୱ ।

ଜମି ଅଧିଗ୍ରହଣ ଅଧିନିୟମର ଧାରା 6(1) ଅନୁଯାୟୀ ସର୍ବସାଧାରଣ ଉଦ୍ଦେଶ୍ୟରେ ଜମି ଆବଶ୍ୟକ ବୋଲି ସରକାରଙ୍କ ଦ୍ୱାରା ଏକ ଘୋଷଣାର ପ୍ରକାଶନ ଆବଶ୍ୟକ । ଏହା ପରେ ଜମି ଅଧିଗ୍ରହଣ ଅଧିକାରୀଙ୍କ (ଏଲ୍ଏଓ) ନିକଟରେ କ୍ଷତିପୂରଣ ରାଶି ଜମା କରିବା ପରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ କ୍ଷତିପୂରଣ ପ୍ରଦାନ ପାଇଁ ଅଧିନିୟମର ଧାରା 7 ଅନୁଯାୟୀ ଆଦେଶ ଜାରି କରିବେ । ଏପରି ଆଦେଶ ଦେବା ପରେ କ୍ଷତିପୂରଣ ପ୍ରଦାନ ଅଧିନିୟମର ଧାରା 11 ଅନୁଯାୟୀ ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦିତ ହେବ । ଅଧିନିୟମର ଧାରା 11 A ଅନୁଯାୟୀ ସରକାରୀ ଗେଜେଟ୍ କିମ୍ବା ଖବରକାଗଜରେ ଘୋଷଣାର ପ୍ରକାଶନ କିମ୍ବା ସ୍ଥାନୀୟ ଅଞ୍ଚଳରେ ଘୋଷଣା, ଯେଉଁଟି ସବୁଠାରୁ ପଛରେ ହୋଇଥାଏ, ସେହି ଦିନ ଠାରୁ ଦୁଇ ବର୍ଷ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ୍ ଏବଂ ଯଦି ସେହି ସମୟ ମଧ୍ୟରେ କୌଣସି କ୍ଷତିପୂରଣ ପ୍ରଦାନ କରାନଯାଏ ଜମି ଅଧିଗ୍ରହଣର ସମଗ୍ର ପ୍ରକ୍ରିୟା ରଦ୍ଦ ହେବ । ଅଧିନିୟମର ଧାରା 17 ର ଉପ ଧାରା 3-ଏ ରେ ଦର୍ଶାଯାଇଛି ଯେ, କ୍ଷତିପୂରଣ ରାଶିର ଅତିକମରେ 80 ପ୍ରତିଶତ ପ୍ରଦାନ ପରେ ହିଁ ଜମିକୁ ଅକ୍ତିଆରକୁ ନିଆଯାଇପାରିବ ।

ଜଳ ସମ୍ପଦ ବିଭାଗ (ଡିଓଡବ୍ଲୁଆର୍) ଅଧୀନରେ ଥିବା କଳାହାଣ୍ଡି କ୍ଷୁଦ୍ର ଜଳସେଚନ (ଏମ୍ଆଇ) ଡିଭିଜନ୍, ଭବାନୀପାଟଣାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଇ) ପାଞ୍ଚଟି ଗ୍ରାମରେ ପାଞ୍ଚଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍ଆଇପି)[82] ନିର୍ମାଣ ପାଇଁ 44.10 ଏକର ବେସରକାରୀ ଜମି ଅଧିଗ୍ରହଣ ପାଇଁ ଏଲ୍ଏଓ, କଳାହାଣ୍ଡିଙ୍କ ନିକଟରେ ଆବେଦନ (ଅକ୍ଟୋବର 2009 ରୁ ଅଗଷ୍ଟ 2012 ମଧ୍ୟରେ) କରିଥିଲେ । ସେହି ଅନୁଯାୟୀ, ଏଲ୍ଏଓ ଜମି ଅଧିଗ୍ରହଣ ମାମଲା ଆରମ୍ଭ କରିଥିଲେ (ଜାନୁଆରୀ 2010 ରୁ ଜାନୁଆରୀ 2013) । ଜମି ଅଧିଗ୍ରହଣ ଅଧିନିୟମର ଧାରା 6(1) ଅନୁଯାୟୀ ଅପ୍ରେଲ 2014 ରୁ ଜାନୁଆରୀ 2015 ମଧ୍ୟରେ 44.10 ଏକର ଜମି ଅଧିଗ୍ରହଣ ପାଇଁ ଆର୍ଆଣ୍ଡଡିଏମ୍ ବିଭାଗ ଘୋଷଣା ଜାରି କରିଥିଲେ । ଅଡିଟ୍ ଲକ୍ଷ୍ୟ କଲେ ଯେ (ଜୁନ୍ 2019) ନିର୍ଦ୍ଧାରିତ ଦୁଇ ବର୍ଷ ମଧ୍ୟରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇପାରି ନଥିଲା, ତେଣୁ ଜମି ମାଲିକମାନଙ୍କୁ କୌଣସି କ୍ଷତିପୂରଣ ପ୍ରଦାନ କରାଯାଇ ନଥିଲା । ନିର୍ବାହୀ ଯନ୍ତ୍ରୀ, କଳାହାଣ୍ଡି କ୍ଷୁଦ୍ର ଜଳସେଚନ ଡିଭିଜନ୍ କିନ୍ତୁ ଅନିୟମିତ ଭାବରେ ଉକ୍ତ ଜମିକୁ ଅକ୍ତିଆରକୁ ନେଇ ଜଳସେଚନ ସୁବିଧା ନିମନ୍ତେ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିଥିଲା । ଜୁନ୍ 2019 ସୁଦ୍ଧା ଜମି ଅଧିଗ୍ରହଣ ମାମଲାର ସ୍ଥିତି ନିମ୍ନ ସାରଣୀରେ ଦର୍ଶାଯାଇଛି :

**ସାରଣୀ 2.12.1: ଜୁନ୍ 2019 ସୁଦ୍ଧା ଜମି ଅଧିଗ୍ରହଣ ମାମଲାର ସ୍ଥିତି**

| ଏମ୍ଆଇପିର ନାମ | ରାଜସ୍ୱ ଗ୍ରାମ | ଜମି କ୍ଷେତ୍ର (ଏକର) | ଧାରା 6(2) ଅନୁଯାୟୀ ଘୋଷଣାର ତାରିଖ | ନିର୍ବାହୀ ଯନ୍ତ୍ରୀ, ଏମ୍ଆଇପିଙ୍କ ଦ୍ୱାରା ଜମା ହୋଇଥିବା ଆକଳିତ ମୂଲ୍ୟ (ଲକ୍ଷ ଟଙ୍କାରେ) | ଧାରା 7 ଅନୁଯାୟୀ ନିର୍ଦ୍ଦେଶନାମା | ଜମି ଅଧିଗ୍ରହଣ ପ୍ରକ୍ରିୟାର ସମାପ୍ତି ତାରିଖ |
|---|---|---|---|---|---|---|
| ଜଟାଖାଲିଆ | ବଡ଼ପୋଡ଼ାଗୁଡ଼ା | 22.43 | 22 ଅପ୍ରେଲ 2014 | 153.52 | ଜାରି କରାଯାଇ ନାହିଁ | 21 ଅପ୍ରେଲ 2016 |
| ତାଲିଜୋର | ଚୁଜୁଙ୍ଗ | 5.87 | 22 ସେପ୍ଟେମ୍ବର 2014 | 28.32 | ଜାରି କରାଯାଇ ନାହିଁ | 21 ସେପ୍ଟେମ୍ବର 2016 |
| ସୁବର୍ଣ୍ଣରେଖା | ରତନପୁର | 1.99 | 21 ଜାନୁଆରୀ 2015 | 6.06 | ଜାରି କରାଯାଇ ନାହିଁ | 20 ଜାନୁଆରୀ 2017 |
| କାଟାକିନାଲା | କୁପା ପଦର I | 3.65 | 11 ଜୁନ୍ 2014 | 0 | ଜମି ଅଧିଗ୍ରହଣ ଖର୍ଚ୍ଚ ଜମା ହୋଇନଥିବାରୁ ଜାରି ହେଲା ନାହିଁ | 10 ଜୁନ୍ 2016 |

82 ଜାଟାଖାଲିଆ ଏମ୍ଆଇପି: 22.43 ଏକର; ତାଲିଜୋର ଏମ୍ଆଇପି: 5.87 ଏକର; ସୁବର୍ଣ୍ଣରେଖା ଏମ୍ଆଇପି: 1.99 ଏକର; ମାଙ୍ଗାଲାଜୋର ଏମ୍ଆଇପି: 10.16 ଏକର; ଏବଂ ଜାଟାକିନାଲା ଏମ୍ଆଇପି: 3.65 ଏକର

| ଏମ୍ଆଇପିର ନାମ | ରାଜସ୍ୱ ଗ୍ରାମ | ଜମି କ୍ଷେତ୍ର (ଏକର) | ଧାରା 6(2) ଅନୁଯାୟୀ ଘୋଷଣାର ତାରିଖ | ନିର୍ବାହୀ ଯନ୍ତ୍ରୀ, ଏମ୍ଆଇପିଙ୍କ ଦ୍ୱାରା ଜମା ହୋଇଥିବା ଆକଳିତ ମୂଲ୍ୟ (ଲକ୍ଷ ଟଙ୍କାରେ) | ଧାରା 7 ଅନୁଯାୟୀ ନିର୍ଦ୍ଦେଶନାମା | ଜମି ଅଧିଗ୍ରହଣ ପ୍ରକ୍ରିୟାର ସମାପ୍ତି ତାରିଖ |
|---|---|---|---|---|---|---|
| ମଙ୍ଗଳଜୋର | କୁଶୁରଲା | 10.16 | 08 ଜାନୁଆରୀ 2015 | 0 | ପ୍ରତ୍ୟାହାର ପାଇଁ ପ୍ରସ୍ତାବ | 07 ଜାନୁଆରୀ 2017 |
| **ମୋଟ** | | **44.10** | | **187.90** | | |

*(ଉତ୍ସ: ଜିଲ୍ଲାପାଳ, କଳାହାଣ୍ଡିଙ୍କ ରେକର୍ଡ଼)*

ଅଡିଟ୍ ନିମ୍ନଲିଖିତ ବିଷୟ ଲକ୍ଷ କରିଥିଲେ:

- ଜଟାଖାଲିଆ ଏମ୍ଆଇପି କ୍ଷେତ୍ରରେ ଜମି ଅଧିଗ୍ରହଣ ପ୍ରକ୍ରିୟା 21 ଅପ୍ରେଲ 2016 ଅର୍ଥାତ୍ ଘୋଷଣାର ତାରିଖ ଠାରୁ ଦୁଇ ବର୍ଷ ପୂରଣ ହେବା ପରେ ଶେଷ ହୋଇଥିଲା । ମାର୍ଚ୍ଚ 2016 ସୁଦ୍ଧା ନିର୍ବାହୀ ଯନ୍ତ୍ରୀ କ୍ଷତିପୂରଣ ରାଶି ଜମା କରିଥିଲେ । ଏହାପରେ ଏଲ୍ଏଓ ଆର୍ଆଣ୍ଡଡିଏମ୍ ବିଭାଗକୁ ଧାରା 7 ଅନୁଯାୟୀ ଆଦେଶ ଜାରି କରିବା ପାଇଁ ପ୍ରସ୍ତାବ ଦାଖଲ କଲେ (31 ମଇ 2016) । ସେହିଭଳି ତାଲିଜୋର ଏମ୍ଆଇପି ଏବଂ ସୁବର୍ଣ୍ଣରେଖା ଏମ୍ଆଇପି କ୍ଷେତ୍ରରେ ଜମି ଅଧିଗ୍ରହଣ ପ୍ରକ୍ରିୟା 21 ସେପ୍ଟେମ୍ବର 2016 ଏବଂ 20 ଜାନୁଆରୀ 2017 ରେ ଶେଷ ହୋଇଥିଲା । ଜମି ଅଧିଗ୍ରହଣ ପ୍ରକ୍ରିୟା ସମାପ୍ତ ହେବା ପରେ ନିର୍ବାହୀ ଯନ୍ତ୍ରୀ ଯଥାକ୍ରମେ ଫେବୃଆରୀ 2018 ଏବଂ ଜୁଲାଇ 2018 ରେ କ୍ଷତିପୂରଣ ରାଶି ଜମା କରିଥିଲେ । ଜମି ଅଧିଗ୍ରହଣ ପ୍ରକ୍ରିୟା ସମାପ୍ତ ହେବା ସତ୍ତ୍ୱେ ଏଲ୍ଏଓ ଧାରା 27 ଅନୁଯାୟୀ ଆଦେଶ ଜାରି ପାଇଁ ଆର୍ଆଣ୍ଡଡିଏମ୍ ବିଭାଗ ନିକଟରେ ପ୍ରସ୍ତାବ ଦାଖଲ କରିଥିଲେ (28 ନଭେମ୍ବର 2018), କିନ୍ତୁ ଅଡିଟ୍ ତାରିଖ (ଜୁନ୍ 2019) ପର୍ଯ୍ୟନ୍ତ ତାହା ଜାରି କରାଯାଇ ନଥିଲା । ଏହି ସମସ୍ତ ମାମଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ପୁନଃ ପ୍ରଚଳନ କରିବା ପରିବର୍ତ୍ତେ ଧାରା 7 ଅନୁଯାୟୀ ଆଦେଶ ପ୍ରଦାନ ପାଇଁ ଆର୍ଆଣ୍ଡଡିଏମ୍ ବିଭାଗକୁ ଏଲ୍ଏଓ ପ୍ରସ୍ତାବ ଦେଇଥିଲେ । ବିଭାଗ ମଧ୍ୟ ଏଲ୍ଏଓଙ୍କୁ ପ୍ରକ୍ରିୟା ପୁନଃ ପ୍ରଚଳନ କରିବା ପାଇଁ ପରାମର୍ଶ ଦେଇନଥିଲା ଏବଂ ଏଲ୍ଏଓଙ୍କ ପ୍ରସ୍ତାବ ଉପରେ ନୀରବ ରହିଥିଲା ।

- କାଟକିନଲା ଏମ୍ଆଇପି ମାମଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା 10 ଜୁନ୍ 2016 ଅର୍ଥାତ୍ ଘୋଷଣାର (11 ଜୁନ୍ 2014) ଦୁଇ ବର୍ଷ ପରେ ଶେଷ ହୋଇଥିଲା । ଜମି ଅଧିଗ୍ରହଣ ପ୍ରକ୍ରିୟା ଅବଧି ମଧ୍ୟରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କ୍ଷତିପୂରଣ ରାଶି ଏଲ୍ଏଓଙ୍କ ଠାରେ ଜମା କରିନଥିଲେ । ତେଣୁ, ଜମି ଅଧିଗ୍ରହଣ ପାଇଁ ଧାରା 7 ଅନୁଯାୟୀ ଆଦେଶ ଜାରି କରାଯାଇ ପାରିନଥିଲା । ମଙ୍ଗଳଜୋର ଏମ୍ଆଇପି ମାମଲାରେ ପ୍ରକ୍ରିୟା 07 ଜାନୁଆରୀ 2017 ରେ ଶେଷ ହୋଇଥିଲା । ନିର୍ବାହୀ ଯନ୍ତ୍ରୀ ତଥାପି ଜମି ମାଲିକଙ୍କ ଠାରୁ ସିଧାସଳଖ ଉକ୍ତ ଜମି କ୍ରୟ କରିବାକୁ ନିଷ୍ପତ୍ତି ନେଇଥିବାରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରତ୍ୟାହାର କରିବାକୁ ଏଲ୍ଏଓଙ୍କୁ ଜଣାଇଥିଲେ (ନଭେମ୍ବର 2018) । ଅବଶ୍ୟ ଏଲ୍ଏଓଙ୍କ ଦ୍ୱାରା ଦର୍ଶାଯାଇଥିବା ପ୍ରକ୍ରିୟାଗତ ସମସ୍ୟା ହେତୁ ପ୍ରତ୍ୟାହାର ପ୍ରସ୍ତାବ ଗ୍ରହଣ କରାଯାଇନଥିଲା । ପ୍ରକୃତ କଥାଟି ହେଉଛି ଯେ, ଗୋଟିଏ ପଟେ ଉଭୟ ଏଲ୍ଏଓ ଏବଂ ନିର୍ବାହୀ ଯନ୍ତ୍ରୀ ଏକ ବିଳମ୍ବିତ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ପ୍ରକ୍ରିୟାଗତ ସମସ୍ୟାର ସମାଧାନ କରିବାରେ ଲାଗିଲାବେଳେ, ସିଧାସଳଖ ଜମି କ୍ରୟ ନକରି ନିର୍ବାହୀ ଯନ୍ତ୍ରୀ ସିଧାସଳଖ କିଣିବାକୁ ଉଦ୍ଦିଷ୍ଟ ଜମିରେ ଅନଧିକୃତ ଭାବରେ କେନାଲ ନିର୍ମାଣ କରିଥିଲେ ।

ସମସ୍ତ ପାଞ୍ଚଟି ମାମଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ସମାପ୍ତ ନହେବା ଏବଂ ଜମି ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ ନକରି ନିର୍ବାହୀ ଯନ୍ତ୍ରୀ ଜମିରେ କେନାଲ ନିର୍ମାଣ କରି ଜମି ଅଧିଗ୍ରହଣ ଅଧିନିୟମର ବ୍ୟବସ୍ଥାର ଉଲ୍ଲଙ୍ଘନ କରି ସଂପୃକ୍ତ ଜମି ମାଲିକମାନଙ୍କ ସମ୍ପତ୍ତି ଅଧିକାରକୁ ଅବମାନନା କରିଥିଲେ । ବଡ଼ପୋଡ଼ାଗୁଡ଼ା ଏବଂ ତୁଜୁଙ୍ଗର ଗ୍ରାମବାସୀ କ୍ଷତିପୂରଣ ନଦେଇ ସେମାନଙ୍କ ଜମିରୁ ବିତାଡ଼ିତ ହୋଇଥିବାର ଅଭିଯୋଗ କରି କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲାପାଳ, କଳାହାଣ୍ଡିଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ (ଫେବୃଆରୀ 2016 ଏବଂ

ସେପ୍ଟେମ୍ବର 2018) । ତେବେ, ଜୁନ୍ 2019 ସୁଦ୍ଧା ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଅଡିଟ୍‌ରେ ଦର୍ଶାଯିବା ପରେ ଜମି ଅଧିଗ୍ରହଣ ପୂର୍ବରୁ କେନାଲ ଗୁଡ଼ିକର ଅନଧିକୃତ ନିର୍ମାଣ ଉପରେ ଏଲ୍ଏଓ ନିର୍ବାହୀ ଯନ୍ତ୍ରୀଙ୍କ ଠାରୁ ସ୍ପଷ୍ଟୀକରଣ ମାଗିଥିଲେ (ଜୁଲାଇ 2019) । ଏହି ପ୍ରସଙ୍ଗରେ ଅଧିକତର ଅଗ୍ରଗତିକୁ ଅପେକ୍ଷା କରାଯାଇଛି (ଡିସେମ୍ବର 2020) ।

ଏହାର ଉତ୍ତରରେ ରାଜସ୍ୱ ପର୍ଷଦ (ଜୁଲାଇ 2020) ଜମି ମାଲିକମାନଙ୍କୁ କ୍ଷତିପୂରଣ ପ୍ରଦାନ ନକରି କଳାହାଣ୍ଡି ଏମ୍ଆଇ ଡିଭିଜନ ଦ୍ୱାରା ବେସରକାରୀ ଜମି ଅଧିକାରକୁ ସ୍ୱୀକାର କରିଥିଲେ ଏବଂ ଜମି ମାଲିକଙ୍କ ସହମତିରେ ଏହା ଉପରେ କେନାଲ ନିର୍ମାଣ କରାଯାଇଥିବା ନିଶ୍ଚିତ କରିଥିଲେ । ପର୍ଷଦ ଏହା ମଧ୍ୟ କହିଥିଲେ ଯେ ଆର୍ଆଣ୍ଡଡିଏମ୍ ବିଭାଗ ତରଫରୁ ଅଧିନିୟମର ଧାରା 7 ଅନୁଯାୟୀ ଆଦେଶ ଜାରି କରାନଯିବାରୁ ତିନୋଟି ଜମି ଅଧିଗ୍ରହଣ ମାମଲାରେ (ଜଟଖାଲି, କାଳିଜୋର ଏବଂ ସୁବର୍ଣ୍ଣରେଖା ଏମ୍ଆଇପି) ଏବଂ ଜଳ ସମ୍ପଦ ବିଭାଗରୁ ପ୍ରତ୍ୟାହାର ପ୍ରସ୍ତାବ ଗ୍ରହଣ ହେତୁ ଅବଶିଷ୍ଟ ଦୁଇଟି ମାମଲାରେ କ୍ଷତିପୂରଣ ମଞ୍ଜୁର କରାଯାଇନଥିଲା । କିନ୍ତୁ ପ୍ରକୃତ ତଥ୍ୟ ଏହା ଯେ ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ଜମି ଗୁଡ଼ିକ ଜମି ଅଧିଗ୍ରହଣ ପ୍ରକ୍ରିୟାର ସମାପ୍ତି ବିନା ଏବଂ ଜମି ମାଲିକମାନଙ୍କୁ କ୍ଷତିପୂରଣ ପ୍ରଦାନ ବିନା ଅନଧିକୃତ ଭାବରେ ଅଧିଗ୍ରହଣ କରାଯାଇଛି ଯାହା ପୁରାପୁରି ଅନିୟମିତ ଥିଲା ।

ଏହି ବିଷୟ ସରକାରଙ୍କୁ ଅବଗତ କରାଯାଇଛି (ଜାନୁଆରୀ 2021), ଉତ୍ତର ପ୍ରତିକ୍ଷୀତ ଅଛି (ଜୁଲାଇ 2021) ।

**ଭୁବନେଶ୍ୱର** **(ସ୍ମୃତି)**

**ତାରିଖ** 6 OCT 2021 **ମହାଲେଖାକାର (ଲେଖାପରୀକ୍ଷା-I), ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

**ନୂଆଦିଲ୍ଲୀ** **(ଗିରୀଶ ଚନ୍ଦ୍ର ମୁର୍ମୁ)**

**ତାରିଖ** 14 OCT 2021 **ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ**